# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୧/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, August 21/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୨୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 266 | ମୂଲ୍ୟ ₹୭/-




## ରିଷଭ ଜିତିଲେ ୭ ପଦକ

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ମହାରାଷ୍ଟ୍ର ପକ୍ଷରୁ ପ୍ରତିନିଧିତ୍ୱ କରି ୭ ପଦକ ହାସଲ କରିଛନ୍ତି ଓଡ଼ିଶାର ରିଷଭ ଦାସ। ୧୪

## ୧୦ ସେପ୍ଟେମ୍ବର ୨୫ରେ ବିବାହ କରିବେ ପରିଣୀତି

ଚଳିତବର୍ଷ ସେପ୍ଟେମ୍ବର ୨୫ ତାରିଖରେ ଅଭିନେତ୍ରୀ ପରିଣୀତି ଚୋପ୍ରା ଏବଂ ଆପ୍ ଲିଡର ରାଘବ ଚଢ଼ା ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି।



# ସମ୍ବିଧାନ ଉପରେ ନଜର

**ତଥାଗତ ସତପଥୀ**

ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍) ଅଧ୍ୟକ୍ଷ ବିବେକ ଦେବରାୟ କହିଛନ୍ତି ଯେ, ଭାରତରେ ଏକ ନୂଆ ସମ୍ବିଧାନର ଆବଶ୍ୟକତା ହେଲାଣି। ବିବେକ ନିଜେ ଜଣେ ଦକ୍ଷ ଅର୍ଥନୀତିଜ୍ଞ ବୋଲି କୌଣସି ପ୍ରମାଣ ନାହିଁ। ଯେଉଁ ବ୍ୟକ୍ତି ନିଜେ ଜୀବନରେ ଏବଂ ନିଜେ ବାଛିଥିବା କ୍ଷେତ୍ରରେ ସର୍ବୋଚ୍ଚ ସଫଳତା ପ୍ରାପ୍ତ କରିନାହାନ୍ତି, ସେହିଭଳି ବ୍ୟକ୍ତିମାନେ ଏବେ ଭାରତର ୧୫୦ କୋଟି ନାଗରିକଙ୍କର ଭବିଷ୍ୟତ ନିର୍ଦ୍ଧାରଣ କରିବାକୁ ଆଗେଇ ଆସିଛନ୍ତି। ଅବଶ୍ୟ ଏହା ନିଶ୍ଚିତ ଭାବେ କହିହେବ ଯେ, ବିବେକ ଦେବରାୟଙ୍କ ଭଳି ବ୍ୟକ୍ତି ନିଜ ବୁଦ୍ଧିରୁ ଏହି ଚିନ୍ତା ବାହାର କରି ନ ଥିବେ। ଯେତେବାଟ ଜଣାପଡୁଛି ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟ ଅତନୁ ଦେ ଏହି ସମ୍ବିଧାନ ବଦଳାଇବାର ଚିନ୍ତାଧାରାକୁ ଉତ୍ସାହିତ କରିଆସୁଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ନିଜର କ୍ଷୁଦ୍ର ସ୍ୱାର୍ଥ ହାସଲ କରିବା ପାଇଁ ମାତୃଭୂମିକୁ ଛାଡ଼ି ପଳାଇଥିବା ଅତି ଭଦ୍ରଲୋକମାନେ ଏବେ ହଠାତ୍ ଭାରତର ବିଭିନ୍ନ କ୍ଷେତ୍ର ସମ୍ପର୍କରେ ନିଜର ମତ ପ୍ରକାଶ କରୁଛନ୍ତି, ଯାହାକୁ ଦେଶ ଭିତରେ ଥିବା ବ୍ୟବସ୍ଥାର ଅଂଶଧାରୀମାନେ ଦୋହରାଇବାକୁ ଆଗଭର ହେଉଛନ୍ତି। ଭାରତର ନୂତନ ଏବଂ ଆଧୁନିକ ଚିନ୍ତାର ଘୋର ଅଭାବ ରହିଛି ବୋଲି ଅନେକ ଯୁଗରୁ ଜଣା। ଏବେ ପରିବର୍ତ୍ତନ ଘଟିଛି ଯେଉଁଥିରେ ନିଜେ ଚିନ୍ତା କରିପାରୁ ନ ଥିବା ବ୍ୟକ୍ତିମାନେ କ୍ଷମତାକୁ ପାଇଯାଇଛନ୍ତି। ସେମାନଙ୍କୁ ପ୍ରବାସୀ ଭାରତୀୟମାନେ ଅତି ଆକର୍ଷଣୀୟ ଲାଗୁଛନ୍ତି।

ଅଗଷ୍ଟ ୧୫ରେ 'ଦି ମିଣ୍ଟ' ଖବରକାଗଜରେ ବିବେକଙ୍କ ''ଦେଆର ଇଜ୍ ଏ କେସ୍ ଫର୍ 'ଉଇ ଦି ପିପୁଲ' ଟୁ ଏମ୍ବ୍ରେସ୍ ଏ ନ୍ୟୁ କନ୍‌ଷ୍ଟିଚ୍ୟୁଶନ' ଶୀର୍ଷକ ଲେଖା ପ୍ରକାଶ ପାଇଥିଲା। ସେଥିରେ ସେ ଉଲ୍ଲେଖ କରିଛନ୍ତି, ଭାରତୀୟ ସମ୍ବିଧାନ ଗଭର୍ନମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ-୧୯୩୫ ଉପରେ ପର୍ଯ୍ୟବସିତ। ସେହି ଦୃଷ୍ଟିରୁ ବିଚାର କଲେ ଏହା ଏକ ଉପନିବେଶିକ ଚିନ୍ତାଧାରା ବହନ କରୁଛି। ୨୦୦୨ରେ ସମ୍ବିଧାନର କାର୍ଯ୍ୟକାରିତା ଉପରେ ସମୀକ୍ଷା ପାଇଁ ଗଠିତ ଏକ କମିଶନଙ୍କ ରିପୋର୍ଟ ଆସିଥିଲା। ହେଲେ ସେହି ଦିଗରେ ବିଶେଷ ଅଗ୍ରଗତି ହେଲା ନାହିଁ ବୋଲି ବିବେକ କହିଛନ୍ତି। ନିଜ ଯୁକ୍ତିକୁ ସିଦ୍ଧ କରିବା ଲାଗି ସେ ଏକ ଷ୍ଟଡି ବା ଅଧ୍ୟୟନର ଅବତାରଣା କରିଛନ୍ତି। ୟୁନିଭର୍ସିଟି ଅଫ୍ ଶିକାଗୋ ଲ' ସ୍କୁଲ ବିଭିନ୍ନ ଦେଶ ଉପରେ ଅଧ୍ୟୟନ କରି ଏକ ଲିଖିତ ସମ୍ବିଧାନର ହାରାହାରି ଆୟୁଷ ୧୭ ବର୍ଷ ବୋଲି ଦେଇଥିବା ରିପୋର୍ଟ ସମ୍ବନ୍ଧରେ ବିବେକ ତଥ୍ୟ ରଖିଛନ୍ତି। ସେ ଗୋଟିଏ ବିଶ୍ୱବିଦ୍ୟାଳୟର ଏକତରଫା ମତ ଦେଇ ନିଜର ଲେଖାକୁ ଶକ୍ତିଶାଳୀ କରିବାକୁ ଚେଷ୍ଟା କରିଛନ୍ତି। ମନେରଖିବାକୁ ହେବ ଯେ, ପୃଥିବୀର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ପରୀକ୍ଷାଗାରରେ ସବୁବେଳେ ଭିନ୍ନ ମତର ସନ୍ଦର୍ଭ (ଥେସିସ୍) ବାହାରି ଚାଲିଛି। ଗୋଟିଏ ସ୍ଥାନରେ ଲିଖିତ ସମ୍ବିଧାନକୁ ୧୭ ବର୍ଷ ଆୟୁଷ ଦିଆଯାଇଥିବା ବେଳେ ଖୋଦ୍ ଆମେରିକା ସମ୍ବିଧାନ ଅଷ୍ଟାଦଶ ଶତାବ୍ଦୀରୁ ସଂଶୋଧନ ସହ ହୃଷ୍ଟପୁଷ୍ଟ ଭାବେ ବଞ୍ଚିରହିଛି। ଅନ୍ୟପଟେ ବ୍ରିଟେନର କୌଣସି ଲିଖିତ ସମ୍ବିଧାନ ନାହିଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ଭାବେ ବିବେକଙ୍କ ଏହି ଲେଖା ପ୍ରକାଶ ପାଇବା ପରେ ସରକାର ଏହି ବିବାଦଠାରୁ ନିଜକୁ ଦୂରେଇ ରଖୁଛନ୍ତି ବୋଲି ଘୋଷଣା କରିଛନ୍ତି। ଏହି ଚେଷ୍ଟା ପଛରେ କେଉଁପ୍ରକାର ଉଦ୍ଦେଶ୍ୟ ରହିଛି ତାହା ବୁଝିବା କଷ୍ଟକର ନୁହେଁ। ଲୋକଙ୍କ ସମ୍ମୁଖରେ ଗୁଡ଼ି ଉଡ଼ାଇଲା ଭଳି ବିବେକଙ୍କ ମାଧ୍ୟମରେ ଏହି ଚିନ୍ତାଧାରାକୁ ଉଡ଼ାଯାଇଛି। ଯେତେ ସମୟ ବିତିବ ସେତିକି ପୁରୁଣା ହେବ ଏହି ଚିନ୍ତା। ନୂତନ ଭାରତ ସୃଷ୍ଟି କରିବା ଆଳରେ ପୂର୍ବର ସବୁ ସକାରାତ୍ମକ କାର୍ଯ୍ୟଗୁଡ଼ିକୁ ଭାଙ୍ଗିଦେବାର ପ୍ରବଳ ଚେଷ୍ଟା ଚାଲିଛି। ଏହା ସତ୍ୟ ଯେ ପ୍ରତ୍ୟେକ ମଣିଷ ନୂଆ ଗାଡ଼ି, ନୂଆ ଘର ଏବଂ ଜୀବନରେ ସବୁକିଛି ନୂଆ ପାଇଲେ ଖୁସି ହୁଅନ୍ତି। ତଥାପି ପ୍ରାୟ ସମସ୍ତେ ନିଜର ବୟସ୍କ ମାତାପିତା, ପରିବାରର ସାଙ୍ଗିଆକୁ ଭଲପାଇବା ସହିତ ଭାରତକୁ ଅତି ପ୍ରାଚୀନ ସଭ୍ୟତା କହି ଗୌରବାନ୍ୱିତ ହୁଅନ୍ତି। ମନେରଖିବାକୁ ହେବ ଯେ ଭାରତର ସମ୍ବିଧାନକୁ ପ୍ରସ୍ତୁତ କରିବା ପାଇଁ କନ୍‌ଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି ସୃଷ୍ଟି କରାଯାଇଥିଲା, ଯେଉଁଥିରେ ପ୍ରତ୍ୟେକ ଭାଷା, ଧର୍ମ, ଅଞ୍ଚଳ ବା ପ୍ରାନ୍ତ ଏବଂ ବିଭିନ୍ନ ବୟସର ଲୋକଙ୍କୁ ନେଇ ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ କାଳ ଆଲୋଚନା କରାଯିବା ପରେ ବାବାସାହେବ ବି.ଆର୍. ଆମ୍ବେଦ୍‌କରଙ୍କ ଭଳି ଆହୁରି ଅନେକ ଦେଶପ୍ରେମୀ ମିଶିକରି ଏହି ସମ୍ବିଧାନକୁ ପ୍ରଣୟନ କରିଥିଲେ। ସେହି ଲୋକମାନେ ଦେଶର ସ୍ୱାଧୀନତା ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ। ସେମାନଙ୍କ ଦ୍ୱାରା ଭବିଷ୍ୟତର ଭାରତ ପାଇଁ ଦିଗ୍‌ଦର୍ଶକ ଭାବେ ପ୍ରସ୍ତୁତ କରାଯାଇଥିବା ସମ୍ବିଧାନକୁ ଆଜି ବିବେକ ଏବଂ ଅତନୁଙ୍କ ଭଳି ବ୍ୟକ୍ତି ଔପନିବେଶିକ ମନୋଭାବରେ ଏହି ସମ୍ବିଧାନ ପ୍ରସ୍ତୁତ କରାଯାଇଛି ବୋଲି କହିବାର ଆସ୍ପର୍ଦ୍ଧା ଆମ ଦେଶ ପାଇଁ ମାରାତ୍ମକ।

ଯେଉଁ ସରକାର ନିରପେକ୍ଷତାକୁ ଜଳାଞ୍ଜଳି ଦେଇ ନିର୍ବାଚନ କମିଶନର ନିଯୁକ୍ତି କମିଟିରୁ ଭାରତର ପ୍ରଧାନ ବିଚାରପତିଙ୍କୁ ପାର୍ଲାମେଣ୍ଟରେ ବିଲ୍ ଆଗତ କରି ଆଇନ ମାଧ୍ୟମରେ ବାଦ୍ ପକାଉଛନ୍ତି, ସେଭଳି ମାନସିକତା ଦ୍ୱାରା ଏକ ନୂଆ ସମ୍ବିଧାନ ଲେଖାହେଲେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଏହି କମିଟିରୁ ପ୍ରଧାନ ବିଚାରପତିଙ୍କୁ ହଟାଇବା ଏହା ମଧ୍ୟ ଦର୍ଶାଉଛି ଯେ ଆଜିର କ୍ଷମତାସୀନ ବ୍ୟକ୍ତିମାନେ ନିଜର ଭବିଷ୍ୟତ ସମ୍ପର୍କରେ ଅନିଶ୍ଚିତତା, ଭୟ ଏବଂ ଅବିଶ୍ୱାସରେ ବୁଡ଼ି ରହିଛନ୍ତି।



କେରଳର ଏର୍ଣାକୁଲମସ୍ଥିତ ରାମକୃଷ୍ଣ ମଠ ପରିସରରେ ଓନମ ଉତ୍ସବ ପାଳନ ଅବସରରେ ରବିବାର ଆୟୋଜିତ ଦଉଡ଼ି ଭିଡ଼ା ପ୍ରତିଯୋଗିତାରେ ଭାଗନେଇଥିବା ମହିଳା ଏବଂ ପୁରୁଷ।


ରାଉରକେଲା ଏନ୍‌ଆଇଟିରେ ୪ ନକଲି ପରୀକ୍ଷାର୍ଥୀ ଗିରଫ
........ ୩ ........


### ଆଜିର ମନ୍ତବ୍ୟ

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ଆମେ ଅହଂକାରୀ ନୋହୁଁ। ରାଜସ୍ଥାନବାସୀ ଭାଜପାକୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସ ସରକାରକୁ ପୁଣି ସୁଯୋଗ ଦେବେ।

-ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ






# ଚନ୍ଦ୍ରରେ ଧକ୍କା ହେଲା ଲୁନା-୨୫

## ୪୭ ବର୍ଷ ପରେ ରୁଷିଆର ମୁନ୍ ମିଶନ ବିଫଳ

**ମସ୍କୋ,୨୦।୮**

ଦୀର୍ଘ ୪୭ ବର୍ଷ ପରେ ରୁଷିଆର ପ୍ରଥମ ମୁନ୍ ମିଶନ ଚନ୍ଦ୍ରରେ ଧକ୍କା ହୋଇଛି। ଶନିବାର ଲୁନା-୨୫ ମହାକାଶ ଯାନ ଲ୍ୟାଣ୍ଡିଂ ପୂର୍ବବର୍ତ୍ତୀ ମାନୋଭର ବେଳେ ନିର୍ଦ୍ଧାରିତ କକ୍ଷପଥକୁ ଯାଇପାରି ନ ଥିଲା। ପରେ ଏହା ଚନ୍ଦ୍ରରେ ଧକ୍କା ହୋଇଥିବା ରୁଷିଆ ମହାକାଶ ସଂସ୍ଥା ରସ୍‌କସ୍‌ମସ୍ ରବିବାର ସୂଚନା ଦେଇଛି। ଶନିବାର ଅପରାହ୍ନ ୨ଟା ୫୭ରୁ ଲୁନା-୨୫ ସହ



ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଏହାର ଲ୍ୟାଣ୍ଡର ଚନ୍ଦ୍ର ପୃଷ୍ଠରେ ପିଟିହୋଇ ନଷ୍ଟ ହୋଇଯାଇଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି ବୋଲି ରସକସ୍‌ମସ ପକ୍ଷରୁ କୁହାଯାଇଛି। ୧୯ ଓ ୨୦ ତାରିଖରେ ଲୁନା-୨୫ ସହ ଯୋଗାଯୋଗ ପାଇଁ ସମସ୍ତ ଉଦ୍ୟମ ବିଫଳ ହୋଇଥିଲା। ମହାକାଶ ଯାନରେ କ'ଣ ବୈଷୟିକ ସମସ୍ୟା ରହିଛି, ତାହାର କୌଣସି ସୂଚନା ନ ଦେଇ କ'ଣ ପାଇଁ ଚନ୍ଦ୍ରକୁ ଧକ୍କା ଦେଲା ତାହାର ତଦନ୍ତ କରାଯିବ ବୋଲି ମହାକାଶ ସଂସ୍ଥା କହିଛି। ପାଶ୍ଚାତ୍ୟ ଦେଶଗୁଡ଼ିକରୁ ବିରୋଧର ସମ୍ମୁଖୀନ ☞ପୃଷ୍ଠା-୪

# 'ଚନ୍ଦ୍ରୟାନ-୩' ଉପରେ ନଜର

**ବୁଧବାର ସନ୍ଧ୍ୟା ୬ଟା ୪ରେ ସଫ୍ଟ ଲ୍ୟାଣ୍ଡିଂ ସୂଚନା**

**ବେଙ୍ଗାଲୁରୁ,୨୦।୮(ପି.ଟି.)**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଚନ୍ଦ୍ରୟାନ-୩ ମିଶନର ଲ୍ୟାଣ୍ଡର ମଡ୍ୟୁଲ୍ ସଫଳତାର ସହ ଏହାର କକ୍ଷ ହ୍ରାସ କରିଚାଲିଛି। ଆସନ୍ତା ୨୩ ତାରିଖ ବୁଧବାର ସନ୍ଧ୍ୟା ୬ଟା ୪ ମିନିଟ୍ ସମୟରେ ଚନ୍ଦ୍ରର ଦକ୍ଷିଣ ପାର୍ଶ୍ୱରେ ଏହା ସଫ୍ଟ ଲ୍ୟାଣ୍ଡିଂ କରିବା ଆଶା କରାଯାଉଛି ବୋଲି ରବିବାର ଇସ୍ରୋ ପକ୍ଷରୁ କୁହାଯାଇଛି। ଲ୍ୟାଣ୍ଡର ମଡ୍ୟୁଲ (ଏଲ୍‌ଏମ୍)ରେ ଲ୍ୟାଣ୍ଡର 'ବିକ୍ରମ' ଏବଂ ରୋଭର 'ପ୍ରଜ୍ଞାନ' ରହିଛନ୍ତି। ବୁଧବାର ଅପରାହ୍ନ ୫ଟା ୪୭ରେ ଏହା ସଫ୍ଟ ଲ୍ୟାଣ୍ଡିଂ କରିବ ବୋଲି ଇସ୍ରୋ ପୂର୍ବରୁ ସୂଚନା ଦେଇଥିଲା ବେଳେ ସେଥିରେ ୧୭ ମିନିଟ ବିଳମ୍ବ ହେବ। ଏଲ୍‌ଏମ୍‌ର ଦ୍ୱିତୀୟ ତଥା ଚୂଡ଼ାନ୍ତ ଡିବୁଷ୍ଟିଂ ମାନୋଭର (ବେଗ ହ୍ରାସ ପ୍ରକ୍ରିୟା) ଶନିବାର ରାତି ୧ଟା ୫୦ରେ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଫଳରେ ଚନ୍ଦ୍ରଠାରୁ ଏହାର ସର୍ବନିମ୍ନ ଦୂରତା ୨୫ କିଲୋମିଟର ଏବଂ ସର୍ବାଧିକ ଦୂରତା ୧୩୪ କିଲୋମିଟରକୁ ହ୍ରାସ ପାଇଛି। ସଫ୍ଟ ଲ୍ୟାଣ୍ଡିଂ ପୂର୍ବରୁ ଲ୍ୟାଣ୍ଡର ମଡ୍ୟୁଲ୍ ଏହାର ଆଭ୍ୟନ୍ତରୀଣ ଯାଞ୍ଚ କରିନେବ ଏବଂ ଲ୍ୟାଣ୍ଡିଂ ସ୍ଥାନରେ ସୂର୍ଯ୍ୟ ଉଦୟ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବ। ଲୁନା-୨୫ ଚନ୍ଦ୍ରରେ ଧକ୍କା ହେବା ପରେ ଚନ୍ଦ୍ରୟାନ-୩ ସଫଳ ଲ୍ୟାଣ୍ଡିଂ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ଖାର୍ଗେଙ୍କ ନୂଆ ଟିମ୍‌ରେ ଥରୁର, ସଚିନ

## ୩ ବର୍ଷ ପରେ ସିଡବ୍ଲ୍ୟୁସି ପୁନର୍ଗଠିତ

**ନୂଆଦିଲ୍ଲୀ,୨୦।୮(ପି.ଟି.)**

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରବିବାର ଦଳର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ କମିଟି ସିଡବ୍ଲ୍ୟୁସିର ପୁନର୍ଗଠନ କରିଛନ୍ତି। ୮୪ ଜଣିଆ ନୂଆ କଂଗ୍ରେସ ୱାର୍କିଂ କମିଟିରେ ଶଶୀ ଥରୁର ଓ ଆନନ୍ଦ ଶର୍ମାଙ୍କ ଭଳି ପୂର୍ବ ଅସନ୍ତୁଷ୍ଟ ଗୋଷ୍ଠୀ ଜି୨୩ର କେତେଜଣ ନେତାଙ୍କୁ ସେ ସାମିଲ କରିଛନ୍ତି।

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ନିଜ ଘର ସଜାଡ଼ିବା ଆରମ୍ଭ କରିଛି। ମୁଖିଆ ମଲ୍ଲିକାର୍ଜୁନ ଖାର୍ଗେ ଦାୟିତ୍ୱ ଗ୍ରହଣ କରିବାର ୧୦ ମାସ ପରେ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ପୁନର୍ଗଠନ କରିଛନ୍ତି। ଏଥିରେ ସେ ଗତ ନିର୍ବାଚନ ବେଳେ ପ୍ରତିଦ୍ୱନ୍ଦ୍ୱୀ ସାଜିଥିବା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁରଙ୍କୁ ସ୍ଥାନିତ କରିଛନ୍ତି। ସିଡବ୍ଲ୍ୟୁସିରେ ଅନେକ ନୂଆମୁହଁଙ୍କୁ ସାମିଲ କରାଯାଇଛି, ଯାହାଙ୍କ ବୟସ ୫୦ ବର୍ଷରୁ କମ୍। ସେହିପରି ଦୁର୍ବଳ ବର୍ଗର କେତେଜଣ ନେତା ଓ ୧୫ ମହିଳାଙ୍କୁ ମଧ୍ୟ ଏଥିରେ ସୁଯୋଗ ଦିଆଯାଇଛି।

ନୂଆ ସିଡବ୍ଲ୍ୟୁସିରେ ୩୯ ଜଣ ନିୟମିତ ସଦସ୍ୟ, ୩୨ ସ୍ଥାୟୀ ନିମନ୍ତ୍ରିତ ଓ ୧୩ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ମଧ୍ୟରେ କେତେଜଣ ରାଜ୍ୟ ପ୍ରଭାରୀ ଥିବାବେଳେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଙ୍କ ମଧ୍ୟରେ ଯୁବ କଂଗ୍ରେସ, ନ୍ୟାଶନାଲ ଷ୍ଟୁଡେଣ୍ଟ୍ସ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ), ମହିଳା କଂଗ୍ରେସ ଓ ସେବା ଦଳର ଅଧ୍ୟକ୍ଷମାନେ ରହିଛନ୍ତି। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ନେତୃତ୍ୱ ପରିବର୍ତ୍ତନ ପାଇଁ ପତ୍ର ଲେଖିଥିବା ଜି୨୩ର ଅସନ୍ତୁଷ୍ଟ ନେତା ମୁକୁଲ, ୱାସ୍‌ନିକ, ଆନନ୍ଦ ଶର୍ମା ଓ ଥରୁରଙ୍କ ସମେତ ମନୀଷ ତିୱାରୀ ଏବଂ ବୀରାପ୍ପା ମୋଇଲିଙ୍କୁ ମଧ୍ୟ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ରଖାଯାଇଛି। ରାଜସ୍ଥାନରେ ନିଜ ଦଳର ସରକାର ବିରୋଧରେ ବିଦ୍ରୋହୀ ସାଜିଆସିଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କୁ ମଧ୍ୟ ସ୍ଥାନ ମିଳିଛି। ନୂଆ ସିଡବ୍ଲ୍ୟୁସିରେ ସ୍ଥାନିତ ଅନ୍ୟ ପ୍ରମୁଖ ଚେହେରାମାନେ ହେଲେ ରାଜସ୍ଥାନର ପୂର୍ବତନ ଏମ୍‌ପି ରଘୁବୀର ସିଂ ମୀନା, ଜୟପ୍ରକାଶ ଅଗ୍ରୱାଲ, ଦୀନେଶ ଗୁଣ୍ଡୁରାଓ, ଏଚ୍. କେ. ପାଟିଲ, କେ.ଏଚ୍. ମୁନିଆପ୍ପା, ପ୍ରମୋଦ ତିୱାରୀ ଏବଂ ରଘୁ ଶର୍ମା। ଗୁଣ୍ଡୁରାଓ ଏବଂ ମୁନିଆପ୍ପା କର୍ନାଟକ ସରକାରରେ ଏବେ ମନ୍ତ୍ରୀ ଅଛନ୍ତି। ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନିଙ୍କ ସମେତ ପ୍ରତିଭା ସିଂଙ୍କୁ ମଧ୍ୟ ଏଥିରେ ରଖାଯାଇଛି। ସେହିପରି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ, ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇଙ୍କୁ ☞ପୃଷ୍ଠା-୪

# ପୁଅ ହିନ୍ଦୁ ଯୁବତୀଙ୍କୁ ନେଇଯିବାରୁ ମୁସଲମାନ ଦମ୍ପତିଙ୍କୁ ପିଟି ହତ୍ୟା

**ସୀତାପୁର,୨୦।୮**

ଉତ୍ତରପ୍ରଦେଶର ସୀତାପୁର ଅଞ୍ଚଳରେ ଏକ ମୁସଲମାନ ଦମ୍ପତିଙ୍କୁ ତାଙ୍କ ପଡୋଶୀମାନେ ଲୁହା ରଡ୍ ଓ ଲାଠିରେ ପିଟି ହତ୍ୟା କରିଛନ୍ତି। ଏହି ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ମୃତ ଦମ୍ପତି ଆବ୍ବାସ ଏବଂ କାମ୍ରୁଲ ନିଶାଙ୍କ ପୁଅ ଜଣେ ହିନ୍ଦୁ ଝିଅଙ୍କୁ ନେଇ ପଳାଇଥିଲେ। ଏହାକୁ ନେଇ ଉତ୍ତେଜନାରୁ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତଙ୍କ ମଧ୍ୟରେ ପଳାଇଯାଇଥିବା ଯୁବତୀଙ୍କ ବାପା ଅଛନ୍ତି। ଗାଁ ଲୋକଙ୍କ କହିବା ଅନୁଯାୟୀ କିଛି ବର୍ଷ ପୂର୍ବରୁ ଆବ୍ବାସଙ୍କ ପୁଅ ସୌକତ ଏବଂ ପଡୋଶୀ ରାମପାଲଙ୍କ ଝିଅ ରୁବିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ୨୦୨୦ରେ ରୁବି ନାବାଳିକା ଥିବାବେଳେ ସୌକତ ତାଙ୍କୁ ☞ପୃଷ୍ଠା-୪

# ଅନ୍ଧବିଶ୍ୱାସରୁ ଯାଉଛି ଜୀବନ

**ବିଜ୍ଞାନର ବିକାଶ ପରେ ବି କମୁନି ଗୁଣିଗାରେଡ଼ି**

## ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ ଆଇନ

**ଭୁବନେଶ୍ୱର,୨୦।୮ (ସତ୍ୟଜିତ୍ ରାଉତ)**

ପ୍ରାଚୀନ ଯୁଗରେ ଗୁଣିଗାରେଡ଼ି, ଯାଦୁବିଦ୍ୟା, ତନ୍ତ୍ରସାଧନ, ଝଡ଼ାଫୁଙ୍କା ଆଦି ଅନ୍ଧବିଶ୍ୱାସ ଉପରେ ଲୋକମାନେ ଅଧିକ ବିଶ୍ୱାସ କରୁଥିଲେ। ଏବେ ବିଜ୍ଞାନର ଅଗ୍ରଗତି ପରେ ମଧ୍ୟ କେତେ ଲୋକଙ୍କ ମନରୁ ଏହି ଅନ୍ଧବିଶ୍ୱାସ ଦୂର ହୋଇପାରୁନାହିଁ। ଫଳରେ ଏହାକୁ ନେଇ ବିଭିନ୍ନ ପ୍ରକାର ଅପରାଧ ବୃଦ୍ଧି ପାଉଛି। ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ଯୋଗୁ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି, ଯାହା ଚିନ୍ତାର ବିଷୟ ହୋଇଛି। ପୂର୍ବରୁ ଉପାନ୍ତ ଅଞ୍ଚଳରେ ଏଭଳି ଘଟଣା ନଜରକୁ ଆସୁଥିଲା। ହେଲେ ଏବେ ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳୁଛି। କେତେବେଳେ ତନ୍ତ୍ର ସାଧନ ପାଇଁ ନିରୀହ ଶିଶୁଙ୍କୁ ବଳି ଚଢ଼ାଯାଉଛି ତ ଆଉ କେତେବେଳେ ତନ୍ତ୍ର ସାଧନ କରୁଥିବା ବ୍ୟକ୍ତିଙ୍କୁ ଗୁଣିଆ କହି ହତ୍ୟା କରାଯାଉଛି। ଗୁଣିଗାରେଡ଼ି ଯୋଗୁ ଏଭଳି ହିଂସାକାଣ୍ଡ ଘଟୁଥିବାରୁ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି କରୁଛି।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ଅନୁଯାୟୀ, ୨୦୧୯ରୁ ୨୦୨୧ ମଧ୍ୟରେ ଦେଶରେ ଗୁଣିଗାରେଡ଼ି ସନ୍ଦେହରେ ୨୫୮ ଜଣଙ୍କୁ ହତ୍ୟା କରାଯାଇଛି। ଓଡ଼ିଶାରେ ଏହି ସଂଖ୍ୟା ୨୯ ରହିଛି। ଗତ କିଛି ମାସରେ ରାଜ୍ୟରେ ଘଟିଥିବା କିଛି ଘଟଣାକୁ ଦେଖିବାକୁ ଗଲେ ଗୁଣିଗାରେଡ଼ିଜନିତ ହତ୍ୟାକାଣ୍ଡ ବଢ଼ିଥିବା ଜଣାପଡ଼ିଛି। ଗତ ଜୁଲାଇ ୨୮ରେ ପୁରୀ ଗୁରୁକୃପା ଆଶ୍ରମ ରକ୍ତପାତ ହୋଇଥିଲା। ବିଷ୍ଣୁବାବାଙ୍କ ଆକ୍ରମଣରେ ଅର୍ଜୁନ ଏବଂ ଦୟାନିଧି ବାବାଙ୍କର ମୃତ୍ୟୁ ☞ପୃଷ୍ଠା-୪

### ଆଇନ କ'ଣ କହୁଛି

ରାଜ୍ୟରେ ଗୁଣିଗାରେଡ଼ି ଜନିତହତ୍ୟାକାଣ୍ଡ ରୋକିବାକୁ ୨୦୧୩ରେ ଓଡ଼ିଶା ସରକାର 'ଦି ଓଡ଼ିଶା ପ୍ରିଭେନଶନ୍ ଅଫ୍ ୱିଚ୍-ହଣ୍ଟିଂଗ୍ ଆକ୍ଟ,୨୦୧୩' ଆଇନ ଆଣିଥିଲେ। ରାଜ୍ୟପାଳଙ୍କ ଅନୁମୋଦନକ୍ରମେ ୨୦୧୪ରେ ଏହି ଆଇନ ଲାଗୁ ହୋଇଛି। ଏହି ଆଇନ ଅନୁଯାୟୀ, କୌଣସି ମହିଳାଙ୍କୁ ଡାହାଣୀ କହିବା କିମ୍ବା ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଦଣ୍ଡନୀୟ ଅପରାଧ। ଗୁଣି, ଝଡ଼ାଫୁଙ୍କା, ହଟ ବିଦ୍ୟା, କୁଳ ବିଦ୍ୟା, ନଖ ଦର୍ପଣ ଆଦି ନାମରେ ରହିଥିବା ତନ୍ତ୍ରବିଦ୍ୟା ଯଦି କୌଣସି ଲୋକଙ୍କ କ୍ଷତିସାଧନ ପାଇଁ କରାଯାଉଥାଏ ତେବେ ଉକ୍ତ ବ୍ୟକ୍ତି ଦଣ୍ଡିତ ହେବେ। ତାଙ୍କୁ ବର୍ଷେରୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୫ହଜାର ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାକୁ ଆଇନରେ ଦର୍ଶାଯାଇଛି। ଏପରିକି ସରକାର ଏନେଇ ଏକରୁ ଅଧିକ ଯୋଜନା କରି ଅନ୍ଧବିଶ୍ୱାସ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରିବେ। ତେବେ ଏହି ଆଇନ ଠିକ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଗୁଣିଗାରଡ଼ି ଭଳି ଅନ୍ଧବିଶ୍ୱାସ କମୁ ନ ଥିବା କୁହାଯାଉଛି।

# ସନି ଦେଓଲଙ୍କ ଜୁହୁ ବଙ୍ଗଳା ନିଲାମ ହେବ

## ବ୍ୟାଙ୍କରୁ ନେଇଥିବା ୫୬ କୋଟିର ଋଣ ଶୁଝିନାହାନ୍ତି

**ମୁମ୍ବାଇ,୨୦।୮**

ବଲିଉଡ୍ ଅଭିନେତା ସନି ଦେଓଲଙ୍କର ମୁମ୍ବାଇର ଜୁହୁଠାରେ ଥିବା ଭିଲ୍ଲାକୁ ବ୍ୟାଙ୍କ ଅଫ୍ ବରୋଦା ନିଲାମ କରିବାକୁ ଯାଉଛି। ସନି ବ୍ୟାଙ୍କରୁ ଋଣ ନେଇ ଶୁଝି ନାହାନ୍ତି। ଋଣ ଓ ସୁଧ ମିଶି ୫୬ କୋଟି ଟଙ୍କାରେ ପହଞ୍ଚିଲାଣି। ବ୍ୟାଙ୍କ ସନିଙ୍କ ସମେତ ତାଙ୍କ ଭାଇ ବବି ଦେଓଲ, ବାପା ଧର୍ମେନ୍ଦ୍ର ଏବଂ ସନିଙ୍କ କମ୍ପାନୀକୁ ନିଲାମ ନୋଟିସ ପଠାଇଛି। ରବିବାର ଏକ ଜାତୀୟ ଖବରକାଗଜରେ ମାଧ୍ୟମରେ ଉକ୍ତ ନିଲାମ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ 'ଗଦର-୨' ଷ୍ଟାରଙ୍କ ପ୍ରକୃତ ନାମ ଅଜୟ ସିଂ ଦେଓଲ, ଜୁହୁ ଭିଲାର ନାଁ ସନି ଭିଲ୍ଲା ଏବଂ ଋଣର ଅନ୍ୟାନ୍ୟ ବିବରଣୀ ରହିଛି। ବବି ଦେଓଲ (ପ୍ରକୃତ ନାମ ବିଜୟ ସିଂ ଦେଓଲ), ବାପା ଧର୍ମେନ୍ଦ୍ର ସିଂ ଦେଓଲ, ସନି ଦେଓଲଙ୍କ କମ୍ପାନୀ ସନି ସାଉଣ୍ଡସ୍ ପ୍ରା. ଲିଃ ଋଣର ଗ୍ୟାରେଣ୍ଟର ଓ କର୍ପୋରେଟ୍ ଗ୍ୟାରେଣ୍ଟର ରହିଛନ୍ତି। ବ୍ୟାଙ୍କ ଉକ୍ତ ଭିଲ୍ଲାର ରିଜର୍ଭ ପ୍ରାଇସ୍ ୫୧.୪୩ କୋଟି ଟଙ୍କା ରଖିଥିବାବେଳେ ନିଲାମ ପାଇଁ ଅମାନତ ଜମା ପରିମାଣ ୫.୧୪ କୋଟି ରହିଛି।





କର୍ଣ୍ଣାଟକର ଚିତ୍ରଦୁର୍ଗରେ ତାପସ୍ ଡ୍ରୋନ୍ ପରୀକ୍ଷଣବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ(ଡିଆରଡିଓ)ର ସ୍ୱୟଂଚାଳିତ ଉଡ଼ନ୍ତା ଯାନ(ୟୁଏଭି) ରବିବାର ସକାଳେ ଚିତ୍ରଦୁର୍ଗ ଅଞ୍ଚଳରେ ଥିବା ଏକ ଚାଷ ଜମିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେତେବେଳେ ଏହାର ପରୀକ୍ଷଣ ଚାଲିଥିଲା। ଏହାକୁ ଡିଆରଡିଓ ହିଁ ବିକଶିତ କରିଥିଲା। ଦୁର୍ଘଟଣା କେଉଁ ପରିସ୍ଥିତିରେ ଘଟିଲା ତଦନ୍ତ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

## ସଂକ୍ଷେପରେ

### ଖାତକୁ ବସ୍ ଖସି ୮ ମୃତ

ଡେରାଡୁନ୍,୨୦।୮: ଗୁଜରାଟରୁ ତୀର୍ଥଯାତ୍ରୀଙ୍କୁ ନେଇ ଯାଇଥିବା ଏକ ବସ୍ ରବିବାର ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ଏକ ଖାତକୁ ଖସିପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି। ବସ୍‌ରେ ୩୫ ଯାତ୍ରୀ ଥିଲେ। ବସ୍‌ଟି ଗଙ୍ଗୋତ୍ରୀରୁ ଫେରୁଥିବାବେଳେ ଗଙ୍ଗନାନିଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୨୭ ଜଣଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଦୁର୍ଘଟଣା ସମ୍ପର୍କରେ ଉଚ୍ଚ ପଦାଧିକାରୀଙ୍କ ସହ କଥା ହୋଇ ତୁରନ୍ତ ସହାୟତା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୯ତମ ଜୟନ୍ତୀ ଅବସରରେ ନୂଆଦିଲ୍ଲୀର ବୀରଭୂମି ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ତାଙ୍କ ଝିଅ ତଥା କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା।



### ଆଖି ବୁଜିଲା ସବୁଠୁ ବୟସ୍କ କିଲର୍ ହ୍ୱେଲ୍

ମିଆମି,୨୦।୮: ଆମେରିକାର ଫ୍ଲୋରିଡାସ୍ଥିତ ମିଆମି ସିକ୍ୱାରିୟମ୍‌ରେ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ରହିଥିବା ବିଶ୍ୱର ସବୁଠୁ ବୟସ୍କ କିଲର ହ୍ୱେଲ ଲୋଲିତାର ମୃତ୍ୟୁ ଘଟିଛି। ୫୭ ବର୍ଷୀୟ ଏହି ବିଶାଳକାୟ ମାଈ ତିମିର ଓଜନ ୨୨୬୮ କେ.ଜି. ଥିଲା। ଟୋକି ନାମରେ ପରିଚିତ ଓର୍କା ପ୍ରଜାତିର ସାମୁଦ୍ରିକ ଜୀବକୁ ଦେଖିବା ପାଇଁ ପ୍ରତ୍ୟହ ଲକ୍ଷାଧିକ ପର୍ଯ୍ୟଟକ ସେଠାକୁ ଧାଉଁଥିଲେ। ୧୯୭୦ ଅଗଷ୍ଟ ୮ରେ ୱାଶିଂଟନ୍‌ର ସିଏଟଲରେ ଏହାକୁ ଅନ୍ୟ ୬ କିଲର ହ୍ୱେଲ୍ ସହ ଧରାଯାଇଥିଲା। ସେତେବେଳେ ଟୋକିକୁ ୪ ବର୍ଷ ହୋଇଥିଲା। ସ୍ୱାସ୍ଥ୍ୟରେ ହଠାତ୍ ଅବନତି ଆସିବା ପରେ ଶୁକ୍ରବାର ଅପରାହ୍ନରେ ଟୋକି ଆଖି ବୁଜିଦେଇଛି। ପ୍ରାଣୀ ଅଧିକାର କର୍ମୀଙ୍କ ସମେତ ଦର୍ଶକମାନଙ୍କୁ ଏହି ଘଟଣା ମର୍ମାହତ କରିଛି।

### କୋଇଲା ଦୁର୍ନୀତି

### ଇସ୍ପାତ ମନ୍ତ୍ରଣାଳୟର ପୂର୍ବତନ ଅଧିକାରୀଙ୍କୁ ସର୍ବାଧିକ ଦଣ୍ଡ ଦାବିକଲା ସିବିଆଇ

ନୂଆଦିଲ୍ଲୀ,୨୦।୮(ପି.ଟି.): ଛତିଶଗଡ଼ରେ କୋଇଲା ଖଣି ଆବଣ୍ଟନରେ ଅନିୟମିତତାର ତଦନ୍ତ କରୁଥିବା ସିବିଆଇ ଇସ୍ପାତ ମନ୍ତ୍ରଣାଳୟର ପୂର୍ବତନ ଅଧିକାରୀ ଗୌତମ କୁମାର ବସାକଙ୍କୁ ସର୍ବାଧିକ ୭ ବର୍ଷ ଜେଲଦଣ୍ଡ ପାଇଁ ଦିଲ୍ଲୀ କୋର୍ଟରେ ଦାବି କରିଛି। କୋଇଲା ଖଣି ଆବଣ୍ଟନ ବେଳେ ଗୌତମ ଇସ୍ପାତ ମନ୍ତ୍ରଣାଳୟର ଜଏଣ୍ଟ ପ୍ଲାଣ୍ଟ କମିଟିରେ କାର୍ଯ୍ୟନିର୍ବାହୀ ସଚିବ ଥିଲେ। ଗମ୍ଭୀର ଅପରାଧ କରିଥିବା ଏହି ଅଫିସର ଦଣ୍ଡ କୋହଳ କରାଯିବା ଲାଗି ହକ୍‌ଦାର ନୁହନ୍ତି ବୋଲି ସିବିଆଇ ସ୍ୱତନ୍ତ୍ର ବିଚାରପତି ଅରୁଣ ଭରଦ୍ୱାଜଙ୍କୁ କହିଛି। ଗତ ୧୮ ତାରିଖରେ ଗୌତମଙ୍କୁ କୋର୍ଟ ଦୋଷୀସାବ୍ୟସ୍ତ କରିଥିବାବେଳେ ମଙ୍ଗଳବାର ଦଣ୍ଡ ଶୁଣାଇବେ।

# ଶାହାଙ୍କ ନାକତଳେ ସର୍ବାଧିକ ଦୁର୍ନୀତି

### ୨୦୨୨ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କର୍ମଚାରୀଙ୍କ ବିରୋଧରେ ୪୬,୬୪୩ ଅଭିଯୋଗ ଆସିଥିଲା: ସିଭିସି

ନୂଆଦିଲ୍ଲୀ,୨୦।୮

ଦେଶରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ନାକତଳେ ସର୍ବାଧିକ ଦୁର୍ନୀତି ଚାଲିଛି। ତାଙ୍କ ଅଧୀନରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବାବୁମାନେ ସବୁଠୁ ଅଧିକ ଦୁର୍ନୀତିରେ ଲିପ୍ତ। ଏହି କଥାର ପ୍ରମାଣ ଦେଇଛନ୍ତି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)।

ସିଭିସି ପକ୍ଷରୁ ସଦ୍ୟ ଜାରି ବାର୍ଷିକ ରିପୋର୍ଟ ଅନୁସାରେ ଗତବର୍ଷ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଧିକାରୀମାନଙ୍କ ବିରୋଧରେ ସର୍ବାଧିକ ଦୁର୍ନୀତି ଅଭିଯୋଗ ଆସିଥିଲା। ଭ୍ରଷ୍ଟାଚାର କ୍ଷେତ୍ରରେ ଏହା ତଳକୁ ରହିଛନ୍ତି ରେଲଓ୍ୱେ ଓ ବ୍ୟାଙ୍କ କର୍ମଚାରୀ। ରିପୋର୍ଟ ଅନୁଯାୟୀ, ୨୦୨୨ରେ କେନ୍ଦ୍ର ସରକାରଙ୍କ ଅଧୀନ ବିଭାଗ ଓ ସଂସ୍ଥାଗୁଡ଼ିକରେ କାର୍ଯ୍ୟରତ ସବୁ ବର୍ଗର ଅଧିକାରୀ ଓ କର୍ମଚାରୀମାନଙ୍କ ବିରୋଧରେ ମୋଟ ୧,୧୫,୨୦୩ ଦୁର୍ନୀତି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୮୫,୪୩୭ ମାମଲାର ଫଇସଲା ହୋଇଥିବାବେଳେ ୨୯,୭୬୬ ମାମଲା ପଡ଼ିରହିଛି। ୨୨,୦୩୪ ମାମଲା ୩



ମାସରୁ ଊର୍ଦ୍ଧ୍ୱ ସମୟ ଧରି ଗଡ଼ୁଛି। ସିଭିସି ୩ ମାସ ମଧ୍ୟରେ ଅଭିଯୋଗଗୁଡ଼ିକର ଯାଞ୍ଚ ଓ ତଦନ୍ତ କରିବା ପାଇଁ ମୁଖ୍ୟ ଭିଜିଲାନ୍ସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଗତବର୍ଷ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଏହାର କର୍ମଚାରୀମାନଙ୍କ ବିରୋଧରେ ୪୬,୬୪୩ ଅଭିଯୋଗ ଆସିଥିବାବେଳେ ରେଲଓ୍ୱେ ଏବଂ ବ୍ୟାଙ୍କଗୁଡ଼ିକରେ କାର୍ଯ୍ୟରତ ବାବୁଙ୍କ ବିରୋଧରେ ଯଥାକ୍ରମେ ୧୦,୫୮୦ ଓ ୮,୧୨୯ ଅଭିଯୋଗ ଆଗତ ହୋଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ କର୍ମଚାରୀଙ୍କ ନାଁରେ ଥିବା ଅଭିଯୋଗ ମଧ୍ୟରୁ ୨୩,୯୧୯ଟିର ଫଇସଲା ହୋଇଥିବାବେଳେ ୨୨,୭୨୪ ବିଚାରାଧୀନ ରହିଛି। କେବଳ ୧୯,୧୯୮ ଅଭିଯୋଗ ୩ ମାସରୁ ଅଧିକ ସମୟ ଧରି ଗଡ଼ୁଛି। ସେହିପରି ରେଲଓ୍ୱେ ବାବୁଙ୍କ ବିରୋଧରେ ଥିବା ଅଭିଯୋଗ ମଧ୍ୟରୁ ୯,୬୬୩ଟିର ଫଇସଲା ହୋଇଥିବାବେଳେ ୯୧୭ ବିଚାରାଧୀନ ରହିଛି। ସେଥିରୁ ୯ଟି ଅଭିଯୋଗ ଗତ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଗଡ଼ୁଛି। ବ୍ୟାଙ୍କଗୁଡ଼ିକ ୭,୭୬୨ ଦୁର୍ନୀତି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିବାବେଳେ ୩୬୭ ବିଚାରାଧୀନ ରହିଛି। ୭୮ ଅଭିଯୋଗ ୩ ମାସରୁ ଅଧିକ ସମୟ ହେଲା ଗଡ଼ୁଛି। ସେହିପରି ଜାତୀୟ ରାଜଧାନୀ କ୍ଷେତ୍ର ଦିଲ୍ଲୀ ସରକାରଙ୍କ ଅଧୀନ କର୍ମଚାରଙ୍କ ବିରୋଧରେ ୭,୩୭୦ ଅଭିଯୋଗ ଆସିଥିଲା, ଯହିଁରୁ ୬,୮୦୪ଟିର ଫଇସଲା ହୋଇଥିବାବେଳେ ୫୬୬ ବିଚାରାଧୀନ ରହିଛି। ୩ ମାସରୁ ଅଧିକ ସମୟ ଧରି ଗଡ଼ୁଥିବା ମାମଲା ସଂଖ୍ୟା ୧୮।

ସିଭିସି ରିପୋର୍ଟରେ ଆହୁରି କୁହାଯାଇଛି, ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ, ଦିଲ୍ଲୀ ମେଟ୍ରୋ ରେଳ ନିଗମ, ଦିଲ୍ଲୀ ଅର୍ବାନ ଆର୍ଟ କମିଶନ ସମେତ ଆଉ କେତେକ ସଂସ୍ଥା ଅଧୀନରେ ଥିବା କର୍ମଚାରୀଙ୍କ ବିରୋଧରେ ୪,୭୧୦ ଅଭିଯୋଗ ଆସିଥିଲା। ସେଥିରୁ ୩,୮୮୯ ଅଭିଯୋଗର ଶୁଣାଣି ଶେଷ ହୋଇଥିବାବେଳେ ୮୨୧ ବିଚାରାଧୀନ ରହିଛି। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, କୋଇଲା ମନ୍ତ୍ରଣାଳୟର ୪,୩୦୪ ଅଭିଯୋଗ ମଧ୍ୟରୁ ୪୦୫୦, ଶ୍ରମ ମନ୍ତ୍ରଣାଳୟର ୪,୨୩୬ରୁ ୪୦୧୬ ଏବଂ ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ୨,୬୧୭ ଅଭିଯୋଗ ମଧ୍ୟରୁ ୨,୪୦୯ଟିର ଫଇସଲା ହୋଇସାରିଛି। ଗତବର୍ଷ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) କର୍ମଚାରୀଙ୍କ ବିରୋଧରେ ୨,୧୫୦, ପ୍ରତିରକ୍ଷା ମନ୍ତ୍ରଣାଳୟ(୧,୬୧୯), ଟେଲି ଯୋଗାଯୋଗ ବିଭାଗ(୧,୩୦୮), ଅର୍ଥ ମନ୍ତ୍ରଣାଳୟ(୧,୨୦୨) ଏବଂ କେନ୍ଦ୍ରୀୟ ଅପ୍ରତ୍ୟକ୍ଷ ଟିକସ ବୋର୍ଡ କର୍ମଚାରୀଙ୍କ ବିରୋଧରେ ୧,୧୦୧ ଅଭିଯୋଗ ଆଗତ ହୋଇଥିଲା।

### ମଣିପୁରରେ ମା' ପୁଅଙ୍କୁ ଜିଅନ୍ତା ଜାଳିଦେବା ମାମଲା ସିବିଆଇ ହାତକୁ ଗଲା

ଇମ୍ଫାଲ,୨୦।୮

ମଣିପୁରରେ ଜଣେ ୭ ବର୍ଷୀୟ ଶିଶୁ ସମେତ ତାଙ୍କ ମା' ଓ ଖୁଡ଼ୀଙ୍କୁ ଆମ୍ବୁଲାନ୍ସରେ ଜାଳି ଦିଆଯାଇଥିଲା। ମଣିପୁର ପୋଲିସ ବର୍ତ୍ତମାନ ଏହି ମାମଲା ସମେତ ଅନ୍ୟ ୨୦ ମାମଲାକୁ ସିବିଆଇକୁ ହସ୍ତାନ୍ତର କରିଛି। ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ତାଲିକାରେ ସାମିଲ ଦାବିକୁ ବିରୋଧ କରି 'ଆଦିବାସୀ ଏକତା ମୋର୍ଚ୍ଚା' ପକ୍ଷରୁ ଗତ ମେ ୩ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାକୁ ନେଇ କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟିଥିଲା। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଥିଲେ। ଜୁନ ୪ ତାରିଖରେ ପଶ୍ଚିମ ଇମ୍ଫାଲର ଇରୋଇସେମ୍ବା ଜିଲାରେ ୭ ବର୍ଷୀୟ ଶିଶୁ ଟନସିଙ୍ଗ୍ ହଙ୍ଗସିଙ୍ଗଙ୍କ ମୁଣ୍ଡରେ ଗୁଳି ବାଜିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କ ମା' ମୀନା ହଙ୍ଗସିଙ୍ଗ୍ ଏବଂ ଖୁଡୀ ତାଙ୍କୁ ମଣିପୁରସ୍ଥିତ ହସ୍ପିଟାଲକୁ ଆମ୍ବୁଲାନ୍ସ ଯୋଗେ ନେଉଥିଲେ। ବାଳକଙ୍କ ମା' ମୈତେଇ ସମ୍ପ୍ରଦାୟର ହୋଇଥିବାବେଳେ ବାପା କୁକି ସମ୍ପ୍ରଦାୟର।

### ମାଓବାଦୀଙ୍କ ଅସ୍ତ୍ର ଜବତ ମାମଲା

### ୧୬ ଜଣଙ୍କ ନାଁରେ ଏନ୍ଆଇଏ ଚାର୍ଜଶିଟ୍

ନୂଆଦିଲ୍ଲୀ,୨୦।୮(ପି.ଟି.): ଝାଡ଼ଖଣ୍ଡର ସିପିଆଇ(ମାଓବାଦୀ)ଙ୍କ ଗୁପ୍ତ ଆଡ୍ଡାରୁ ଗତବର୍ଷ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଜଣେ ମହିଳାଙ୍କ ସମେତ ୧୬ ଅଭିଯୁକ୍ତଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଛି। ଶନିବାର ସ୍ୱତନ୍ତ୍ର କୋର୍ଟରେ ଦାଖଲ ହୋଇଥିବା ଚାର୍ଜଶିଟ୍‌ରେ ଆଇପିସିର ବିଭିନ୍ନ ଦଫା ସାଙ୍ଗକୁ ଅସ୍ତ୍ରଶସ୍ତ୍ର ଆଇନ, ବିସ୍ଫୋରକ ସାମଗ୍ରୀ ଆଇନ, ଆପରାଧିକ ଆଇନ ସଂଶୋଧନ ଅଧିନିୟମ ଏବଂ ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନର ବିଭିନ୍ନ ଧାରା ଲାଗୁ ହୋଇଥିବା ଏନ୍ଆଇଏ ମୁଖପାତ୍ର କହିଛନ୍ତି। ଗତବର୍ଷ ଫେବୃୟାରୀ ୨୧ରେ ଲୋହାରଡାଗେର ପେଶରାର ଥାନା ଅଞ୍ଚଳରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ ହେବା ସହ କେତେଜଣ ମାଓବାଦୀ କ୍ୟାଡର ଗିରଫ ହୋଇଥିଲେ। ମେ' ୧୮ରେ ଝାଡ଼ଖଣ୍ଡ ପୋଲିସ ଅନ୍ୟ ୯ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଏର କରିଥିଲା। ସେହିବର୍ଷ ଜୁନ୍ ୧୪ରେ ଏନ୍ଆଇଏ ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲା।



## ଅଖିଳେଶଙ୍କୁ ଭେଟିଲେ ରଜନୀକାନ୍ତ

ଲକ୍ଷ୍ନୌ,୨୦।୮(ପି.ଟି.)

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ବର୍ଷୀୟାନ ଅଭିନେତା ରଜନୀକାନ୍ତ ସୌଜନ୍ୟମୂଳକ ସାକ୍ଷାତ କରିବାର ଦିନକ ପରେ ରବିବାର ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ନିଜର ସଦ୍ୟତମ ଚଳଚ୍ଚିତ୍ର 'ଜେଲର'ର ସଫଳତା ପାଇଁ ପ୍ରଚାରରେ ଥିବା ରଜନୀକାନ୍ତ କହିଛନ୍ତି, ଏକ ଦଶନ୍ଧି ପରେ ସେ ତାଙ୍କ ବନ୍ଧୁ ଅଖିଳେଶଙ୍କ ସହ ଏକାଠି ହେବାରେ ଖୁସି ଅନୁଭବ କରୁଛନ୍ତି। ୯ ବର୍ଷ ପୂର୍ବେ ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ସେ ଅଖିଳେଶଙ୍କୁ ଭେଟିଥିଲେ। ସେବେଠୁ ଉଭୟଙ୍କ ମଧ୍ୟରେ ବନ୍ଧୁତା ଓ ଫୋନ୍‌ରେ କଥାବାର୍ତ୍ତା ଜାରି ରହିଛି। ସେମାନଙ୍କ ସାକ୍ଷାତ ସମୟର କେତେକ ଫଟୋକୁ ଅଖିଳେଶ ଟୁଇଟ୍ କରିଛନ୍ତି। ଗତ ୧୦ ତାରିଖରେ ମୁକ୍ତିଲାଭ କରିଥିବା 'ଜେଲର'ର ପ୍ରମୋଟ ପାଇଁ ରଜନୀକାନ୍ତ ଶୁକ୍ରବାର ଲକ୍ଷ୍ନୌରେ ପହଞ୍ଚିଥିଲେ। ସେ ଶନିବାର ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ଏହା ପରେ ସେ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ ସହ ଏକ ମଲ୍‌ରେ 'ଜେଲର' ଦେଖିଥିଲେ।

### ନାବାଳିକାଙ୍କୁ ବଳାତ୍କାର

### ବରିଷ୍ଠ ଅଧିକାରୀଙ୍କ ବିରୋଧରେ ମାମଲା

ନୂଆଦିଲ୍ଲୀ,୨୦।୮

ଦିଲ୍ଲୀ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ ହୋଇଛି। ପୀଡ଼ିତା ଜଣକ ଦ୍ୱାଦଶ ଶ୍ରେଣୀ ଛାତ୍ରୀ। ପୋଲିସ ପୋକ୍ସୋ ଆଇନରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତଙ୍କ ସ୍ତ୍ରୀ ମଧ୍ୟ ଏହି ମାମଲାରେ ସମ୍ପୃକ୍ତ ଥିବାରୁ ପୋଲିସ ତାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରିଛି। ନାବାଳିକାଙ୍କ ବାପା ଓ ଅଭିଯୁକ୍ତ ଅଧିକାରୀ ବନ୍ଧୁ ଥିଲେ। ଅଧିକାରୀ ଜଣଙ୍କ ନାବାଳିକାଙ୍କୁ ଆଶ୍ୱାସନା ଦେବା ସହ ନିଜ ଘରକୁ ନେଇ ଆସିଥିଲେ। ଏହାପରେ ଅଧିକାରୀ ନାବାଳିକାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ବର୍ଷେ ଧରି ବଳାତ୍କାର କରିଥିଲେ। ନାବାଳିକା ଜଣକ ଯେତେବେଳେ ଗର୍ଭବତୀ ହୋଇଥିଲେ ଅଭିଯୁକ୍ତଙ୍କ ସ୍ତ୍ରୀ ତାଙ୍କୁ ଗର୍ଭ ନଷ୍ଟ କରିବା ଲାଗି ଔଷଧ ଦେଇଥିଲେ।

## ପାକିସ୍ତାନରେ ବିସ୍ଫୋରଣ: ୧୧ ଶ୍ରମିକଙ୍କ ମୃତ୍ୟୁ

ପେଶାୱର,୨୦।୮

ପାକିସ୍ତାନର ଖାଇବର ପଖତୁନଖ୍ୱା ଅଞ୍ଚଳରେ ରବିବାର ଆତଙ୍କବାଦୀମାନେ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ୧୧ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଆତଙ୍କବାଦୀମାନେ ଗୁଲମିର୍ କୋଟିନ ଶାଓ୍ୱଲ ଅଞ୍ଚଳରେ ଥିବା ଏକ ଗାଡ଼ିରେ ବିସ୍ଫୋରକ ଲଗାଇଥିଲେ। ରବିବାର ସକାଳେ ସେହି ଗାଡ଼ିରେ ୧୬ ଜଣ ଶ୍ରମିକ ଯାଉଥିବାବେଳେ ବିସ୍ଫୋରଣ ଘଟିଥିଲା ବୋଲି ଉତ୍ତର ୱାଜିରସ୍ତାନ ପୋଲିସ ଅଧିକାରୀ ରେହନ ଗୁଲ୍ ଖଟ୍ଟକ କହିଛନ୍ତି। ଏକ ସରକାରୀ କୋଠା ନିର୍ମାଣ କାମରେ ନିୟୋଜିତ ୧୧ ଜଣ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣ ଗୁରୁତର ହୋଇଥିଲେ ଏବଂ ୩ ଜଣ ନିଖୋଜ ହୋଇଥିଲେ ବୋଲି ଖଟ୍ଟକ କହିଛନ୍ତି। ଅପରପକ୍ଷେ ଏହି ଘଟଣାକୁ କାମଚଳା ପ୍ରଧାନମନ୍ତ୍ରୀ ଅନଓ୍ୱର ଉଲ୍ ହକ୍ କକର ନିନ୍ଦା କରିବା ସହ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।



ଆତଙ୍କବାଦୀଙ୍କ ବିସ୍ଫୋରଣରେ ଏକ ଗାଡ଼ି ଜଳୁଛି।

# ଲଦାଖର ଚାରଣ ଭୂମିକୁ ଚାଇନା ଦଖଲ କରିଛି: ରାହୁଲ

ନୂଆଦିଲ୍ଲୀ,୨୦।୮(ପି.ଟି.)

ଚାଇନାର ଇଞ୍ଚେ ହେଲେ ଭୂମିକୁ ଚାଇନା ଦଖଲ କରିନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୁଥିବା ଦାବି ସତ ନୁହେଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ଅଭିଯୋଗ କରିଛନ୍ତି। ଲଦାଖ ଲୋକମାନଙ୍କର ଚାରଣ ଭୂମିକୁ ଚାଇନା ସେନା ଦଖଲ କରିଥିବା ରାହୁଲ କହିଛନ୍ତି। ଲଦାଖ ଗସ୍ତରେ ଥିବା ରାହୁଲ ରବିବାର ତାଙ୍କ ବାପା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଚାଇନା ସୈନ୍ୟ ଲଦାଖ ଲୋକମାନଙ୍କର ଚାରଣ ଭୂମିକୁ ନେଇଯାଇଥିବା ସେମାନେ କହିଛନ୍ତି। ଗୋରୁ ଚରାଇବାକୁ ସେଠାକୁ ଆଉ ଯାଇ ନ ପାରିବା ସେମାନଙ୍କର ସବୁଠୁ ବଡ଼



ଲେହର ପଙ୍ଗୋଙ୍ଗ ନିକଟରେ ସ୍ଥାନୀୟ ଲୋକେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୯ତମ ଜନ୍ମବାର୍ଷିକୀରେ ପ୍ରାର୍ଥନା ସଭାରେ ସାମିଲ ହୋଇଛନ୍ତି।

ଉଦ୍‌ବେଗ ବୋଲି ସେମାନେ ସ୍ପଷ୍ଟ କରିଥିବା ବେଳେ ପ୍ରଧାନମନ୍ତ୍ରୀ ମିଥ୍ୟା ବିବୃତି ଦେଉଥିବା କଂଗ୍ରେସ ନେତା କହିଛନ୍ତି।

ଭାରତ ଯୋଡ଼ୋ ଯାତ୍ରା ବେଳେ ରାହୁଲ ଲଦାଖ ଯିବାକୁ ଯୋଜନା କରିଥିଲେ। କିନ୍ତୁ କେତେକ ଲଜିଷ୍ଟିକ୍ କାରଣରୁ ସେ ଯାଇପାରି ନ ଥିଲେ। ସେଥିପାଇଁ ସେ ଏବେ ଲଦାଖ ଗସ୍ତରେ ଆସି ପଙ୍ଗୋଙ୍ଗ

### କଂଗ୍ରେସ ନେତା ଚାଇନାର ପ୍ରଚାର ମେଶିନ: ଭାଜପା

ବୁଲିବା ପରେ ନୁବ୍ରା ଓ କାର୍ଗିଲ ଯାଉଥିବା କହିଛନ୍ତି। ସ୍ଥାନୀୟ ଲୋକମାନେ କ'ଣ କହୁଛନ୍ତି ଓ ସେମାନଙ୍କର ଉଦ୍‌ବେଗ ସମ୍ପର୍କରେ ଜାଣିବା ରାହୁଲଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଲଦାଖ ଲୋକମାନଙ୍କ ଆଉ ଏକ ସମସ୍ୟା ହେଲା ସେଠାକୁ ଏପର୍ଯ୍ୟନ୍ତ ସେଲୁଲାର ସଂଯୋଗ ହୋଇନାହିଁ। ଚାଇନା ସହ ସୀମା ସ୍ଥିତିକୁ ନେଇ କଂଗ୍ରେସ ସବୁବେଳେ ସରକାରଙ୍କୁ ପ୍ରଶ୍ନ କରିଆସୁଛି। ୨୦୨୦ ମେ' ୫ରେ ପୂର୍ବ ଲଦାଖରେ ଭାରତ ଓ ଚାଇନା ସୈନ୍ୟ ମୁହାଁମୁହିଁ ହୋଇଥିବାବେଳେ ଜୁନ୍ ୧୫ରେ ପୋଙ୍ଗଙ୍ଗ ହ୍ରଦ ନିକଟରେ ସେମାନଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ଉଭୟ ପକ୍ଷରୁ ବହୁ ସୈନ୍ୟ ମୃତାହତ ହୋଇଥିଲେ। ବହୁ ପର୍ଯ୍ୟାୟ କୂଟନୈତିକ ଓ ସାମରିକ ସ୍ତରରେ ଆଲୋଚନା ପରେ ସୀମାନ୍ତର ବିଭିନ୍ନ ଅଞ୍ଚଳରୁ ଉଭୟ ଦେଶ ସେମାନଙ୍କ ସୈନ୍ୟ ପ୍ରତ୍ୟାହାର କରିନେଇଛନ୍ତି। ସୀମାରେ ଶାନ୍ତି ବଜାୟ ନ ରହିଲେ ଚାଇନା ସହ ସମ୍ପର୍କ ସ୍ୱାଭାବିକ ହୋଇପାରିବ ନାହିଁ ବୋଲି ଭାରତ କହିଆସୁଛି।

ଅନ୍ୟପକ୍ଷରେ ଚାଇନା ଲଦାଖର ଚାରଣ ଭୂମି ଅକ୍ତିଆର କରିଥିବା ରାହୁଲ କହିବା ପରେ ଭାଜପା ଏହାକୁ ନିନ୍ଦା କରିଛି। କଂଗ୍ରେସ ନେତା ବେଜିଂର 'ପ୍ରଚାର ମେଶିନ୍'ଭଳି ବିବୃତି ଦେଇ ଭାରତକୁ ବଦ୍‌ନାମ କରୁଥିବା ବରିଷ୍ଠ ଭାଜପା ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରବି ଶଙ୍କର ପ୍ରସାଦ କହିଛନ୍ତି।

## ତେଲ ଟ୍ୟାଙ୍କରକୁ ପିଟିଲା ବସ୍: ୧୮ ମୃତ

ଲାହୋର,୨୦।୮

ପାକିସ୍ତାନର ପଞ୍ଜାବ ଅଞ୍ଚଳରେ ରବିବାର ସକାଳେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମିହଳା, ଶିଶୁ ସମେତ ୧୮ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୬ ଜଣ ଆହତ ହୋଇଛନ୍ତି। ଇସ୍‌ଲାମାବାଦ ଠାରୁ କରାଚି ଯାଉଥିବା ଏକ ବସ୍ ୪୦ଜଣ ଯାତ୍ରୀଙ୍କୁ ନେଇ ଯାଉଥିବାବେଳେ ଫଇସଲାବାଦ୍ ନିକଟରେ ଏକ ପିକ୍ ଅପ୍ ଭ୍ୟାନ ସହ ଧକ୍କା ହୋଇଥିଲା। ସେତେବେଳେ ଭ୍ୟାନରେ ଏକ ତେଲ ଟାଙ୍କି ରହିଥିଲା। ବସ୍‌ଟି ଭ୍ୟାନର ସାମ୍ନା ପଟୁ ଧକ୍କା ଦେବା ଫଳରେ ଉଭୟ ଗାଡ଼ିରେ ନିଆଁ ଲାଗି ଯାଇଥିଲା। ଫଳରେ ୧୮ ଜଣ ଯାତ୍ରୀଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା ବୋଲି ମୋଟରୱେ ପୋଲିସ ଆଇଜି ସୁଲତାନ ଖ୍ୱାଜା କହିଛନ୍ତି। ସେହିପରି ଏହି ଦୁର୍ଘଟଣାରେ ଜଳିଯାଇ ଆହତ ହୋଇଥିବା ଅନ୍ୟ ୧୬ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଇଜି କହିଛନ୍ତି। ଦୁର୍ଘଟଣା ପରେ ଯେଉଁ ଯାତ୍ରୀମାନେ ବସ୍‌ରୁ ଡେଇଁ ପଡ଼ିଥିଲେ ସେମାନେ ବର୍ତ୍ତି ଯାଇଥିବାବେଳେ ବସ୍ ମଧ୍ୟରେ ରହିଯାଇଥିବା ଯାତ୍ରୀ ମାନେ ଜଳି ଯାଇଥିଲେ। ଏହା ସହିତ ଦୁଇ ଗାଡ଼ିର ଡ୍ରାଇଭର ମଧ୍ୟ ଜୀବନ୍ତ ଦଗ୍ଧ ହୋଇଥିବା ଆଇଜି କହିଛନ୍ତି। ଦୁର୍ଘଟଣାବେଳେ ବସ୍ ଡ୍ରାଇଭରଙ୍କ ଆଖି ଲାଗି ଯାଇଥିଲା ନା ଦ୍ରୁତଗତି କାରଣରୁ ଏହି ଦୁର୍ଘଟଣା ଘଟିଲା, ତା'ର ପ୍ରକୃତ କାରଣ ଜଣାପଡ଼ିନାହିଁ।

# ୪ ନକଲି ପରୀକ୍ଷାର୍ଥୀ ଗିରଫ

**ରାଉରକେଲା, ୨୦।୮ (ସଙ୍ଗୀତା ଜେନା)**

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ରେ ଟିଚିଂ ଓ ନନ୍ ଟିଚିଂ ଷ୍ଟାଫ ନିଯୁକ୍ତି ପରୀକ୍ଷା ଚାଲିଥିବାବେଳେ ୪ଜଣ ନକଲି ପରୀକ୍ଷାର୍ଥୀ ଧରାପଡିଛନ୍ତି। ଅନ୍ୟମାନଙ୍କ ପାଇଁ ପରୀକ୍ଷା ଦେଉଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହରିୟାଣା ରାଜ୍ୟ ହିସାର ଜିଲାର ଗୌରବ ଚୌହାନ(୨୮), ପୁନିତ ସିଂ(୨୨), ଜିନ୍ଦ ଜିଲାର ମନୀଷ କୁମାର(୨୫) ଏବଂ ସୁନୀଲ କୁମାର(୨୫)। ସେମାନଙ୍କ ନିକଟରୁ ସ୍ପାଏ କ୍ୟାମେରା, ନାନୋ କ୍ୟାମେରା, ଇଅର ପିସ୍, କାର୍ବନ ପେପର, ମୋବାଇଲ ଫୋନ୍, ବ୍ଲୁଟୁଥ୍, ୱେରଲେସ୍ ଇୟର ଫୋନ୍ ଓ ହାଇଟେକ ଡିଭାଇସ୍ ଜବତ ହୋଇଛି। ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି। ଏ ନେଇ ସେକ୍ଟର-୩ ଥାନାରେ ଏକ ମାମଲା (ନଂ.୯୮/୨୩) ରୁଜୁ ହୋଇଛି। ଶନିବାର ଏହି ଘଟଣା ପରେ ଏନ୍‌ଆଇଟି ଚତୁଃପାର୍ଶ୍ୱରେ ପୋଲିସ ମୁତୟନ ସହ କଡ଼ା ସୁରକ୍ଷା ବଳୟରେ ପରୀକ୍ଷା ହୋଇଛି। ଏ ନେଇ ଜୋନ୍-୧ର ଡିଏସ୍‌ପି ପୁଷ୍ପାରାଣୀ ନିନଗି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଡିଏସ୍‌ପି ନିନଗି କହିଥିଲେ, ରାଉରକେଲା ଏନ୍‌ଆଇଟିରେ ଟିଚିଂ ଓ ନନ୍ ଟିଚିଂ ଷ୍ଟାଫ ନିଯୁକ୍ତି ପାଇଁ ଅଗଷ୍ଟ ୧୬ରୁ ଲିଖିତ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ୨୭ ତାରିଖରେ ଶେଷ ହେବ। ଏଥିପାଇଁ ମୋଟ୍ ୧୩୦୭ ଜଣ ଆବେଦନ କରିଥିଲେ ଏବଂ ସେମାନଙ୍କୁ ଇ-ଆଡମିଟ୍ କାର୍ଡ ପ୍ରଦାନ କରାଯାଇଥିଲା। ଏହି କ୍ରମରେ ନନ୍ ଟିଚିଂ ଷ୍ଟାଫ ନିଯୁକ୍ତି ପାଇଁ ଶନିବାର ଅପରାହ୍ନ ସାଢେ ୨ରୁ ସାଢେ ୫ଟା ପର୍ଯ୍ୟନ୍ତ ଏଲଏ-୧ କମ୍ପ୍ଲେକ୍ସ ଓ ଏନ୍‌ଆଇଟି ପରିସରରେ ଲିଖିତ ପରୀକ୍ଷା ହୋଇଥିଲା। ପରୀକ୍ଷା କକ୍ଷକୁ ଯିବା ସମୟରେ ଉକ୍ତ ୪ ପରୀକ୍ଷାର୍ଥୀଙ୍କ ଉପରେ ସନ୍ଦେହ ହେବାରୁ ସେମାନଙ୍କୁ ପ୍ରଥମେ ଅଟକ ରଖାଯାଇଥିଲା। ପରେ ପୁନଃ ଯାଞ୍ଚ କରି ପରୀକ୍ଷା କକ୍ଷକୁ ପ୍ରବେଶ ଅନୁମତି ଦିଆଯାଇଥିଲା। ସେଠାରେ ପୁଣି ଯାଞ୍ଚ କରାଯିବାରୁ ସେମାନଙ୍କ ଫଟୋ ଏବଂ ଅନ୍ୟ ତଥ୍ୟରେ ତାଳମେଳ ନ ଥିବା ଦେଖିବାକୁ ମିଳିଥିଲା। ଇ-ଆଡମିଟ୍ କାର୍ଡରେ ଦୀପକ(ରୋଲ୍ ନଂ.୨୩୪ଏଲଓ୫୨୭୪୯)ଙ୍କ



ଖବରଦାତା ସମ୍ମିଳନୀରେ ଗିରଫ ୪ ଅଭିଯୁକ୍ତ।

## ରାଉରକେଲା ଏନ୍‌ଆଇଟି

ସ୍ଥାନରେ ସୁନୀଲ, ସୁରଜ ଖଗୱାଲ(ରୋଲ୍ ନଂ.୨୩୪ଏଲଓ ୫୨୮୬୯)ଙ୍କ ସ୍ଥାନରେ ଗୌରବ ଚୌହାନ, ତୁଷାର (ରୋଲ୍ ନଂ.୨୩୪ଏଲଓ ୫୩୦୦୩)ଙ୍କ ସ୍ଥାନରେ ପୁନିତ ସିଂ ଏବଂ ଦୀପକ ମଳିକ (ରୋଲ୍ ନଂ.୧୩୪ଏଲଓ୫୩୨୦୨)ଙ୍କ ସ୍ଥାନରେ ମନୀଷ କୁମାର ପରୀକ୍ଷା ଦେଉଥିଲେ। ପରୀକ୍ଷା ଶେଷ ହେବା ପରେ ସନ୍ଧ୍ୟାରେ ଏନ୍‌ଆଇଟି ରେଜିଷ୍ଟ୍ରାର ରୋହନ ଧୀମନ ସେକ୍ଟର-୩ ଥାନାରେ ଲିଖିତ ଏତଲା ଦେବା ସହ ଉକ୍ତ ନକଲି ପରୀକ୍ଷାର୍ଥୀଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତମାନେ ପରୀକ୍ଷା ଦେବା ଲାଗି ଟ୍ରେନ ଯୋଗେ ରାଉରକେଲା ଆସିଥିଲେ। ସେମାନେ କିପରି ଅସଲ ପରୀକ୍ଷାର୍ଥୀଙ୍କ ସହ ମିଶି ଏପରି କଲେ ତାହା ତଦନ୍ତ ପରିସରଭୁକ୍ତ ରହିଛି। ଅନ୍ୟପକ୍ଷେ ଏପରି ନକଲି ପରୀକ୍ଷାର୍ଥୀ ରାକେଟର ସକ୍ରିୟତା ନେଇ ଯାଞ୍ଚ କରାଯାଉଛି ବୋଲି ଡିଏସ୍‌ପି ନିନଗି କହିଛନ୍ତି। ଖବରଦାତା ସମ୍ମିଳନୀରେ ପୋଲିସ ଏସ୍‌ଆଇ ଦୁର୍ଯ୍ୟୋଧନ ପ୍ରଧାନ ଉପସ୍ଥିତ ଥିଲେ।

# କମିଲା ବର୍ଷା, ବଢ଼ିବ ତାତି

**ଭୁବନେଶ୍ୱର, ୨୦।୮ (ଅନୁରାଧା ମହାରଣା)**

ରାଜ୍ୟର ବହୁ ଜିଲାରେ ନିଅଣ୍ଟିଆ ବର୍ଷା ଲାଗି ରହିଛି। ଚଳିତ ବର୍ଷ ମୌସୁମୀ ଋତୁରେ ଜୁନ୍ ୧ରୁ ଅଗଷ୍ଟ ୨୦ ମଧ୍ୟରେ ୭୩୭.୩ ବର୍ଷା ରେକର୍ଡ କରାଯାଇଛି। ଏହା ସ୍ୱାଭାବିକ ବର୍ଷା ୮୦୧.୫ ତୁଳନାରେ ୮ ପ୍ରତିଶତ କମ୍ ରହିଛି। ତେବେ ୨ଟି ଜିଲା ବୌଦ୍ଧ ଓ ଝାରସୁଗୁଡ଼ାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବାବେଳେ ୧୭ ଜିଲାରେ ସ୍ୱାଭାବିକ ଓ ୧୧ଟି ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି। ସ୍ୱାଭାବିକ ବର୍ଷା ୧୫ ମିମିଠାରୁ ୭୭ ପ୍ରତିଶତ କମ୍ ଅର୍ଥାତ୍ ରାଜ୍ୟରେ ମାତ୍ର ୩.୫ ମିମି ବର୍ଷା ହୋଇଛି। ଏପରିକି ଆସନ୍ତା ୫ଦିନରେ ମଧ୍ୟ ବିଶେଷ ବର୍ଷା ହେବାର ନାହିଁ। ଆସନ୍ତା ତିନିଦିନ ଯାଏ ରାଜ୍ୟରେ ବିକ୍ଷିପ୍ତ ବର୍ଷା ହେବା ସହ ପରବର୍ତ୍ତୀ ଦୁଇଦିନରେ ସାମାନ୍ୟ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ମୌସୁମୀର ଏପରି ଅସ୍ୱାଭାବିକ ସ୍ଥିତି ଯୋଗୁ ରାଜ୍ୟରେ ତାତି ଆହୁରି ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ସୋମବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କଳାହାଣ୍ଡିଳ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଢେଙ୍କାନାଳ, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ,

## ୧୧ଟି ଜିଲାରେ ନିଅଣ୍ଟିଆ ବର୍ଷା



ସୁନ୍ଦରଗଡ଼ ଆଦି ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଦରଣର ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ମଧ୍ୟ ରାଜ୍ୟର କିଛି ଅଞ୍ଚଳରେ ସାମାନ୍ୟ ବର୍ଷା ହୋଇପାରେ। ଉଭୟ ଦିନ ପାଇଁ ବିଭାଗ ପକ୍ଷରୁ କୌଣସି ୱାର୍ନିଂ ଜାରି କରାଯାଇନାହିଁ। ୨୩ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୁଳ ଓ ଢେଙ୍କାନାଳରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ରହିଛି।

# 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପାଇଁ ଗାଇଡ୍‌ଲାଇନ

**ଭୁବନେଶ୍ୱର, ୨୦।୮ (ଅସମାପିକା ସାହୁ)**

'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପାଇଁ ରାଜ୍ୟ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟର ସମସ୍ତ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ତଥା ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ ଓ ପୁରସ୍କୃତ କରି ପ୍ରୋତ୍ସାହନ ଦେବା ପାଇଁ ଚଳିତବର୍ଷଠାରୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଆରମ୍ଭ ହେବ। ଖୁବ୍‌ଶୀଘ୍ର ଏଥିପାଇଁ ମନୋନୟନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଦୁଇଟି ଶ୍ରେଣୀରେ ଏହାକୁ ବିଭକ୍ତ କରାଯାଇଛି। ପ୍ରଥମଟି ହେଉଛି ବ୍ୟକ୍ତିଗତ ପୁରସ୍କାର ଓ ଅନ୍ୟଟି ହେଲା ଆନୁଷ୍ଠାନିକ ପୁରସ୍କାର। ବ୍ୟକ୍ତିଗତ ପୁରସ୍କାରରେ ଛାତ୍ରୀଛାତ୍ରଙ୍କୁ ଷ୍ଟୁଡେଣ୍ଟ ଏକାଡେମିକ୍ ଆୱାର୍ଡ, ଷ୍ଟୁଡେଣ୍ଟ ଲିଡରସିପ୍ ଆୱାର୍ଡ ଓ ଷ୍ଟୁଡେଣ୍ଟ ମେରିଟ୍-କମ୍-ସ୍କଲାରସିପ୍ ଆୱାର୍ଡ ଦିଆଯିବ। ଏଥିସହ ବ୍ୟକ୍ତିଗତ ପୁରସ୍କାରରେ ଶିକ୍ଷକ ପୁରସ୍କାର, ପ୍ରଧାନଶିକ୍ଷକ ପୁରସ୍କାର, ସିଆର୍‌ସିସି ପୁରସ୍କାର, ବିଇଓ ଏବଂ ଡିଇଓ ପୁରସ୍କାର ରହିଛି। ଆନୁଷ୍ଠାନିକ ପୁରସ୍କାରରେ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ଜିଲା, ବ୍ଲକ୍, ସ୍କୁଲ ଓ ଗ୍ରାମପଞ୍ଚାୟତ ସ୍ତରରେ ପୁରସ୍କୃତ କରାଯିବ। ଶ୍ରେଷ୍ଠ ଏସ୍‌ଏମ୍‌ସି ପୁରସ୍କାର, ଶ୍ରେଷ୍ଠ ପୁରାତନ ଛାତ୍ର କମିଟି ପୁରସ୍କାର, ଗ୍ରାମ ପଞ୍ଚାୟତ ପୁରସ୍କାର ମଧ୍ୟ ଏହି ବିଭାଗରେ ଅନ୍ତର୍ଭୁକ୍ତ। ଏହାସହ ପ୍ରାଥମିକ ସ୍କୁଲ ଓ ତିନୋଟି ଶ୍ରେଷ୍ଠ ଡିଆଇଇଟିକୁ ମଧ୍ୟ ପୁରସ୍କୃତ କରାଯିବ। ଏ ସମସ୍ତ ପୁରସ୍କାର ପାଇଁ କିପରି ଆବେଦନ କରାଯିବ, କିପରି ଚୟନ କରାଯିବ ଏବଂ କେତେଜଣ ପୁରସ୍କୃତ ହେବେ ସେ ନେଇ ସମସ୍ତ ସୂଚନା ଦିଆଯାଇଛି।

# ଆଜିଠୁ ୟୁଜି, ପିଜି ପ୍ରଥମବର୍ଷ ପାଠପଢ଼ା

**ଭୁବନେଶ୍ୱର, ୨୦।୮ (ଅସମାପିକା ସାହୁ)**

୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ସ୍ନାତକ(ୟୁଜି) ଓ ସ୍ନାତକୋତ୍ତର(ପିଜି) ପ୍ରଥମ ବର୍ଷ ପାଠପଢ଼ା ସୋମବାରଠାରୁ ଆରମ୍ଭ ହେବ। ଏପଟେ ଉଭୟ ପାଠ୍ୟକ୍ରମରେ ଏବେ ବି ନାମଲେଖା ଜାରି ରହିଛି। ତୃତୀୟ ରାଉଣ୍ଡ ନାମଲେଖା ପରେ ବି ରାଜ୍ୟରେ ଲକ୍ଷେରୁ ଊର୍ଦ୍ଧ୍ୱ ସିଟ୍ ଖାଲି ପଡ଼ିଛି। ରାଜ୍ୟର ମୋଟ ୧,୦୪୦ ଡିଗ୍ରୀ କଲେଜରେ ୨,୭୦,୧୬୩ ସିଟ୍ ଥିବାବେଳେ ୧,୨୭,୦୯୧ଜଣ ନାମ ଲେଖାଇଛନ୍ତି। ଆଉ ୧,୪୩,୦୭୨ଟି ସିଟ୍ ବଳକା ପଡ଼ିଛି। ତେଣୁ ଆସନ୍ତା ୨୪ ତାରିଖରେ ୪ର୍ଥ ରାଉଣ୍ଡ୍ ପ୍ରୋଭିଜନାଲ ସିଟ୍ ଆବଣ୍ଟନ ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୨୫ ତାରିଖ ସକାଳ ୯ଟାରୁ ୨୮ ତାରିଖ ସନ୍ଧ୍ୟା ୭ଟା ମଧ୍ୟରେ (ଛୁଟିଦିନକୁ ବାଦ୍ ଦେଇ) ନାମ ଲେଖାଇବେ।

ସେହିପରି ପିଜି ପାଠ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସରିଥିବାବେଳେ ୨୨ ତାରିଖ ଅପରାହ୍ନ ୨ଟାରେ ତୃତୀୟ ପର୍ଯ୍ୟାୟ ମେରିଟ ଲିଷ୍ଟ ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରୀଛାତ୍ର ୨୩ ତାରିଖ ସକାଳ ୯ଟାରୁ ୨୫ତାରିଖ ସନ୍ଧ୍ୟା ୫ଟା ଭିତରେ ନାମ ଲେଖାଇବେ। ୩୧ ତାରିଖ ଅପରାହ୍ନ ୨ଟାରେ ୪ର୍ଥ ରାଉଣ୍ଡ୍ ନିମନ୍ତେ ପ୍ରୋଭିଜନାଲ ସିଟ୍ ଆବଣ୍ଟନ ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ସେପ୍ଟେମ୍ବର ୧ ସକାଳ ୯ଟାରୁ ୪ ତାରିଖ ସନ୍ଧ୍ୟା ୫ଟା(ଛୁଟିଦିନ ବାଦ୍‌ଦେଇ) ଭିତରେ ନାମ ଲେଖାଇବେ। ତେବେ ନାମଲେଖା ଭିତରେ ପାଠପଢ଼ା ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ସେପ୍ଟେମ୍ବରରୁ ଅନନ୍ତଶୟନ ବିକାଶ କାର୍ଯ୍ୟ

**ପରଜଙ୍ଗ, ୨୦।୮ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ସରାଙ୍ଗ ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ ନବମ ଶତାବ୍ଦୀର ଐତିହାସିକ କୀର୍ତ୍ତିରାଜି ଅନନ୍ତଶୟନ ପୀଠ ଏବଂ କୁଆଳୋସ୍ଥିତ ଅଷ୍ଟଶମ୍ଭୁ ମନ୍ଦିର ଉନ୍ନତୀକରଣ ନିମନ୍ତେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଭାରତୀୟ ତୈଳ ନିଗମ ପକ୍ଷରୁ ଏଥିଲାଗି ଅର୍ଥ ଅଟକଳ କରାଯାଇଛି। ଆସନ୍ତା ସେପ୍ଟେମ୍ବରରୁ ଅନନ୍ତଶୟନ ପୀଠର ସୁରକ୍ଷା କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଏଏସ୍‌ଆଇ ଡିଜି କେ.କେ. ବାସା। ଢେଙ୍କାନାଳ ଜିଲା ଗସ୍ତରେ ଆସିଥିବା ଏଏସ୍‌ଆଇ ଡିଜି ରବିବାର ଅପରାହ୍ନରେ ଉଭୟ ପୀଠ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଅତିରିକ୍ତ ଜିଲାପାଳ ରମେଶ ସେଠୀ, ଏଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ପରଜଙ୍ଗ ତହସିଲଦାର ଏସ୍. ଶୁଭ୍ରା ପଟେଲ, ବିଡିଓ ମନ୍ମଥ ନାୟକ, ଥାନାଧିକାରୀ ପ୍ରଶାନ୍ତ ପାତ୍ରଙ୍କ ସମେତ ଏଏସ୍‌ଆଇ ଏବଂ ଏନ୍‌ଏମ୍‌ଏର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।



# ବିଶ୍ୱସ୍ତରୀୟ ହେବ କପିଳାସ ପୀଠ

**ଢେଙ୍କାନାଳ, ୨୦।୮ (ରତନ ନାୟାର)**

- ସୁରକ୍ଷା ଜରୁରୀ: ଏଏସ୍‌ଆଇ ଡିଜି
- ମନ୍ଦିର ଉନ୍ନୟନ କାମ ଆରମ୍ଭ ହୋଇଛି
- ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ଅଗ୍ରାଧିକାର

କପିଳାସ କ୍ଷେତ୍ରାଧିପତି ମହାଦେବ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ପୀଠକୁ ବିଶ୍ୱସ୍ତରୀୟ ଆଧ୍ୟାତ୍ମିକ ସ୍ଥଳୀରେ ପରିଣତ କରାଯିବ। ଏଥିଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ଅଗ୍ରାଧିକାର ଦେଇ ଆବଶ୍ୟକ ଉନ୍ନତିମୂଳକ କାର୍ଯ୍ୟ କରାଯିବ। ରାଜ୍ୟ ସରକାର, ଜିଲା ପ୍ରଶାସନ ପକ୍ଷରୁ ଗଠନମୂଳକ ପ୍ରସ୍ତାବ ଆସିଲେ ଏହାକୁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ଡାଇରେକ୍ଟର ଜେନେରାଲ (ଡିଜି) ତଥା ନ୍ୟାଶନାଲ ମନୁମେଣ୍ଟ ଅଥରିଟି (ଏନ୍‌ଏମ୍‌ଏ)ର ଅଧ୍ୟକ୍ଷ କେ.କେ. ବାସା। ରବିବାର ଦିନିକିଆ ଢେଙ୍କାନାଳ ଗସ୍ତରେ ଆସି କପିଳାସ ପୀଠ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ସେ ମନ୍ଦିରର ସ୍ଥିତି, ସୁରକ୍ଷା, ରକ୍ଷଣାବେକ୍ଷଣ, ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଏଏସ୍‌ଆଇ ଡିଜି, ଏନ୍‌ଏମ୍‌ଏ ଏଡିଜି ଭୀମା ଆଜ୍‌ମୀରା, ଏଏସ୍‌ଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଜି.ବି. ଗଡନାୟକ, ଭୁବନେଶ୍ୱର ସର୍କଲ ମୁଖ୍ୟ ସୁଶାନ୍ତ କୁମାର କର, ବିଶେଷଜ୍ଞ ରଞ୍ଜନା ପୁଷ୍କରଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ ପୂର୍ବାହ୍ନ ୧୦ଟା ୪୦ରେ କପିଳାସରେ ପହଞ୍ଚିଥିଲେ। ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ଉପସ୍ଥିତିରେ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପୀଠର ସୁରକ୍ଷା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଏସ୍‌ଆଇ ଡିଜି ବାସା କହିଲେ, ବିଶ୍ୱପ୍ରସିଦ୍ଧ କପିଳାସ ପୀଠର ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ଏହି ପ୍ରାଚୀନ ମନ୍ଦିରର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଜରୁରୀ ହୋଇପଡ଼ିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ବିଷୟରେ ଆଲୋଚନା କରିବା ସହ ପୀଠ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ପରାମର୍ଶ ଦେଇଥିଲେ। ଏଏସ୍‌ଆଇ, ଏନ୍‌ଏମ୍‌ଏର ବିଶେଷଜ୍ଞମାନେ ସ୍ଥିତି ସମୀକ୍ଷା କରି ମନ୍ଦିର ସୁରକ୍ଷା ଦିଗରେ କାର୍ଯ୍ୟ କରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ପୁରାତନ କାଠକାମକୁ ଭଲ ଭାବେ ଯାଞ୍ଚ କରି ମରାମତି କରାଯିବ। ୧୩୫୨ ପାହାଚ ମଧ୍ୟରୁ ୨୪୦ଟିର ମରାମତି ଏଏସ୍‌ଆଇ ଦ୍ୱାରା ଶେଷ ହୋଇଛି। ଅବଶିଷ୍ଟ ପାହାଚଗୁଡ଼ିକୁ ମଧ୍ୟ ମରାମତି କରାଯିବ। ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶୌଚାଳୟ, ପାନୀୟଜଳ ଏବଂ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏଏସ୍‌ଆଇ ଡିଜି ବାସା ଠାକୁରଙ୍କ ଗର୍ଭଗୃହ, ଜଗମୋହନ ସମେତ ମା' ପାର୍ବତୀଙ୍କ ମନ୍ଦିରର ବିପଦସଙ୍କୁଳ ଛାତ ବୁଲି ଦେଖିଥିଲେ। ପୂଜକ ନିରଞ୍ଜନ ମହାପାତ୍ର ମନ୍ଦିର ଚୂଡ଼ାରେ ହୋଇଥିବା ଫାଟ ଦେଖାଇଥିଲେ। ଏଥିସହ ମନ୍ଦିର ଗୋଟିଏ ପାର୍ଶ୍ୱକୁ ଦବୁଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ଦିର ଚାରିପଟେ ସୁରକ୍ଷା ପାଚେରି ନିର୍ମାଣ କରିବା ପାଇଁ ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀ ନିବେଦନ କରିଥିଲେ। ବର୍ଷା ପରେ ସମସ୍ତ କାର୍ଯ୍ୟ କରାଯିବ। ରାଜ୍ୟ ସରକାରଙ୍କ ସହାୟତାରେ ଜିଲା ପ୍ରଶାସନ ମନ୍ଦିର ପରିସରରେ କୌଣସି ଉନ୍ନୟନ କାର୍ଯ୍ୟ କରିବାକୁ ଚାହିଁଲେ ଏଥିଲାଗି ବ୍ୟୟ ଅଟକଳ କରି ଜଣାଇବାକୁ ପଡ଼ିବ। ଅନୁଧ୍ୟାନ କରିବା ପରେ ନିର୍ମାଣ ସମ୍ପର୍କିତ ଅନୁମତି ଦିଆଯିବ ବୋଲି ଏଏସ୍‌ଆଇ ଡିଜି ପ୍ରତିଶ୍ରୁତି ଦେଇଛନ୍ତି।

ଜିଲାପାଳ ସେଠୀ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କପିଳାସ ପୀଠର ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୦କୋଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୪ କୋଟି ୬୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଜଗମୋହନ ଏବଂ ମା' ପାର୍ବତୀଙ୍କ ମନ୍ଦିରରୁ ପାଣି ଗଳିବା ସମ୍ବେଦନଶୀଳ ବିଷୟ। ଏଥିପ୍ରତି ଏଏସ୍‌ଆଇ ଗୁରୁତ୍ୱ ଦେବାକୁ ଜିଲାପାଳ ନିବେଦନ କରିଛନ୍ତି। ଅନ୍ୟପଟେ ମନ୍ଦିର ବାହାରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ଉନ୍ନୟନ କାର୍ଯ୍ୟରେ ଏଏସ୍‌ଆଇ ଡିଜି ସନ୍ତୋଷ ବ୍ୟକ୍ତକରିଛନ୍ତି। ସମୀକ୍ଷା ପରେ ଏଏସ୍‌ଆଇ ଡିଜି ସସ୍ତ୍ରୀକ ଶ୍ରୀ ଚନ୍ଦ୍ରଶେଖର ଜୀଉ ଓ ମା' ପାର୍ବତୀଙ୍କୁ ଦର୍ଶନ କରିବା ସହ ପାହାଚ ରାସ୍ତା ପରିଦର୍ଶନ କରିଥିଲେ। ସେଠାରୁ କାମାକ୍ଷାନଗର ବ୍ଲକ ହାତୁଆରୀସ୍ଥିତ ରାମିଆଳ ନଦୀ ଶଯ୍ୟାରେ ଥିବା କପିଳେଶ୍ୱର ଶୈବପୀଠ, ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ବ୍ରାହ୍ମଣୀ ନଦୀ କୂଳରେ ଥିବା ପ୍ରାଚୀନ ଅନନ୍ତଶୟନ ଓ କୁଆଳୋ ଅଷ୍ଟଶମ୍ଭୁ ମନ୍ଦିର ପରିଦର୍ଶନ କରି ସୁରକ୍ଷା ଓ ରକ୍ଷଣାବେକ୍ଷଣ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲା ଦେବୋତ୍ତର ବିଭାଗ ଅତିରିକ୍ତ ଅଧିକାରୀ ହରିହର ପଞ୍ଝିଆରି, ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ଗଁଦିଆ ବିଡିଓ ଆଶିଷ ରଞ୍ଜନ ସାହୁ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ତାଳଚେରର ଏକ ହୋଟେଲରେ ବିଭାଗୀୟ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏଏସଆଇ ଅଧୀନ ଦେବାଳୟଗୁଡ଼ିକର ରକ୍ଷଣାବେକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ। ଦେବୋତ୍ତର ବିଭାଗର ସୂଚନା ଅନୁଯାୟୀ ଏବେକାର କପିଳାସ ମନ୍ଦିର ୧୨୩୯ ମସିହାର। ୨୦୦୪ରେ ଏଏସ୍‌ଆଇ ଏହାକୁ ନିଜ ଅଧୀନକୁ ନେଇଛି।



ଏଏସ୍‌ଆଇ ଡିଜିଙ୍କର କପିଳାସ ପୀଠ ପରିଦର୍ଶନ ଓ ସମୀକ୍ଷା।






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାଡ଼ ପିତୃକାର୍ଯ୍ୟ,**
**କର ରାଜକାର୍ଯ୍ୟ।**

ପିତୃଋଣ ଶୁଝି ହୋଇ ନ ଥାଏ। ପ୍ରତ୍ୟେକ ବ୍ୟକ୍ତି ପାଇଁ ନିଜ ମାତାପିତା ତଥା ଘର ପରିବାର ପ୍ରତି କିଛି ଦାୟିତ୍ୱବୋଧ ରହିଥାଏ। କିନ୍ତୁ ଏହାଠାରୁ କାହିଁ କେତେଗୁଣ ଅଧିକ ଦାୟିତ୍ୱ ରହିଥାଏ ଦେଶ ପ୍ରତି। ଦେଶ ସେବାରେ ନିଜକୁ ନିୟୋଜିତ କରିବା ତଥା ଜୀବନକୁ ଉତ୍ସର୍ଗ କରିବା ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଅତି ଜରୁରୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛୋଟ ତାଳ ଗଛ ଲମ୍ୱା ବରଡ଼ା,**
**ଜିକି ଜିକି ପଡେ ଝରା;**
**ଅବୁଝା ନାରୀକି କିସ ବୁଝେଇବି,**
**ମାଗୁଛି ସରଗ ତରା।**

ଅସମ୍ଭବ ଅପ୍ରାପ୍ୟ ନିଶ୍ଚୟ। ଦୁର୍ଲଭ ଦ୍ରବ୍ୟ ପ୍ରତି ଆଗ୍ରହ ଯେ ବୃଥା ଏ କଥା ଅନେକେ ସ୍ୱୀକାର କରି ନଥାନ୍ତି। ଆକାଶରୁ ତାରା ତୋଳି ଆଣିବାକୁ ଅଡ଼ିବସିବା ଭଳି ଅବୁଝା ନାରୀଙ୍କୁ ବୁଝାଇବା କଷ୍ଟକର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମନ୍ଦିର ପୂଜା ସାରି ଟଳିପଡ଼ିଲେ ପୂଜକ

ନରସିଂହପୁର,୨୦।୮(ନିରଞ୍ଜନ ଦେବକୁମାର)

ଶିବ ମନ୍ଦିରରେ ପୂଜା ସାରି କବାଟ ବନ୍ଦ କରୁଥିବାବେଳେ ପୂଜକଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି କଟକ ଜିଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଅଲରା ଗ୍ରାମର ଶିବ ମନ୍ଦିରରେ। ମୃତକ ହେଲେ ପତଣ୍ଡା ଗ୍ରାମର ସୁଧୀର ନନ୍ଦ (୪୫)। ସେ ଅଲରା ଗ୍ରାମରେ ଥିବା ଏକ ବ୍ୟକ୍ତିଗତ ଶିବ ମନ୍ଦିରରେ ଦୀର୍ଘଦିନ ହେବ ପୂଜା କରି ଆସୁଥିଲେ। ରବିବାର ସକାଳୁ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରୁଥିବାବେଳେ ଅସୁସ୍ଥତା ଅନୁଭବ କରିଥିଲେ। ଏନେଇ ସେ ମନ୍ଦିର ମାଲିକଙ୍କୁ ଖବର ଦେଇଥିଲେ। ମନ୍ଦିର ମାଲିକ ମନ୍ଦିର ନିକଟରେ ପହଞ୍ଚିବାବେଳକୁ ସୁଧୀର ପୂଜାକାର୍ଯ୍ୟ ସାରି ମନ୍ଦିର କବାଟ ବନ୍ଦ କରୁଥିଲେ। ଏହି ସମୟରେ ହଠାତ୍ ତଳେ ପଡିଯାଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୁଧୀରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ତେଲପେଡ଼ା ମେଶିନରେ ଛିଣ୍ଡିଗଲା ହାତ

ଛେଣ୍ଡିପଦା,୨୦।୮(ଅଜିତ୍ ଧଳ)

ମେଶିନରେ ତେଲ ପେଡୁଥିବାବେଳେ ଅସାବଧାନତା ଯୋଗୁ ଜଣେ ଯୁବକଙ୍କ ହାତ କଟିଯାଇଛି। ସେ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବ୍ରାହ୍ମଣବିଲ ପଞ୍ଚାୟତ ସଦରର ବିକ୍ରମ ସାହୁ।

ଘଟଣାରୁ ଜଣାପଡ଼ିଛି, ବିକ୍ରମ ରବିବାର ଅପରାହ୍ନରେ ସବୁଦିନ ପରି ନିଜ ମିଲକୁ ଯାଇଥିଲେ। ଏହି ସମୟରେ ଗ୍ରାମର ଜଣେ ବ୍ୟକ୍ତି ତେଲ ପେଡିବା ପାଇଁ ଆସିଥିଲେ। ତେବେ ମେଶିନ ଚଳାଉଥିବା କର୍ମଚାରୀ ନ ଥିବାରୁ ବିକ୍ରମ ନିଜେ ମେଶିନ ଚଳାଇ ତେଲ ପେଡୁଥିଲେ। ସେହି ସମୟରେ ସେ ହାତରେ ପିନ୍ଧିଥିବା ବଳାଟି ମେଶିନରେ ଲାଗି ଯାଇଥିଲା। ଫଳରେ ହାତଟି କହୁଣି ନିକଟରୁ ଛିଣ୍ଡି ଅଲଗା ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେଠାରୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ରୋବୋସ୍ମାର୍ଟ କମ୍ପାନୀର ନିର୍ଦ୍ଦେଶକ ଗିରଫ

## ଫ୍ରାଞ୍ଚାଇଜ୍ ଦେବା ଆଳରେ ଠକେଇ

ଭୁବନେଶ୍ୱର,୨୦।୮(ସୂର୍ଯ୍ୟକାନ୍ତ ବେହେରା)



ଜଗଦୀଶ ପାରିକା

ସାଢ଼େ ୯ ଲକ୍ଷରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ରୋବୋସ୍ମାର୍ଟ ଲ୍ୟାବ ପ୍ରା.ଲି.ର ମାଲିକ ତଥା ନିର୍ଦ୍ଦେଶକଙ୍କୁ ଗିରଫ କରିଛି। ସେ ହେଲେ ରାଜସ୍ଥାନର ଜଗଦୀଶ ପାରିକା। ଏନେଇ ପୋଲିସ ଏକ ମାମଲା (ନଂ ୨୮୪/୨୩) ରୁଜୁ କରି ଜଗଦୀଶଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅଭିଯୁକ୍ତ ଜଗଦୀଶ ପୂର୍ବରୁ ପଶ୍ଚିମବଙ୍ଗ ପୋଲିସ ଦ୍ୱାରା ୨ଥର ଗିରଫ ହୋଇଥିବା ତଦନ୍ତ ବେଳେ ଜଣାପଡିଛି।

ସୂଚନାନୁସାରେ, ଜଗଦୀଶ ଓ ସହଯୋଗୀ ସୁଦ୍ଧିଧର ବିଭିନ୍ନ ରାଜ୍ୟରେ ସେମାନଙ୍କ କମ୍ପାନୀର ଫ୍ରାଞ୍ଚାଇଜ୍ ଖୋଲିବାକୁ ଲୋକଙ୍କୁ ପ୍ରବର୍ତ୍ତାଇଥିଲେ। ଏଥିପାଇଁ ସେମାନେ ଭୁବନେଶ୍ୱରକୁ ଆସି ଏକ ତାରକା ହୋଟେଲରେ ସଭାର ଆୟୋଜନ କରି ନିବେଶକଙ୍କ ବିଶ୍ୱାସ ହାସଲ କରିଥିଲେ। ଏହିପରିପ୍ରେକ୍ଷୀରେ ଅଭିଯୁକ୍ତ ଦ୍ୱୟ ଝାରସୁଗୁଡାରେ ରୋବୋଟିକ୍ସ ଶିକ୍ଷା ପାଇଁ ଫ୍ରାଞ୍ଚାଇଜ ଆରମ୍ଭ କରିବା ପାଇଁ ଲୋକଙ୍କଠାରୁ ପୁଞ୍ଜି ସଂଗ୍ରହ କରି ଠକେଇ କରିଥିଲେ। ଅଭିଯୋଗକାରୀ ୯ ଲକ୍ଷ ୬୬ ହଜାର ୬୬୬ ଟଙ୍କା ରୋବୋସ୍ମାର୍ଟ କମ୍ପାନୀକୁ ଦେୟ ଦେବା ସତ୍ତ୍ୱେ ଉକ୍ତ ଶିକ୍ଷା ପାଇଁ କୌଣସି ବୈଷୟିକ ସହାୟତା ଓ ସାମଗ୍ରୀ ଯୋଗାଇ ଦିଆଯାଇ ନ ଥିଲା। ଠକାମିର ଶିକାର ହେବା ଜାଣିବା ପରେ ସେ ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ।

# ଡିସେମ୍ବର ସୁଦ୍ଧା ପ୍ରତି ଘରେ ପାଇପ୍ ପାଣି



ଝାରସୁଗୁଡାରେ ରବିବାର ୫- ଟି ସଚିବ ଭି.କେ. ପାଣ୍ଡିଆନ ଅପେକ୍ଷାରତ ମହିଳାମାନଙ୍କ ସହ ଆଲୋଚନା କରୁଛନ୍ତି।

ସମ୍ବଲପୁର/ବ୍ରଜରାଜନଗର ,୨୦।୮ (ଶୁଭାଶିଷ ପାଢ଼ୀ/ବିଜୟ କୁମାର ବରାଡ)

**ଝାରସୁଗୁଡ଼ା ଗସ୍ତରେ ୫-ଟି ସଚିବ**
- କଠିନ ପରିଶ୍ରମର ବିକଳ୍ପ ନାହିଁ: ପାଣ୍ଡିଆନ
- ଭାଜପା, କଂଗ୍ରେସ କର୍ମୀ ଅଟକ

ରବିବାର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଦିନିକିଆ ଝାରସୁଗୁଡା ଜିଲା ଗସ୍ତ କରିଥିଲେ। ପ୍ରଥମେ ବ୍ରଜରାଜନଗରର ରାମଚଣ୍ଡୀ ମନ୍ଦିର ଦର୍ଶନ କରି ସେଠାରେ ପୂଜକ, ମନ୍ଦିର ଟ୍ରଷ୍ଟିଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଲଇକେରା ବ୍ଲକର ଜଙ୍ଗା ଲିଙ୍ଗା ମନ୍ଦିର ମଧ୍ୟ ପରିଦର୍ଶନ କରିଥିଲେ। ଉଭୟ ମନ୍ଦିରର ସାମଗ୍ରିକ ବିକାଶ, ପର୍ଯ୍ୟଟନ ସୁବିଧା ପାଇଁ ମାଷ୍ଟର ପ୍ଲାନ କରିବାକୁ ଅଧିକାରୀଙ୍କୁ କହିଥିଲେ। ଲଖନପୁର ବ୍ଲକରେ ଚାଲୁଥିବା ଦୁଇଟି ମେଗା ଉଠା ଜଳସେଚନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଝାରସୁଗୁଡା, କିର୍ମିରା, କୋଲାବିରା, ଲଇକେରା ଏବଂ ଲଖନପୁର ବ୍ଲକରେ ବ୍ରଜରାଜନଗର ଓ ବେଲପାହାଡ ପୌରପାଳିକାରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଶେଷ ହୋଇଯିବ। ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାଣି ପହଞ୍ଚିବ ବୋଲି ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ କହିଥିଲେ। ସଭାରେ ଅଭିଯୋଗ ଶୁଣି ଜନସାଧାରଣଙ୍କ ସହ କଥା ହୋଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ରାଜ୍ୟର ସାମଗ୍ରିକ ବିକାଶ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାଥମିକତା ଦେଇଛନ୍ତି। ଅନେକ ପ୍ରକଳ୍ପ ହାତକୁ ନିଆଯାଇଛି। ଯାହା ଅଭିଯୋଗ ଆସିଛି ସବୁ ପର୍ଯ୍ୟାୟକ୍ରମେ ସମାଧାନ କରାଯିବ ବୋଲି ସେ କହିଥିଲେ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ପୁରୁଷମାନଙ୍କ ପାଇଁ ୫ ଲକ୍ଷ ଓ ମହିଳାଙ୍କ ପାଇଁ ୧୦ ଲକ୍ଷ ପ୍ରତିବର୍ଷ ବ୍ୟବସ୍ଥା ରହିଛି। ଚାଷୀଙ୍କ ପାଇଁ ବିନା ସୁଧରେ ଋଣ ଦେବା ସହ ଏବେ ଫସଲ ବୀମା ପ୍ରିମିୟମ ରାଶି ମଧ୍ୟ ସରକାର ବହନ କରୁଛନ୍ତି। କୋଲାବିରା ଓ ଲଖନପୁରରେ ମେଗା ପ୍ରକଳ୍ପ ଦ୍ୱାରା ୧୦ ହଜାର ହେକ୍ଟର ଚାଷ ଅଧିକ ହେବ। ଏହି ସଭାରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ ଯେ, କଠିନ ପରିଶ୍ରମ କରିବାକୁ ପଡିବ। ଏହାର ବିକଳ୍ପ ନାହିଁ। ନିଶ୍ଚିତ ଭାବେ ସଫଳ ହୋଇ ପାରିବେ। ଆଜି ଯେଉଁମାନେ ଉଚ୍ଚ ପଦରେ ରହିଛନ୍ତି ସେମାନଙ୍କ ପରିଶ୍ରମର ଉଦାହରଣ ରହିଛି ବୋଲି ସଭାରେ କହିଥିଲେ। ପରେ ପ୍ରଶାସନର ଅଧିକାରୀଙ୍କ ସହିତ ହୀରାକୁଦ ଜଳଭଣ୍ଡାରର ପାରିପାର୍ଶ୍ୱରେ ଅବସ୍ଥିତ ୧୯ଟି ଅସୁରକ୍ଷିତ ଗ୍ରାମଗୁଡିକର ସର୍ଭେ ଏବଂ ସେଟଲେମେଣ୍ଟ ଅପରେଶନର ଅଗ୍ରଗତି ସମୀକ୍ଷା କରିଥିଲେ। ଗସ୍ତକୁ ଆଖି ଆଗରେ ରଖି ଭାଜପା ଓ କଂଗ୍ରେସ କର୍ମୀଙ୍କୁ ପୂର୍ବରୁ ଥାନାରେ ଅଟକ ରଖାଯାଇଥିଲା। ଏହି ଗସ୍ତକୁ ବିରୋଧ କରି ଭାଜପା କର୍ମୀମାନେ କଳା ଡ୍ରେସ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭିନ୍ନ ସ୍ଥାନରେ ପାଣ୍ଡିଆନ ଗୋ- ବ୍ୟାକ୍‌ର ପୋଷ୍ଟର ଲାଗିଥିଲା। ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ୫-ଟି ସଚିବ ସମସ୍ୟା ବୁଝି ଛାଡ଼ି ଦେଇଥିବାରୁ ଧନ୍ୟବାଦ: ଭାସ୍କର

କଣାସ,୨୦।୮(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା ସତ୍ୟବାଦୀସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ (ୟୁଜିଏସ୍ଏମ୍) ଖେଳ ପଡ଼ିଆରେ ଶନିବାର ଅନୁଷ୍ଠିତ ଏକ ସମାବେଶରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଯୋଗଦେବାକୁ ଯାଉଥିବା ବେଳେ ଜଣେ ବ୍ୟକ୍ତି ତାଙ୍କ ଉପରକୁ କାଳିମାଡ଼ କରିଥିଲେ। କାଳିମାଡ଼ କରିଥିବା କଣାସ ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମର ଭାସ୍କର ଚନ୍ଦ୍ର ସାହୁଙ୍କୁ ପୋଲିସ ନିଜ ହେପାଜତକୁ ନେବା ସହିତ ପଚରାଉଚରା କରିଥିଲା। ପରେ ବ୍ୟକ୍ତିଗତ ମୁଚାଲିକାରେ ପୋଲିସ ଭାସ୍କରଙ୍କୁ ଛାଡ଼ିଦେଇଛି।

ଏ ସମ୍ପର୍କରେ ଭାସ୍କର କହିଛନ୍ତି, ଦୟା ନଦୀକୁ ଗଙ୍ଗୁଆ ନାଳ ମାଧ୍ୟମରେ ବିଷାକ୍ତ ଜଳକୁ ନ ଛାଡିବା ପାଇଁ ଭୁବନେଶ୍ୱର ମହାନିଗମ ଅଧିକାରୀ, ଡେଲାଙ୍ଗ ଓ କଣାସ ବ୍ଲକରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପୃଥକ ଭାବେ ଦାବିପତ୍ର ଦେଇଥିଲି। ଏପରିକି ସତ୍ୟବାଦୀ ବିଧାୟକଙ୍କୁ ମଧ୍ୟ ଦାବି ଜଣାଇଥିଲି। ସେହିପରି ଅଡାଲଠାରୁ ହରିପୁର ସରସ୍ୱତୀ ନଗର ପର୍ଯ୍ୟନ୍ତ ଯାଇଥିବା ମକରା ନଦୀ ବନ୍ଧ ଜଳସେଚନ ବିଭାଗର ହୋଇଥିବାରୁ ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରି ରାସ୍ତା କାମ କରିବା ଓ ଜଳିଆପଡାଠାରେ ପ୍ରତିଷ୍ଠିତ ବିଦ୍ୟୁତ୍ ସବ୍‌ଷ୍ଟେଶନକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ବିଧାୟକ ଏବଂ ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲି। ତେବେ ଏହା ଉପରେ କୌଣସି ପଦକ୍ଷେପ ନ ନିଆଯିବାରୁ ଅସନ୍ତୋଷ ପ୍ରକାଶ କରି ୫-ଟି ସଚିବଙ୍କ ଉପରକୁ କାଳିପକାଇଥିଲି। କୌଣସି ରାଜନୈତିକ ପ୍ରରୋଚନାରେ ଏହା କରିନାହିଁ। ୫-ଟି ସଚିବ ସମସ୍ୟା ବୁଝି ଛାଡ଼ିଦେଇଥିବାରୁ ସାଧୁବାଦ ଜଣାଉଛି ବୋଲି ସେ ପ୍ରକାଶ କରିଛନ୍ତି।

# ମାଷ୍ଟରମାଇଣ୍ଡଙ୍କୁ ଗିରଫ କଲା ଏସ୍‌ଟିଏଫ୍

## ନକଲି ସୂଚନା ଅଧିକାରୀଙ୍କ ଠକେଇ ରାକେଟର ଗୁମର ଖୋଲୁଛି

- ଭୁବନେଶ୍ୱରରେ ରହି ମଦ ବ୍ୟବସାୟ ସହ ରାକେଟ ଚଳାଉଥିଲେ
- ଠକେଇ ଟଙ୍କାରେ ଥାଇଲାଣ୍ଡ ବୁଲି ନିକଟରେ ଘରକୁ ଫେରିଥିଲେ

ଭୁବନେଶ୍ୱର,୨୦।୮(ସତ୍ୟଜିତ୍ ରାଉତ)

ସୂଚନା ଅଧିକାରୀ କର୍ମୀ ପରିଚୟରେ ଲୋକମାନଙ୍କୁ ଚାକିରି ପ୍ରଲୋଭନ ସହ ବିଭିନ୍ନ ସରକାରୀ କାମ କରାଇଦେବାର ପ୍ରତିଶ୍ରୁତି ଦେଇ କରାଯାଇଥିବା ବଡ଼ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଅଧିକ ଖୋଳତାଡ଼ କରୁଛି। ଏସ୍‌ଟିଏଫ୍ ଏହି ରାକେଟ୍‌ର ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଗିରଫ ଅଭିଯୁକ୍ତ ହେଲେ ଭୁବନେଶ୍ୱର ଅନ୍ଧାରୁଆରେ ରହୁଥିବା ଖୋର୍ଦ୍ଧା ଜିଲା ଟାଙ୍ଗି ଅଞ୍ଚଳର କାହ୍ନୁ ଚରଣ ପ୍ରଧାନ। ତାଙ୍କଠାରୁ ଦାମୀ ମୋବାଇଲ, ନକଲି ସରକାରୀ ନିର୍ଦ୍ଦେଶନାମା ଏବଂ ଅନ୍ୟାନ୍ୟ ଦସ୍ତାବିଜ୍ ଜବତ ହୋଇଛି। କାହ୍ନୁଙ୍କୁ ଶନିବାର ଗିରଫ ପରେ କୋରାପୁଟ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ କିଶୋର କୁମାର ମିଶ୍ରଙ୍କୁ ଗିରଫ କରାଯାଇଥିବା ବେଳେ ଶୁକ୍ରବାରଠୁ ସେ ଜେଲରେ ଅଛନ୍ତି। ଏହି ରାକେଟ୍‌ର ଆହୁରି ଅନେକ ସମ୍ପୃକ୍ତ ଥିବାରୁ କିଶୋର ଓ କାହ୍ନୁଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ପାଇବାକୁ ଏସ୍‌ଟିଏଫ୍ ଯୋଜନା କରୁଛି।

ମାଷ୍ଟରମାଇଣ୍ଡ କାହ୍ନୁ ସ୍ନାତକ ପଢ଼ିଛନ୍ତି। ସେ ପୂର୍ବରୁ ମଦ ବ୍ୟବସାୟ କରିବା ସହ ଭୁବନେଶ୍ୱରରେ ରହି ପୂରା ରାକେଟ ଚଳାଉଥିଲେ। କାହ୍ନୁଙ୍କ ନାମରେ ପୂର୍ବରୁ ୪ଟି ମାମଲା ଥିବା ତଦନ୍ତବେଳେ ଜଣାପଡିଛି। ସେ ନିଜକୁ ଓଡ଼ିଶା ସରକାରଙ୍କ ସଚିବ ଓ ଅତିରିକ୍ତ ସଚିବ ବୋଲି ପରିଚୟ ଦେଇ ବିଶ୍ୱାସ ଜନ୍ମାଇବା ସହ ଠକେଇ କରୁଥିଲେ। ଗଣମାଧ୍ୟମରେ ବିଜ୍ଞାପନ ଦେବା ସହ ଏଜେଣ୍ଟଙ୍କ ସହଯୋଗରେ ଲୋକଙ୍କ ପାଖରେ ପହଞ୍ଚୁଥିଲେ। ଠକେଇ ଟଙ୍କାରେ ବିଦେଶ ବୁଲୁଥିଲେ। ତେବେ ସେ କିଛି ମାସ ତଳେ ଥାଇଲାଣ୍ଡ ଚାଲିଯାଇଥିଲେ। ନିକଟରେ ସେ ଓଡ଼ିଶା ଫେରି ଘରେ ଥିବା ନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ତାଙ୍କୁ କାବୁ କରିଥିଲା। ତେବେ କାହ୍ନୁଙ୍କ ଆକାଉଣ୍ଟରେ ବିପୁଳ ଟଙ୍କା ରହିଥିବା ସୂଚନା ପାଇବା ପରେ ଏସ୍‌ଟିଏଫ୍ ଏନେଇ ମଧ୍ୟ ଖୋଳତାଡ଼ କରୁଛି।

ଗତ ମାର୍ଚ୍ଚ ୨୫ରେ ଅଭିଯୁକ୍ତ କିଶୋରଙ୍କୁ କୋରାପୁଟ ସଦର ଥାନାର ତତ୍କାଳୀନ ଥାନାଧିକାରୀ ଧୀରେନ ପଟ୍ଟନାୟକ ଧରିଥିଲେ। ପଚରାଉଚରା ପରେ ଏନେଇ ନିଜଆଡ୍ରୁ ଏକ ଠକେଇ ମାମଲା (ନଂ.୧୨୨/୨୦୨୩) ରୁଜୁ କରି ତାଙ୍କୁ ନୋଟିସ୍ ଦେଇ ଛାଡ଼ିଥିଲେ। ଏହାପରେ ବିଭିନ୍ନ ସ୍ଥାନରୁ ଏକାଧିକ ଠକେଇ ଅଭିଯୋଗ ଆସିବା ପରେ କ୍ରାଇମବ୍ରାଞ୍ଚ ଏକ ମାମଲା (ନଂ.୧୫/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି।

**ପ୍ରଥମ ପୃଷ୍ଠାରୁ...**

### ପୁଅ ହିନ୍ଦୁ ଯୁବତୀଙ୍କୁ...

ନେଇଯାଇଥିଲେ। ଏହି ମାମଲାର ବିଚାର କରାଯାଇ ସୌକତଙ୍କୁ ଜେଲଦଣ୍ଡ ମିଳିଥିଲା। ସେ ଜେଲରୁ ମୁକୁଳିବା ପରେ ଗତ ଜୁନ୍‌ରେ ପୁଣି ରୁବିଙ୍କୁ ଅପହରଣ କରିନେଇ ବିବାହ କରିଥିଲେ। ଫଳରେ ରାମପାଲଙ୍କ ପରିବାରର ସଦସ୍ୟମାନେ ମୁସଲମାନ ଦମ୍ପତିଙ୍କୁ ଆକ୍ରମଣ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଗତ ଶୁକ୍ରବାର ସେମାନେ ଆକ୍ୱାସ ଦମ୍ପତିଙ୍କୁ ଲାଠି ଓ ଲୁହାରଡ୍‌ରେ ଆକ୍ରମଣ କରିବାରୁ ସେମାନଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

### ଚନ୍ଦ୍ରରେ ଧକ୍କା ହେଲା...

ହୋଇଥିବା ରୁଷିଆ ଲୁନା-୨୫ର ସଫଳ ଲ୍ୟାଣ୍ଡିଂ ଜରିଆରେ ସୋଭିଏତ୍ ଯୁଗର ଲୁନା କାର୍ଯ୍ୟକ୍ରମକୁ ଏକାକୀ ଆଗେଇ ନେବାର ଆଶା ରଖିଥିଲା। ଅଗଷ୍ଟ ୧୦ରେ ଏହି ମହାକାଶ ଯାନକୁ ଚନ୍ଦ୍ର ଅଭିମୁଖେ ପଠାଯାଇଥିଲା। ଆସନ୍ତା ସୋମବାର ଏହି ୮୦୦ କିଲୋଗ୍ରାମ ଓଜନ ବିଶିଷ୍ଟ ଲୁନା୨୫ ପ୍ରୋବ୍ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫ୍ଟ ଲ୍ୟାଣ୍ଡିଂ କରି ଇତିହାସ ସୃଷ୍ଟି କରିଥାନ୍ତା। ତେବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ ବିପଦପୂର୍ଣ୍ଣ ବୋଲି ରସ୍‌କସ୍‌ମସର ମୁଖ୍ୟ ୟୁରି ବୋରିସୋଭ୍ ଗତ ଜୁନ୍‌ରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଜଣାଇଥିଲେ। ଲୁନା-୨୫ ସଫଳ ହେବାର ୭୦ ପ୍ରତିଶତ ସମ୍ଭାବନା ରହିଥିବା ସେ କହିଥିଲେ। କେବଳ ୩ ଦେଶ ଆମେରିକା, ସୋଭିଏତ୍ ରୁଷ ଏବଂ ଚାଇନା ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ସଫଳ ହୋଇଛନ୍ତି। ତେବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଏପର୍ଯ୍ୟନ୍ତ କୌଣସି ଦେଶ ପହଞ୍ଚି ପାରି ନାହାନ୍ତି। ଦକ୍ଷିଣ ପାର୍ଶ୍ୱରେ ଅବତରଣ ପାଇଁ ଭାରତ ଏବଂ ରୁଷିଆ ପ୍ରଥମ ଦେଶ ଭାବେ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ୨୦୧୭ରେ ଭାରତର ଚନ୍ଦ୍ର ଦକ୍ଷିଣ ମେରୁରେ ଅବତରଣ ଉଦ୍ୟମ ବିଫଳ ହୋଇଥିଲା। ଏହାର ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ସଫ୍ଟ ଲ୍ୟାଣ୍ଡିଂ ବେଳେ ଚନ୍ଦ୍ର ପୃଷ୍ଠରେ ଖସିପଡ଼ିଥିଲା।

### ଅନ୍ଧବିଶ୍ୱାସରୁ ଯାଉଛି...

ହୋଇଥିଲା। ଅଭିଯୁକ୍ତ ବିଷ୍ଣୁବାବାଙ୍କୁ ଧରାଯିବା ବେଳେ ତାଙ୍କ ମୁହଁ ସାରା ରକ୍ତ ଲାଗିଥିଲା। ସେ ଏକ ବ୍ଲେଡ୍‌ରେ ନିଜ ଜିଭକୁ କାଟିବା ସହ ଅର୍ଜୁନ ବାବାଙ୍କ ରକ୍ତ ପିଇଥିବା ଜଣେ ପୋଲିସ କର୍ମଚାରୀ କହିଥିଲେ। ତନ୍ତ୍ରସାଧନ ପାଇଁ ସେ ଏହି କାଣ୍ଡ ଘଟାଇଥିବା କୁହାଯାଉଥିବା ବେଳେ ପୋଲିସ ଏହି ଦିଗକୁ ନେଇ ତଦନ୍ତ ଜାରି ରଖିଛି। ସେହିଭଳି ଗୁଣି ସନ୍ଦେହରେ ଜୁଲାଇ ୨୫ରେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଡିମିରିକୁଦା ଗ୍ରାମରେ ହତ୍ୟାକାଣ୍ଡ ଘଟିଥିଲା। ଗ୍ରାମର ଶୁକ୍ରୁ ମାଝି ଘରେ ତନ୍ତ୍ରସାଧନା କରୁଥିଲେ। ପଡ଼ୋଶୀ ସଞ୍ଜୁ ମାଝୀଙ୍କ ୪ବର୍ଷର ପୁଅର ମୃତ୍ୟୁ ପାଇଁ ଶୁକ୍ରୁଙ୍କୁ ଦାୟୀ କରାଯାଇଥିଲା। ଶୁକ୍ରଙ୍କୁ ସଞ୍ଜୁଙ୍କ ପରିବାର ଲୋକ କାଠଫାଳିଆ ଓ କୋଦାଳରେ ଆକ୍ରମଣ କରି ହତ୍ୟା କରିଥିଲେ। ଅନ୍ୟପଟେ ଜୁଲାଇ ୨୩ ରାତିରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ହରନବାବି-ବନ୍ତପାଟଣା ଗ୍ରାମରେ ଗୁଣିଗାରେଡ଼ି ପାଇଁ ବିଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ମଣିଚରଣ ତାଙ୍କ ବାଡ଼ିପଟେ ଗୁଣି କରି କିଛି ରଖିଥିବା ପଡ଼ୋଶୀ ସନ୍ଦେହ କରିଥିଲେ। ରାତିରେ ଶୋଇଥିବା ମଣିଚରଣଙ୍କୁ ପଡ଼ୋଶୀ ଅଜୁ ମହାରଣା ତାଙ୍କ ଦୁଇପୁଅଙ୍କ ସହ ମିଶି ଶାବଳ ଓ ଠେଙ୍ଗାରେ ଆକ୍ରମଣ କରି ହତ୍ୟା କରିଥିଲେ।

ଆଇନଜୀବୀ ଅଶୋକ ବଡ଼ପଣ୍ଡାଙ୍କ କହିବା କଥା, ଲାଗୁ ହୋଇଥିବା ଉକ୍ତ ଆଇନ ବିଷୟରେ ପ୍ରାୟ ଲୋକ ଜାଣନ୍ତି ନାହିଁ। ତେଣୁ ଗୁଣିଗାରେଡ଼ି ନେଇ ଆରମ୍ଭରୁ କେହି ଥାନାକୁ ଆସି ଅଭିଯୋଗ କରନ୍ତି ନାହିଁ। ଏନେଇ ସଚେତନ କରାଗଲେ ଲୋକେ ଆରମ୍ଭରୁ ଅଭିଯୋଗ କରିବେ ଏବଂ ଗୁଣିଗାରେଡ଼ି ଯୋଗୁ ହେଉଥିବା ହତ୍ୟାକୁ ରୋକାଯାଇପାରିବ। ଏଥିପାଇଁ ରାଜ୍ୟ ସରକାର ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଆଗକୁ ଆସି ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ ବୋଲି ସେ କହିଛନ୍ତି।

ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ବିଜ୍ଞାନ ଓ ଚିକିତ୍ସା ପଦ୍ଧତିରେ ଉନ୍ନତି ଘଟି ନ ଥିବା ସମୟରୁ ଗୁଣିଗାରେଡ଼ି ଆରମ୍ଭ ହୋଇଥିଲା। ଏବେ ବିଭିନ୍ନ ଅଞ୍ଚଳରେ ଲୋକଙ୍କ ପାଖରେ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଠିକ୍ ଭାବେ ପହଞ୍ଚୁପାରିନାହିଁ। ତେଣୁ ଲୋକମାନଙ୍କ ମଧ୍ୟରେ ପାରମ୍ପାରିକ ଅନ୍ଧବିଶ୍ୱାସ ଆଦି ରହିଛି। ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସହ ବିଜ୍ଞାନସମ୍ମତ ଦୃଷ୍ଟିଭଙ୍ଗୀର ପ୍ରସାର କରାଇପାରିଲେ ଏହି ଅନ୍ଧବିଶ୍ୱାସ କମି ଯିବ। ଏହା ବିରୋଧରେ ରହିଥିବା ଆଇନକୁ ଠିକ ଭାବେ କାର୍ଯ୍ୟକାରୀ କରାଯିବା ଦରକାର। କେବଳ ଆଇନ କରିଦେଲେ ଏହି ଅନ୍ଧବିଶ୍ୱାସ କମିବ ନାହିଁ। ସରକାର ବିଭିନ୍ନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ। ଉକ୍ତ ଆଇନକୁ ଅଧିକ ସମୀକ୍ଷା କରାଯାଇ କିଭଳି କାର୍ଯ୍ୟକାରୀ କରାଯାଇପାରିବ ସେଥିପ୍ରତି ସରକାର ଦୃଷ୍ଟି ଦେବା ଦରକାର ବୋଲି ସେ କହିଛନ୍ତି।

### ଖାର୍ଗେଙ୍କ ନୂଆ ଟିମ୍‌ରେ...

ନିୟମିତ ସଦସ୍ୟ ଭାବେ ସ୍ଥାନ ମିଳିଛି। ଅନ୍ୟ ନିୟମିତ ସଦସ୍ୟଙ୍କ ମଧ୍ୟରୁ ପ୍ରମୁଖ ଚେହେରାମାନେ ହେଲେ ଖାର୍ଗେ ଓ ସୋନିଆଙ୍କ ସମେତ ମନମୋହନ ସିଂ, ରାହୁଲ ଗାନ୍ଧୀ, ଅଧୀର ରଞ୍ଜନ ଚୌଧୁରୀ, ଏ.କେ. ଆଣ୍ଟୋନି, ଅମ୍ବିକା ସୋନି, ମୈରା କୁମାର, ଦିଗ୍‌ବିଜୟ ସିଂ, ପି. ଚିଦାମ୍ବରମ୍, ତାରିକ୍ ଅନ୍‌ୱର, ଆନନ୍ଦ ଶର୍ମା, ଅଜୟ ମାକେନ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ କୁମାରୀ ସେଲ୍‌ଜା। ଏହା ପୂର୍ବରୁ ସୋନିଆ ଅଧ୍ୟକ୍ଷା ଥିବାବେଳେ ୨୦୨୦ ସେପ୍ଟେମ୍ବର ୧୧ରେ ସିଡବ୍ଲୁସି ପୁନର୍ଗଠନ କରାଯାଇଥିଲା। ସଚିନ ପାଇଲଟ୍ ଏହି ଅବସରରେ କଂଗ୍ରେସ ହାଇକମାଣ୍ଡଙ୍କୁ କୃତଜ୍ଞତା ଜଣାଇବା ସହ ଦଳୀୟ ବିଚାରଧାରାକୁ ମଜଭୁତ କରିବା ପାଇଁ ଶପଥ ନେଇଛନ୍ତି। ସେହିପରି ଥରୁର କହିଛନ୍ତି, ଅଧିକ ସମାବେଶୀ ଭାରତ ଚାହୁଁଥିବା ଅଗଣିତ ଭାରତୀୟଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ସେ ଉଦ୍ୟମ ଜାରି ରଖିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପ୍ରତ୍ୟେକ କ୍ଷେତ୍ରରେ କଡ଼ା କଥା କହି ଅପ୍ରିୟତା କିମ୍ବା କଳହଜନିତ ଅଶାନ୍ତିର ସମ୍ଭାବନା ରହିଛି। ଦ୍ୱିଜା ନକ୍ଷତ୍ର ମନ ବୁଝିଲା ଭଳି କଥା କହି ପରିବାରର ଅବୁଝା ବ୍ୟକ୍ତିଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ ବହୁ ଲୋକଙ୍କ ମେଳରେ ଅଧିକାଂଶ ସମୟ କଟିବ। ଦୀର୍ଘ ସମୟ କାର୍ଯ୍ୟବ୍ୟସ୍ତ ରହି ଏକପ୍ରକାର କ୍ଳାନ୍ତି ଅନୁଭବ କରିପାରନ୍ତି।

**ବୃଷ**
କୌଣସି କ୍ଷେତ୍ରରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି। ଆର୍ଥିକ ଅନଟନ ମନସ୍ତାପର କାରଣ ହୋଇପାରେ। ଆତ୍ମୀୟସ୍ୱଜନମାନେ ସ୍ୱାର୍ଥସାଧନ ମାନସରେ ମନଗଢ଼ା କଥା କହି ପ୍ରଲୋଭିତ କରିପାରନ୍ତି। ରୋହିଣୀ ନକ୍ଷତ୍ରର ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ମିଥୁନ**
ଆଜି ଯୁଆଡ଼େ ଯାଆନ୍ତୁନା କାହିଁକି ଖାଲି ମନମତାଣିଆ କଥା, ହସଖୁସିର ପରିବେଶ ଭିତରେ ନିଜକୁ ହଜାଇ ଦେବେ। ମାତ୍ର ମୃଗଶିରା ନକ୍ଷତ୍ର ଆତ୍ମବଡ଼ିମା ପ୍ରକାଶ କରି ଉପହସିତ ହେବାକୁ ପଡ଼ିପାରେ। ଦୀର୍ଘ ଦିନ ହେଲା ଯାହା ଖୋଜୁଥିବେ ତାହା ନ ପାଇ ଅଶାନ୍ତ ରହିବେ। କଳା, ସାହିତ୍ୟ ଓ ସଙ୍ଗୀତ ତଥା ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କର୍କଟ**
ମାନସିକ ସ୍ଥିତି ଭଲ ନ ଥିବା କାରଣରୁ କୌଣସି କଥା ଭଲ ଲାଗିବ ନାହିଁ। କର୍ମକ୍ଷେତ୍ରରେ ଉପର ଅଧିକାରୀ ଆପଣଙ୍କ ଉପରେ ଖପ୍ପା ହୋଇପାରନ୍ତି। ସାମାଜିକ ସ୍ତରରେ ସୁଯୋଗର ସଦ୍‌ବ୍ୟବହାର କରିପାରିବା କଷ୍ଟକର ହୋଇପଡିବ। ପୁଷ୍ୟା ନକ୍ଷତ୍ର ଘରକୁ ଫେରିବା ବେଳକୁ କିଛି ମନୋରଞ୍ଜନ ଜିନିଷ କ୍ରୟ କରି ଆଣିପାରନ୍ତି।

**ସିଂହ**
ପରିବାରରେ ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରି ଚିନ୍ତା ସାଗରରେ ଭାସି ବୁଲିବେ। ଏଣେ ପିଲାଙ୍କ ଜଞ୍ଜାଳ, ତେଣେ ନିଜର ସଉକ ପରସ୍ପର ବିପରୀତ କଥାରେ ମନ ଦୋଳାୟମାନ ହୋଇପାରେ। ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ପୂର୍ବା ଫାଲଗୁନୀ ନକ୍ଷତ୍ର ଉପରିସ୍ଥଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ।

**କନ୍ୟା**
କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ଖୋଜିବାରେ ସମର୍ଥ ହେବେ। ହସ୍ତା ନକ୍ଷତ୍ର କୌଣସି ଘଟଣାର ତର୍ଜମା କରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ଆକସ୍ମିକ ଆବଶ୍ୟକତା ହେତୁ ଧାର କରଜ କରି କାମ ଚଳାଇ ନେବେ। ମନପସନ୍ଦର ଜିନିଷ କିଣିବା ସକାଶେ ମନକଥା ଘରେ ପ୍ରକାଶ କରି କିଛି ଆଶ୍ୱାସନା ପାଇବେ।

**ତୁଳା**
ସାଧାରଣ କଥାକୁ କେନ୍ଦ୍ରକରି ଘରେ ସଦାବେଳେ ଅଶାନ୍ତି ଲାଗି ରହୁଥିବାରୁ ମନ ଭଲ ରହିବ ନାହିଁ। କିନ୍ତୁ କୌଣସି କାମ ଅଟକିବାର ନାହିଁ, ଯେତେ କଷ୍ଟ ହେଲେ ମଧ୍ୟ କରିବା ପାଇଁ ବାଧ ହେବେ। ସାମୂହିକ କାର୍ଯ୍ୟରେ ନିଜକୁ ଆଗରେ ରଖିପାରିବେ ନାହିଁ। କିନ୍ତୁ ସ୍ୱାତୀ ନକ୍ଷତ୍ର ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**ବିଛା**
ଆଜିର କାମଗୁଡ଼ିକ ସମ୍ପନ୍ନରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯେଉଁଠାରେ ରହୁଛନ୍ତି ସେଠାରେ ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ଅନୁରାଧା ନକ୍ଷତ୍ରର ପାରିବାରିକ ସ୍ଥିତି କେତେକାଂଶରେ ଭଲ ଦିଗକୁ ଗତି କରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହୋଇପାରନ୍ତି।

**ଧନୁ**
ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ମନ ଭାରାକ୍ରାନ୍ତ ରହିବ। ବ୍ୟକ୍ତିକୈନ୍ଦ୍ରିକ ଚିନ୍ତାଧାରା ପାରିବାରିକ ଜୀବନରେ ଅଶାନ୍ତିର କାରଣ ହୋଇପାରେ। ସନ୍ତାନ, ଶିକ୍ଷା ଓ ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ପାଇବେ। ଅଫିସ କାମରେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ମୂଳା ନକ୍ଷତ୍ର ସକାଶେ ଆଜି ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ।

**ମକର**
ସକାଳୁ ସକାଳୁ କୌଣସି ବିରକ୍ତିକର ଖବର ମନକୁ ନିରସ କରିଦେଇପାରେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାର ଆଶଙ୍କା ରହିଛି। ଅତି ଭଲ ସମ୍ପର୍କ ଥିବା ଲୋକ ପାଖରେ ଭୁଲ କାମ କରି ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ଧନିଷ୍ଠା ନକ୍ଷତ୍ରର କଚେରି ମାମଲା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କୁମ୍ଭ**
ଆଜି ଯେଉଁ କାମରେ ହାତ ଦେବେ ସେଥିରେ ଅବଶ୍ୟ ସଫଳତା ବିଳମ୍ବରେ ପ୍ରାପ୍ତ ହେବ। ଅପରାହ୍ନରେ ନିଜର ଆତ୍ମୀୟା ଜଣେ ସାହାଯ୍ୟକାରିଣୀ ସାଜିପାରନ୍ତି। ଶତଭିଷା ନକ୍ଷତ୍ରର ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। ନିଜର ସମସ୍ୟାକୁ ସମାଧାନ ନ କରି ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ**
କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିପାରେ। ପରିଜନଙ୍କ ସହିତ ଆଲୋଚନାରେ ଅଧିକ ସମୟ କଟାଇବେ। ରେବତୀ ନକ୍ଷତ୍ର ଶୃଙ୍ଖଳା ରକ୍ଷା କରିବା ଦିଗରେ ପ୍ରଶାସନିକ ସ୍ତରରେ ଉଦ୍ୟମ କରିପାରନ୍ତି। ବନ୍ଧୁଙ୍କ ପ୍ରେରଣାରେ ନୂତନ କାର୍ଯ୍ୟରେ ହାତ ଦେଇ କାର୍ଯ୍ୟ ହାସଲ କରିବେ।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ଜାଗୁଳାଇ ୫ମୀ ସୋମବାର, ଅଗଷ୍ଟ ୨୧ ତାରିଖ, ବିଶ୍ୱ ବରିଷ୍ଠ ନାଗରିକ ଦିବସ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୨ ଗତେ, ଘ. ୦୭।୦୬ ମଧ୍ୟେ, ଘ.୧୦।୩୪ ଗତେ, ଘ୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୦୬ ଗତେ, ଘ.୦୮।୪୦ ମଧ୍ୟେ ରାହୁକାଳ।

# ଆଗକୁ ଷ୍ଟୋରିଟେଲିଂର ବହୁତ ଆବଶ୍ୟକ ରହିଛି

ଓଡ଼ିଶାରେ ଷ୍ଟୋରିଟେଲିଂ ବା ଗପ କହିବାର କଥା ଉଠିଲେ ଆସିଯାଏ ପ୍ରାଚୀତାରା ମିଶ୍ରଙ୍କ ନାମ। କାହାଣୀର କୁହୁକ ପେଡ଼ିରେ ସେ ବାନ୍ଧି ରଖନ୍ତି ସବୁ ବର୍ଗର ବ୍ୟକ୍ତିବିଶେଷଙ୍କୁ। ପିଲାବେଳୁ ନାଟକ, ଗୀତ, ନାଚରେ ରୁଚି ରଖୁଥିବା ମିଶ୍ର ପରବର୍ତ୍ତୀ ସମୟରେ ରେଡିଓ ଆର୍ଟିଷ୍ଟ ଓ ସାମ୍ବାଦିକା ଭାବେ କାର୍ଯ୍ୟ କରିଥିଲେ। ଆଉ ଏବେ ସେ ଜଣେ ସଫଳ ଷ୍ଟୋରିଟେଲର। ୨୦୧୮ରେ ଭୁବନେଶ୍ୱରରେ ହୋଇଥିବା ଭୁଫେଷ୍ଟୋରୁ ସେ ଦର୍ଶକଙ୍କ ନଜରକୁ ଆସିଥିଲେ। ଢେର୍ ପ୍ରଶଂସା ଆଉ ନୂଆ ଅନୁଭୂତି ନେଇ ସେ ୫ବର୍ଷ ହେବ ଷ୍ଟୋରିଟେଲିଂକୁ ବୃତ୍ତି ଭାବେ ନେଇ କାମ କରି ଚାଲିଛନ୍ତି। ସ୍କୁଲ, କଲେଜଠୁ ନେଇ ରାଜ୍ୟ ତଥା ରାଜ୍ୟ ବାହାରେ ହୋଇଥିବା ଅନେକ କାର୍ଯ୍ୟକ୍ରମରେ ସେ ପ୍ରତିନିଧିତ୍ୱ କରିଛନ୍ତି। ୨୦୧୯ରେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍ ଓ ୨୦୨୧ରେ ପଡ୍‌କାଷ୍ଟ ମାଧ୍ୟମରେ ସେ ଘରେ ଘରେ ଷ୍ଟୋରିଟେଲିଂର ଆବଶ୍ୟକତାକୁ ପ୍ରତିପାଦନ କରୁଛନ୍ତି। ପ୍ରାଚୀତାରାଙ୍କ ସହ ଏଥରର 'ଧରିତ୍ରୀ ଆଳାପ'।

**- ସାକ୍ଷାତ୍‌କାର: ଶର୍ମିଷ୍ଠା ପାଣିଗ୍ରାହୀ**

**ଧରିତ୍ରୀ ଆଳାପ**



**ପ୍ରାଚୀତାରା ମିଶ୍ର**

**ଷ୍ଟୋରିଟେଲିଂକୁ କାହିଁକି ବୃତ୍ତି ଭାବେ ଆପଣେଇ ନେଇଥିଲେ?**

- ମୋତେ ଗପ କହିବାକୁ ଭଲ ଲାଗେ। ସାମ୍ବାଦିକତା, ରେଡିଓ ଆର୍ଟିଷ୍ଟ ଭାବେ ଚାକିରି ସମୟରେ କେଉଁଠି କେମିତି ଗପ କହୁଥିଲି। କିନ୍ତୁ ୨୦୧୫ରେ ଭୁବନେଶ୍ୱର ଜନପଥରେ ଚାଲୁଥିବା ରାହଗିରିରେ ସହରବାସୀଙ୍କୁ ମୁଁ ମୋର ପ୍ରଥମ ଗପ ଶୁଣାଇଥିଲି। ୨୦୧୮ରେ ହକି ବିଶ୍ୱ କପ୍ ସମୟରେ ଆୟୋଜିତ ଭୁଫେଷ୍ଟୋରେ ମୋତେ ବଡ଼ ପ୍ଲାଟ୍‌ଫର୍ମ ମିଳିଥିଲା। ଜାତୀୟ ଓ ଅନ୍ତର୍ଜାତୀୟ ଷ୍ଟୋରିଟେଲରଙ୍କ ସହ ମିଶି କାମ କରିବାର ସୁଯୋଗ ପାଇଥିଲି। ବହୁଳ ପ୍ରଶଂସା ଓ ଭଲ ପ୍ରତିକ୍ରିୟା ମିଳିଥିଲା। ତା' ପରଠୁ ଏହାକୁ ବୃତ୍ତି ଭାବେ ଆପଣାଇବାକୁ ନିଷ୍ପତ୍ତି ନେଲି।

**ବଡ଼ ପ୍ଲାଟ୍‌ଫର୍ମରେ ଗପ କହିବାର ପ୍ରସ୍ତୁତି, ଅନୁଭୂତି କିଭଳି ଥିଲା?**

- ଭୁଫେଷ୍ଟୋ ଭଳି ବଡ଼ ପ୍ଲାଟ୍‌ଫର୍ମରେ ବାହାରୁ ଆସୁଥିବା ବଡ଼ବଡ଼ ପ୍ରଫେଶନାଲ ଷ୍ଟୋରିଟେଲରଙ୍କ ମେଳରେ ହଜାର ହଜାର ଦର୍ଶକଙ୍କ ଆଗରେ ୫ଦିନ ଧରି ଷ୍ଟୋରି କହିବାକୁ ଯେତେବେଳେ ସୁଯୋଗ ମିଳିଲା ଭାରି ଖୁସି ହୋଇଥିଲି। ସେମିତି ନର୍ଭସ ବି ଥିଲି। ତଥାପି ବେଷ୍ଟ ଦେବାକୁ ମୁଁ ଆଗ ନିଜକୁ ପ୍ରସ୍ତୁତ କରିନେଇଥିଲି। ସେମିତି ଉପସ୍ଥାପନା କରିବାକୁ ପଡ଼ିବ, ଯେମିତି ଲାଗିବନି କି ଓଡ଼ିଶାରେ କିଛି କମ୍ ଅଛି। ତେଣୁ ପ୍ରଥମେ ମୁଁ ମୋ ଷ୍ଟୋରିଟେଲିଂରେ କଷ୍ଟ୍ୟୁମ୍‌କୁ ପ୍ରାଧାନ୍ୟ ଦେବାକୁ ନିଷ୍ପତ୍ତି ନେଇଥିଲି। ଷ୍ଟୋରି ସହ ଏହା ଦର୍ଶକଙ୍କ ଉପରେ ପ୍ରଭାବ ପକାଇଥାଏ। ତେବେ ସମସ୍ତଙ୍କ ସହ ମିଶି କାମ କରିବା ସମୟର ଅନୁଭୂତି ବହୁତ ଭଲ ଥିଲା।

**କେବେ ରାଜ୍ୟ ବାହାରକୁ ଯାଇ କାମ କରିଛନ୍ତି?**

- କୋଭିଡ୍ ସମୟରେ ମୁମ୍ବାଇ ଷ୍ଟୋରିଜ ଟେଲର୍ ସୋସାଇଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାଗ ନେଇଥିଲି। ତାହା ଅବଶ୍ୟ ଭର୍ଚ୍ଚୁଆଲରେ ହୋଇଥିଲା। ସେହିପରି ଦିଲ୍ଲୀ କନଷ୍ଟିଚ୍ୟୁଶନ୍ କ୍ଲବ ଯାଇ ହିନ୍ଦୀରେ ଗପ ପରିବେଷଣ କରିଥିଲି। ନିକଟରେ ୱାର୍ଲ୍ଡ ବୁକ୍ ଫେୟାରରେ ପ୍ରଦର୍ଶନ ପାଇଁ ସାହିତ୍ୟ ଏକାଡେମୀ ପକ୍ଷରୁ ନିମନ୍ତ୍ରଣ ଆସିଥିଲା। ପ୍ରଗତି ମଇଦାନରେ ଗପ ଶୁଣାଇଥିଲି। ମୋ ସହ ଆହୁରି ଅଲଗା ଭାଷାଭାଷୀର ଷ୍ଟୋରିଟେଲର ମଧ୍ୟ ଥିଲେ। ଏହା ମୋ ପାଇଁ ଏକ ଗର୍ବର କଥା। ବାହାରେ ଆହୁରି ଯେତେ ସୁଯୋଗ ଆସିବ ମୁଁ ସେତେ କାମ କରିବି। ଆମ କାହାଣୀକୁ ମୁଁ ସବୁଠି ପହଞ୍ଚାଇପାରିବି।

**ଷ୍ଟୋରିଟେଲିଂ ମାଧ୍ୟମରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ହୋଇପାରିବ କି?**

- ପ୍ରଶ୍ନ ଭିତରେ ହିଁ ଉତ୍ତର ଅଛି। ଭାଷାର ପ୍ରଚାର ପ୍ରଚାର ପାଇଁ ଷ୍ଟୋରିଟେଲିଂ ହେଉଛି ଏକ ବଡ଼ ମାଧ୍ୟମ। ପବ୍ଲିକ୍ ସ୍କୁଲରେ ପାଠ ପଢ଼ିବାକୁ ଛାଡ଼ିବାରେ କିଛି ଅସୁବିଧା ନାହିଁ କିନ୍ତୁ ଘରେ ହେଲେ ବି ମାତୃଭାଷାରେ ଶିକ୍ଷା ଦେବା ଦରକାର। ପିଲାବେଳୁ ଜଣେ ଏକା ସାଙ୍ଗରେ ୮/୧୦ଟି ଭାଷା ଶିଖିପାରିବ। ଆଉ ଷ୍ଟୋରିଟେଲିଂରେ ଆଗ୍ରହ ସହକାରେ ପିଲାଙ୍କୁ ବିଭିନ୍ନ ଭାଷା ସହିତ ମାତୃଭାଷାରେ ମଧ୍ୟ ଏକ ପ୍ରକାର ଶିକ୍ଷା ଆଉ ମନୋରଞ୍ଜନ ମିଳିପାରୁଛି। ତେଣୁ ସ୍କୁଲଗୁଡ଼ିକରେ ଷ୍ଟୋରିଟେଲିଂକୁ ପ୍ରାଧାନ୍ୟ ଦେବା ଆବଶ୍ୟକ। ଜାତୀୟ ଶିକ୍ଷା ନୀତି ଆସିବା ପରେ ଷ୍ଟୋରିଟେଲିଂକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ମୁଁ ବିଭିନ୍ନ ସ୍କୁଲ ଯାଉଛି। କିନ୍ତୁ ଅଭିଭାବକ ଓ ସ୍କୁଲ ବୁଝିବା ଦରକାର ଏହା କେତେ ଜରୁରୀ।

**ଆପଣଙ୍କ ଷ୍ଟୋରିଟେଲିଂରେ କ'ଣ ସ୍ୱତନ୍ତ୍ରତା ରହିଛି?**

- ଚିରାଚରିତ କାହାଣୀ ମୁଁ ଷ୍ଟୋରି ଟେଲିଙ୍ଗ ସେସନ୍‌ରେ କହେ ନାହିଁ। ଆମେ ଗପ ମାଧ୍ୟମରେ ନାରୀଶକ୍ତି, ସାମାଜିକ ଶିକ୍ଷା, ଭଉଣୀଭାଇର ସ୍ନେହ ମମତା, ପରିବାରର ସମ୍ପର୍କ, ପଶୁପକ୍ଷୀଙ୍କ ଯତ୍ନ, ବଡ଼ମାନଙ୍କୁ ସମ୍ମାନ - ଏହି ସବୁ କଥା ମୋ ଗପ ମାଧ୍ୟମରେ ମୁଁ କହିଥାଏ। ମୋ ଗପଗୁଡ଼ିକୁ ମୁଁ ଆମ ଓଡ଼ିଆ ପୁସ୍ତକରୁ ହିଁ ଉଦ୍ଧାର କରେ। ସେହିପରି ଫେକ୍ ଟେଲ୍ ଭିତରେ ବି କେତେ ପ୍ରକାର ବାର୍ତ୍ତା ରହିଛି। ଜୀବନର ସବୁ କଥା ଗପରେ ହି ରହିଛି। ଠିକ୍ ସମୟରେ ଠିକ୍ ଗପଟିଏ ଠିକ୍ ଭାବରେ ଉପସ୍ଥାପନା କରିପାରିଲେ ତା'ର ମୂଲ୍ୟ କାହିଁରେ କ'ଣ।

**ଓଡ଼ିଶାରେ ଷ୍ଟୋରିଟେଲିଂର ପରିସର କିଭଳି ରହିଛି?**

- ଯଦି ମୋ କଥା କହିବି ୫/୬ବର୍ଷ ତଳେ ଷ୍ଟୋରିଟେଲିଂ ଏକ ବୃତ୍ତିଗତ ଭାବେ ଆରମ୍ଭ ହୋଇଥିଲା। ବହୁତ ପ୍ରଶଂସା ମିଳିଲା। କିନ୍ତୁ ଯେତେବେଳେ ମୂଲ୍ୟ କଥା ଉଠିଲା ସେତେବେଳେ ସମସ୍ତେ କହିଲେ ନା ମ ମ୍ୟାଡାମ୍ କହିବେ ଷ୍ଟୋରି, ଏଇଟା ପାଇଁ ଆମେ କ'ଣ ପଇସା ଦେବା... ଏଭଳି କିଛି ଶୁଣିବାକୁ ମିଳିଲା। ଏବେ ସେହି ସଂଘର୍ଷ ଧୀରେ ଧୀରେ ସଫଳ ହେଲାଣି। ଅଳ୍ପ ଟଙ୍କା ମିଳୁଛି, କିନ୍ତୁ ଦେଉଛନ୍ତି। ତେଣୁ ଜଣେ ଯଦି ଦମ୍ ନେଇ କରୁଛି ତାହା ସହ ଜଣକ ପରେ ଜଣେ ଲାଗିବା ଦରକାର। ଆଗକୁ ଷ୍ଟୋରିଟେଲିଂର ବହୁତ ଆବଶ୍ୟକତା ଅଛି, ଯେଉଁଥିପାଇଁ ଆମ ପାଖରେ ଯଥେଷ୍ଟ ପ୍ୟାସୋନେଟ୍ ଷ୍ଟୋରିଟେଲର୍ ରହିବା ଦରକାର।

**ଏହି ବୃତ୍ତିରୁ ରୋଜଗାର କରି ବଞ୍ଚି ହେବ କି?**

- ଆଗରୁ ତ ହେଉ ନ ଥିଲା ଏବେ ହେଲାଣି। କିନ୍ତୁ ଏହା ଉପରେ ନିର୍ଭର କରି ଯେ ଜଣେ ଚଳିଯିବ ତାହା ସମ୍ଭବ ହେବନି। ଧୀରେଧୀରେ ଚାହିଦା ବଢୁଛି ଆଉ ଆଶା ଅଛି ଯେ, ଆଗକୁ ସୁଯୋଗ ସହ ରୋଜଗାର ମଧ୍ୟ ହୋଇପାରିବ। ସରକାରଙ୍କ ସହଯୋଗ ରହିଲେ ଓଡ଼ିଶାରେ ବହୁତ କିଛି ଅଛି, ଯାହାକୁ ନେଇ ଆମେ ସବୁବେଳେ କାମ ପାଇବା ସହ ରୋଜଗାର କରିପାରିବୁ।

**ଆପଣ କାହାଣୀ କେଉଁଠୁ ପାଆନ୍ତି, ବହୁତ ପଢ଼ିବାକୁ ପଡ଼େ କି?**

- ହଁ ନିହାତି ଭାବେ। କାହାଣୀ କହିବା ପୂର୍ବରୁ ପ୍ରଥମ କାମ ହେଉଛି କାହାଣୀ ଖୋଜିବା। କିଛି ଆସାଇନ୍‌ଡ କାମ ଥିଲେ ବହୁତ ସମୟରେ ୪୦/୫୦ ଷ୍ଟୋରି ନାଁ ନାଁ ରେ ହିଁ ପଳାଏ। କିଛି ପସନ୍ଦ ଆସେନି। ହାସ୍ୟାତ୍ମକ ଷ୍ଟୋରି ଭିତରେ ବି ଷ୍ଟ୍ରଙ୍ଗ ମେସେଜ୍ ଥାଏ। ଖାଲି କହିଦେଲେ ତ ହେବନି, ଷ୍ଟୋରିର କିଛି ମୂଲ୍ୟ ରହୁଥିବା ନିହାତି ଦରକାର।

**ଏଥିପାଇଁ ପ୍ରଥମ ଆବଶ୍ୟକତା ସବୁ କ'ଣ?**

- ଆଗ ଷ୍ଟୋରିକୁ ନିଜର କରିନେବା ଉଚିତ। ଉପସ୍ଥାପନା କଲାବେଳେ ଦର୍ଶକଙ୍କ ଅନୁସାରେ ପ୍ରଦର୍ଶିତ କରିବ। ଭଏସ୍ ମଡ୍ୟୁଲେଶନ୍ ସହ କେତବେଳେ ରାଇମିଙ୍ଗ ୱାର୍ଡ କହି ତ ଆଉ କେତେବେଳେ କିଛି ଆକ୍ସନ କରି, ଗୀତ ଗାଇ ଏମିତି କିଛି କରି ବାନ୍ଧି ରଖିହେବ।

**ପ୍ରାଚୀତାରା ମିଶ୍ରଙ୍କ ପାଇଁ ଗପର ସଂଜ୍ଞା କ'ଣ?**

-ମୋ ଗପ ହିଁ ମୋ ଜୀବନ।

**କେବେ ନିଜ କାହାଣୀ କହିଛନ୍ତି?**

-ନାଁ, କେବେ କହିନି।

**ପରିବାରକୁ କିଭଳି ସମୟ ଦିଅନ୍ତି, ଆଉ ସେମାନଙ୍କ ସହଯୋଗ ସମ୍ପର୍କରେ...?**

- ମୋ କ୍ୟାରିୟର ହିଁ ମୋ ଝିଅ, ପୁଅଙ୍କ ସହ ଆରମ୍ଭ କରିଛି। ମୁଁ କିଛି ପ୍ରସ୍ତୁତ କରୁଥିଲେ ସେମାନଙ୍କୁ ଆଗ ଶୁଣାଏ। ସେମାନେ ମୋର ପ୍ରଥମ କ୍ରିଟିକ୍। ମୋ କାମରେ ବି ସେମାନଙ୍କର ଆଗ୍ରହ ଥାଏ। ତେଣୁ କାମ ସହ ପରିବାରକୁ ସମୟ ଦେବା ବି ଏକ ପ୍ରକାର ହୋଇଯାଏ।

**ଯେଉଁମାନେ ଷ୍ଟୋରିଟେଲିଂରେ ଆଗ୍ରହ ରଖୁଛନ୍ତି, ସେମାନଙ୍କୁ କ'ଣ ବାର୍ତ୍ତା ଦେବେ?**

-ଆମ କଥା ମାଧ୍ୟମରେ ଅନ୍ୟକୁ ହଜାଇବାକୁ ହେଲେ ଆଗ ନିଜେ ହଜିବାକୁ ପଡ଼ିବ। ଚରିତ୍ର ସବୁକୁ ବୁଝିପାରିବ। ଚରିତ୍ରର ଭାବ, ଘଟଣାକୁ ଯେତେ ଗୁରୁତ୍ୱ ଦେବ ସେତେ ଭଲ ଉପସ୍ଥାପନା କରିପାରିବ। କାମ ପ୍ରତି ତ୍ୟାଗ ରହିବା ସହ ଶିଖିବା ଆବଶ୍ୟକ। ସେ ଯେ କୌଣସି କାମ ହେଉନା କାହିଁକି, ପଇସା ଉଦ୍ଦେଶ୍ୟରେ ଆସିବା ଭଲ ନୁହେଁ।

# ୨ ତୀର୍ଥଯାତ୍ରୀ ବସ୍ ଧକ୍କା, ୧୦ ଗୁରୁତର



ଦୁର୍ଘଟଣାଗ୍ରସ୍ତ ୨ ତୀର୍ଥଯାତ୍ରୀ ବସ୍।

**ରୂପସା(ବାଞ୍ଛାନିଧି ଦେ)/ ବସ୍ତା(ହରିଶଙ୍କର ପାଢ଼ୀ),୨୦।୮**

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ୬୦ନଂ. ଜାତୀୟ ରାଜପଥର ଭେଲୋରା ଛକ ନିକଟରେ ୨ ତୀର୍ଥଯାତ୍ରୀ ବସ୍ ମଧ୍ୟରେ ଧକ୍କା ଲାଗି ୧୦ ଯାତ୍ରୀ ଗୁରୁତର ହୋଇଛନ୍ତି। ଆହତ ଯାତ୍ରୀମାନଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉଭୟ ବସ୍‌ରେ ତୀର୍ଥଯାତ୍ରୀ ପୁରୀକୁ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଯାଉଥିଲା ବେଳେ ଏହି ଦୁର୍ଘଟଣା ଘଟିଥିଲା।

ସୂଚନା ଅନୁଯାୟୀ, ରବିବାର ସକାଳେ ଜ୍ୟୋତି ଟ୍ରାଭେଲର୍ସ ନାମକ ତୀର୍ଥଯାତ୍ରୀ ବସ୍ ୨୫ ଯାତ୍ରୀଙ୍କୁ ନେଇ ବିହାରରୁ ପୁରୀ ଅଭିମୁଖେ ଯାଉଥିବା ବେଳେ ଭେଲୋରା ନିକଟରେ ରାସ୍ତା ଖରାପ ଥିବାରୁ ଡ୍ରାଇଭର ଗାଡ଼ିର ବେଗ କମାଇ ଦେଇଥିଲେ। ଏହି ସମୟରେ ପଛପଟୁ ଆସୁଥିବା ସାୟନ ସାୟନ୍ତିକା ନାମକ ଅନ୍ୟ ଏକ ତୀର୍ଥଯାତ୍ରୀ ବସ୍ ଭାରସାମ୍ୟ ହରାଇ ସାମ୍ନାରେ ଯାଉଥିବା ବସ୍ ପଛରେ ଧକ୍କା ଦେଇଥିଲା। ଫଳରେ ୧୦ ଯାତ୍ରୀ ଆହତ ହୋଇଥିଲେ। ରାଜପଥ ଆମ୍ବୁଲାନ୍ସରେ ଆହତମାନଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଯାଇଛି। ଏହି ବସ୍‌ଟି ୪୦ ଜଣ ଯାତ୍ରୀ ନେଇ ପଶ୍ଚିମବଙ୍ଗର ଚବିଶ ପ୍ରଗଣାରୁ ପୁରୀ ଯାଉଥିଲା। ବସ୍ତା ଥାନା ଓ ଅମର୍ଦ୍ଦା ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ କରିବା ସହ ଉଭୟ ବସ୍‌ରେ ଥିବା ଯାତ୍ରୀମାନଙ୍କୁ ଗନ୍ତବ୍ୟ ସ୍ଥଳକୁ ପଠାଇବାର ବ୍ୟବସ୍ଥା କରିଥିଲେ। ଦୁର୍ଘଟଣାଗ୍ରସ୍ତ ଦୁଇଟି ବସ୍‌କୁ ପୋଲିସ ହେପାଜତରେ ରଖାଯାଇଛି।

# ବୃଦ୍ଧାଙ୍କୁ ଦଳିଦେଲା ହାତୀ



ବନବିଭାଗ ଟିମ୍ ସହ ଆଟଗାଁ ଅଞ୍ଚଳର ଲୋକେ ବୃଦ୍ଧାଙ୍କୁ ହାତୀ ଦଳି ଦେବା ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି।

**ବଲାଙ୍ଗୀର, ୨୦।୮ (ବୀରେନ୍ଦ୍ର କୁମାର ଝାଙ୍କର)**

- ■ ଦାନ୍ତକାଠି, ଖଲିପତ୍ର ସଂଗ୍ରହ କରିବାକୁ ଜଙ୍ଗଲ ଯାଇଥିଲେ
- ■ ମୃତାଙ୍କ ପୁଅ ଯାଇଛନ୍ତି ରାଜ୍ୟ ବାହାରକୁ ଦାଦନ ଖଟି

ବଲାଙ୍ଗୀର ବନଖଣ୍ଡ ଆଟଗାଁ ସେକସନ ଅନ୍ତର୍ଗତ ଜଙ୍ଗଲକୁ କାଠିପତ୍ର ସଂଗ୍ରହ କରିବାକୁ ଯାଇଥିବା ଜଣେ ବୃଦ୍ଧାଙ୍କୁ ଏକ ହାତୀ ଦଳି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ଅଟଗାଁର ପ୍ରେମଲତା ଓରଫ୍ ମୁଗ ନନ୍ଦ (୭୭)। ବୃଦ୍ଧା ଶନିବାର ଆଟଗାଁ ନିକଟ ଜଙ୍ଗଲକୁ ଯାଇଥିଲେ। ରାତି ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଏବଂ ଗାଁ ଲୋକେ ଖୋଜାଖୋଜି କରିଥିଲେ। ରବିବାର ସକାଳୁ ଗାଁ ଲୋକେ ଜଙ୍ଗଲକୁ ଯାଇଥିବା ବେଳେ ପ୍ରେମଲତା ମରି ପଡିଥିବା ଦେଖିବାକୁ ପାଇଥିଲେ। ମୃତଦେହ ନିକଟରେ ହାତୀ ପାଦଚିହ୍ନ ଥିବା ଏବଂ ତାଙ୍କ ଦେହରେ କ୍ଷତ ଚିହ୍ନ ଥିବାରୁ ହାତୀ ତାଙ୍କୁ ଦଳି ମାରି ଦେଇଥିବା ଜଣାପଡିଥିଲା। ଖବର ପାଇ ବଲାଙ୍ଗୀର ରେଞ୍ଜର କେଶବ କିଶୋର ନାୟକଙ୍କ ନେତୃତ୍ୱରେ ଫରେଷ୍ଟର ବ୍ୟାସଦେବ ସାହୁ, ଅନ୍ୟାନ୍ୟ ବନପାଳ, ହାତୀସ୍କ୍ୱାଡ, ପାରା ସ୍କ୍ୱାଡଙ୍କ ସହ ବନବିଭାଗର ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୃଦ୍ଧାଙ୍କ ସ୍ୱାମୀଙ୍କର ପୂର୍ବରୁ ମୃତ୍ୟୁ ହୋଇସାରିଥିବାବେଳେ ଏକମାତ୍ର ପୁଅ ରାଜ୍ୟ ବାହାରକୁ ଦାଦନ ଖଟି ଯାଇଛନ୍ତି। ଏହି ଗରିବ ବୃଦ୍ଧା ଜଣକ ଦାନ୍ତକାଠି ଓ ଖଲିପତ୍ର ସଂଗ୍ରହ କରି ଗୁଜୁରାଣ ମେଣ୍ଟାଉଥିଲେ। ବୃଦ୍ଧାଙ୍କ ମୃତ୍ୟୁକୁ ନେଇ ଆଟଗାଁ ଏବଂ ଆଖପାଖର ଲୋକେ ସେଠାରେ ପହଞ୍ଚି ବନବିଭାଗ ଟିମ୍ ସଦସ୍ୟଙ୍କ ସହ କିଛି ସମୟ ଧରି ଆଲୋଚନା ବେଳେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବୃଦ୍ଧାଙ୍କ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ। ବନବିଭାଗ ପକ୍ଷରୁ ବୃଦ୍ଧାଙ୍କ ଦାହସଂସ୍କାର ପାଇଁ ତାଙ୍କ ପରିବାର ଲୋକଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବା ରେଞ୍ଜର ନାୟକ ସୂଚନା ଦେଇଥିଲେ। ଏହାସହିତ ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁକୁ ନେଇ ଅନୁକମ୍ପାମୂଳକ ସହାୟତା ରାଶି ୬ ଲକ୍ଷ ଟଙ୍କା ମୃତାଙ୍କ ପରିବାରକୁ ପ୍ରଦାନ କରାଯିବ। ପ୍ରାରମ୍ଭିକ ଭାବେ ୬୦ ହଜାର ଟଙ୍କା ଶୀଘ୍ର ପ୍ରଦାନ କରାଯିବା ସହ ବଳକା ୫ ଲକ୍ଷ ୪୦ ହଜାର ଟଙ୍କା ତାଙ୍କ ପରିବାର ସଦସ୍ୟଙ୍କ ଆକାଉଣ୍ଟରେ ଜମା କରାଯିବ ବୋଲି ରେଞ୍ଜର ନାୟକ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ।





ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ରବିବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୯ତମ ଜୟନ୍ତୀ ଉତ୍ସବବେଳେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଅନ୍ୟ କଂଗ୍ରେସ ନେତାମାନେ ଉପସ୍ଥିତ ଅଛନ୍ତି।

# ପୂର୍ବ ବିବାଦରୁ ବୋମାମାଡ଼, ୮ ଆହତ

- ■ ଗୋଟିଏ ଅଫୁଟା ବୋମା ଜବତ
- ■ ଘଟଣା ପରେ ସାହି ପୁରୁଷଶୂନ୍ୟ

**ବରୀ,୨୦।୮(ମହେନ୍ଦ୍ର ସ୍ୱାଇଁ)**

ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ରତଳାଙ୍ଗ ପଞ୍ଚାୟତ(ଖଜୁରି ପୋଖରୀ) ଦଳିତ ସାହିରେ ପୂର୍ବ ବିବାଦକୁ କେନ୍ଦ୍ରକରି ରବିବାର ୨ ଗୋଷ୍ଠୀ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ବୋମାମାଡ଼ ହୋଇଛି। ଏଥିରେ ଉଭୟ ଗୋଷ୍ଠୀରୁ ୮ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ଆହତମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହ ଏକ ଅଫୁଟା ବୋମା ଜବତ କରି ତଦନ୍ତ ଚଳାଇଛି। ଆହତମାନେ ହେଲେ ଧନେଶ୍ୱର ଜେନା, ଚନ୍ଦନ ଜେନା, ବାନା ଜେନା, କରୁଣାକର ଜେନା, ଆନନ୍ଦ ଜେନା ଓ ଧୀରେନ ଜେନା। ଅନ୍ୟ ୨ଜଣଙ୍କ ପରିଚୟ ମିଳି ପାରିନାହିଁ।

ଉକ୍ତ ସାହିରେ ୨ ଗୋଷ୍ଠୀ ମଧ୍ୟରେ ଦୀର୍ଘ ଦିନ ଧରି ତିକ୍ତତା ଲାଗି ରହିଥିଲା। ଶନିବାର ୨ ଗୋଷ୍ଠୀଙ୍କ ପକ୍ଷରୁ ଏକ ସାଧାରଣ ଘଟଣାକୁ ନେଇ ଉଚ୍ଚବାଚ ଓ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଉଭୟ ଗୋଷ୍ଠୀ ଯାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଅଭିଯୁକ୍ତମାନଙ୍କୁ ରବିବାର ଅପରାହ୍ଣରେ ଥାନାରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ଉଭୟ ପକ୍ଷ ନିର୍ଦ୍ଧାରିତ ସମୟରେ ଥାନାକୁ ନ ଆସି ପୂର୍ବ ବଚସାକୁ ଆଳ କରି ବୋମା ଫିଙ୍ଗାଫିଙ୍ଗି ହୋଇଥିଲେ। ଖବର ପାଇ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଓ ବରୀ-ରାମଚନ୍ଦ୍ରପୁର ଭାରପ୍ରାପ୍ତ ଥାନା ଅଧିକାରୀ ଚିତ୍ତରଞ୍ଜନ ଜେନା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବୋମାମାଡ଼ ପରେ ଉଭୟ ଗୋଷ୍ଠୀର ପୁରୁଷମାନେ ଫେରାର ହୋଇ ଯାଇଛନ୍ତି। ଘଟଣାରେ ସମ୍ପୃକ୍ତ କୌଣସି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ପାରିନାହିଁ। ଘଟଣାସ୍ଥଳ ଉତ୍ତେଜନାପୂର୍ଣ୍ଣ ଥିବାରୁ ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ଲେଙ୍କା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଖବର ଲେଖା ହେଲା ପର୍ଯ୍ୟନ୍ତ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିଲା।



ଖଜୁରି ପୋଖରୀ ଦଳିତ ସାହିରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ମୈତ୍ରୀ କମ୍ପାନୀକୁ ବିରୋଧ କରି ୨୧ ଗିରଫ

**ରାୟଗଡ଼ା,୨୦।୮(ଆଶିଷ ରଞ୍ଜନ ପଣ୍ଡା)**

- ■ ଗିରଫଙ୍କ ମଧ୍ୟରେ ଅଛନ୍ତି ଶାସକ ଦଳର କିଛି ସମର୍ଥକ
- ■ ବିବାଦକୁ ନେଇ ଜିଲାର ମନ୍ତ୍ରୀ, ନେତାଙ୍କ ସମେତ ବିରୋଧୀ ମଧ୍ୟ ଚୁପ୍

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ସୁଙ୍ଗେର ପଞ୍ଚାୟତର ସିଜିମାଳିଖଣିଖନନକୁ ନେଇ ମୈତ୍ରୀ କମ୍ପାନୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ବିବାଦ ଘନେଇବାରେ ଲାଗିଛି। ଜୀବନଜୀବିକା ଦେଉଥିବା ସିଜିମାଳିକୁ କୌଣସି ପରିସ୍ଥିତିରେ ଛାଡ଼ିବୁ ନାହିଁ ବୋଲି ଅଞ୍ଚଳବାସୀ ଅଡି ବସିଥିବାବେଳେ ମୈତ୍ରୀ କମ୍ପାନୀ ଓ ପୋଲିସ ପ୍ରଶାସନ ସାଧାରଣ ଜନତାଙ୍କ ଉପରେ ଜୁଲୁମ୍ କରିବାକୁ ପଛାଉ ନାହାନ୍ତି। ପୋଲିସ ଅତ୍ୟାଚାର ବିରୋଧରେ ଅଞ୍ଚଳର ମହିଳାମାନେ ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ବରଂ ଲୋକଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବଢ଼ିଚାଲିଛି। ଅଦ୍ୟାବଧି ୨୧ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ କିଛି ଜଣଙ୍କୁ ବିଭିନ୍ନ ମିଥ୍ୟା ମାମଲା ଦାଏର କରି କୋର୍ଟଚାଲାଣ କରିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗିରଫଙ୍କ ମଧ୍ୟରେ ଶାସକ ଦଳର କିଛି ସମର୍ଥକ ଥିବାବେଳେ ସୁଙ୍ଗେର ପଞ୍ଚାୟତର ପୂର୍ବତନ ସରପଞ୍ଚ, ସିନ୍ଦୁରଘାଟି ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ମଧ୍ୟ ଅଛନ୍ତି।

ଅନ୍ୟପକ୍ଷେ ନିର୍ବାଚିତ ପ୍ରତିନିଧି, ଶାସକ ଓ ବିରୋଧୀ ଦଳର ନେତାମାନେ ସବୁ ଦେଖୁଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି। ଜିଲାର ବିଧାୟକ ତଥା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ ଓ ବହୁ ରାଜ୍ୟସ୍ତରୀୟ ପଦବୀରେ ଜିଲାର ଶାସକ ଦଳ ନେତାମାନେ ଥିଲେ ମଧ୍ୟ ସେମାନେ କାହିଁକି କିଛି ପଦକ୍ଷେପ ନେଉନାହାନ୍ତି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଘଟଣା ସମ୍ପର୍କରେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଫୋନ କରିବାରୁ ଯୋଗାଯୋଗ ସମ୍ଭବପର ହୋଇପାରି ନ ଥିଲା। ଅନ୍ୟପକ୍ଷେ ବିରୋଧୀ ଦଳର କିଛି ନେତା କହୁଛନ୍ତି ଯେ ଶାସକ ଦଳର କିଛି ନେତା ଅଞ୍ଚଳବାସୀଙ୍କୁ ଆର୍ଥିକ ସହଯୋଗ ଯୋଗାଇ ଏଭଳି ବିରୋଧ କରାଉଛନ୍ତି। ଅଞ୍ଚଳବାସୀଙ୍କ ସହ ବୈଠକ, ଗ୍ରାମସଭା ଆଦି କରି ଖଣିକୁ ଲିଜ୍‌ରେ ଦେଇଥିଲେ ଏହିଭଳି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ବିରୋଧୀ ନେତା କହୁଛନ୍ତି। ଏ ନେଇ ଆମ୍ ଆଦମୀ ପାର୍ଟି ରାଜ୍ୟ ସମ୍ପାଦକ ଜନ୍ମେଜୟ ସ୍ୱାଇଁ କହିଛନ୍ତି ଯେ ଆଦିବାସୀଙ୍କ ଉପରେ ଅତ୍ୟାଚାର ହେବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଆଗାମୀ ଦିନରେ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିବେ। ଏଥିସହ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଉପରେ ଏକ ରିପୋର୍ଟ କାର୍ଡ ପ୍ରସ୍ତୁତ କରି ଅଞ୍ଚଳବାସୀଙ୍କୁ ନ୍ୟାୟ ଦେବା ପାଇଁ ରାଜ୍ୟ ସରକାର, ଜିଲା ଓ ପୋଲିସ ପ୍ରଶାସନ ସହ ଆଲୋଚନା କରିବେ। ସେହିପରି ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗ କହିଛନ୍ତି, ସେ ଏମ୍‌ପି ସପ୍ତଗିରି ଉଲାକା ଓ ରାୟଗଡ଼ା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଆପଲସ୍ୱାମୀ କାଡ୍ରାକାଙ୍କ ସହ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ସେମାନେ ଖଣିଅଞ୍ଚଳକୁ ଯାଇ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି କୌଣସି ନିଷ୍ପତ୍ତି ନେବେ। ଏ ନେଇ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି ଯେ ଆମେ ଲୋକପ୍ରତିନିଧି, ତେଣୁ ଲୋକଙ୍କ ସହ ରହିବୁ ଏବଂ ଲୋକେ ଯାହା ନିଷ୍ପତ୍ତି ନେବେ ତାକୁ ସମର୍ଥନ କରିବୁ। ସେହିପରି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ଉଲାକା କହିଛନ୍ତି, ଖଣି ରାଜ୍ୟ ସରକାର ଲିଜ୍‌ରେ ଦେଇଛନ୍ତି। ଅଞ୍ଚଳରେ ପୋଲିସ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଯେଉଁ ଗୁଣ୍ଡାରାଜ ଚାଲିଛି ଏହା ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ। କାରଣ ରାଜ୍ୟ ସରକାର ଲୋକଙ୍କ ସୁରକ୍ଷା ବଦଳରେ ଅତ୍ୟାଚାର କରୁଛନ୍ତି ବୋଲି ସେ କହିଛନ୍ତି। ରାୟଗଡ଼ା ନିର୍ବାଚନମଣ୍ଡଳୀରେ ବିଧାନସଭା ଓ ଲୋକସଭା ଆସନ ପାଇଁ ନିର୍ଣ୍ଣାୟକ ଭୂମିକା ନେଉଥିବା କାଶୀପୁର ବ୍ଲକରେ ଏଭଳି ବିବାଦ ଲାଗି ରହିଥିବା ବେଳେ ଏଥିପ୍ରତି କାହାରି ଆନ୍ତରିକତା ପ୍ରକାଶ ପାଉନାହିଁ। କମ୍ପାନୀ ଓ ଜନସାଧାରଣଙ୍କ ମଧ୍ୟରେ ଚାଲିଥିବା ଏହି ବିବାଦରେ ରାଜନେତା ଜନସାଧାରଣଙ୍କୁ ସମର୍ଥନ କରିବେ ନା କମ୍ପାନୀକୁ ସମର୍ଥନ କରିବେ ତାହା ସମୟ କହିବ।

ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ ମୁକ୍ତ ନୁହନ୍ତି। କେହି ମଧ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। **-ଶ୍ରୀଅରବିନ୍ଦ**

# ବିଷ ମଣିଷଙ୍କ ଅମୃତ ଯାତ୍ରା



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଚରିତ୍ରଗତ ଭାବେ ମଣିଷ ସବୁବେଳେ ଅମୃତାନ୍ୱେଷୀ, ଶୁଦ୍ଧ, ପବିତ୍ର, ଉଦାର ଓ ପ୍ରଶାନ୍ତ। ଅନ୍ୟର ଆନନ୍ଦରେ ସୁଖୀ ହେଉଥିବା ଓ ଦୁଃଖରେ କଷ୍ଟ ପାଉଥିବା ଏକ ନିର୍ମଳ ହୃଦୟ। ତେବେ ତା'ର ପାରିପାର୍ଶ୍ୱିକ ପରିବେଷ୍ଟନୀ ତା' ପାଇଁ ଏମିତି ଦୁର୍ଭାଗ୍ୟ ସୃଷ୍ଟିକରେ ଯେ ସେ ତା'ର ଦିଗହରାଇ ବସେ। ସ୍ନେହ, ପ୍ରେମ, ବିଶ୍ୱାସ ବଦଳରେ ତା' ଭିତରେ ଅଙ୍କୁରିତ ହୁଏ ଈର୍ଷା, ଛଳନା, ବିଦ୍ୱେଷ ଓ ଘୃଣାର ଯେତେସବୁ ହଳାହଳ। ସେ ଆସ୍ତେ ଆସ୍ତେ ମାନବରୁ ଦାନବରେ ରୂପାନ୍ତରିତ ହୋଇଯାଏ। ବାସ୍, କାଳିଯାଏ ଦୁନିଆର ବୋଝ ବୋହିବାକୁ ଆଗଭର ହେଉଥିବା ମଣିଷଟି ହଠାତ୍ ଦୁନିଆ ପାଇଁ ଏକ ବୋଝ ହୋଇଯାଏ।

ପରିସ୍ଥିତିର ତାଡ଼ନାରେ ହେଉ କି କୁସଂସର୍ଗର ପ୍ରଭାବରେ ହେଉ, ସମାଜରେ ଅମୃତର ସନ୍ତାନ ଦେବଶିଶୁଟିଏ ପରବର୍ତ୍ତୀ କାଳରେ ବିଷ ପୁରୁଷଟିଏ ପାଲଟି ଯାଇଥିବାର ଦୃଷ୍ଟାନ୍ତ ଆଦୌ ବିରଳ ନୁହେଁ। ମାତ୍ର ଲକ୍ଷ୍ୟ କରିବାର କଥା, ନାନା ଅନୀତି, ଅନାଚାରରେ ଲିପ୍ତ ରହୁଥିବା ଅସାମାଜିକ ଲୋକଟିଏ ଯେତେ ବିଷ ବଳୟରେ ଘାଣ୍ଟି ହେଲେ ମଧ ଅମୃତର ମହର୍ଗ ମହକରେ ସେ ସବୁବେଳେ ବିମୋହିତ ହୋଇ ଆସିଛି। ନିଜେ ଯେତେ ଖରାପ ହେଲେ ବି ସେ ଅନ୍ୟର ଖରାପ ହେବାକୁ କେବେ ପ୍ରଶଂସା କରି ଶିଖିନାହିଁ। ଭଲ ଦୃଶ୍ୟଟିଏ ଦେଖି ନିଜ ଭିତରେ ଏକ ଅବ୍ୟକ୍ତ ମୁଗ୍ଧ ଅନୁଭବରେ ଜଡ଼ସଡ଼ ହୋଇଛି। ମଣିଷ ଚରିତ୍ରର ଏକ ବଳିଷ୍ଠ ମନସ୍ତାତ୍ତ୍ୱିକ ବିଶେଷଣ କରୁଥିବା ଏହି ଘଟଣାଟି ଉପରେ ଦୃଷ୍ଟି ପକାଯାଉ।

ଯାବତୀୟ ଅସଦାଚାର ମଧ୍ୟରେ ଆତଯାତ ହେଉଥିବା ଦୁର୍ଦ୍ଧର୍ଷ ଯୁବକ ଜଣେ ପ୍ରେକ୍ଷାଳୟରେ ବସି ସିନେମା ଦେଖୁଛି। ଚଳଚ୍ଚିତ୍ରର ନାୟକ ନାୟିକାଙ୍କ ସମେତ ସେମାନଙ୍କ ସଦାଚାରୀ ସମର୍ଥକମାନଙ୍କୁ ବାରମ୍ବାର ନିର୍ଯାତନା ଦେଇ ଦର୍ଶକଙ୍କ ଘୃଣା ଓ ରୋଷର ପାତ୍ର ହୋଇଥିବା ଖଳନାୟକ ସର୍ବଶେଷରେ ପରାଭବ ଭୋଗୁଛି। ନାୟକ ହାତରୁ ନିର୍ଘାତ ମାଡ଼ ଖାଉଛି ବା ପୋଲିସ ଗୁଳିରେ ଘାଇଲା ହେଉଛି। ଏମିତି କିଛି ଉପସଂହାରୀୟ ଦୃଶ୍ୟରେ ଅନ୍ୟ ଦର୍ଶକମାନେ ଆନନ୍ଦିତ ହେଉଥିବା ବେଳେ ଏହି ଦୁର୍ଦ୍ଦାନ୍ତ ଦର୍ଶକଟି ତା'ର ସମଗୋତ୍ରୀ ଖଳନାୟକର କରୁଣ ପରିଣତି ଦେଖି କ'ଣ କେବେ ମନଦୁଃଖ କରୁଥିବ! ବୋଧହୁଏ ନା। ସେ ମଧ ଅନ୍ୟ ସବୁ ଦର୍ଶକଙ୍କ ପରି ଖଳନାୟକର ବାଞ୍ଛିତ ଦଣ୍ଡଭୋଗକୁ ଉପଭୋଗ କରୁଥିବ। ଏହି ଉଦାହରଣ ଗୋଟିଏ ସିଦ୍ଧାନ୍ତକୁ ସାବ୍ୟସ୍ତ କରୁଛି ଯେ ସୈତାନର ବେଦପାଠ ଯେମିତି ଏକ ଅସମ୍ଭବ ପରିକଳ୍ପନା ନୁହେଁ, ସେମିତି ବି ଆଦୌ ବିରଳ ନୁହେଁ ବିଷ ମଣିଷଙ୍କ ଅମୃତ ପଥର ଯାତ୍ରା! ଏହି ସିଦ୍ଧାନ୍ତ ସପକ୍ଷରେ ଆମ ସମାଜରେ ନିକଟ ଓ ଦୂର ଅତୀତରେ ସଂଘଟିତ ହୋଇଥିବା ନିମ୍ନୋକ୍ତ ଦୃଶ୍ୟପଟକୁ ଲକ୍ଷ୍ୟ କରାଯାଉ। ଏକଥା ବି ହେଜାଯାଉ ଯେ ଠିକ୍ ଲୋକଙ୍କ ଭୁଲ କାମ ଯେତିକି ଚକିତ ଓ ବିବ୍ରତ କରେ, ତା'ଠାରୁ ଢେର ଅଧିକ ଶିହରିତ ଓ ଆମୋଦିତ କରେ ଭୁଲ ଲୋକଙ୍କ ଠିକ୍ କାମ।



ବାଲ୍ୟକାଳର ସମୁଚିତ ସଂସ୍କାର ପାଇ ନ ଥିବା ଜଣେ ଅସାମାଜିକ ଗୁଣ୍ଡା ନିଜ ମାଂସପେଶୀୟ ଶକ୍ତିର ସାହାରା ନେଇ ସମଗ୍ର ଇଲାକାକୁ ସଂତ୍ରସ୍ତ କରି ରଖିଥିଲା ବେଳେ ଏଇ ଅଳ୍ପଦିନ ତଳେ ଏମିତି କିଛି କାମ କଲା, ଯାହା ତା' ଚରିତ୍ରର ଏକାନ୍ତ ପରିପନ୍ଥୀ ବୋଲି ତାକୁ ଜାଣିଥିବା ଯେ କେହି ବି କହିବେ। ରାଜଧାନୀ ଉପକଣ୍ଠରେ ଥିବା ଏକ ରେଳଫାଟକ ନିକଟରେ ଘଟିଥିବା ଘଟଣାଟିର ଦୁଃସାହସୀ ନାୟକ ଥିଲା ଅନ୍ୟଥା ଖଳନାୟକର ଅପନିନ୍ଦା ମୁଣ୍ଡ ଉପରେ ବୋହି ବଞ୍ଚୁଥିବା ଏହି ଚର୍ଚ୍ଚିତ ଯୁବକଟି। ନିଜ ପାରିବାରିକ ଅଶାନ୍ତି ପାଇଁ ରେଳଧାରଣା ଉପରେ ମୁଣ୍ଡ ରଖି ଆତ୍ମହତ୍ୟା କରିବାକୁ ଯାଉଥିବା ଜଣେ ମଧ୍ୟବୟସ୍କା ମହିଳାଙ୍କ ଅକାଳ ମୃତ୍ୟୁ ନିଶ୍ଚିତ ଥିବାବେଳେ ତୀବ୍ରଗତିରେ ଧାଇଁ ଆସୁଥିବା ଲୌହଦାନବ ମୁହଁରୁ ତାଙ୍କୁ ଉଦ୍ଧାର କରିଥିଲା ସେଇ ଅସାମାଜିକ ଗୁଣ୍ଡା ଜଣକ। ସବୁଠାରୁ ବୈଶିଷ୍ଟ୍ୟପୂର୍ଣ୍ଣ ଥିଲା ଯେ ସେଇ ସମ୍ଭାବ୍ୟ ଅଘଟଣକୁ ନୀରବରେ ପ୍ରତ୍ୟକ୍ଷ କରୁଥିବା କିଛି ଶଙ୍କିତ ଦର୍ଶକଙ୍କ କୋଳାହଳପୂର୍ଣ୍ଣ ବାହାବାରେ ସାମାନ୍ୟ ବିମୋହିତ ନ ହୋଇ ସେ ତା' ବାଟରେ ଉଭାନ ହୋଇଯାଇଥିଲା।

ଆଉ ଜଣେ ଅନାଚାରୀଙ୍କ ଅମୃତଯାତ୍ରାର କଥା। କେଇବର୍ଷ ତଳେ ଦିଲ୍ଲୀର ଉପହାର ସିନେମା ହଲ୍‌ରେ ଭୟାନକ ଅଗ୍ନିକାଣ୍ଡ ଘଟି ଶତାଧିକ ଲୋକଙ୍କ ଜୀବନର ଅକାଳ ଅବସାନ ଘଟିଥିଲା। ସେତେବେଳେ ଚର୍ଚ୍ଚାରେ ଥିଲେ ଜଣେ ପରାର୍ଥପ୍ରାଣ ଉଦ୍ଧାରକାରୀ ଯୁବକ, ଯିଏ ନିଜ ଜୀବନକୁ ବିପନ୍ନ କରି ଅବରୁଦ୍ଧ ସିନେମା ହଲ୍‌ର ଅଗ୍ନିବଳୟ ମଧ୍ୟରୁ ପାଞ୍ଚଜଣ ପୀଡ଼ିତଙ୍କ ଜୀବନ ରକ୍ଷା କରିଥିଲେ। ଯୁବକ ଜଣକ ଥିଲେ ଜଣେ ପେସାଦାର ସିନେମା ଟିକେଟ ବଳାବଜାରୀ, ଯିଏ ନିଜ ଶକ୍ତି ଜାହିର କରି ଆଗତୁରା ସିନେମା ଟିକେଟ କାଉଣ୍ଟରରୁ କିଣି ପରେ ତାହାକୁ ଚଢ଼ା ଦରରେ କଳାବଜାର କରୁଥିଲେ। ସେହି ଯୁବକ ଜଣକୁ ବାରମ୍ବାର ସିନେମା ହଲ୍ ଭିତରକୁ ପଶି ଜଣଙ୍କ ପରେ ଜଣଙ୍କୁ ଉଦ୍ଧାର କରିବାର ସେଇ ଅପୂର୍ବ ଦୃଶ୍ୟ ଯିଏ ଦେଖିଛନ୍ତି, ସେମାନେ ହିଁ ଜାଣିଛନ୍ତି ଦୁର୍ଗତମାନଙ୍କ ସେବାରେ ସମର୍ପିତ ଜଣେ ଦୁର୍ଗତିର ଅମୃତ ଯାତ୍ରାର ଅନୁଭବ!

ବିଷ ମଣିଷଙ୍କ ଅମୃତ ଯାତ୍ରାର ଅନ୍ୟ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଉତ୍ତର ବାଲେଶ୍ୱର ଅଞ୍ଚଳର ଏକ ସମୁଦ୍ର ତଟବର୍ତ୍ତୀ ଗାଁର ତିନିଜଣ ଦୁର୍ଦ୍ଦାନ୍ତ ଯୁବକ ନିଜ ଦୁର୍ଦ୍ଦମ ଶକ୍ତି ଜାହିର କରି ସେ ଅଞ୍ଚଳକୁ ଏକପ୍ରକାର ସଂତ୍ରସ୍ତ କରି ରଖିଥାନ୍ତି। ଏହି ଗାଉଁଲି ଦୁଷ୍ଟ ଗ୍ରହମାନଙ୍କ ଆଇନକାନୁନ ପ୍ରତି ସମ୍ମାନ ନ ଥାଏ କି ପୋଲିସ ପାଇଁ ଭୟ ନ ଥାଏ। ଯଦିଓ ବଡ଼ ଅପରାଧ କରିବା ପାଇଁ ସେଇ ଛୋଟ ଗାଁଟି ପ୍ରକୃଷ୍ଟ ସ୍ଥାନ ନ ଥିଲା, ତଥାପି ଏଇ ତିନିହେଁ କୌଣସି ଅପରାଧ କରିବା ପାଇଁ ନିଜକୁ ଅଯୋଗ୍ୟ ମଣୁ ନ ଥିଲେ। କେବେ କାହା କ୍ଷେତରୁ ଶସ୍ୟ କାଟି ଲୁଟି ନେବା ଓ ଅନ୍ୟ କେବେ ଗାଁର ଧନୀ ଲୋକଙ୍କୁ ଧମକାଇ ଅର୍ଥ ହାସଲ କରିବା ଭଳି ଛୋଟମୋଟ ଅପରାଧ କରି ସେ କେଇବାର ପୋଲିସ ଥାନାରେ ନିର୍ଘାତ ପ୍ରହାର ଖାଇଥିଲେ ବି ତାଙ୍କ ଅଭ୍ୟାସ ଛାଡୁ ନ ଥିଲେ।

ସେଇ ଗାଁଟି ଉପରେ ଥରେ ଦଳେ ପ୍ରତିବେଶୀ ଡକାୟତ ନୌପଥରେ ଆସି ଅଚାନକ ଚଢ଼ାଉ କରି ଗ୍ରାମବାସୀଙ୍କଠୁ ଧନସମ୍ପତ୍ତି ଲୁଟିବାକୁ ଆରମ୍ଭ କଲେ। ଏହିଭଳି ସଙ୍କଟ ସହ ପୂର୍ବରୁ କେବେ ପରିଚିତ ନ ଥିବା ଭୟଭୀତ ଗ୍ରାମବାସୀ ଅଯଥା ରକ୍ତପାତ ଏଡ଼ାଇବା ପାଇଁ ଯେ ଯାହାର ସବୁ ସମ୍ବଳ ଡାକୁମାନଙ୍କୁ ଦେଉଥିବା ବେଳେ ଅଚାନକ କେଉଁଠୁ ଆସି ସେମାନଙ୍କ ଗତିରୋଧ କଲେ ସେଇ ତିନିଜଣ ଦୁର୍ଦ୍ଧର୍ଷ ଯୁବକ। ଛଅଜଣ ଅସ୍ତ୍ରଶସ୍ତ୍ରଧାରୀ ଡକାୟତମାନଙ୍କ ସହ ପ୍ରତ୍ୟକ୍ଷ ମୁକାବିଲା ସହଜ ନ ଥିବାରୁ ସେମାନଙ୍କ ନିଜ କଳାକୌଶଳରେ ସେ ତିନିହେଁ ସେମାନଙ୍କୁ ଯେ କେବଳ ପରାସ୍ତ କଲେ ତାହା ନୁହେଁ; ବରଂ ସେମାନଙ୍କ ଲଲାଟରେ ଲିଖିତ ଅଶୁଭ ପୁତ୍ରର ଅଦୃଶ୍ୟ ଅକ୍ଷରକୁ ଲିଭାଇ ଗାଁ ଲୋକଙ୍କ ଶ୍ରଦ୍ଧା ଅର୍ଜନ କଲେ। ପରବର୍ତ୍ତୀ କାଳରେ ଥାନା ପୋଲିସଠାରୁ ବହୁତ ମାଡ଼ ଖାଇଥିବା ସେଇ ତିନିଜଣ ବିଷ ପୁରୁଷ ଜିଲା ପୋଲିସ ହାକିମଙ୍କଠୁ ସେମାନଙ୍କ ଅପୂର୍ବ ସାହସିକତା ପାଇଁ ପୁରସ୍କୃତ ହୋଇଥିଲେ।

ସବୁପ୍ରକାର ଅସଦାଚାରରେ ଲିପ୍ତ ଥିବା ବିଷ ମଣିଷଟିଏ ତା' ନିଃସଙ୍ଗ ମୁହୂର୍ତ୍ତରେ ନିଶ୍ଚିତ ଭାବେ ଉପଲବ୍ଧି କରୁଥିବ ତା' ଜୀବନଯାତ୍ରାର ଭୟାବହତା। ମନ୍ଦ କାର୍ଯ୍ୟରେ ବ୍ୟାପୃତ ତା' ଜୀବନ ସମାଜ ପାଇଁ ଯେ ଏକ ଅଶୁଭ ଓ ଅଭିଶପ୍ତ ଆଇନା, ଏକଥା ନିଜକୁ ନିଜେ ବୁଝାଉଥିବ। ମାତ୍ର ଥରେ କେବେ ଅବସ୍ଥାଚକ୍ରରେ ସେ ଭଲ କାମଟିଏ କରିବାର ସୁଯୋଗ ପାଇଲେ, ତା' ମଧ୍ୟରେ ଏକ ଅପୂର୍ବ ଅନୁଭବ ସୃଷ୍ଟି ହେଉଥିବ। କାହାର କିଛି କାମରେ ଆସିବାରେ ଯେ ଏତେ ଆନନ୍ଦ, ଏତେ ଅମୃତମୟ ଉପଲବ୍ଧି, ଏହା ଜାଣି ସେ ବିଷପଥର ଯାତ୍ରାରୁ ବାଟ ଭାଙ୍ଗି ଅମୃତ ଯାତ୍ରାପଥରେ ପାଦ ବଢ଼ାଇବ, ଠିକ୍ ଉପରବର୍ଣ୍ଣିତ ସେଇ କେତେଜଣ ଜୀବନଯାତ୍ରାର ପଥହୁଡ଼ା ପଥିକଙ୍କ ପରି।

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି**
**ଭୁବନେଶ୍ୱର-୧୦, ମୋ: ୮୮୯୫୬୭୨୪୧୦୫**

# ବିପଦରେ ବାଘ



ସୌଭାଗ୍ୟ ରଞ୍ଜନ ମହାନ୍ତି

ଦେଶରେ ମହାବଳ ବାଘଙ୍କ ସଂଖ୍ୟା ନେଇ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୨୦୨୧-୨୨ ବାଘ ଗଣନା ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ବନ୍ୟଜନ୍ତୁ ପ୍ରେମୀଙ୍କ ପାଇଁ ଯେତିକି ଆନନ୍ଦଦାୟକ, ସେତିକି ଦୁଃଖଦାୟକ ମଧ ବୋଲି କୁହାଯାଇପାରିବ। ତେବେ ଆନନ୍ଦଦାୟକ ସୁଖଦ ଖବରଟି ହେଉଛି, ଦେଶରେ ଗତ ୪ବର୍ଷ ମଧ୍ୟରେ ବାଘଙ୍କ ସଂଖ୍ୟା ବୃଦ୍ଧି। ଦେଶରେ ମହାବଳ ବାଘଙ୍କ ସଂଖ୍ୟା ୨୦୧୮ ମସିହାରେ ୨୯୬୭ ଥିବାବେଳେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୩୬୮୨ରେ ପହଞ୍ଚିଛି। ଗତ ଚାରିବର୍ଷ ମଧ୍ୟରେ ଦେଶରେ ବାଘଙ୍କ ସଂଖ୍ୟା ୬ ପ୍ରତିଶତ ବୃଦ୍ଧି ପାଇଛି। କହିବା ବାହୁଲ୍ୟ ଯେ, ଦେଶରେ ବାଘଙ୍କ ସଂଖ୍ୟା ଆହୁରି ଅଧିକ ହୋଇପାରିଥାନ୍ତା। ବାଘ ସଂରକ୍ଷଣ କର୍ତ୍ତୃପକ୍ଷ (ଏନଟିସିଏ) ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ ଦେଶରେ ୨୦୧୨ ମସିହାରୁ ୨୦୨୨ମଧ୍ୟରେ ୧୦୫୯ଟି ମହାବଳ ବାଘର ମୃତ୍ୟୁ ଘଟିଛି। ଏଥିମଧ୍ୟରୁ ବୟସାଧିକ ଏବଂ ରୋଗଗ୍ରସ୍ତ ଯୋଗୁ ଯେତିକି ବାଘର ମୃତ୍ୟୁ ଘଟିଛି, ତା'ଠାରୁ ଢେର ଅଧିକ ଶିକାରୀ ଗୁଳିରେ ମୃତ୍ୟୁ ଘଟିଛି। ଗତ ଚାରିବର୍ଷ ଅର୍ଥାତ୍ ୨୦୧୮ରୁ ୨୦୨୨ ମଧ୍ୟରେ ମୋଟ ୫୮୧ଟି ମହାବଳ ବାଘର ମୃତ୍ୟୁ ଘଟିଥିବାବେଳେ ଏଥିମଧ୍ୟରୁ ଦୁଇ ତୃତୀୟାଂଶରୁ ଅଧିକ ବାଘଙ୍କ ଶିକାରୀ ଗୁଳିରେ ମୃତ୍ୟୁ ଘଟିଥିବା କୁହାଯାଇଛି। ୨୦୨୧ ମସିହାରେ ଏଥିମଧ୍ୟରୁ କେବଳ ୧୨୭ଟି ବାଘଙ୍କର ମୃତ୍ୟୁ ଘଟିଥିଲା। ଚଳିତ ବର୍ଷ ଜାନୁୟାରୀ ପହିଲାରୁ ଫେବୃୟାରୀ ୧୯ ମଧ୍ୟରେ ଦେଶରେ ୩୬ଟି ମହାବଳ ଏବଂ ୯୯ଟି କଲରାପତିଆ ବାଘର ମୃତ୍ୟୁ ଘଟିଥିବା ୱାର୍ଲଡ ଲାଇଫ ପ୍ରୋଟେକଶନ ଅଫ୍ ଇଣ୍ଡିଆ(ଡବ୍ଲୁପିଏସଆଇ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଚାଂଚଲ୍ୟକର ତଥ୍ୟପ୍ରକାଶ ପାଇଥିଲା। ଏଥିରୁ ମହାବଳ ବାଘ ହେଉ ବା କଲରାପତରିଆ ବାଘ ହେଉ ଯେ, ବିପଦରେ ଏହା ନିସନ୍ଦେହରେ କୁହାଯାଇପାରିବ।

ଉଲ୍ଲେଖଯୋଗ୍ୟ ଯେ, ଦେଶରେ ବିଲୁପ୍ତ 'ଚିତା' ବାଘ ବଂଶ ବୃଦ୍ଧି ପାଇଁ ଗତବର୍ଷ ଅଗଷ୍ଟ ମାସରେ ଦୁଇଟି ପର୍ଯ୍ୟାୟରେ ୨୦ଟି ଚିତାବାଘ ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର ନାମିବ୍ୟାରୁ ଅଣାଯାଇଥିଲା। ୧୯୫୪ରୁ ଦେଶରୁ ବିଲୁପ୍ତ ହୋଇଯାଇଥିବା ଚିତା ବାଘ ଆଗମନକୁ ସରକାର ମହାସମାରୋହରେ ସ୍ୱାଗତ କରିଥିଲେ। ମାତ୍ର ବର୍ଷେ ନ ପୂରୁଣୁ ୬ଟି ଚିତା ବାଘର ମୃତ୍ୟୁ ଘଟିଛି। ରୋଗ କି ପରିବର୍ତ୍ତିତ ଜଳବାୟୁ କାରଣରୁ ଆଫ୍ରିକାରୁ ଆସିଥିବା ୬ଟି ଚିତାର ମୃତ୍ୟୁ ଘଟିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। କେବଳ ଏତିକି ନୁହେଁ, ଗୋଟିଏ ଚିତା ୪ଟି ଛୁଆ ଜନ୍ମ ଦେଇଥିବାବେଳେ ତିନୋଟିର ମଧ ମୃତ୍ୟୁ ଘଟିଥିଲା। ତେବେ ବିଶ୍ୱର ୭୫ଭାଗ ମହାବଳ ବାଘ ଭାରତରେ ଥିବା ରିପୋର୍ଟ ଆମ ପାଇଁ ଆଶ୍ୱସ୍ତିର ବିଷୟ ନିଶ୍ଚିତ। ଅନ୍ୟପକ୍ଷରେ ଦୁଃଖଦ ଖବରଟି ହେଉଛି, ଆମ ରାଜ୍ୟରେ ମହାବଳ ବାଘ ସଂଖ୍ୟା ହ୍ରାସ। ଗତ ୨୦୧୮ରେ ବାଘ ଗଣନା ରିପୋର୍ଟ ଅନୁଯାୟୀ ରାଜ୍ୟରେ ୨୮ଟି ମହାବଳ ଥିବାବେଳେ କେନ୍ଦ୍ର ସରକାରଙ୍କ ରିପୋର୍ଟ ଅନୁଯାୟୀ ଏହି ସଂଖ୍ୟା ୨୦କୁ ହ୍ରାସ ପାଇଛି। ବିଗତ ୪ବର୍ଷ ମଧ୍ୟରେ ରାଜ୍ୟରେ ୮ଟି ମହାବଳ ବାଘର ମୃତ୍ୟୁ ଘଟିଛି। ତାହା ବାର୍ଦ୍ଧକ୍ୟ କିମ୍ବା ରୋଗ କିମ୍ବା ଶିକାରୀ ଦ୍ୱାରା ସ୍ପଷ୍ଟ ହୋଇନାହିଁ, ମାତ୍ର ଗତ ୧୦ବର୍ଷ ମଧ୍ୟରେ ରାଜ୍ୟରେ ୬ଟି ମହାବଳ ବାଘର ମୃତ୍ୟୁ ଘଟିଥିବା ବେଳେ ୩ଟି ଶିକାରୀଙ୍କ ଗୁଳିରେ ପ୍ରାଣ ହରାଇଥିବା ବିଧାନସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦେଇଥିବା ତଥ୍ୟରୁ ଜଣାଯାଇଛି। ଅନ୍ୟପକ୍ଷରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ମହାବଳ ବାଘଙ୍କ ସଂଖ୍ୟା ୮ରୁ ୧୬କୁ ବୃଦ୍ଧି ପାଇଛି, ଯାହାକି ରାଜ୍ୟବାସୀଙ୍କ ପାଇଁ ସନ୍ତୋଷ ଆଣିଦେଇଛି। ମାତ୍ର ମହାବାଘ ଓ କଳା ବାଘ ପାଇଁ ବିଶ୍ୱ ଦରବାରରେ ଶିମିଳିପାଳ ପ୍ରସିଦ୍ଧ ଲାଭ କରିଥିବା ବେଳେ ବାଘଙ୍କ ବଂଶ ଆଶାନୁରୂପ ନ ବଢ଼ିବା ଦ୍ୱାରା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉଦ୍ଦେଶ୍ୟ ଠିକ୍ ଭାବେ ସାଧିତ ହୋଇପାରିନଥିବା ଅଭିଯୋଗ ହୁଏ।

ଆମ ରାଜ୍ୟରେ ୨୦୦୬ ବାଘ ଗଣନା ରିପୋର୍ଟ ଅନୁଯାୟୀ ୪୫ଟି ମହାବଳ ବାଘ ଥିବାବେଳେ ୨୦୧୦ରେ ଏହି ସଂଖ୍ୟା ୩୨କୁ ଏବଂ ୨୦୧୮ରେ ପୁଣି ହ୍ରାସ ପାଇ ୨୮କୁ କମି ଆସିଥିଲା। ଅବଶ୍ୟ କେନ୍ଦ୍ର ସରକାରଙ୍କ ବାଘ ଗଣନା ସହ ରାଜ୍ୟ ସରକାର ସହମତ ନୁହନ୍ତି। ଆସନ୍ତା ଅକ୍ଟୋବରରେ ରାଜ୍ୟ ସରକାର ରାଜ୍ୟରେ ବାଘ ଗଣନା କରିବେ। କିନ୍ତୁ ଏହା ନିଶ୍ଚିତ ଯେ, ଛାଲ, ନଖ, ନିଶ ପାଇଁ ବାଘ ଯେ ଏବେ ଶିକାରୀଙ୍କ ଲୋଲୁପ ଦୃଷ୍ଟିରେ ଏହା ସ୍ୱୀକାର କରିବାକୁ ହେବ। ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ ଏବେ ୭୬୦ଟି କଲରାପତରିଆ ବାଘ ଥିବାବେଳେ ବର୍ଷକ ମଧ୍ୟରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ) ୪୪ଟି ବାଘ ଛାଲ ଜବତ କରିବା ସହ ୫୦ରୁ ଊର୍ଦ୍ଧ୍ୱ ଶିକାରୀଙ୍କୁ ଗିରଫ କରିଥିବା କୁହାଯାଇଛି। ଏହା ସତ୍ୟ ଯେ, ବାଘ ହେଉଛି ଜଙ୍ଗଲ ସୁରକ୍ଷାର ଜାଗତ ପ୍ରହରୀ। ବ୍ୟାପକ ସଚେତନତା ସୃଷ୍ଟି କରି ବାଘ ସୁରକ୍ଷାକୁ କଡ଼ାକଡ଼ି କରାଯିବାର ଆବଶ୍ୟକତା ରହିଛି।

**ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**
**ମୋ- ୯୪୩୭୯୯୪୩୭୯**

## ଏଇ ଭାରତରେ

କମ୍ ଖର୍ଚ୍ଚରେ କମ୍ ଜାଗାରେ ପଶୁଚାରା ଉତ୍ପାଦନର ନୂଆ ବାଟ ଦେଖାଇଛନ୍ତି ଇଞ୍ଜିନିୟର ଅଶ୍ୱିନୀ ସାୱନ୍ତ। ସେ ୫୦୦ ବର୍ଗଫୁଟ ଜାଗାରେ ହାଇଡ୍ରୋପୋନିକ୍ସ ପଦ୍ଧତିରେ ଦିନକୁ ୫୦୦ କେ.ଜି. ପଶୁଚାରା ଉତ୍ପାଦନ କରୁଛନ୍ତି। ଏଥିରେ ପାରମ୍ପରିକ ପଦ୍ଧତି ତୁଳନାରେ ୯୧% ବଞ୍ଚୁଛି। ସେ ମୁଖ୍ୟତଃ ମକା, ଗହମ ବାର୍ଲି ଆଦି ଚାରା ଉତ୍ପାଦନ କରୁଛନ୍ତି। ବିଗତ ୮ ବର୍ଷ ହେଲା ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି। କେବଳ ଏତିକି ନୁହେଁ, ଏବେସୁଦ୍ଧା ସେ ଏହି ପଦ୍ଧତି ସମ୍ପର୍କରେ ୮୦୦୦ କୃଷକଙ୍କୁ ପ୍ରଶିକ୍ଷଣ ଦେଇସାରିଲେଣି; ଯେଉଁଥିରେ ସେମାନେ ଉପକୃତ ହେଉଛନ୍ତି। ଅଶ୍ୱିନୀ ଦୁବାଇରେ ଇଞ୍ଜିନିୟର ଥିଲେ। ସେଠାରେ ୨୦୦୦ଟି ପଶୁଥିବା ଏକ ଫାର୍ମରେ ସବୁଜ ଚାରା ଚାଷ ଦେଖି ତାହା ଭାରତରେ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ସେଠାରୁ ଚାକିରି ଛାଡ଼ି ୨୦୧୧ରେ ପୁଣେର ତାଙ୍କ ପୈତୃକ ଗାଁକୁ ଫେରି ୨୦୧୫ରେ ଏକ ଫାର୍ମ କରିଥିଲେ। ଏବେ ତାଙ୍କ ଫାର୍ମରେ ୧୦୫ଟି ଗାଈ ଓ ଛେଳି ଅଛନ୍ତି। ଅଶ୍ୱିନୀ କହନ୍ତି, ୧୦୦୦ ବର୍ଗଫୁଟ ଜାଗାରେ ଯେତିକି ସବୁଜ ଚାରା ଉତ୍ପାଦନ ସମ୍ଭବ ତାହା ୭ ଏକର ଜମିରେ ପାରମ୍ପରିକ ପଦ୍ଧତିରେ ହୋଇପାରିବ। ପାରମ୍ପରିକ ପଦ୍ଧତିରେ ଉତ୍ପାଦିତ ଚାରା ମୂଲ୍ୟ କେଜି ପ୍ରତି ୮-୧୪ ଟଙ୍କା ହୋଇଥିବାବେଳେ ଅଶ୍ୱିନୀଙ୍କ ଚାରାର ଦାମ୍ ମାତ୍ର ୨ଟଙ୍କାରେ ବିକ୍ରି ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଅଗଷ୍ଟ ୧୯୯୮

- ଜାତିସଂଘର ଅସ୍ତ୍ର ତଦାରଖକାରୀ ଦଳକୁ ସହଯୋଗ କରିବାକୁ ମନା କରିଦେଇଥିବାରୁ ଇରାକ ବିରୁଦ୍ଧରେ ଜାରି ଅର୍ଥନୈତିକ କଟକଣା ଅବ୍ୟାହତ ରଖିବା ନେଇ ନିରାପତ୍ତା ପରିଷଦର ନିଷ୍ପତ୍ତି।
- ଜୋର୍ଡାନର ନୂତନ ପ୍ରଧାନମନ୍ତ୍ରୀ ଭାବେ ରାଜଅଦାଲତର ପୂର୍ବତନ ମୁଖ୍ୟ ସୟିଦ ତାରାୱେନଙ୍କ ଦାୟିତ୍ୱ ଗ୍ରହଣ।
- ବିଶିଷ୍ଟ ଫିଲ୍ମ ନିର୍ମାତା, ଅଭିନେତା ଏବଂ ସମାଜସେବୀ ସୁନୀଲ ଦତ୍ତଙ୍କୁ ସଦ୍‌ଭାବନା ଓ ସଦିଚ୍ଛାକୁ ସୁଦୃଢ଼ କରିବା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜୀବ ସଦ୍‌ଭାବନା ପୁରସ୍କାର ପ୍ରଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | 7 | 9 | | | | 5 |
| | | | | | | | 4 | |
| | | | | | | 7 | 3 | |
| 9 | 3 | | | 5 | | 1 | 7 | |
| | 2 | | | | | 6 | | |
| 5 | | | | 8 | | | | 3 |
| | | | | | 2 | | | |
| | | 7 | | 1 | 5 | 3 | | 4 |
| | | 8 | 3 | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 8 | 7 | 4 | 3 | 2 | 6 | 1 |
| 7 | 3 | 1 | 5 | 2 | 6 | 9 | 4 | 8 |
| 4 | 6 | 2 | 1 | 9 | 8 | 7 | 3 | 5 |
| 3 | 1 | 6 | 9 | 8 | 4 | 5 | 7 | 2 |
| 5 | 9 | 7 | 2 | 3 | 1 | 6 | 8 | 4 |
| 2 | 8 | 4 | 6 | 7 | 5 | 1 | 9 | 3 |
| 6 | 2 | 3 | 4 | 5 | 9 | 8 | 1 | 7 |
| 1 | 4 | 5 | 8 | 6 | 7 | 3 | 2 | 9 |
| 8 | 7 | 9 | 3 | 1 | 2 | 4 | 5 | 6 |

ଗତକାଲିର ଉତ୍ତର

# ନକଲି ଔଷଧ, ଅସଲି ରୋଗୀ



ଡ. କୁଳାଙ୍ଗାର

ବାହାଘର ଭୋଜିରେ ଖାଉ ଖାଉ ସିଏ ଲୋଭରେ ଟିକେ ଅଧିକ ମଟନ ଖାଇଦେଲା। ବିଧି ଅନୁଯାୟୀ ବାହାଘର ଭୋଜି ହୋଇଥିବାରୁ ଖାଦ୍ୟଗ୍ରହଣ ପୂର୍ବରୁ ପେଟରେ ନାଳିପାଣି ମୁନ୍ଦେ ପଡ଼ିଥିଲା। ଘରକୁ ଫେରିଲା ପରେ ଉଦରସ୍ଥ ଉଭୟ ତରଳ ଏବଂ କଠିନ ଦ୍ରବ୍ୟ ତାଙ୍କର ପ୍ରଭାବ ପ୍ରଦର୍ଶନ କଲେ। ଫଳରେ ସିଏ ବାରମ୍ବାର ଶୟନ କକ୍ଷରୁ ଶୌଚାଳୟକୁ ଗସ୍ତ କରିବା ପରେ ମଧ୍ୟ ନିଷ୍କାସନ ସମ୍ଭବପର ନ ହୁଅନ୍ତେ ଘର ଲୋକଙ୍କୁ ଜଣାଇଲା।

ଘରଲୋକେ ତାକୁ ରାତିଅଧରେ ଏକ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଲେ। ଡାକ୍ତର ଖୁସି ମନରେ ଆଖିମଳି ଡାକ୍ତରଖାନାରେ ପହଞ୍ଚିଲେ ଏବଂ କାଳ ବିଳମ୍ବ ନ କରି ତୁରନ୍ତ ରକ୍ତ, ମଳ, ପରିସ୍ରା, ଛାତି, ମୁଣ୍ଡ, ଶିରା ପ୍ରଶିରା ଆଦିର ଗୁଡ଼ିଏ ପରୀକ୍ଷା କରି ପକାଇବା ପାଇଁ ପରାମର୍ଶ ଦେଲେ।

ଡାକ୍ତର ତା' ସ୍ତ୍ରୀକୁ କହିଲେ- ସମସ୍ୟା ବଡ଼ ଗମ୍ଭୀର! ତୁରନ୍ତ ଆଇସିୟୁରେ ଭର୍ତ୍ତି ନ କଲେ କ'ଣ କ'ଣ ହୋଇଯାଇପାରେ। ଆପଣ ଯଦି ରିସ୍କ୍ ନେବାକୁ ପ୍ରସ୍ତୁତ ତା'ହେଲେ ଆମେ ଏମିତି ଚିକିତ୍ସା ଚଳେଇ ପରୀକ୍ଷା ରିପୋର୍ଟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିପାରିବୁ। ତା' ଘରଣୀ ପଚାରିଲା - ରିପୋର୍ଟ ଆସିବାକୁ କେତେ ସମୟ ଲାଗିବ କି? ଏବେ ଡାକ୍ତରଙ୍କ ତରଫରୁ ତାଙ୍କ ନର୍ସ କହିଲେ- ସକାଳ ପାଇଲେ ଷ୍ଟାଫ୍ ଆସିଲେ ଯାଇ ରିପୋର୍ଟ ଦେବେ! ହାରାହାରି ଦିନ ଏଗାରଟା! ଏହା ଶୁଣି ତା' ଘରଣୀ କ'ଣ କରିବ ଭାବିବା ପୂର୍ବରୁ ଡାକ୍ତର ବାବୁ ପୁଣି ଥୋପ ପକେଇଲେ, ଆଚ୍ଛା ମ୍ୟାଡାମ! ଆପଣଙ୍କ ଘରେ କାହାର କିଡ୍‌ନୀ ଫେଲ୍ୟୁଅର, ହାର୍ଟ ଆଟାକ କି କ୍ୟାନ୍‌ସର ଆଦି ହୋଇଥିଲା କି? କାରଣ ଏସବୁ ବଂଶଗତ ଭାବରେ ହେବାର ଶତ ପ୍ରତିଶତ ନ ହେଲେ ମଧ୍ୟ ଅଧିକ ସମ୍ଭାବନା ଥାଏ!

ଏମିତିଆ ବଡ଼ ବଡ଼ ରୋଗ କଥା ଶୁଣି ତା' ଘରଣୀର ଆଖି ବଡ଼ବଡ଼ ହୋଇଗଲା। ଘର ବୋଇଲେ ତ ସବୁ ମହୀୟସୀ ମହିଳାଙ୍କ ପରି ସିଏ ନିଜର ବାପଘରକୁ ବୁଝନ୍ତି! ଅତଏବ ଘରଣୀ ଏଥର କାନ୍ଦକାନ୍ଦ ହୋଇ କହିଲା - ହଁ ସାର୍, ମୋ ଜେଜେବାପାଙ୍କର ବୋନ୍ ମ୍ୟାରୋ କ୍ୟାନ୍‌ସର ହୋଇଥିଲା, ମୋ କକା ହାର୍ଟ ଆଟାକରେ ଚାଲିଗରେ ଆଉ ମୋ ବୋଉର କିଡ୍‌ନୀ ଖରାପ। ଏହା କହି ତା' ଘରଣୀ କାନ୍ଦ ଆରମ୍ଭ କରନ୍ତେ ସିଏ ଗୋଡ଼ହାତ ଛାଟି ତାହାକୁ ବାରଣ କରିବାକୁ ଚେଷ୍ଟା କଲା। କଥା କ'ଣ କି ସେତେବେଳକୁ ଆଉ ସିଏ କଥା କହିବା ଅବସ୍ଥାରେ ନାହିଁ। ଅତଏବ ସିଏ ପ୍ରତିବାଦ ସ୍ୱରୂପ ଯେବେ ବଡ଼ ବଡ଼ ଆଖି କରି ଗୋଡ଼ହାତ କଚାଡ଼ିଲା, ଡାକ୍ତର ଆଉ କାଳ ବିଳମ୍ବ ନ କରି ଏହି ସୁଯୋଗରେ ତା' ଘରଣୀକୁ କହିଲେ - ଦେଖନ୍ତୁ ଜଣେ ମଣିଷ ସର୍ବାଧିକ ତିନିଟା ଷ୍ଟ୍ରୋକ୍ ସମ୍ଭାଳି ପାରିବ। ଯଦି ଆପଣ କହିବେ ଆମେ ତୁରନ୍ତ ଆଇସିୟୁକୁ ନେଇଯିବୁ ଯେଉଁଠି ସବୁ ସମସ୍ୟାକୁ ସମ୍ଭାଳି ରୋଗୀକୁ ବଞ୍ଚେଇବା ପାଇଁ ବନ୍ଦୋବସ୍ତ ରହିଛି। ଯଦି ନ ଚାହିଁବେ ତେବେ....



ଡାକ୍ତରଙ୍କ କଥା ରୋକି ତା' ଘରଣୀ ହାତଯୋଡ଼ି କହିଲା - ଯାହା ପଡ଼ିବ ପଡୁ.... ମୋ ସ୍ୱାମୀଙ୍କୁ ପ୍ଲିଜ୍ ବଞ୍ଚାନ୍ତୁ! ବାସ୍...। ଏଇ ସୁଯୋଗକୁ ଅପେକ୍ଷା କରିଥିବା କର୍ମଚାରୀ ଜଣକ ଚଟାପଟ ଗୁଡ଼ାଏ ସର୍ତ୍ତାବଳୀ ଲେଖା ଫର୍ମରେ ତା' ଘରଣୀର ଦସ୍ତଖତ କରାଇନେଲେ। ସେତେବେଳକୁ ଭୋର୍ ପାଖାପାଖି ସମୟ। ଏବେ ତାକୁ ପୋଷାକ ବଦଳେଇ ଆଇସିୟୁରେ ଭର୍ତ୍ତି କରିଦିଆଗଲା। ଡାକ୍ତରବାବୁ ଚର୍ ଚର୍ କରି ବେଜାଏ ଔଷଧ ଇଞ୍ଜେକ୍‌ଶନ ଲେଖି ପକାଇଲେ। ସେ ସବୁକୁ ତା' ପୁଅ ଯାଇ ଡାକ୍ତରଖାନା ପରିସରରେ ଥିବା ଔଷଧ ଦୋକାନରୁ କିଣି ଆଣିଲା। ଆଇସିୟୁ ଭିତରକୁ ତ ସବୁବେଳେ ପ୍ରବେଶ ନିଷେଧ! ତେଣୁ ବାହାରେ ତା' ଘରଣୀ ଓ ପୁଅ ଅନିଦ୍ରା ହୋଇ ଜଗିରହିଲେ। ସେପଟେ ଆଇସିୟୁ ଭିତରେ ଶରୀରରେ ଇଞ୍ଜେକ୍‌ଶନ ଓ ସାଲାଇନର ଜଳ ପ୍ରବେଶ କରନ୍ତେ ତା'ର ଖୋଲା ଝାଡ଼ାଟିଏ ହୋଇଗଲା ଓ ସିଏ ନିଘୋଡ଼ ନିଦରେ ଶୋଇ ପଡ଼ିଲା।

ବାହାରେ ଥାଇ ତା' ଘରଣୀ ଓ ପୁଅ ଆଇସିୟୁ ଭିତରୁ ବାହାରକୁ ଆସୁଥିବା ନର୍ସକୁ ପଚାରିବାରୁ ସେମାନେ ଶୁଣାଇଲେ କି - ପେସେଣ୍ଟର ସେନ୍ସ ନ ଆସିବା ପର୍ଯ୍ୟନ୍ତ କିଛି କହି ହେବନି! ଏହା ଶୁଣି ସେମାନେ ନର୍ସକୁ ହାତଯୋଡ଼ି ଅନୁରୋଧ କଲେ ପ୍ଲିଜ୍ କିଛି କରନ୍ତୁ। ନର୍ସ ପୁଣି ଶୁଣାଇଦେଲେ କି - ଡକ୍ଟର ଆସିଲେ ଯାହା କହିବେ! ଏଥର ପୁଅ ଓ ଘରଣୀ ଚାପ ସୃଷ୍ଟି କରିବାରୁ ନର୍ସ ଡାକ୍ତରଙ୍କୁ ଫୋନ୍ କଲେ, ଡାକ୍ତର ଆଉ ମେଞ୍ଚାଏ ଔଷଧ ଡାକିଦେଲେ। ପୁଅ ସବୁ କିଣି ଆଣିଲା। ଦିନ ଏଗାରଟା ବେଳକୁ ଭିତରକୁ ଯାଇ ଦେଖିଲେ ସିଏ ଶୋଇଛି। ଡାକ୍ତର ରାଉଣ୍ଡରେ ଆସି ଦେଖିସାରି କହିଲେ - ରିପୋର୍ଟରେ ଅଳ୍ପ କିଛି ଅସୁବିଧା ଅଛି କିନ୍ତୁ ସେନ୍ସ ଆସିବା ପର୍ଯ୍ୟନ୍ତ କିଛି କହିହେବନି!

ନିଶାର ପ୍ରଭାବ ହ୍ରାସ ପାଆନ୍ତେ ଅପରାହ୍ନ ୩.୩୦ ବେଳକୁ ତା' ନିଦ ଭାଙ୍ଗିଲା। ନର୍ସ ବାହାରକୁ ଯାଇ ମିଠା ଖାଇବା ବାବଦରେ ପାଆଁଶ ଟଙ୍କା ନେଇ ଜଣାଇଲା କି ତା'ର ଚେତା ଫେରିଲା। ଡାକ୍ତର ସେଦିନ ଆସିଲେନି। ପରଦିନ ଆସି କହିଲେ - ରୋଗୀ ଏବେ ବିପଦ ମୁକ୍ତ କିନ୍ତୁ ୪୮ ଘଣ୍ଟା ଅବଜରଭେଶନରେ ରହିବା ଜରୁରୀ। ଯଦି ଆପଣ ରିସ୍କ ନେବେ ଘରକୁ ନେଇ ପାରନ୍ତି। ଅତଏବ ବାଧ୍ୟ ହୋଇ ସିଏ ଭିତରେ ଓ ସ୍ତ୍ରୀ ପିଲା ବାହାରେ ରହିଲେ। ଚାରିଦିନ ପରେ ଅଣଷଠି ହଜାର ପାଞ୍ଚଶହ ଏକତିରିଶ ଟଙ୍କା ବିଲ୍ ଦେଇ ଘରକୁ ଫେରି ସିଏ ଟିଭିରେ ଦେଖିଲା; ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲୁଥିବା ନକଲି ଡାକ୍ତରଙ୍କ ନର୍ସିଂହୋମ୍ ଓ ଔଷଧ ଦୋକାନରେ ଚଢ଼ଉ ହୋଇଛି।

ସିଏ ଟିଭିରେ ଦେଖି ଚିହ୍ନିଦେଲା ତାକୁ ଚିକିତ୍ସା କରୁଥିବା ଡାକ୍ତର ଗିରଫ ହୋଇ ଯାଉଛନ୍ତି। ସିଏ ଜଣେ ନକଲି ଡାକ୍ତର। ଔଷଧ ଦୋକାନକୁ ଦେଖି ତା' ପୁଅ ଚିହ୍ନି ଦେଲା। କହିଲା - ବାବା, ମୁଁ ବା ସେଇ ଦୋକାନରୁ ଯାଇ ତମ ପାଇଁ ଔଷଧ ଆଣୁଥିଲି। ଏ ଖବର ପାଇ ସିଏ, ତା' ପୁଅ ଓ ଘରଣୀ ଏବେ ଦ୍ୱନ୍ଦ୍ୱରେ! ସେମାନଙ୍କ ମନରେ ଦ୍ୱନ୍ଦ୍ୱ; ଡାକ୍ତର ନକଲି, ଔଷଧ ନକଲି!! ତା' ହେଲେ ତା' ରୋଗ ଭଲ ହେଲା କିପରି?

ଏହାର ଉତ୍ତର କାହା ପାଖରେ ଥିଲେ ଦୟାକରି ଜଣାଇବେ.....!!!

**ଅଲରା, ନରସିଂହପୁର, କଟକ**
**ମୋ-୮୮୯୫୮୨୫୮୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ସ୍କୁଲରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ

ମହାଶୟ,

ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଜଣେ ଜଣେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବା ଆବଶ୍ୟକ। ଛାତ୍ରୀଛାତ୍ରମାନେ ଏହାଦ୍ୱାରା ମହାପୁରୁଷମାନଙ୍କ ତ୍ୟାଗ, ସେବା ଓ ସଂଗ୍ରାମ ସମ୍ପର୍କରେ ଅବଗତ ହୋଇପାରିବେ। ଆମ ସମାଜରେ ଦିନକୁ ଦିନ ଅବକ୍ଷୟ ପରିଲକ୍ଷିତ ହେଉଛି। ସ୍କୁଲ କଲେଜର କୋଠାବାଡି ସୁନ୍ଦର ହେଉଥିବାବେଳେ ଶିକ୍ଷାର ଗୁଣାତ୍ମକ ବିକାଶ ଆଖିଦୃଶିଆ ହୋଇପାରୁନାହିଁ। ଶିକ୍ଷାନୁଷ୍ଠାନର ବାତାବରଣ ମଧୁମୟ କରିବାକୁ ହେଲେ ଚରିତବାନ୍ ଓ ଗୁଣୀ ଛାତ୍ରୀଛାତ୍ର ସୃଷ୍ଟି ହେବା ଉଚିତ। ଏଣୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ମହାପୁରୁଷମାନଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ଉଚିତ। ଏ ଦିଗରେ ୫-ଟି ଓ ମୋ ସ୍କୁଲ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କଲେ ଶିକ୍ଷାଦାନର ଲକ୍ଷ୍ୟ, ଉଦ୍ଦେଶ୍ୟ ସାଧିତ ହୋଇପାରିବ। ଅବଶ୍ୟ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏ ଦିଗରେ କାର୍ଯ୍ୟ କରୁଥିଲେ ମଧ ତାହା ଅତି ନଗଣ୍ୟ।

**-ନିର୍ମଳଚନ୍ଦ୍ର ସାମଲ, ବଡ଼ଚଣା, ଯାଜପୁର**

## ଚିରନ୍ତନୀ

ନ ଲାଗୁଣୁ ଶିଶୁ ମୁଖେ ଆଲୋକର ଚାରୁ ହାସରେଖା
ମୃତ୍ୟୁର ମଳିନ ଛବି ଅଧର କୋଣରେ ଦେଲେ ଦେଖା
ସ୍ଥିର ହେଲେ ଜୀବନର ସଧୀର ଚାଳନା
ଅଚଞ୍ଚଳ ତବଧ ଚେତନା।

**(ସୃଜନ ବ୍ୟଥା)**

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଟ୍ରେନରେ କଟି ଯୁବକ ମୃତ

ଦେଓଗାଁ, ୨୦।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ-ଜରାସିଂହା ମଝିରେ ଥିବା ରେଳ ଫାଟକ ଶବରପଡା ନିକଟରେ ରେଳଧାରଣାରେ ପଡିଥିବା ଜଣେ ଯୁବକଙ୍କ ମୃତଦେହ ରବିବାର ଜିଆରପି ଜବତ କରିଛି। ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଜିଆରପି ସୂଚନା ଦେଇଛି। ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ ଦେଓଗାଁବ୍ଲକ ସାଲେପାଲିର ବଶିଷ୍ଠ ପଧାନ(୪୦) ବୋଲି ଚିହ୍ନଟ କରାଯାଇଛି। ସୂଚନାମୁତାବକ ଗତ ବିଳମ୍ବିତ ରାତିରେ ବଶିଷ୍ଠ କୌଣସି କାରଣରୁ ଏକ ବାଇକରେ ରେଳ ଫାଟକ ନିକଟକୁ ଆସିଥିଲେ। ରବିବାର ସକାଳେ ଧାରଣାରେ ସେ କଟି ଯାଇଥିବା ଦେଖି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ।

### ଦୁର୍ଘଟଣାଗ୍ରସ୍ତ କାର ଗଛ ଡାଳରେ ଝୁଲି ରହିଲା



ଦେଓଗାଁ, ୨୦।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ ନଂ ଜାତୀୟ ରାଜପଥ ଦାବଲିକାନୀ ଛକ ନିକଟରେ ଏକ କାର ରବିବାର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବଲାଙ୍ଗୀରରୁ ବଡମାଲକୁ ଜନୈକ ବ୍ୟକ୍ତି କାରରେ ଫେରୁଥିବା ବେଳେ ଜାତୀୟ ରାଜପଥ ନାଇକେନସିରା ଦାବଲିକାନୀ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ଆଇଟେନ କାର ଏକ ଗଛର ଡାଳରେ ଲାଗି ଝୁଲିପଡିଥିବା ଦେଖିବାକୁ ମିଳିଥିଲା। ହେଲେ ଚାଳକ ନିଶ୍ଚିତ ବିପଦରୁ ବର୍ତ୍ତିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଛି।

### ସେପ୍ଟେମ୍ବର ୩ରେ କର୍କଟ ଚିହ୍ନଟ ପରୀକ୍ଷଣ ଶିବିର

ଟିଟିଲାଗଡ, ୨୦।୮ (ଶରତ ମିଶ୍ର)

ଟିଟିଲାଗଡ ମାରୱାଡ଼ି ଯୁବାମଞ୍ଚ ସେଣ୍ଟ୍ରାଲ ଶାଖା ଏବଂ ଯୁବାମଞ୍ଚ ପ୍ରଗତି ଶାଖା ନୟା ରାୟପୁର ବାଲକୋ ମେଡିକାଲ ସେଣ୍ଟର ସହଭାଗିତାରେ ଆସନ୍ତା ସେପ୍ଟେମ୍ବର ୩ ତାରିଖରେ ସ୍ଥାନୀୟ ଡିଏନ ରିସର୍ଟଠାରେ ଏକ କର୍କଟ ରୋଗ ଚିହ୍ନଟ ପରୀକ୍ଷଣ ଶିବିର ଆୟୋଜିତ ହେବ। ରବିବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ମହାବୀର ପଞ୍ଚାୟତି ଧର୍ମଶାଳାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଆରୁଶ ଶର୍ମା, ରାହୁଲ ଜୈନ, ଭୂପେନ ଜୈନ, ବାଲକୋ ମେଡିକାଲର ଅଧିକାରୀ ସତ୍ୟ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ଅଙ୍କୁର ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାର୍ଯ୍ୟକ୍ଷମ ହୋଇନି, କାନ୍ଥରେ ଫାଟ





ନିଅଁରେ ଫାଟ(ବାମ)। ନବ ନିର୍ମିତ ବ୍ଲକ ମିଶନଶକ୍ତି ଭବନ।

**ଆଗଲପୁର ବ୍ଲକ ମିଶନ ଶକ୍ତି ଭବନ**

■ ଲୋକାର୍ପଣର ଦେଢ଼ମାସରେ ଦୁରବସ୍ଥା ଚିନ୍ତା ବଢ଼ାଇଲା

ଲୋଇସିଂହା, ୨୦।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ମିଶନ ଶକ୍ତି ଭବନ କାର୍ଯ୍ୟକ୍ଷମ ହୋଇନାହିଁ। ହେଲେ କାର୍ଯ୍ୟାଳୟ ବ୍ୟବହାର ପୂର୍ବରୁ କାନ୍ଥ ଚାରିପଟେ ବିରାଟ ଫାଟ ସୃଷ୍ଟି ହୋଇଛି। ନବନିର୍ମିତ କୋଠାର ଏପରି ଦୂରାବସ୍ଥା ଦେଖିଲେ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖାଲି ସେତିକି ନୁହେଁ ନିକଟରେ ମିଶନ ଶକ୍ତି ଭବନ ଲୋକାର୍ପଣ ହୋଇଥିଲେ ହେଁ ଏହି କୋଠାରେ କାର୍ଯ୍ୟ କରିବାକୁ ବିଭାଗୀୟ କର୍ମଚାରୀ ସୁରକ୍ଷିତ ମଣୁନାହାନ୍ତି। ଅପରପକ୍ଷେ ବ୍ଲକ ପ୍ରଶାସନ ଓ କୋଠା ନିର୍ମାଣ କରିଥିବା ପିଡବ୍ଲ୍ୟୁଡି ବିଭାଗ ଏଥିପ୍ରତି ନିର୍ବିକାର ରହି ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଦକ୍ଷତା ବିକାଶ ପାଇଁ ରାଜ୍ୟ ସରକାର ପ୍ରତି ବ୍ଲକରେ ମିଶନ ଶକ୍ତି ଭବନ ନିର୍ମାଣ କରୁଛନ୍ତି। ଏହି କ୍ରମରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ (ଡୁଡୁକା) ପରିସରରେ ମିଶନ ଶକ୍ତି ଭବନ ନିର୍ମାଣ ହୋଇଛି। ୨୦୨୨-୨୩ ଅର୍ଥିକ ବର୍ଷରେ ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରି ଉକ୍ତ କୋଠା ନିର୍ମାଣ ହୋଇଛି। ପ୍ରାୟ ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ କୋଠାକୁ ବରଗଡ ଜିଲା ଗାଇସିଲାଟ ଅଞ୍ଚଳର ଜଣେ ଠିକାଦାର କରିଛନ୍ତି। ଗତ ଜୁଲାଇ ୭ ତାରିଖରେ ନବ ନିର୍ମିତ ମିଶନ ଶକ୍ତି ଭବନକୁ ଜିଲା ପରିଷଦ ଅଧ୍ୟକ୍ଷା ଦେବାକୀ ସାହୁ ଲୋକାର୍ପଣ କରିଥିଲେ। ଲୋକାର୍ପଣର ଅଳ୍ପଦିନ ମଧ୍ୟରେ କୋଠାର ଅବସ୍ଥାକୁ ନେଇ ବ୍ଲକ ଭାଜପା ଅଙ୍ଗୁଳି ଉଠାଇ ଏଠି ୫-ଟି କୁଆଡେ ଗଲା ବୋଲି ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ଜିଲା ପରିଷଦ ସଭ୍ୟା ବୀଣାପାଣି ଦାଶ କୋଠାରେ ଫାଟକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଗତ ମାର୍ଚ୍ଚ ମାସରେ ଜିଲା ପରିଷଦ ୱାର୍କ କମିଟି ଉପାଧ୍ୟକ୍ଷା ମିଥିଳା ମାଝିଙ୍କ ନେତୃତ୍ୱରେ ଆଗଲପୁର ବ୍ଲକରେ ଉନ୍ନୟନ କାମ ପରିଦର୍ଶନ କରିଥିଲେ। ସେତେବେଳେ ନିର୍ମାଣରେ ଅନିୟମିତତା ଦେଖି କମିଟି ସଦସ୍ୟ ଅସନ୍ତୋଷବ୍ୟକ୍ତ କରିଥିଲେ। କାମରେ ସୁଧାର ଆଣିବାକୁ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରାଯାଇଥିଲା। ଏଥିରୁ କମିଟିର ନିର୍ଦ୍ଦେଶକୁ ଅଣଦେଖା କରାଯାଇଥିବା ସ୍ପଷ୍ଟ ହୋଇଛି। କାମ କରିଥିବା ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବା ସହ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ବିଭାଗୀୟ ଏସ୍‌ଡିଓ ଉଦୟଚରଣ ବେହେରା କହିଛନ୍ତି ନବନିର୍ମିତ କୋଠାର ମରାମତି କରିବାକୁ ଠିକାଦାରଙ୍କୁ କୁହାଯାଇଛି। ମୁଁ ନିଜେ କ୍ଷେତ୍ର ପରିଦର୍ଶନ କରିବି ବୋଲି ସେ କହିଛନ୍ତି।

## ବିନ୍ଧ୍ୟଗିରି ବିଞ୍ଝାଲ ସମାଜ ବୈଠକ

ଖପ୍ରାଖୋଲ, ୨୦।୮ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ସର୍ବଭାରତୀୟ ସାଲାଖ ବିନ୍ଧ୍ୟଗିରି ବିଞ୍ଝାଲ ସମାଜର ଏକ ବୈଠକ ଉପଲାଟ ସଭାପତି ତଥା ଜିଲା ସଭାପତି ଚନ୍ଦ୍ରଶେଖର ବାଗ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଲାଟ ସଭାପତି ହୃଷୀକେଶ ବରିହା, ସମ୍ମାନିତ ଅତିଥି ପୂର୍ବତନ ଆୟକର କମିଶନର ପ୍ରମୋଦ ଝାଙ୍କର, ସମ୍ପାଦକ ଆଗାରାମ ବରିହା, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ରଞ୍ଜିତ ସିଂ ବରିହା, ଝାରବନ୍ଧ ବ୍ଲକ ସଭାପତି ଜେହେରୁ ବରିହା, ବଲାଙ୍ଗୀର ବ୍ଲକ ସଭାପତି କୁଶ ବରିହା, ବୋର୍ଡ ସଭ୍ୟ ରାମ ବରିହା ପ୍ରମୁଖ ଯୋଗଦେଇଥିଲେ। ବିଞ୍ଝାଲ ସମାଜ ଇଷ୍ଟଦେବୀ ବିନ୍ଧ୍ୟବାସିନୀଙ୍କ ପୂଜାର୍ଚ୍ଚନା ସହ ସାମୂହିକ ପ୍ରାର୍ଥନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସର୍ବଭାରତୀୟ ବିନ୍ଧ୍ୟଗିରୀ ବିଞ୍ଝାଲ ସମାଜର ସାମୂହିକ ବିକାଶ ପାଇଁ ସମାଜର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରି ଦାବି ଉପସ୍ଥାପନ କରାଯିବା ନେଇ ଜିଲା ସଭାପତି ବାଗ ବୈଠକରେ ସୂଚନା ଦେଇଥିଲେ। ବୈଠକରେ ହରିଶଙ୍କର ସ୍ଥିତ ମା' ବିନ୍ଧ୍ୟବାସିନି ମନ୍ଦିରର ସୁରକ୍ଷା ସହ ମା'ଙ୍କ ନାମରେ ପଟ୍ଟା ମିଳିବା ସହ ଭୁବନେଶ୍ୱରରେ ସର୍ବଭାରତୀୟ ସାଲାଖ ବିନ୍ଧ୍ୟଗିରୀ ବିଞ୍ଝାଲ ସମାଜର ଏକ ଭବନ ନିର୍ମାଣ ପାଇଁ ଜମି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ସମାଜର ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋଚନା ହୋଇଥିଲା। ବୈଠକରେ ବ୍ଲକ ଉପସଭାପତି କେଶବ ବରିହା, ଶଶିକାନ୍ତ ବରିହା, ଜିଲା ମିଡ଼ିଆ ସେଲ ସଂଯୋଜକ ଗୋରେଖନାଥ ବରିହା, ବିପିନ ବରିହା, ବିରଞ୍ଚି ବରିହା, ପାଣ୍ଡବ ବରିହା, କିଶୋର ବରିହା, ହୃଷୀକେଶ ବରିହା, ବୃନ୍ଦାବନ ବରିହା, ବଳରାମ ବରିହା, ଜଳ ବରିହା, ହୃଷି ବରିହା, ପିଚ୍ଛାଲୁ ବରିହା, ଐତରାମ ବରିହା, ମହେଶ ବରିହା ପ୍ରମୁଖ ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ। ଶେଷରେ ବ୍ଲକ ସଭାପତି ଚନ୍ଦ୍ରଶେଖର ବରିହା ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ସମାଜର କର୍ମକର୍ତ୍ତା ଓ ସଦସ୍ୟମାନେ।

## ଆଇନ ସହାୟତା ନେଇ ସଚେତନ କଲା ତାଲୁକ ସମିତି




ତାଲୁକ ସମିତି ଅଧ୍ୟକ୍ଷ ଏଡିଜେ ସନ୍ଦୀପ ପଟ୍ଟନାୟକ ବକ୍ତବ୍ୟ ରଖୁଛନ୍ତି।

ଟିଟିଲାଗଡ଼, ୨୦।୮ (ଶରତ ମିଶ୍ର)

ତାଲୁକ ଆଇନ ସେବା ସମିତି ଟିଟିଲାଗଡ ପକ୍ଷରୁ ରବିବାର ବ୍ଲକ ଅନ୍ତର୍ଗତ ମନିଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ତାଲୁକ ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ସନ୍ଦୀପ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସବଜଜ ରମାକାନ୍ତ ମହାନ୍ତି, ଉପଜିଲାପାଳ ଦୟାମୟ ପାଢ଼ି, ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ସମିତି ଫ୍ରଣ୍ଟ ରିଟେନର ସନ୍ଧ୍ୟା ଥାପା ଗରିବ ପରିବାର, ମହିଳା, ଶିଶୁ, ଅନୂସଚିତ ଜାତି, ଅନୂସୂଚିତ ଜାତି ମାଗଣାରେ କିଭଳି ଆଇନ ସେବା ପାଇବା ବ୍ୟବସ୍ଥା ରହିଛି ଏବଂ ଆଇନ ସେବା ସମିତି ସେମାନଙ୍କୁ କିଭଳି ସହାୟତା କରିବେ ସେ ନେଇ ବୁଝାଇଥିଲେ। ମହିଳାଙ୍କ ପାଇଁ ଆଇନ ସହାୟତା ପାଇବା ସରଳ ହୋଇଛି, ପୋଲିସ ଜନତାଙ୍କ ସହଯୋଗରେ କାର୍ଯ୍ୟ କରୁଛି। ମହିଳାମାନେ ଉତ୍ପୀଡନର ଶିକାର ନେଇ କିଭଳି ବିଶେଷ ଧାରା ରହିଛି, ୧୧୨ ହେଲ୍ପ ଲାଇନରେ ଅଭିଯୋଗ କଲେ କିଭଳି ତୁରନ୍ତ ପୋଲିସ ସହାୟତା ପ୍ରଦାନ କରାଯାଉଛି ସେ ନେଇ ଜନତାଙ୍କୁ ସଚେତନ କରାଯାଇଥିଲା। କିଭଳି ଜଣେ ପୁରୁଷ କିମ୍ବା ମହଳା ଥାନା କିମ୍ବା ଅଦାଲତକୁ ନଯାଇ ମଧ୍ୟ ନିଜ ମୋବାଇଲରୁ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା)ରେ ନିଜ ଅଭିଯୋଗ ଦାଖଲ କରିପାରିବ ସେ ନେଇ ଅବଗତ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ମାଦ୍ରୀ ଖର୍ସେଲ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦ୍ମନାଭ ନାୟକ, ସମାଜ କଲ୍ୟାଣ ଅଧିକାରୀ ଦେବାଶିଷ ମିଶ୍ର, ନାଏବ ସରପଞ୍ଚ ତୁଳସି ବାଗ, ଆଇନଜୀବୀ ଟିକେରାମ ସାହୁ, ପିଏଲଭି ନିଳାମ୍ବର ବେହେରା, ପରମାନନ୍ଦ ତାଣ୍ଡି, ଜିଆରଏସ ନସିବ ତାଣ୍ଡି, ଜିଓଟେଗର ସୁଶାନ୍ତ ବିଶି, ଜିଏସ ଖଗେଶ୍ୱର ବାଗ, ୱାର୍ଡ ସଭ୍ୟ କପିଳ ସୁନା, ଧରଣୀଧର ପ୍ରଧାନୀ, ଘନଶ୍ୟାମ ନାଗ, ବସନ୍ତ ବାଗ, ଉର୍ମିଳା ମାଝି, ଅନୁ ବାଗ, ସମାଜସେବୀ ପ୍ରହଲ୍ଲାଦ ପ୍ରଧାନ, ମାନସ ସାହୁ, ପର୍ଶୁ ହରପାଲ ପ୍ରମୁଖ ଉପସ୍ଥିତ ଥିଲେ। ତାଲୁକ ସମିତି କିରାଣି ଜୀବର୍ଦ୍ଧନ ଛତ୍ରିଆ ସଭା ପରିଚାଳନା କରିଥିଲେ। ସମାଜସେବୀ ମୁନିରାମ ଖର୍ସେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା ପକ୍ଷରୁ ତାଲିମ ଶିବିର

ଖଡ଼ିଆଳ, ୨୦।୮ (ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ମୃତ୍ତିକା ସଂରକ୍ଷଣ ବିଭାଗ କାର୍ଯ୍ୟାଳୟରେ ମୃତ୍ତିକା ସଂରକ୍ଷଣ ବିଭାଗ ଓ ଜଳ ବିଭାଜିକା ବିଭାଗ ପକ୍ଷରୁ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଜଳ ବିଭାଜିକା ଅଧୀନ ବ୍ଲକର ୫ଟି ପଞ୍ଚାୟତ ରାଣୀମୁଣ୍ଡା, ଦାବରୀ, ଖାସବାହାଲ, ସରଧାପୁର ଓ ବିରିଘାଟ ଗ୍ରାମ ପଞ୍ଚାୟତର ୧୬ଟି ଗ୍ରାମର ୩୦ଜଣ ଯୁବକମାନେ ତାଲିମ ଗ୍ରହଣ କରିଛନ୍ତି। ଏହି ତାଲିମ ଶିବିର ସେପ୍ଟେମ୍ବର ୧୫ରେ ଉଦଯାପିତ ହେବ। ୩୦ ଦିନିଆ ମୋଟର ଡ୍ରାଇଭିଂ ଦକ୍ଷତା ତାଲିମ ଶିବିର ଉଦଘାଟିତ କରିଛନ୍ତି ପ୍ରକଳ୍ପ ସହ ନିର୍ଦ୍ଦେଶକ ଚିନ୍ତାମଣି ବେହେରା। ସୂଚନା ଥାଉକି ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଏହି ଯୁବକମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ଚିନ୍ତାମଣି ବେହେରା, ଆୟୋଜକ ସଂସ୍ଥାର ରଫିକ ମହମ୍ମଦ ପ୍ରମୁଖ ଯୋଗଦେଇଥିଲେ। ଏହି ତାଲିମ ଯୁବକମାନଙ୍କୁ କର୍ମ ନିଯୁକ୍ତି ଦେଇ ପାରିବ ଓ ସେମାନେ ଜଣେ ଦକ୍ଷ ଡ୍ରାଇଭର ହୋଇ ଆର୍ଥିକ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ପ୍ରକାଶ କରିଥିଲେ। ଅପରପକ୍ଷରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ଏପରି କାର୍ଯ୍ୟକ୍ରମ ଆମ ଅଞ୍ଚଳ ଯୁବପିଢ଼ିମାନଙ୍କୁ ସ୍ୱାବଲମ୍ବୀ ହେବାରେ ସହାୟକ ହେଉଛି ବୋଲି ତାଲିମ ନେଉଥିବା ଯୁବକମାନେ କହିଛନ୍ତି। ହରିଶ୍ଚନ୍ଦ୍ର ବେଣ୍ଡକାର, ସୁଶୀଲ ମୁଣ୍ଡ, ଅଜିତ ଦଣ୍ଡସେନା, ମଦନ ମାଝିଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## କୁଟୁର୍ଲାରେ ସଦ୍‌ଭାବନା ଦିବସ ପାଳିତ

ଦେଓଗାଁ, ୨୦।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଟୁର୍ଲାରେ ସ୍ଥାନୀୟ କୋଶଳୀ ଲୋକନୃତ୍ୟ ଏକାଡେମୀ ତରଫରୁ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। କୋଶଳୀ ଲୋକନୃତ୍ୟ ଏକାଡେମୀ ସମ୍ପାଦକ ଧରଣୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥି ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସ୍ମୃତିଚାରଣ କରାଯାଇଥିଲା। ସମସ୍ତେ ଭାଇଚାରାରେ ରହିବାପାଇଁ ସନ୍ଦେଶ ଦେବାସହ ବୃକ୍ଷରୋପଣ କରି ପରିବେଶକୁ ସନ୍ତୁଳନ କରିବାପାଇଁ ଆହ୍ୱାନ ଦିଆଯାଇଥିଲା। ଏ ଅବସରରେ ଡୁଷୁରାର ଘୁଡୁକା ବାଦକ ସାନ ଓ ବଡ ଯୋଗଦେଇ ପାରମ୍ପରିକ ଘୁଡୁକା ବଜାଇ ପାରମ୍ପରିକ ଗୀତ ଗାଇଥିଲେ।




ମଞ୍ଚାସୀନ ଅତିଥିଙ୍କ ଗହଣରେ କଳାକାରଦ୍ୱୟଙ୍କ ଘୁଡୁକା ବାଦନ।

## ଗନ୍ଧମାର୍ଦ୍ଦନ ଆନ୍ଦୋଳନର ପ୍ରତିଷ୍ଠା ଦିବସ ପାଳିତ

ଖପ୍ରାଖୋଲ, ୨୦।୮ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ବୁଢ଼ୀବାହାଲଠାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନର ୩୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ୱାମୀ ସମାବେଶ, ସମ୍ମାନିତ ଅତିଥି ଥବିର ଚରଣ ମେହେର, ଝରି ବେହେରା, ନୀଳମାଧବ ପାଣିଗ୍ରାହୀ, ଡ଼. ଅଶୋକ ଭୋଇ, ସ୍ୱାମୀ ଜୟଦେବ ଭାରତୀ, କେଶବ ମେହେର, ଧରମ ସିଂ ଧରୁଆ ପ୍ରମୁଖ ଯୋଗଦେଇଥିଲେ। ଗତ ଅଶୀ ଦଶକରେ ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ପାଇଁ ହୋଇଥିବା ଦୁର୍ବାର ଜନ ଆନ୍ଦୋଳନ ଉପରେ ଆଲୋକପାତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟେକେନ୍ଦ୍ର ଜାଲ, ସଂଯୋଜକ ରାଜକୁମାର ସେଠ, ଆଇନଜୀବୀ ପ୍ରଶାନ୍ତ ମାଝି, ସୁଶୀଲ ଦଣ୍ଡସେନା, ସଞ୍ଜୀବ ବରିହା, କଳାକାହ୍ନୁ ସାହୁ, ଶାନ୍ତନୁ ବୁଢ଼ିଆ, ଅଭିଳାଷ ଭୋଇଙ୍କ ସମେତ ଶତାଧିକ ପରିବେଶପ୍ରେମୀ ମହିଳା ପୁରୁଷ ଉପସ୍ଥିତ ଥିଲେ।

## ବରିଷ୍ଠ, ସଚେତନ ନାଗରିକ ମଞ୍ଚ କାର୍ଯ୍ୟକ୍ରମ

କୋକସରା, ୨୦।୮ (ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ଝରିଆଗୁଡାଠାରେ ରବିବାର ସ୍ୱୟଂ ସହାୟକ ଗୋଷ୍ଠିଙ୍କ ଆୟୋଜନରେ ଶିବ ମନ୍ଦିର ପରିସରରେ ବରିଷ୍ଠ ଓ ସଚେତନ ନାଗରିକ ମଞ୍ଚର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲପାଲି ସରପଞ୍ଚ ପଦ୍ମିନୀ ପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ନାଗରିକ ମିନିକେତନ ପ୍ରଧାନୀ ଯୋଗଦେଇ ବରିଷ୍ଠ ଓ ସଚେତନ ନାଗରିକଙ୍କ ମୂଲ୍ୟବୋଧକୁ ନେଇ ନିଜର ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ମୁକ୍ତେଶର ନାଏକ, ଜୟଲାଲ ନାଏକ, ହରଲାଲ ଗୁପ୍ତା, ହୀରାଲାଲ ସରାଫ, କଳ୍ପବଟ ପଟ୍ଟନାୟକ, ବାହାଦୂର ମାଝି, ନାରାୟଣ ପଟ୍ଟନାୟକ, ପଙ୍କଜ ପଟ୍ଟନାୟକ, ରାଜେନ୍ଦ୍ର ସାହୁ, କୃତ୍ତିବାସ ନାଏକ, ସହଦେ ପଟ୍ଟନାୟକ, କୁରୁକ୍ଷେତ୍ର ପାଣିଗ୍ରାହୀ, ଘନଶ୍ୟାମ ପଟ୍ଟନାୟକ ପ୍ରମୁଖଙ୍କ ସହ ଅନେକ ସଚେତନ ନାଗରିକ ଯୋଗଦେଇ ନିଜର ଅନୁଭୂତିକୁ ନେଇ ଆଗାମୀ ପିଢ଼ୀକୁ ବାର୍ତ୍ତା ଦେଇଥିଲେ। ରେଙ୍ଗାଲପାଲି ଗ୍ରାମପଞ୍ଚାୟତକୁ ସବୁଜ ସୁନ୍ଦର, ନିଶାମୁକ୍ତ, ସ୍ୱଚ୍ଛ ପରିମଳ ପରିବେଶ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତିର ମହିଳା କର୍ମଚାରୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହିଥିଲେ।




ସଚେତନ ନାଗରିକ ମଞ୍ଚର ଅନୁଷ୍ଠିତ ଶୋଭାଯାତ୍ରା।

## ପୁରୁଣା ଫରେଷ୍ଟ ବିଟ୍‌ରେ ଚାଲିଥିଲା ମଦରନ୍ଧା

ଦେଓଗାଁ, ୨୦।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

■ ଚଢ଼ାଉ କଲେ ଜନପ୍ରତିନିଧି

■ ଅଧିକାରୀଙ୍କ ଅସହଯୋଗ ଅଭିଯୋଗ କଲେ ମହିଳା

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଷଣ୍ଡ ପୁରୁଣା ଫରେଷ୍ଟ ବିଟ୍ ହାଉସରେ ଦୀର୍ଘଦିନରୁ ଚାଲିଥିଲା ଦେଶୀମଦ ରନ୍ଧା କାରବାର। ଏଥିରେ କେତେକ ଅସାଧୁ କର୍ମଚାରୀ ଲିପ୍ତ ରହି ଏହି କାରବାର ଚଳାଇ ଆସୁଥିଲେ। ଏନେଇ ଅଭିଯୋଗ କଲେ ଜୀବନରେ ମାରିଦେବାର ଧମକ ଦିଆଯାଉଥିଲା। ହେଲେ ରବିବାର ସ୍ଥାନୀୟ ସରପଞ୍ଚ ଯଶୋଦା ମେହେରଙ୍କ ସମେତ ୱାର୍ଡ ସଭ୍ୟା ଦୁର୍ମିଳା ରଣା, ବନିତା ରଣା, ରାଜିନ୍ଦ୍ର ସାଏ ତଥା ଗ୍ରାମର କେତେଜଣ ସ୍ୱେଚ୍ଛାସେବୀ ଉକ୍ତ ବିଟ୍ ଘର ଉପରେ ଅତର୍କିତ ଚଢ଼ାଉ କରିଥିଲେ। ଖବବରପାଇ ଏଥିରେ ସଂପୃକ୍ତ ଦୁଇଜଣ କର୍ମଚାରୀ ଫେରାର ମାରିଥିଲେ। ଉକ୍ତ ବିଟ୍ ଘରେ ଥିବା ଦେଶିରନ୍ଧା ୧୦ ଲିଟର ମଦ, ୨ଟି ବଡ ଗଞ୍ଜା, ଶହେ କେଜି ମହୁଲ ପୋଚ ଓ ଅନ୍ୟାନ୍ୟ ବ୍ୟବହୃତ ସାମଗ୍ରୀକୁ ମହିଳାମାନେ ଜବତ କରି ଡୁଷୁରା ଅବକାରୀ ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଅବଗତ କରି ଘଟଣାସ୍ଥଳକୁ ଆସିବାପାଇଁ ଅନୁରୋଧ କରିଥିଲେ। ହେଲେ ସେ ହଠାତ୍ ଯାଇପାରିବି ନାହିଁ ବୋଲି କହିଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏହାସହ ବନ୍ଧପଡା ପୋଲିସରେ ମଧ୍ୟ ଅବଗତ କରିଥିବା ନେଇ ସୂଚନା ଦେଇଛନ୍ତି। ଏହିଦିନ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ଅଧିକାରୀ ଘଟଣାସ୍ଥଳକୁ ନ ଆସିବାରୁ ଜନପ୍ରତିନିଧି ତଥା ମହିଳାମାନେ ଜବତ ସାମଗ୍ରୀକୁ ଉକ୍ତ ବିଟ୍ ଘରେ ତାଲା ମାରିଦେଇଥିବା ସୂଚନା ଦେଇଛନ୍ତି। ଅନେକ ଦିନରୁ ଏଭଳି ସରକାରୀ କାର୍ଯ୍ୟାଳୟ ଭିତରେ ମଦରନ୍ଧା କାରବାର ଚାଲୁଥିବା ବେଳେ ଉପରିସ୍ଥ ଅଧିକାରୀ କେମିତି ଜାଣିପାରୁ ନ ଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମାଞ୍ଚଳରେ ମଦ କାରବାର ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଅବକାରୀ ବିଭାଗ ସବୁଜାଣି ନଜାଣିଲାପରି ଅଭିନୟ କରୁଥିବା ଅଭିଯୋଗ ହେଉଛି। ଏଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଜନପ୍ରତିନିଧି ତଥା ମହିଳାମାନେ ଫରେଷ୍ଟ ବିଟ୍‌ରେ ଚଢ଼ାଉ କରି ମଦ ଓ ମଦରନ୍ଧା ସାମଗ୍ରୀ ଜବତ କରୁଛନ୍ତି।

**ବନ୍ୟାରେ ଧୋଇ ଯାଇଥିଲା, ମରାମତି ହେଉନି**

ଅମରପାଲି,(ପୀତାମ୍ବର ସାହୁ): ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ବୁରବୁଡ଼ା- ବଡବର୍ଡକଟା ରାସ୍ତା ବାଇଗଣୀ ଯୋର ପୋଲ ନିକଟରେ କ୍ଷତିଗ୍ରସ୍ତ ହୋଇଛି। ଏହା ଏଯାଏ ମରାମତି ହୋଇନାହିଁ। ଏଠାରେ ଥିବା ପୋଲ ଛୋଟ ହୋଇଥିବାରୁ ତହିଁରେ ଠିକ ଭାବେ ପାଣି ନିଷ୍କାସିତ ହୋଇ ପାରୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ବିଶାଳପାଲି, ଚିଙ୍ଗରାନାଲି, ପାତରପାଲି, ବୁରୁବୁଡା ଗ୍ରାମର ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ରାସ୍ତା କ୍ଷତିଗ୍ରସ୍ତ ହୋଇଥିବାରୁ ଯାତାୟାତରେ ଅସୁବିଧା ହେଉଛି। ଉକ୍ତ ରାସ୍ତା ମରାମତି ପାଇଁ ଦାବି କରାଯାଇ ଆସୁଥିଲେ ହେଁ କର୍ଣ୍ଣପାତ କରାଯାଉନାହିଁ। ଏହାର ମରାମତି ତଥା ଏକ ଉଚ୍ଚ ପୋଲ ନିର୍ମାଣ ପାଇଁ ଦାବି ହେଉଛି।

## ସଂକ୍ଷେପରେ

### ଚକ୍ଷୁ ପରୀକ୍ଷା ଶିବିର

ବିନିକା ୨୦।୮ (ରାମ ଗୋପାଳ ବାଘ)

ବିନିକା ଏନଏସି କମ୍ୟୁନିଟି ସେଣ୍ଟରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଚଟୁଓ, ଭୀମ ଭୋଇ ସେବା ଫାଉଣ୍ଡେସନ ବିନିକା ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ବୀରମହାରାଜପୁର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ସମାଜସେବୀ ଯୋଗେଶ୍ୱର ଭୁଏ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଓଡିଶା ସଙ୍ଗୀତ ଏକାଡେମୀ ସଦସ୍ୟ ଶାଶ୍ୱତ କୁମାର ତ୍ରିପାଠୀ, ଦୀପିକା ମାହାଣା, ସାନିଟେରୀ ଇନ୍ସପେକ୍ଟର ସନ୍ତୋଷ କୁମାର ବନଛୁର, କାଉନସିଲର ଜିତୁ ମଲ୍ଲିକ, ବିକାଶ କର୍ଣ୍ଣ ଯୋଗଦେଇଥିଲେ। ୪୫ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପ୍ରତ୍ୟେକ ମାସର ତୃତୀୟ ରବିବାର ବିନିକାରେ ଚକ୍ଷୁ ଶିବିର ଅନୁଷ୍ଠିତ ହେବ ବୋଲି ଭୀମଭୋଇ ସେବା ଫାଉଣ୍ଡେସନ ପ୍ରତିଷ୍ଠାତା ରାମ ଗୋପାଳ ବାଘ ଓ ଏଚଟୁଓ ସଭାପତି ସୃଜନ ପଣ୍ଡା ଜଣାଇଛନ୍ତି।

### ତଦନ୍ତ ନିର୍ଦ୍ଦେଶ ଦେଲେ ଡିଇଓ

**ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ଅଶୋଭନୀୟ ଆଚରଣ ଘଟଣା**

ବୌଦ୍ଧ,୨୦।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମହାଲିକପଡା ପଞ୍ଚାୟତର ଯାବର ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ଭିତରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଣେ ବନ୍ଧୁଙ୍କ ସହିତ ବସି ଖାଉଥିବାର ଭିଡିଓ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା । ଫଳରେ ରବିବାର ଦିନ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରୁ ହରଭଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଏହା ଏକ ସ୍ପର୍ଶକାତର ଘଟଣା ହୋଇଥିବାରୁ ଜିଲା ଶିକ୍ଷା ବିଭାଗ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି । ଏନେଇ ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ଲୁହାଙ୍କୁ ପଚାରିବାରେ ଜିଲା ଶିକ୍ଷା ଅଧିକାରୀ ଘଟଣାର ସତ୍ୟତା ନେଇ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରକାଶ କରିଛନ୍ତି ।

### ଶିଶୁମନ୍ଦିରରେ ମାତୃ ସମ୍ମିଳନୀ

ବାଉଁଶୁଣୀ,୨୦।୮ (ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିର ର ଉପସଭାପତି ସଦାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବୌଦ୍ଧର ସଙ୍କୁଳ ପ୍ରମୁଖ ଦଶରଥ ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦର ଯୁଗ୍ମ ସମ୍ପାଦକ ସୁଧାଂଶୁ ମହକୁଲ, ଉପଦେଷ୍ଟା ଗୋକୁଳାନନ୍ଦ ଚାନ୍ଦ ଓ ସଦସ୍ୟା ଜୟନ୍ତୀ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃ ସମ୍ମିଳନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିଶୁମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଅଭିଭାବକ ଝିଣା ପଣ୍ଡା ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦଧିବାମନ ରଣା ମାତୃ ସମ୍ମିଳନୀର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶିଶୁ ବାଟିକା ପ୍ରମୁଖ ଅନୁପମା ଖଣ୍ଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଏକ୍ସ କ୍ୟାଡର ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ

ବୌଦ୍ଧ,୨୦।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ସତ୍ୟନାରାୟଣ ମନ୍ଦିରଠାରେ ରବିବାର ଦିନ ହରଭଙ୍ଗା ବ୍ଲକ ଏକ୍ସ କ୍ୟାଡର ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଜିଲା ସଭାପତି ବିରେନ ଦାସିଆ ଅଧ୍ୟକ୍ଷତା କରିଥିଲେ। ଯୁଗ୍ମ ସମ୍ପାଦକ ଭୋଲାନାଥ ବେହେରା ବିବରଣୀ ପାଠ କରିଥିଲେ। ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ଶିକ୍ଷକ ସରୋଜ କୁମାର ଭୋଲ୍ଟା ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଏହାସହ ସଂଗଠନକୁ କିପରି ସୁଦୃଢ କରାଯିବ ଶିକ୍ଷକମାନେ ମତ ଦେଇଥିଲେ। ଏହି ବୈଠକରେ ୪୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

# ବୌଦ୍ଧ ଚନ୍ଦ୍ରଚୂଡ଼ ମନ୍ଦିର ରୂପାନ୍ତରିତ ହେବ

ବୌଦ୍ଧ,୨୦।୮ (ଅଜିତ କୁମାର ବାରିକ)


ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଚନ୍ଦ୍ରଚୂଡ ମନ୍ଦିର ପରିସର ବୁଲି ଦେଖୁଛନ୍ତି।

**ଯୋଜନା ପ୍ରସ୍ତୁତି ନେଇ ପରିଦର୍ଶନ କଲେ ପୂର୍ତ୍ତବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ**

ରାଜ୍ୟ ସରକାର ପର୍ଯ୍ୟଟନକୁ ଅଧିକ ଗୁରୁତ୍ୱ ଦେବା ସହ ପ୍ରତ୍ୟେକ ଜିଲାର ପ୍ରମୁଖ ମନ୍ଦିରଗୁଡିକର ବିକାଶକୁ ପ୍ରାଥମିକତା ଦେଇଛନ୍ତି। ବୌଦ୍ଧର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରର ଉନ୍ନତି ପାଇଁ ସରକାର ୧ କୋଟି ଟଙ୍କାର ସହାୟତା ଯୋଗାଇ ଦେଇଥିବା ବେଳେ ବର୍ତ୍ତମାନ ଚନ୍ଦ୍ରଚୂଡ ମନ୍ଦିର ରୂପାନ୍ତରିତ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ ଆରମ୍ଭ ହୋଇଛି। ବୌଦ୍ଧ ଜଳସମ୍ପଦ ବିଭାଗ ପକ୍ଷରୁ ଚନ୍ଦ୍ରଚୂଡ ଘାଟର ସଂପ୍ରସାରଣ କରାଯିବା ପରେ ବୌଦ୍ଧଗଡ ଏନଏସି ପକ୍ଷରୁ ଘାଟର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହାତକୁ ନିଆଯାଇଛି। ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ବୌଦ୍ଧ ଗସ୍ତ ସମୟରେ ସେ ଚନ୍ଦ୍ରଚୂଡ ମହାନଦୀ ଆଳତୀ ଘାଟ ପରିଦର୍ଶନ କରିବା ସହିତ ଏହାର ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହାତକୁ ନିଆଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ବୌଦ୍ଧ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାତ କୁମାର ଦାସ ଓ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ପ୍ରତ୍ୟକ୍ଷ ଭାବରେ ଏହି ପ୍ରକଳ୍ପର ଉନ୍ନୟନ ପାଇଁ ଅନୁଧ୍ୟାନ କରିବା ପରେ ଏକ ଯୋଜନା ପ୍ରସ୍ତୁତ କରାଯାଇ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ମନ୍ଦିର ପରିସରର ଉନ୍ନତୀକରଣ କାର୍ଯ୍ୟ ହାତକୁ ନିଆଯାଇ ଏଥିପାଇଁ ଯୋଜନା ପ୍ରସ୍ତୁତ କରାଯାଉଥିବା ଜଣାଯାଇଛି। ରବିବାର ଦିନ ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଧରଣୀଧର ନାୟକ ବୌଦ୍ଧ ଗସ୍ତ କରି ଚନ୍ଦ୍ରଚୂଡ ମନ୍ଦିର ପରିସର ବୁଲିବା ସହିତ ଉନ୍ନୟନ ପାଇଁ ହୋଇଥିବା ଯୋଜନା ସଂପର୍କରେ ସମୀକ୍ଷା କରିଥିଲେ। ଏଥିସହିତ ମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ମନ୍ଦିର ପରିସରରେ ଭୋଜନ ମଣ୍ଡପ ନିର୍ମାଣ, ରୋଷଘର ନିର୍ମାଣ, ଶୌଚାଳୟ, ମୁଖ୍ୟ ଫାଟକ ନିର୍ମାଣ ଏବଂ ବେଢାର ଉନ୍ନତୀକରଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିବା ଜଣାଯାଇଛି। ଏହାଛଡା ମନ୍ଦିର ଚାରିପଟେ ଆଲୋକୀକରଣ ଏବଂ ଜାତୀୟ ରାଜପଥକୁ ସଂଲଗ୍ନ ରାସ୍ତାରେ ଏକ ସ୍ଥାୟୀ ତୋରଣ ନିର୍ମାଣ ଲାଗି ନିଷ୍ପତ୍ତି ହୋଇଥିବା ଜଣାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ମହାନଦୀ ଆଳତୀ ଘାଟର ଉନ୍ନତୀକରଣ କାର୍ଯ୍ୟ ହାତକୁ ନିଆଯିବ ବୋଲି ଜଣାପଡିଛି। ଏଥିପାଇଁ ଚନ୍ଦ୍ରଚୂଡ ମନ୍ଦିର ନିକଟରୁ ଚନ୍ଦ୍ରଚୂଡ ବିଦ୍ୟାଳୟ ପର୍ଯ୍ୟନ୍ତ ଜାଗା ଖାଲି କରାଯିବା ସହିତ ଘାଟର ଉନ୍ନତୀକରଣ କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ଜଣାଯାଇଛି। ତେବେ ଜିଲା ଜଳସମ୍ପଦ ବିଭାଗ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମିଳିତ ଭାବରେ ଏହି ଘାଟର ଉନ୍ନତୀକାରଣ କାର୍ଯ୍ୟ ହାତକୁ ନିଆଯିବ ବୋଲି ସୂଚନା ମିଳିଛି। ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ପରିଦର୍ଶନ ସମୟରେ ବୌଦ୍ଧ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦାସ,ଏନଏସି ଅଧ୍ୟକ୍ଷ ମିଶ୍ର, କନିଷ୍ଠଯନ୍ତ୍ରୀ ବିରଞ୍ଚି ସାହୁ ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଏନ୍‌ଏଚ୍‌ଆର୍‌ସିଙ୍କ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

ଅମରପାଲି,୨୦।୮ (ପୀତାମ୍ବର ସାହୁ)

**ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ଘଟଣା**


ରାଜ କୁମାର ପ୍ରଧାନ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଅନ୍ତର୍ଗତ ବଡ଼ବର୍ଡାକଟା ଗ୍ରାମର ରାଜ କୁମାର ପ୍ରଧାନ(୩୦)ଙ୍କ ଗତ ଜୁନ ୧୨ ତାରିଖରେ ବିଦ୍ୟୁତ୍‌ଘାତରେ ମୃତ୍ୟୁ ଘଟିଥିଲା। ସେ ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ବଡମାଳ ଗ୍ରାମସ୍ଥିତ ନିଜ ମଉସା ଘର କୋଠା ନିର୍ମାଣ କାମରେ ସହଯୋଗ କରିବା ସମୟରେ ଛାତ ଉପର ଦେଇ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନା ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବିଦ୍ୟୁତ୍ ବିଭାଗ ତରଫରୁ ଏଯାଏ ମୃତକଙ୍କ ପରିବାରକୁ କୌଣସି ସହାୟତା ପ୍ରଦାନ କରାଯାଇ ନାହିଁ। ତେବେ ଏହି ଘଟଣାକୁ ନେଇ ଖଣ୍ଡହତା ପଞ୍ଚାୟତ ବଡ଼ବର୍ଡାକଟା ଗ୍ରାମର ସ୍ୱେଚ୍ଛାସେବୀ ତଥା ସ୍ଥାନୀୟ 'ସିୟା' ସଂଗଠନର ସମ୍ପାଦକ ସୁଦାମ ଗାଇଗରିଆ ନୂଆଦିଲ୍ଲୀସ୍ଥିତ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୃତକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ କ୍ଷତିପୂରଣ ଯୋଗେଇ ଦେବାକୁ ଦାବି କରି ଏଥିରେ କମିଶନଙ୍କ ହସ୍ତକ୍ଷେପ ନିମନ୍ତେ ଅନୁରୋଧ କରିଥିଲେ। ଏହାକୁ ବିଚାର ପାଇଁ ଗ୍ରହଣ କରି କମିଶନ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ଓ ଟିପିଡବ୍ଲୁଓଡ଼ିଏଲ କର୍ତ୍ତୃପକ୍ଷଙ୍କୁ ଘଟଣାର ଉପଯୁକ୍ତ ତଦନ୍ତ ସହ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ଦୁର୍ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ


ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ।

**■ବାଇକ୍-କାର ମୁହାଁମୁହିଁ ଧକ୍କା**
**■ଜଣେ ପୋଲିସ କର୍ମଚାରୀ ମୃତ, ଜଣେ ଗୁରୁତର**

ପୁରୁଣାକଟକ,୨୦।୮ (ସୁକାନ୍ତ ପଟ୍ଟନାୟକ)

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଖୋର୍ଦ୍ଧା -ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଆଡ଼େଣିଗଡ ଫାଣ୍ଡି ଅଧୀନ କଖାରୁଫାଳ ନିକଟରେ ରବିବାର ଅପରାହ୍ନ ୪ଟାରେ ଏକ ବାଇକ୍ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ପୋଲିସ ହାବିଲଦାର ଓ ଅନ୍ୟ ଜଣେ ହୋମଗାର୍ଡ ଗୁରୁତର ହୋଇଥିଲେ। ତେବେ ଡାକ୍ତରଖାନାରେ ଚିକିତ୍ସାରେ ଅବହେଳାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିବା ଫଳରେ ପ୍ରାୟ ୪ ଘଣ୍ଟା ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ରାତି ୯ଟାରେ ହାବିଲଦାର ପ୍ରମୋଦ ପାଣିଗ୍ରାହୀଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଛି।

ପ୍ରକାଶ ଯେ, ରବିବାର ଦିନ ଅଡ଼େଣିଗଡ଼ ଫାଣ୍ଡିର ହାବିଲଦାର ପ୍ରମୋଦ ପାଣିଗ୍ରାହୀ ଓ ହୋମ ଗାର୍ଡ ଟୁକୁନା ବେହେରା ଉଭୟ ପୁରୁଣାକଟକ ଥାନାକୁ ଆସି ଆଡ଼େଣିଗଡ ଫାଣ୍ଡି ଅଭିମୁଖେ ବାଇକ୍‌ରେ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ (ନଂ ଓଡି୨୭ସି- ୦୧୮୪) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇ ବାଇକ୍ ଆରୋହୀ ରାସ୍ତା ତଳକୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣାରେ ଦୁଇ ପୋଲିସ କର୍ମଚାରୀଙ୍କ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଉଭୟଙ୍କୁ ନିକଟସ୍ଥ ଆଡେଣିଗଡ ମେଡିକାଲ ନିଆଯାଇଥିଲା। ଦୁହିଁଙ୍କ ଅବସ୍ଥା ଗୁରୁତର ଥିବାରୁ ବଡ଼ ମେଡିକାଲ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସମ୍ଭବପର ହୋଇ ନ ଥିଲା। ପୋଲିସ ଗାଡି ମଧ୍ୟ ଠିକ ସମୟରେ ପାଖରେ ନ ଥିବାରୁ ଉଭୟ ଗୁରୁତର ବ୍ୟକ୍ତି ମେଡିକାଲ ବାରଣ୍ଡାରେ ଯନ୍ତ୍ରଣାରେ ଛଟପଟ ହୋଇ ପଡି ରହିଥିଲେ। ପୋଲିସ ପ୍ରଶାସନ ସେତେଟା ତତ୍ପର ନ ଥିବା ତଥା ଚିକିତ୍ସାରେ ଅବହେଳାକୁ ନେଇ ସ୍ଥାନୀୟ ଜନସାଧାରଣ ଡାକ୍ତରଖାନା ଆଗରେ ରାସ୍ତାରୋକୋ କରିଥିଲେ। ଦୁର୍ଘଟଣାର ୨ ଘଣ୍ଟା ପରେ ଅନ୍ୟ ଏକ ଭଡା ଗାଡି ଦ୍ୱାରା ଉଭୟଙ୍କୁ ପ୍ରଥମେ ପୁରୁଣାକଟକ ଓ ପରେ ବୌଦ୍ଧ ମେଡିକାଲ ନିଆଯାଇଥିଲା। ରାସ୍ତାରୋକୋ ଖବର ପାଇ ବୌଦ୍ଧ ଏସ୍‌ପି ରାଜପ୍ରସାଦ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଗୁରୁତର ଦୁଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟବସ୍ଥା ମେଡିକାଲ ଯାଇ ପଚାରି ବୁଝିଥିଲେ। ହରଭଙ୍ଗା ତହସିଲଦାର ଶିବାନୀ ଦାସ ପହଞ୍ଚି ମେଡିକାଲ ସମସ୍ୟା ଦୂର ପାଇଁ ପ୍ରତିଶ୍ରୁତି ଦେବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପୁରୁଣାକଟକ ପୋଲିସ ପହଞ୍ଚି କାର ଓ ବାଇକ୍ ଜବତ କରି ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି। ତେବେ ରାତିରେ ବୌଦ୍ଧ ମେଡିକାଲରୁ ଫାଣ୍ଡି ହାବିଲଦାର ପ୍ରମୋଦ ପାଣିଗ୍ରାହୀଙ୍କୁ କଟକ ବଡ ଡାକ୍ତରଖାନା ନିଆଯିବା ବେଳେ ବାଟରେ ତାଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଛି ।

# ବିଭାଗ, ସମ୍ଭାଗ ସଂସ୍କୃତି ମହୋତ୍ସବ



ବିଭାଗ ଓ ସମ୍ଭାଗ ସଂସ୍କୃତି ମହୋତ୍ସବର ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

ଡୁଙ୍ଗୁରିପାଲି ୨୦।୮ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା ବିଭାଗ ଓ ସମ୍ଭାଗ ସଂସ୍କୃତି ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ସମାରୋପ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ନାୟକ ଯୋଗଦାନ କରିଥିଲେ। ଅତିଥି ପରିଚୟ ସମ୍ଭାଗ ସଂଯୋଜକ ଜିତେନ୍ଦ୍ର କୁମାର ପଣ୍ଡା, ବୃତ୍ତ କଥନ ସମ୍ଭାଗ କୋଷାଧକ୍ଷ ଦତ୍ତାନନ୍ଦ ପଣ୍ଡା, ପୁରସ୍କାର ବିତରଣରେ ସହଯୋଗ କରିଥିଲେ ଜନକରାମ ପଟେଲ। କୃତୀ ଭଉଣୀଭାଇଙ୍କୁ ନିର୍ଣ୍ଣାୟକ ଗୋଷ୍ଠୀ ଏବଂ ସମ୍ଭାଗ ସଂଯୋଜକ, କୋଷାଧକ୍ଷ, ମୁଖ୍ୟ ଅତିଥି ଟ୍ରଫି ଓ ପୁରସ୍କାର ବଣ୍ଟନ କରିଥିଲେ। ପରିଚାଳନା ସମିତି ସମ୍ପାଦକ ତପନ ଘୁଆଡି ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ଭାଗ ସଂଯୋଜକ ଜିତେନ୍ଦ୍ର କୁମାର ପଣ୍ଡା, ବିଭାଗ ନିରୀକ୍ଷକ ଗୁପ୍ତେଶ୍ୱର ଥନାପତି, ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସମ୍ପାଦନରେ ବିଦ୍ୟାଳୟର ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ। ଶନିବାର ଉତ୍ସବ ଉଦ୍‌ଘାଟନ ଅବସରରେ ଡାକ୍ତର ଶ୍ରୀଧର ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ନୀରବତୀ ବିଶ୍ୱାଳ, ପରିଚାଳନା କମିଟି ସଦସ୍ୟ ତପନ ଘୁଆଡି, ଆଲିଶା ମାଝି ଅତିଥିଭାବେ ଯୋଗଦେଇ ଶିଶୁ ଭଉଣୀଭାଇଙ୍କୁ ସଂସ୍କୃତି ମହୋତ୍ସବର ଅବଦାନ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଉକ୍ତ ମହୋତ୍ସବରେ ସଂସ୍କୃତିବୋଧ ପରିଯୋଜନା, ପ୍ରଶ୍ନମଞ୍ଚ, କଥା କଥନ, ତତ୍କାଳୀନ ଭାଷଣ, ମୂର୍ତ୍ତୀକଳା, ଲୋକନୃତ୍ୟ, ଆଚାର୍ଯ୍ୟ ପତ୍ର ବାଚନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଥିଲା। ଏହି ପ୍ରତିଯୋଗିତାରେ ଦକ୍ଷିଣ-ପଶ୍ଚିମ ସମ୍ଭାଗ ଅନ୍ତର୍ଗତ ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା ପ୍ରଭୃତି ଜିଲାରେ ଥିବା ବିଭିନ୍ନ ଶିଶୁ ମନ୍ଦିରର ୨୭୫ଜଣ ଭଉଣୀଭାଇ ଅଂଶଗ୍ରହଣ କରିଥିଲେ।

# ସୁବର୍ଣ୍ଣ ଚଷା ସେବା ସଂଗଠନ ପକ୍ଷରୁ ଶ୍ରାବଣ ପୂଜା

ସୋନପୁର,୨୦।୮ (ମୃତ୍ୟୁଞ୍ଜୟ ଶତପଥୀ)

ମନ୍ଦିରମାଳିନୀ ସୁବର୍ଣ୍ଣପୁରର ଅଷ୍ଟଶମ୍ଭୁଙ୍କ ମଧ୍ୟରୁ ପ୍ରମୁଖ ଗୋକର୍ଣ୍ଣେଶ୍ୱର ବାବା ମନ୍ଦିରରେ ସୁବର୍ଣ୍ଣ ଚଷା ସେବା ସଂଗଠନ ପକ୍ଷରୁ ଶ୍ରାବଣ ପୂଜା ସହ ଏକ ଜଳଶାୟୀ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚଷା ସମ୍ପ୍ରଦାୟର ମହିଳା ସଦସ୍ୟାମାନେ ମହାନଦୀର ଗୋକର୍ଣ୍ଣେଶ୍ୱର ଘାଟରୁ ଜଳ ଆଣି ବାବା ଗୋକର୍ଣ୍ଣେଶ୍ୱରଙ୍କ ଜଳଶାୟୀ କରିଥିଲେ। କଳ୍ପନା ସାହୁ, ତପସ୍ୱିନୀ ପ୍ରଧାନ, ଅପରାଜିତା ବିଶ୍ୱାଳ, ଅନସୂୟା ପ୍ରଧାନ, ସୁଷମା ପ୍ରଧାନ, ନନ୍ଦିନୀ ପ୍ରଧାନ, ବବିତା ସାହୁ, ସୁନିଲା ସାହୁ, ବିନୋଦିନୀ ପ୍ରଧାନ, ଦୀପାଞ୍ଜଳି ପ୍ରଧାନ ପ୍ରମୁଖ ଜଳଶାୟୀ କାର୍ଯ୍ୟକ୍ରମରେ ସାମିଲ ହୋଇ ବାବା ଗୋକର୍ଣ୍ଣେଶ୍ୱରଙ୍କ ପଞ୍ଚବିଧି ସ୍ନାନ କରିଥିଲେ। ଏଥିସହ ମନ୍ଦିର ବେଢାରେ ଥିବା ଅଧିଷ୍ଠାତ୍ରୀ ଦେବୀ ରାମଚଣ୍ଡୀଙ୍କ ସ୍ୱତନ୍ତ୍ର ପୂଜା ଓ ଆଳତୀ ଆୟୋଜିତ ହୋଇଥିଲା। ଉଭୟ ଶ୍ରାବଣ ପୂଜା ଓ ଜଳଶାୟୀ ପରେ ବାବା ଗୋକର୍ଣ୍ଣେଶ୍ୱରଙ୍କ ପାଖରେ ମହା ଆଳତୀ ଏବଂ ମଧ୍ୟାହ୍ନ ଧୂପରେ ଅନ୍ନପ୍ରସାଦ ଲାଗି ହୋଇଥିଲା। ସୁବର୍ଣ୍ଣ ଚଷା ସଂଗଠନ ପ୍ରମୁଖ ଓ ବରିଷ୍ଠ ସଭ୍ୟ ଡ଼. ପୌଲସ୍ତି ସାହୁ, ଡ଼. ଦେବେନ୍ଦ୍ର ପ୍ରଧାନ, ଅଧ୍ୟାପକ ରାଧେଶ୍ୟାମ ପ୍ରଧାନ, ପ୍ରସାଦି ପ୍ରଧାନ, ବେଣୁଧର ପ୍ରଧାନ, ପଞ୍ଚାନନ ସ୍ୱାଇଁ, କୁବେର ସାହୁ, ସନବ ଧଳ ପ୍ରମୁଖ ଏଥିରେ ସାମିଲ ହୋଇ ଦେବ ପୂଜନ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।


ପୂଜାରେ ସାମିଲ ହୋଇଥିବା ଚଷା ସମ୍ପ୍ରଦାୟ ମହିଳା।

# ଯୋଗାଣ ବିଭାଗ ଚଢ଼ାଉ, ୧୩ ଗ୍ୟାସ ସିଲିଣ୍ଡର ଜବତ

ସୋନପୁର,୨୦।୮ (ମୃତ୍ୟୁଞ୍ଜୟ ଶତପଥୀ)


ଯୋଗାଣ ବିଭାଗ ଅଧିକାରୀମାନେ ହୋଟେଲରେ ଯାଞ୍ଚ କରୁଛନ୍ତି ।

**■ହୋଟେଲ, ରେଷ୍ଟୁରାଣ୍ଟରେ ବ୍ୟବହାର ହେଉଛି ଘରୋଇ ଇନ୍ଧନ ଗ୍ୟାସ**
**■ନିୟମିତ ଯାଞ୍ଚ କରୁନି ଯୋଗାଣ ବିଭାଗ**

ସୁବର୍ଣ୍ଣପୁର ଜିଲାର ହୋଟେଲ, ରେଷ୍ଟୁରାଣ୍ଟ ଓ ଫାଷ୍ଟଫୁଡ୍ ଦୋକାନଗୁଡିକରେ ବେଆଇନ ଭାବେ ସରକାରଙ୍କ ସବ୍‌ସିଡିଯୁକ୍ତ ଘରୋଇ ଇନ୍ଧନ ଗ୍ୟାସ ବ୍ୟବହାର ହେଉଛି। ମାତ୍ର ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଏଭଳି କାରବାର ଜିଲାରେ ବୃଦ୍ଧି ପାଇବାରେ ଲାଗିଛି। ସୋନପୁର ଉପଜିଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ହୋଟେଲ ଓ ରେଷ୍ଟୁରାଣ୍ଟଗୁଡିକୁ ଯାଞ୍ଚ କରିବା ପାଇଁ ଶନିବାର ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଯୋଗାଣ ବିଭାଗ ପକ୍ଷରୁ ସୋନପୁର ସହରର ବ୍ଲକ ଛକ ଅଞ୍ଚଳରେ ଥିବା ହୋଟେଲ ହିଲଟନ, ହୋଟେଲ ପ୍ରୋଗେସ୍ ଇନ ଓ ବ୍ଲୁ ଫ୍ଲେମ ରେଷ୍ଟୁରାଣ୍ଟରେ ରବିବାର ଚଢାଉ ହୋଇଥିଲା। ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ଖଦାଳ ପାତ୍ର ଓ ପୋଲିସ ଟିମ୍ ଉପସ୍ଥିତିରେ ସଦର ସହକାରୀ ଯୋଗାଣ ଅଧିକାରୀ ରେବତୀସା ସିଂ ନାୟକଙ୍କ ନେତୃତ୍ୱରେ ହୋଇଥିବା ଚଢାଉରେ ୨ଟି ହୋଟେଲ ଓ ଗୋଟିଏ ରେଷ୍ଟୁରାଣ୍ଟରୁ ମୋଟ ୧୩ଟି ୧୪.୨ କିଲୋ ବିଶିଷ୍ଟ ଘରୋଇ ଇନ୍ଧନ ଗ୍ୟାସ ସିଲିଣ୍ଡର ଜବତ ହୋଇଛି । ଜବତ ସିଲିଣ୍ଡର ଗୁଡିକୁ ସୋନପୁର ପୁଷ୍ପାଞ୍ଜଳି ଗ୍ୟାସ ଏଜେନ୍‌ସିକୁ ଜିମା ଦିଆଯାଇଛି। ହୋଟେଲ ହିଲଟନରୁ ଏଚପି କମ୍ପାନୀର ୩ଟି ଓ ଭାରତ ଗ୍ୟାସ କମ୍ପାନୀର ଗୋଟିଏ ସିଲିଣ୍ଡର ମିଳିଥିବା ବେଳେ ହୋଟେଲ ପ୍ରୋଗ୍ରେସ ଇନ୍‌ରୁ ୨ଟି ଏଚପି ଓ ଗୋଟିଏ ଭାରତ ଗ୍ୟାସ କମ୍ପାନୀର ସିଲିଣ୍ଡର ଠାବ ହୋଇଛି। ସେହିପରି ବ୍ଲୁ ଫ୍ଲେମ୍ ରେଷ୍ଟୁରାଣ୍ଟରୁ ୪ଟି ଭାରତ ଓ ୨ଟି ଏଚ୍‌ପି ଗ୍ୟାସ କମ୍ପାନୀର ଘରୋଇ ଇନ୍ଧନ ଗ୍ୟାସ ସିଲିଣ୍ଡର ମିଳିଛି। ହୋଟେଲ ଓ ରେଷ୍ଟୁରାଣ୍ଟର ମାଲିକ ମାନେ ଶିଳ୍ପାନୁଷ୍ଠାନ ପାଇଁ ଉଦ୍ଦିଷ୍ଟ ଅଣସବ୍‌ସିଡିଯୁକ୍ତ ଗ୍ୟାସ ସିଲିଣ୍ଡର ବ୍ୟବହାର ନ କରି ବେଆଇନ ଭାବେ କମ୍ ଦାମରେ ମିଳୁଥିବା ଘରୋଇ ଇନ୍ଧନ ବ୍ୟବହାର କରୁଥିବା ତଦନ୍ତରୁ ଜଣାପଡିଛି। ଯୋଗାଣ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ହେଉ ନଥିବାରୁ ଏଭଳି ବେଆଇନ କାର୍ଯ୍ୟକୁ ରୋକା ଯାଇ ପାରୁନଥିବା ଅଭିଯୋଗ ହେଉଛି।ଗତ ମାର୍ଚ୍ଚ ମାସରେ ବୀରମହାରାଜପୁର ବ୍ଲକର ଲାଡୁରପେଟସ୍ଥିତ ରୁଦ୍ର ନାରାୟଣ ମହାକୁରଙ୍କ ବାସଭବନରୁ ଯୋଗାଣ ବିଭାଗ ୨୮୮ଟି ଇନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରିଥିଲା। ଏହି ଘଟଣାରେ ଜିଲା ପ୍ରଶାସନ ପକ୍ଷରୁ ରୁଦ୍ର ନାରାୟଣଙ୍କ ବିରୋଧରେ ଏ ପର୍ଯ୍ୟନ୍ତ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ରବିବାର ଚଢାଉରେ ସୋନପୁର ବ୍ଲକ ଯୋଗାଣ ନିରୀକ୍ଷକ ଦେବାଶିଷ ତ୍ରିପାଠୀ, ଡୁଙ୍ଗୁରିପାଲି ବ୍ଲକ ଯୋଗାଣ ନିରୀକ୍ଷକ ସୁବ୍ରତ କୁମାର ପାଣି, ତରଭା ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ଓ ବିନିକା ଯୋଗାଣ ନିରୀକ୍ଷକ ରିଙ୍କୁ ଭୋଇ ପ୍ରମୁଖ ସାମିଲ ଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ହୋଟେଲ ମାଲିକଙ୍କ ବିରୋଧରେ ଜିଲାପାଳଙ୍କୁ ରିପୋର୍ଟ କରାଯିବ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ସଂକ୍ଷେପରେ

### କେନ୍ଦ୍ରୀୟ ସଶସ୍ତ୍ର ବଳରେ ଯୋଗଦେବେ ୨ ଝିଅ

ପଦ୍ମପୁର,୨୦।୮(ପ୍ରଦୀପ୍ତ ଦାଶ ): ଆସାମ ରାଇଫଲ ରେଜିମେଣ୍ଟ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ଫୋର୍ସ ପରୀକ୍ଷା -୨୦୨୨ରେ କୃତକାର୍ଯ୍ୟ ହୋଇଛନ୍ତି ପଦ୍ମପୁର ସରେଇକେଲାର ୨ ଝିଅ ସୀମା ନାଏକ ଓ ଦୀପାଞ୍ଜଳି ବରିହା। ଉଭୟ ବରଗଡ଼ ଜିଲା ତଥା ଓଡିଶା ପାଇଁ ଗର୍ବ ଆଣିଛନ୍ତି। ଉଭୟଙ୍କ ସଫଳତା ନେଇ ଖବର ପ୍ରଚାରିତ ହେବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି। ସୀମା ଓ ଦୀପାଞ୍ଜଳି ଛୋଟ ବେଳୁ ଦେଶ ମାତୃକାର ସେବା କରିବାକୁ ମନସ୍ଥ କରିଥିଲେ। ଉଭୟଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମ ବଳରେ ଏହା ଆଜି ସମ୍ଭବ ହୋଇପାରିଛି।

### ଚାଷୀନେତାଙ୍କ ପରଲୋକ

ବରଗଡ଼,୨୦।୮(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା କୃଷକ ସଙ୍ଗଠନ, ନାଗରିକ



କମିଟି ସଦସ୍ୟ ଆଡ଼ଭୋକେଟ୍ ଯଦୁମଣି ପଟେଲଙ୍କ ରବିବାର ପରଲୋକ ହୋଇଛି। ବିଜେପୁର ବ୍ଲକ ପହଣ୍ଡି ଗ୍ରାମର ସ୍ୱର୍ଗତ ପଟେଲ କ୍ଷମତା ରାଜନୀତିରୁ ଦୂରେଇ ରହି ସବୁବେଳେ ଅଞ୍ଚଳର ବିଭିନ୍ନ ସମସ୍ୟା ପାଇ ଲଢ଼ି ଆସୁଥିଲେ। ତାଙ୍କ ପରଲୋକରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ, ଜୟ କିଷାନ ଆନ୍ଦୋଳନ ଆଦି ଚାଷୀ ସଙ୍ଗଠନ ପକ୍ଷରୁ ଗଭୀର ଶୋକପ୍ରକାଶ ପାଇଛି ।

### ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ

ପଦ୍ମପୁର,୨୦।୮(ପ୍ରଦୀପ୍ତ ଦାଶ): ପଦ୍ମପୁର ବିଜେଡି କାର୍ଯ୍ୟାଳୟରେ ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ଜୋନ୍ ପ୍ରଭାରୀ ନବ କିଶୋର ସାହୁ, ସୂର୍ଯ୍ୟ ପ୍ରସାଦ ହୋତା ନେତୃତ୍ୱ ନେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା କିପରି ସମସ୍ତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ ତଥା ଆଗାମୀ ଦିନରେ ସଙ୍ଗଠନ କିପରି ମଜଭୁତ ହୋଇପାରିବ ତାହା ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଜୋନ୍ ୧ ଅନ୍ତର୍ଗତ ୭ ପଞ୍ଚାୟତର ସଭାପତି ରଞ୍ଜନ ତ୍ରିପାଠୀ, ଉମେଶ ପ୍ରସାଦ ସାହୁ, ଚୈତନ୍ୟ ମେହେର, ନାରାୟଣ ବେହେରା, ଜି. ଶଗରିଆ, ଡିଲେଶ ଦିଶରି, ତୁଳାରାମ ବରିହାଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ବୁଲାଗୋରୁଙ୍କ ସୁରକ୍ଷାକୁ ଅଣଦେଖା

■ ସଚେତନ ନାଗରିକ ମହଲରେ ଉଦ୍‌ବେଗ

■ ସୁରକ୍ଷା ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନ






ଗୋମାତା ସୁରକ୍ଷା ନେଇ ବୈଠକ । ବରଗଡ଼ ନୂଆ ଜିରା ବ୍ରିଜ୍ ଉପରେ ଗୋରୁଗାଈ ।

ବରଗଡ଼,୨୦।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ରାସ୍ତାଘାଟରେ ବୁଲାଗୋରୁ ଦିନରାତି ବିଚରଣ କରୁଛନ୍ତି। ଏଥିପାଇଁ ସହରରେ ନିତିଦିନ ଦୁର୍ଘଟଣା ଘଟୁଛି। କେତେବେଳେ ଗୋରୁ ତ ଆଉ କେବେ ରାସ୍ତାରେ ଯାଉଥିବା ଲୋକେ ମୃତାହତ ହେଉଛନ୍ତି। ଏହାସତ୍ତ୍ୱେ ଏଭଳି ସମସ୍ୟା ପ୍ରତି ପୌର ପ୍ରଶାସନ ଚୁପ୍ ରହିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷ ବଢ଼ି ଚାଲିଥିବାବେଳେ ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବଜରଙ୍ଗ ଦଳ ଆହ୍ୱାନରେ ବିଭିନ୍ନ ଅନୁଷ୍ଠାନକୁ ନେଇ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୁଲାଗୋରୁଙ୍କ ସୁରକ୍ଷାକୁ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏ ଦିଗରେ ପ୍ରଶାସନ ପକ୍ଷରୁ ଆସନ୍ତା ୫ଦିନ ମଧ୍ୟରେ କୌଣସି ବିହିତ ପଦକ୍ଷେପ ନ ନେଲେ ବଜରଙ୍ଗ ଦଳ ବିଭିନ୍ନ ଅନୁଷ୍ଠାନକୁ ନେଇ ଆନ୍ଦୋଳନକୁ ଓହ୍ଲାଇବ ଏବଂ ଆବଶ୍ୟକ ହେଲେ ପୌର କାର୍ଯ୍ୟାଳୟରେ ବୁଲାଗୋରୁଙ୍କୁ ପୂରାଇବ ବୋଲି ଚେତାବନୀ ଦେଇଛି।

ବଜରଙ୍ଗ ଦଳର ଜିଲା ସଂଯୋଜକ ସଞ୍ଜୀବ କୁମାର ମେହେର ବୈଠକ ସଂଯୋଜନା କରିଥିଲେ। ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ଆଶୁତୋଷ ରଥ, ସମଲେଶ୍ୱରୀ ସଂଘର ପ୍ରଶାନ୍ତ ମହାପାତ୍ର, ବରଗଡ଼ ସାମ୍ବାଦିକ ସଂଘର ବିରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୋଠାବାଡ଼ି ନିର୍ମାଣ ଯୋଗୁ ଗୋଚର ଜମି ହ୍ରାସ ପାଇବାରେ ଲାଗିଛି। ଚାରଣ ଭୂମି ଲୋପ ପାଇବାରୁ ଗାଈଗୋରୁ ସହରରେ ବିଚରଣ କରୁଥିବା ମତପ୍ରକାଶ ପାଇଥିଲା। ସେହିପରି କେତେକ ସହରବାସୀ ଗୋରୁଗାଈ ରଖୁଛନ୍ତି। ମାତ୍ର ଉପଯୁକ୍ତ ଯତ୍ନ ନେବା ସହିତ ସେମାନଙ୍କୁ ଗୋଖାଦ୍ୟ ଦେବା ବଦଳରେ ବିଚରଣ ପାଇଁ ରାସ୍ତାଘାଟକୁ ଛାଡ଼ି ଦେଉଛନ୍ତି। ଫଳରେ ରାସ୍ତାଘାଟରେ ଗୋରୁଗାଈଙ୍କ ସଂଖ୍ୟା ବଢ଼ି ଚାଲିଛି ଏବଂ ଦୁର୍ଘଟଣା ବୃଦ୍ଧି ପାଉଥିବା ବୈଠକରେ ଉପସ୍ଥିତ ଲୋକେ କହିଥିଲେ।

ଏଭଳି ସ୍ଥଳେ ସହରାଞ୍ଚଳରେ କାଞ୍ଜି ହାଉସ୍ ନିର୍ମାଣ କରି ଗୋରୁଙ୍କୁ ସୁରକ୍ଷିତ ରଖିବା ପୌର ପ୍ରଶାସନର କର୍ତ୍ତବ୍ୟ। ମାତ୍ର ସ୍ଥାନୀୟ ପୌର ପ୍ରଶାସନ ତାକୁ ଅଣଦେଖା କରୁଛି ବୋଲି ବୈଠକରେ ଅଭିଯୋଗ ହୋଇଥିଲା। ଏଭଳି ଦାୟିତ୍ୱହୀନତା ଯୋଗୁ ସହରରେ ଗୋରୁଗାଈ ଏବଂ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଲେ ଚିକିତ୍ସା ପାଇଁ ଡାକ୍ତରଖାନା ପହଞ୍ଚୁଛନ୍ତି, ହେଲେ ଗୋରୁଗାଈଙ୍କୁ କୌଣସି ଗାଡ଼ି ଧକ୍କା ଦେଲେ ଗୁରୁତର ଅବସ୍ଥାରେ ସମ୍ପୃକ୍ତ ଗୋରୁଗାଈ ଦୀର୍ଘ ସମୟ ଧରି ଘଟଣାସ୍ଥଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହୁଛନ୍ତି ଏବଂ ଶେଷରେ ଜୀବନ ହରାଉଛନ୍ତି ବୋଲି ଲୋକେ କହିଥିଲେ। ରାସ୍ତାଘାଟରେ ବିଚରଣ କରୁଥିବା ଗୋରୁଗାଈଙ୍କ ପ୍ରତି ଏଭଳି ଅଣଦେଖାକୁ ଆଉ ବରଦାସ୍ତ କରାଯିବ ନାହିଁ ଏବଂ ଗୋମାତାଙ୍କ ସୁରକ୍ଷା ପାଇଁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ବଜରଙ୍ଗ ଦଳ ଚେତାବନୀ ଦେଇଛି।

# ଅଙ୍ଗନୱାଡି କର୍ମୀ କରିବେ ଆନ୍ଦୋଳନ



ବୈଠକରେ ଯୋଗ ଦେଇଥିବା ଅଙ୍ଗନୱାଡି କର୍ମୀ ।

ସମ୍ବଲପୁର,୨୦।୮(ଶୁଭାଶିଷ ପାଢ଼ୀ)

ଅଙ୍ଗନବାଡି କର୍ମୀ ଆନ୍ଦୋଳନ କରିବେ। ଏନେଇ ପଶ୍ଚିମ ଓଡିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ ନେତୃତ୍ୱରେ ରବିବାର ସମ୍ବଲପୁର ଜିଲା ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକାରୀ ସଭାନେତ୍ରୀ ସଂଘମିତ୍ରା ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ । ଜିଲା ସମ୍ପାଦିକା ପ୍ରମିଳା ସିଂହ ପରିଚାଳନା କରିଥିଲେ । ତୃଣମୂଳ ସ୍ତରରେ ଅଙ୍ଗନବାଡି କର୍ମୀ କାମ କରି ଆସୁଥିବା ବେଳେ ସେମାନଙ୍କୁ ବଞ୍ଚିବା ଭଳି ଦରମା କିମ୍ବା ଆନୁସଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦିଆ ଯାଉ ନାହିଁ । ତେଣୁ ସରକାର ବିହିତ ପଦକ୍ଷେପ ନେବାକୁ ଦାବି ହୋଇଥିଲା । ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି । କନକ ପ୍ରଧାନ, ରୀତା ରାଣୀ ପତି, ନୀନା ବିଞ୍ଝାଲ, ମଞ୍ଜୁଲତା ମାଝୀ, ଗୋଲାପି ପଟେଲ, ଝୁମି ସେଠ, ପଦ୍ମିନୀ ପାଣିଗ୍ରାହୀ, ଯାଜ୍ଞସେନୀ ପ୍ରଧାନ, ତୁଳସୀ ଭୋଇ, ସଂଯୁକ୍ତା ଦେବତା, ଏସ. ମିଶ୍ର, ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ, ତପସ୍ୱିନୀ ରଣା, ସୁମିତ୍ରା ନାଇକ, ବିଳାସିନୀ ଭୋଇଙ୍କ ସମେତ ବହୁ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ ।

### ଓଡିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର

ଦେବଗଡ଼,୨୦।୮

(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଅନ୍ତର୍ଗତ ରାଇତାବାହାଲ ପଞ୍ଚାୟତ କାର୍ଯ୍ୟାଳୟରେ ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବିଜୁ ଯୁବ ଜନତା ଦଳ ସଭାପତି ପ୍ରତାପ କୁମାର ଦେବଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ମୁଖ୍ୟଅତିଥିଭାବେ ଦେବଗଡ଼ ଜିଲା ବିଜୁ ଜନତା ଦଳ ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଯୁବ ବିଜେଡି ସଭାପତି ପ୍ରତାପ ଦେବ, ଜିଲା ମହିଳା ବିଜେଡି ସଭାପତି ଅରୁଣେଇ ପ୍ରଧାନ, ବାରକୋଟ ବ୍ଲକ ବିଜେଡି ସଭାପତି ହିରାଲାଲ ସାହୁ, ବ୍ଲକ ମହିଳା ବିଜେଡି ସଭାପତି ଝରଣା ବେହେରା, କଳା ଜିଲା ପରିଷଦ ଜୋନ ପରିଚାଳକ ରାଜକିଶୋର ସାହୁ, ପୂର୍ବତନ ବାରକୋଟ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ମାନପତ୍ର ପ୍ରଦାନ କରିଥିଲେ।

### ପିସ୍ତଲ ଜବତ, ଜଣେ ଗିରଫ

ଦେବଗଡ଼,୨୦।୮

(ଶଶାଙ୍କ ଶେଖର ଝାଙ୍କର )

ଦେବଗଡ ପୌରାଞ୍ଚଳ ମଠସାହିରେ ଭଡାରେ ରହୁଥିବା ଜଣେ ବ୍ୟକ୍ତିଙ୍କ ପାଖରୁ ପୋଲିସ ଗୋଟିଏ ବେଆଇନ ପିସ୍ତଲ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କୁଣ୍ଡେଇଗୋଳା ଥାନା ତୁଳସିପୁର ଗ୍ରାମର ବଳରାମ ଓରଫ ବନ୍ଧୁରାମ ଅଦାବର। ସୂଚନାଯୋଗ୍ୟ, ଦେବଗଡ ଥାନା ପୋଲିସ ଏକ ମାମଲାର ତଦନ୍ତ କରୁଥିବାବେଳେ ବଳରାମ ବେଆଇନ ଦେଶୀ ପିସ୍ତଲ ରଖିଥିବା ଜାଣିବାକୁ ପାଇଥିଲା। ତାଙ୍କ ଘରେ ଚଢ଼ାଉ କରି ବେଆଇନ ପିସ୍ତଲ ଜବତ କରିବା ସହ ବଳରାମଙ୍କୁ ଗିରଫ କରି ପୋଲିସ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

### ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ହୃଦାନନ୍ଦ



@ ସତ୍ୟବାନ



@ ସିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏନ୍‌ଏଚ୍‌ଆର୍‌ସିଙ୍କ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

ଅମରପାଲି,୨୦।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଅନ୍ତର୍ଗତ ବଡ଼ବର୍ଡାକଟା ଗ୍ରାମର ରାଜ କୁମାର ପ୍ରଧାନ(୩୦)ଙ୍କ ଗତ ଜୁନ ୧୨ ତାରିଖରେ ବିଦ୍ୟୁତ୍‌ଘାତରେ ମୃତ୍ୟୁ ଘଟିଥିଲା। ସେ ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ବଡମାଳ ଗ୍ରାମସ୍ଥିତ ନିଜ ମଉସା ଘର କୋଠା ନିର୍ମାଣ କାମରେ ସହଯୋଗ କରିବା ସମୟରେ ଛାତ ଉପର ଦେଇ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନା ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବିଦ୍ୟୁତ୍ ବିଭାଗ ତରଫରୁ ଏଯାଏ ମୃତକଙ୍କ ପରିବାରକୁ କୌଣସି ସହାୟତା ପ୍ରଦାନ କରାଯାଇ ନାହିଁ। ତେବେ ଏହି ଘଟଣାକୁ ନେଇ ଖଣ୍ଡହତା ପଞ୍ଚାୟତ ବଡ଼ବର୍ଡାକଟା ଗ୍ରାମର ସ୍ୱେଚ୍ଛାସେବୀ ତଥା ସ୍ଥାନୀୟ 'ସିୟା' ସଂଗଠନର ସମ୍ପାଦକ ସୁଦାମ ଗାଇଗରିଆ ନୂଆଦିଲ୍ଲୀସ୍ଥିତ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୃତକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ କ୍ଷତିପୂରଣ ଯୋଗେଇ ଦେବାକୁ ଦାବି କରି ଏଥିରେ କମିଶନଙ୍କ ହସ୍ତକ୍ଷେପ ନିମନ୍ତେ ଅନୁରୋଧ କରିଥିଲେ। ଏହାକୁ ବିଚାର ପାଇଁ ଗ୍ରହଣ କରି କମିଶନ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ଓ ଟିପିଡବ୍ଲୁଓଡ଼ିଏଲ କର୍ତ୍ତୃପକ୍ଷଙ୍କୁ ଘଟଣାର ଉପଯୁକ୍ତ ତଦନ୍ତ ସହ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

### ଦେବଗଡ଼ ନୂତନ ଆରକ୍ଷୀ ଅଧୀକ୍ଷକ ନିଯୁକ୍ତ

ଦେବଗଡ, ୨୦।୮

(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ରବିବାର ଜିଲା ପୋଲିସ ମୁଖ୍ୟାଳୟରୁ ସୂଚନା ଦିଆଯାଇଛି। ମିଶ୍ର ସମ୍ବଲପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଭାବେ କାର୍ଯ୍ୟ ତୁଲାଉଥିଲେ। ତାଙ୍କର ପଦୋନ୍ନତି ହେବା ସହ ଦେବଗଡ ଆରକ୍ଷୀ ଅଧିକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଗୃହ ବିଭାଗ ପକ୍ଷରୁ ଏନେଇ ନିର୍ଦ୍ଦେଶ ଜାରି ହୋଇଛି। ଦେବଗଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ରଥ ଜୁଲାଇ ୩୧ ତାରିଖ ଅବସର ଗ୍ରହଣ କରିବା ପରେ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ଦେବଗଡ ଦାୟିତ୍ୱରେ ରହିଥିଲେ।

# ଭୋଟର ସଚେତନତା ମହାଅଭିଯାନ

ଦେବଗଡ,୨୦।୮

(ଶଶାଙ୍କ ଶେଖର ଝାଙ୍କର )

ସ୍ଥାନୀୟ ଜିଲା ଭାଜପା କାର୍ଯ୍ୟାଳୟରେ ଭୋଟର ସଚେତନ ମହାଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଏବଂ ସମ୍ମାନୀତ ଅତିଥିଭାବେ ରବି ନାୟକ, ରଞ୍ଜିତ ପଟେଲ, ସମୀର ସାହୁ, ସଚ୍ଚିକାନ୍ତ ଦାଶ, ପ୍ରଜିତ କୁମାର ଭୋଜ, ଭାରତ ଭୂଷଣ ନନ୍ଦ ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ୧୮ ବର୍ଷ ହୋଇ ସାରିଥିବା ସମସ୍ତ ଯୁବତୀଯୁବକଙ୍କୁ ଭୋଟର ତାଲିକାରେ କିପରି ସାମିଲ କରାଯାଇ ପାରିବ ସେନେଇ ସଚେତନ କରାଯାଇଥିଲା। ଏଥିସହ ବୁଥ୍ ସ୍ତରରେ ଭାଜପାର ଜଣେ ଜଣେ କର୍ମୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ସହ ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ କାଟିବା ଏବଂ ନୂତନ ଭୋଟରଙ୍କ ନାମ ସାମିଲ କରିବାରେ ସେମାନଙ୍କ ଭୂମିକା ରହିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି।



ବୈଠକରେ ଉପସ୍ଥିତ ଅତିଥି।

# ମହିଳା ଆଇନ ସାକ୍ଷରତା କର୍ମଶାଳା

ଦେବଗଡ଼, ୨୦।୮

(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଜିଲା ପକଡକରିଷଦ ସମ୍ମିଳନୀ କକ୍ଷରେ ସ୍ୱାତୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ୨ ଦିନିଆ ମହିଳା ଆଇନ ସାକ୍ଷରତା କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ମଲ୍ଲିକ, ସିଡବ୍ଲ୍ୟୁସି ଅଧ୍ୟକ୍ଷା ପିଙ୍କିରାଣୀ ପ୍ରଧାନ ଶୁକ୍ରବାର ଏହାକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ମହିଳାଙ୍କୁ ନେଇ ଆଇନ ଉପରେ ସଚେତନ କରିବା ପାଇଁ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସୁଜାତା ମହାପାତ୍ର ଏବଂ ସତ୍ୟଜିତ ପଢ଼ିହାରୀ ଯୋଗଦେଇ ଘରୋଇ ହିଂସା, ବାଲ୍ୟ ବିବାହ ସମେତ ମହିଳାଙ୍କ ସୁରକ୍ଷା ଉପରେ ରହିଥିବା ବିଭିନ୍ନ ଆଇନଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଗ୍ରାମ୍ୟ ସ୍ତରରେ କିପରି ଏହି ସଚତେନତା ବାର୍ତ୍ତା ପହଞ୍ଚିପାରିବ ଏବଂ ମହିଳାମାନେ ଅଧିକରୁ ଅଧିକ ସଚେତନ ହେବେ ସେନେଇ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱାଧାର ଗୃହ ଓ ଶକ୍ତି ସେଣ୍ଟରର ସଦସ୍ୟାଙ୍କ ସମେତ ଆଶା, ଅଙ୍ଗନୱାଡି, ଏମ୍‌ବିକେ, ସରପଞ୍ଚ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିତାର କର୍ମକର୍ତ୍ତା ସାମିଲ ହୋଇଥିଲେ। ଉଦ୍‌ଯାପନୀ ସଭାରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ ପଣ୍ଡା ଓ ଜିତା ଅନୁଷ୍ଠାନର ସମ୍ପାଦିକା ଅନୁପମା ରାଉତ ମଞ୍ଚାସୀନ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଶେଷରେ ସତ୍ୟଜିତ ପଢ଼ିହାରୀ ଧନ୍ୟବାଦ ଦେଇଥିଲେ।




ଜଣେ ମହିଳାଙ୍କୁ ପୁରସ୍କୃତ କରାଯାଉଛି।

## ଛତୁ ଚାଷ ତାଲିମ ଶିବିର ଉଦ୍‌ଯାପିତ

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବାଦୀ ଗ୍ରାମପଞ୍ଚାୟତ ଜୁନାନୀ ଗ୍ରାମର କ୍ଲବ ଘରଠାରେ ଚାଲିଥିବା ୨ ଦିନିଆ ଛତୁ ଚାଷ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱ ଦକ୍ଷତା ବୃଦ୍ଧି ପ୍ରାଧିକରଣ ପକ୍ଷରୁ ଆୟୋଜିତ ଏହି ତାଲିମ ଶିବିରରେ ଜୁନାନୀ ଅଞ୍ଚଳର ଶତାଧିକ ବେକାର ଯୁବତୀଯୁବକ ଅଂଶ ଗ୍ରହଣ କରି ତାଲିମ ଗ୍ରହଣ କରିଥିଲେ। ଶିବିରରେ କିପରି ଛତୁ ଚାଷ କରାଯିବ ଏବଂ ସାବଲମ୍ବି ହୋଇ ପାରିବେ ସେ ଉପରେ ବିଷଦ ଭାବରେ ତାଲିମ ପ୍ରଦାନ କରାଯାଇଥିଲା। ଜିଲା ସଂଯୋଜକ ରିଖିରାମ ପଟେଲ, ବ୍ଲକ ସଂଯୋଜକ ହୁଲେଶରୀ ହଂସ, ନିରୁପମା ପଟେଲ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଗାୟକ ସଞ୍ଜୟ କୁମାର ସରାଫଙ୍କ ପରଲୋକ

ଜୁନାଗଡ଼,୨୦।୮(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ପିଲିକିଆ ଗ୍ରାମର ଗାୟକ ସଞ୍ଜୟ କୁମାର ସରାଫ (୩୮)ଙ୍କ ରବିବାର ପୂର୍ବାହ୍ନରେ ସାପ



କାମୁଡ଼ାରେ ପରଲୋକ ହୋଇଯାଇଛି। ଶନିବାର ବିଳମ୍ବିତ ରାତିରେ ଘରେ ଶୋଇ ଥିବାବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜୁନାଗଡ଼ ଗୋଷ୍ଠୀ ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା। ସଞ୍ଜୟ ଅଞ୍ଚଳର ଜଣେ ସୁନାମଧନ୍ୟ ଗାୟକ ଥିଲେ। ଛାତ୍ର ଜୀବନରୁ ସେ ସଙ୍ଗୀତ ପ୍ରତି ଆଗ୍ରହ ପ୍ରକାଶ କରି ସ୍କୁଲ, କଲେଜ, ସାଂସ୍କୃତିକ ଅନୁଷ୍ଠାନ ଓ ସଙ୍କୀର୍ତ୍ତନ ନାମ ଯଜ୍ଞରେ ଗୀତ ଗାଇ ସୁନାମ ଅର୍ଜନ କରିବା ସହ ଲୋକଙ୍କ ନିକଟତର ହୋଇପାରିଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ମତଦାତା ସଚେତନ ଅଭିଯାନ କର୍ମଶାଳା

ଖଡ଼ିଆଳ,୨୦।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳସ୍ଥିତ ଶ୍ରୀଜୀ ମଣ୍ଡପଠାରେ ଭାରତୀୟ ଜନତା ପାର୍ଟି ଖଡିଆଳ ବିଧାନସଭା ନିର୍ବାଚନମଣ୍ଡଳୀ ପକ୍ଷରୁ ମତଦାତା ସଚେତନ ଅଭିଯାନ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁବ୍ରତ କୁମାର ଠାକୁରଙ୍କ ସଭାପତିରେ ଅନୁଷ୍ଠିତ କର୍ମଶାଳାରେ ଜିଲା ସାଧାରଣ ସମ୍ପାଦକ ତଥା କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ ସଦସ୍ୟ ଦେବଦେବ ପ୍ରସାଦ ସିଂଦେଓ, ପୂର୍ବତନ ଜିଲା ସଭାପତି ଅତିନ୍ଦ୍ରଜିତ ସିଂ ମଲ୍ଲିକ, କେନ୍ଦ୍ରୀୟ ସଦସ୍ୟ ଶିବ ପ୍ରସାଦ ମୁଣ୍ଡ, ପୃଥ୍ୱିରାଜ ମହାନ୍ତିଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରି ମତଦାତା ସଚେତନ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ।

### କ୍ଲଷ୍ଟରସ୍ତରୀୟ ଦ୍ୱିତୀୟ ମାସିକ ସମୀକ୍ଷା ବୈଠକ

ସିନାପାଲି,୨୦।୮(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଚଟିଆଗୁଡା ସେବାଶ୍ରମଠାରେ କ୍ଲଷ୍ଟରସ୍ତରୀୟ ଦ୍ୱିତୀୟ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ପ୍ରଧାନ ସେବକ ପୁସ୍ତମ ନାଏକ ସଭାପତିତ୍ୱ କରିଥିବା ବେଳେ ସିଆରସିସି ରାକେଶ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ନିଳଜୀ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାମିଲ ହୋଇଥିଲେ। ଏଥିରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ବିଭିନ୍ନ ପୁରସ୍କାର ଓ ଯୋଜନା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଏକାଡେମୀକ ଟ୍ରେନର ଭୀମସେନ ମାଲି ବିଭିନ୍ନ ଶିକ୍ଷଣ ସାମଗ୍ରୀ ବ୍ୟବହାର ବିଷୟରେ ବିଷଦ ଭାବେ ବୁଝାଇଥିଲେ।

### ବଳି ଦେଇ ପୋତିଥିବା ସନ୍ଦେହ, ମାଟି ତଳୁ କିଛି ମିଳିଲାନି

ଖଡ଼ିଆଳ,୨୦।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ରାଣୀପୁରଠାରେ ଥିବା କଳା ପାହାଡ଼ ଦେବୀ ଗୁଡି ପାଖରେ ମାଟି ଖୋଳି କୌଣସି ଜିନିଷ କିମ୍ବା ମଣିଷଙ୍କୁ (ବଳି ଦେଇ) ପୋତିଥିବା ସନ୍ଦେହ କରି ଶନିବାର ରାଣୀପୁର ଗ୍ରାମବାସୀ ଖଡ଼ିଆଳ ଥାନାରେ ଅଭିଯୋଗ କରିଥିଲେ। ରବିବାର ସକାଳ ୮ଟାରେ ପୋଲିସ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ସିନ୍ଧୁସୂତା ପାତ୍ର, ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି, ସରପଞ୍ଚ ସନ୍ତୋଷ ମିଶ୍ର, ୱାର୍ଡ ସଭ୍ୟ ଓ ଗ୍ରାମବାସୀଙ୍କ ସମ୍ମୁଖରେ ପୋତା ହୋଇଥିବା ସ୍ଥାନ ଖୋଳିଥିଲେ। ହେଲେ ସେହି ସ୍ଥାନରେ କୌଣସି ଜିନିଷ ମିଳି ନ ଥିଲା। ଥାନା ଅଧିକାରୀଙ୍କୁ ପଚାରିବାରୁ ମାଟି ଖୋଳା ନ ହେବା ପର୍ଯ୍ୟନ୍ତ ଘଟଣା ସମ୍ବେଦନଶୀଳ ବିଷୟ ଥିଲା ବୋଲି ପ୍ରକାଶ କରିଥିଲେ।

# ଚେରିମୂଳି ଭରସାରେ କିଡ୍‌ନୀ ରୋଗୀ

ଭବାନୀପାଟଣା,୨୦।୮
(ଉତ୍ତମ କୁମାର ଦାଶ)


କିଡ୍‌ନୀ ରୋଗରେ ଆକ୍ରାନ୍ତ ଗ୍ରାମବାସୀ।

**କିଡ୍‌ନୀ ରୋଗରେ କଲବଲ ଡୁମେରବାହାଲ ଗ୍ରାମବାସୀ**
- ବର୍ଷକରେ ଗଲାଣି ୩ ଜୀବନ, ୧୬ ଜଣ ଏବେବି ଆକ୍ରାନ୍ତ
- ବସୁଧା ଯୋଜନା ଫେଲ
- ୫ ନଳକୂପରୁ ୨ଟିରେ ବାହାରୁଛି ଲୁହା, ମାଟି ଗୁଣ୍ଡ

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଡୁମେରବାହାଲ ଗାଁର ବସ୍ତିପଡ଼ାରେ କଲବଲ କରୁଛି କିଡ୍‌ନୀ ରୋଗ। ଏହି ଗାଁରେ ଚଳିତବର୍ଷ କିଡ୍‌ନୀ ରୋଗର ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେବି ୧୬ଜଣ ଲୋକ ଚିକିତ୍ସିତ ହେଉଛନ୍ତି। ସତେ ଯେମିତି ଏମାନଙ୍କୁ ମଧ ମୃତ୍ୟୁର ଫାସ ଜଗି ବସିଛି କିଡ୍‌ନୀ ରୋଗ। ଅନେକ ଲୋକ ଏହି ରୋଗ ପାଇଁ ସଞ୍ଚିତ ଟଙ୍କା ଖର୍ଚ୍ଚ କରିଥିବା ବେଳେ ଜମିବାଡ଼ି ମଧ ବିକ୍ରି କରି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ କିଛି ଲୋକଙ୍କ ହାତରେ ଟଙ୍କା ନ ଥିବା ଯୋଗୁ ଚିକିତ୍ସିତ ନ ହୋଇ ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି ଘରେ ପଡିଥିବା ବେଳେ କିଛି ଲୋକ ଚେରିମୂଳି ଭରସାରେ ଅଛନ୍ତି। ପ୍ରକାଶ ଯେ, ଡୁମେରବାହାଲ ଗାଁର ବସ୍ତିପଡାରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବା ବେଳେ ୫ଟି ନଳକୂପ ରହିଛି। ୨ଟି ନଳକୂପରେ ଲୁହାଗୁଣ୍ଡ, ମାଟି ଗୁଣ୍ଡ ବାହାରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପିଇବା ପାଣି ନା ଖାଦ୍ୟପେୟ ଯୋଗୁ କିଡ୍‌ନୀ ରୋଗ ବ୍ୟାପିଛି ତାହା ଜଣାପଡୁନାହିଁ। ଆଜି ବି ଲୋକଙ୍କୁ ପରୀକ୍ଷା କଲେ ଅନେକ ଲୋକ କିଡ୍‌ନୀ ରୋଗ ଆକ୍ରାନ୍ତ ଥିବା ଜଣାପଡିବ ବୋଲି ଗ୍ରାମବାସୀ କହିଛନ୍ତି। ଜିଲା, ବ୍ଲକ ପ୍ରଶାସନ, ରାଜନେତାଠାରୁ ଅନେକ ଲୋକଙ୍କୁ ଏ ନେଇ ଅବଗତ କଲେ ମଧ କୌଣସି ସୁବିଧା ମିଳୁ ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ପାଇଁ ବସୁଧା ଯୋଜନା ଫେଲ ମାରିଛି। ଗୋଟିଏ ସୋଲାର ପମ୍ପ ଲାଗିଥିଲା, ତାହା ବର୍ଷେ ହେବ ଅଚଳ ହୋଇ ପଡ଼ିଛି। ଅନ୍ୟ କୌଣସି ସୁବିଧା ନ ଥିବା ଯୋଗୁ ଲୋକେ ବାଧ୍ୟ ହୋଇ ନଳକୂପର ପାଣି ପିଉଛନ୍ତି। ଗତ ଜାନୁୟାରୀରେ ଜୟସିଂ ମାଝିଙ୍କ ମୃତ୍ୟୁ ହୋଇଥିବା ବେଳେ ଗତ ଜୁନରେ ଧ୍ୱଜ କାଣ୍ଡଙ୍କ ମୃତ୍ୟୁ ହୋଇଥିଲା। ଗତ ୯ ତାରିଖ (ମଙ୍ଗଳବାର) କୁମୁଦ କାଣ୍ଡଙ୍କ ଜୀବନ ନେଇଛି କିଡ୍‌ନୀ ରୋଗ। ବର୍ତ୍ତମାନ ଏହି ଗାଁର ଗୋଟିଏ ପରିବାରର ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଏବେବି ଆକ୍ରାନ୍ତ ହୋଇଛି ଚିକିତ୍ସିତ ହେଉଛନ୍ତି। ଡୁମେରବାହାଲ ଗାଁରେ କିଡନୀ ରୋଗ ମୃତ୍ୟୁର ଫାସ ପକାଇଥିବା ବେଳେ ଆଉ କେତେ ମୁଣ୍ଡ ଗଡ଼ିଲେ ପ୍ରଶାସନ ଓ ରାଜନେତା ଚେଇଁବ। ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ କିଡ୍‌ନୀ ରୋଗ ବ୍ୟାପିବାର ନିରାକରଣ ନ କଲେ ଏହି ରୋଗ ଆହୁରି ଅନେକ ଲୋକଙ୍କ ଜିବନ ନେବା ସହ ଅନେକ ଲୋକ ରୋଗାକ୍ରାନ୍ତ ହେବେ ବୋଲି ଗ୍ରାମବାସୀ ଦାବି କହିଛନ୍ତି।

# ସ୍ୱଚ୍ଛ ସାଥୀ, ପରିଦର୍ଶିକାଙ୍କୁ ବିନା କାରଣରେ ଚାକିରିରୁ ବରଖାସ୍ତ

ଖଡ଼ିଆଳ,୨୦।୮(ସୁଜିତ୍ କୁମାର ପ୍ରଧାନ)

**ସାଥୀ କର୍ମୀମାନେ ଜିଲାପାଳଙ୍କଠାରେ କଲେ ଅଭିଯୋଗ**

ନୂଆପଡ଼ା ଜିଲା ଖଡ଼ିଆଳ ଏନ୍‌ଏସିରେ ସ୍ୱଚ୍ଛ ସାଥୀ ତଥା ପରିଦର୍ଶିକାଙ୍କୁ ବିନା କାରଣରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚାକିରିରୁ ବରଖାସ୍ତ କରିଛନ୍ତି। ଏ ନେଇ ସ୍ୱଚ୍ଛସାଥୀ କର୍ମୀମାନେ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଜିଲାପାଳ ହେମକାନ୍ତ ସାଏ ବିନା ନୋଟିସରେ ବହିଷ୍କାର କରାଯିବା କଥା ନୁହେଁ। ଏହା ଉପରେ ସେ ନିଜେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା କର୍ମୀମାନେ ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ, ଦୀର୍ଘ ବର୍ଷ ହେଲା ଖଡିଆଳ ଏନଏସିରେ ସରକାରଙ୍କ ନିୟମ ମୁତାବକ ୫ଜଣ ସ୍ୱଚ୍ଛ ସାଥୀ ଏବଂ ଜଣେ ସ୍ୱଚ୍ଛ ସୁପରଭାଇଜର ନିଯୁକ୍ତି ପାଇଥିଲେ। କର୍ମଚାରୀମାନେ ଏନ୍‌ଏସି ଅଧୀନ ହିତାଧିକାରୀଙ୍କଠାରୁ ୟୁଜର ଫି' ସଂଗ୍ରହ କରିବା ସହ ସହରର ସ୍ୱଚ୍ଛତା ଉପରେ ତଦାରଖ କାମ କରିଆସୁଥିଲେ। ହେଲେ ସେମାନଙ୍କୁ କାର୍ଯ୍ୟନିର୍ବାହୀ ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ବିଭିନ୍ନ ଆଳ ଦେଖାଇ ହଠାତ ଚାକିରିରୁ ବରଖାସ୍ତ କରିଛନ୍ତି। ସରକାରୀ ନିୟମ ଅନୁସାରେ କୌଣସି ବି ଅଭିଯୋଗ ଆସିଲେ ସେ ଉପରେ ଜିଲା ପ୍ରଶାସନର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରି ପ୍ରଥମେ ନିରପେକ୍ଷ ତଦନ୍ତ କରାଯିବ। ପରେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ହେଲେ କାର୍ଯ୍ୟନିର୍ବାହୀ ଅଧିକାରୀ ବିନା ନୋଟିସରେ ପତ୍ରାଙ୍କ ସଂଖ୍ୟା ୨୩୧୦(୬)/୩୧-୦୭-୨୩ରେ ବହିଷ୍କାର କରାଯାଇଥିବା ଦର୍ଶାଇ ଗତ ୮ ତାରିଖରେ ସୋସିଆଲ ମିଡିଆର ଏକ ଗ୍ରୁପରେ ବହିଷ୍କାର କରାଯାଇଥିବା ଦର୍ଶାଇଛନ୍ତି। ଏହା ଜାଣିବା ପରେ କର୍ମୀମାନେ ଜିଲାପାଳଙ୍କୁ ଭେଟି ଜଣାଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଆଚାର୍ଯ୍ୟଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି କହିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଖଡ଼ିଆଳ ଏନ୍‌ଏସିରେ ଏହି କର୍ମଚାରୀମାନେ ଦୀର୍ଘ ଦିନ ଧରି କାମ କରି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ହେଲେ ସେମାନଙ୍କ ପେଟରେ ନିର୍ବାହୀ ଅଧିକାରୀ ଲାତ ମାରିଛନ୍ତି ବୋଲି କହିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରି ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ କୋର୍ଟରେ ଆଇନର ଆଶ୍ରୟ ନେବେ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି।

# ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ସାଧାରଣ ବୈଠକ



ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର କର୍ମକର୍ତ୍ତା।

ଭବାନୀପାଟଣା,୨୦।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମୁଖ୍ୟ ଚିକିତ୍ସାଳୟ ସଭାଗୃହଠାରେ ରବିବାର ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ କଳାହାଣ୍ଡି ଶାଖାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ନିରୂପଣ କରାଯିବା ସହିତ ଚାକିରି ନିୟମିତ କରଣକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ବିଭିନ୍ନ ସମୟରେ ସରକାରଙ୍କୁ ଦାବି ଜଣେଇବା ଓ ବିଭିନ୍ନ କାର୍ଯ୍ୟାବଳୀ ହାତକୁ ନେଇ ସଂଘକୁ ସୁଦୃଢ଼ କରିବା ପାଇଁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଥିଲା। ବୈଠକ ଆରମ୍ଭରେ ପୂର୍ବତନ ସଦସ୍ୟ ଦିବଂଗତ ସୁଶାନ୍ତ କୁମାର ପାଢ଼ୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ସଂଘ ପାଇଁ ଏକ କାର୍ଯ୍ୟାଳୟ କରିବା ପ୍ରସ୍ତାବ ଆଗତ ହୋଇଥିଲା। ଏହାସହ ଜିଲା ସଂଘର ବିଭିନ୍ନ କାର୍ଯ୍ୟ ସୁସମ୍ପାଦନା କରିବା ପାଇଁ ଧର୍ମଗଡ଼ ବିପିଏମ ସୁମେଶ୍ୱର୍ ନାଏକଙ୍କ ନେତୃତ୍ୱରେ ଏକ କୋର୍ କମିଟି ଗଠନ କରାଯାଇଥିଲା। ସାଧାରଣ ବୈଠକରେ ଜିଲା ସଂଘ ଉପଦେଷ୍ଟା ମଣ୍ଡଳୀରୁ ଡିପିଏମ ଅବନୀ ମହାପାତ୍ର, ଜିଲା ହିସାବ ପରିଚାଳକ ସୁବାସ ମିଶ୍ର, ପ୍ରତାପ ବରାଳ, ସଭାପତି ଗୋପବନ୍ଧୁ କର, ସମ୍ପାଦକ ପ୍ରଶାନ୍ତ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ସଂଘ ଉପସଭାପତି ଜ୍ଞାନେନ୍ଦ୍ର ଭୋଇ ସଂଯୋଜନା କରିଥିବା ବେଳେ ଅନ୍ୟତମ ଉପସଭାପତି ମଳୟ ସେନ୍ ମୁଣ୍ଡ ଧନ୍ୟବାଦ ଦେଇଥିଲେ। ଜିଲା ଅଫିସ ସହାୟକ ତୁଷାର କୁମାର୍ ଭୂୟାଁଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏନ୍‌ଏଚ୍ ୨୬ରୁ ଡେଙ୍ଗାଗୁଡ଼ା ମହିମା ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

କୋକସରା,୨୦।୮(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଜାତୀୟ ରାଜପଥ ୨୬ ବୋବରିଆ ଛକରୁ ଡେଙ୍ଗାଗୁଡା ମହିମା ରାସ୍ତା ନିର୍ମାଣ ପାଇଁ ଶନିବାର ଧର୍ମଗଡ଼ ବିଧାୟକ ମୋଷଧି ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଜେଡି ବ୍ଲକ ସଭାପତି ମାନସ ରଞ୍ଜନ ବାଗ, ବିଜେଡି ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ସୁରେଶ ବାରିହା, ଶିବରାମ ପାତ୍ର ଯୋଗଦେଇ ଏହି ରାସ୍ତା ନିର୍ମାଣ ଯୋଗୁ ଏନ୍‌ଏଚ୍ ୨୬ରୁ ବିଜୁ ଏକ୍ସପ୍ରେସ ୱେକୁ ରାସ୍ତା ସଂଯୋଗ ହେବା ସହ ବୋବରିଆ, ଡେଙ୍ଗାଗୁଡା, ମାଲପଡା, ମହିମା ଗ୍ରାମର ଲୋକମାନେ ଯାତାୟାତରେ ସୁବିଧା ପାଇବେ ବୋଲି କହିଥିଲେ। ପୂର୍ବରୁ ଏହି ରାସ୍ତା ଅବସ୍ଥା ଶୋଚନୀୟ ଅବସ୍ଥାରେ ଦୀର୍ଘ ବର୍ଷ ପଡି ରହିଥିବା ବେଳେ ଅଞ୍ଚଳବାସୀ ଯାତାୟାତରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ତତ୍ପରତା ପ୍ରକାଶ ପାଇଥିଲା। ଶନିବାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଉଦଘାଟନ ବିଧାୟକଙ୍କ ଦ୍ୱାରା କରାଯାଇଛି। ଫଳରେ ଏହି ଅଞ୍ଚଳବାସୀଙ୍କ ମଧ୍ୟରେ ରାସ୍ତା ପାଇଁ ରହିଥିବା ସମସ୍ୟା ସମାଧାନ ହୋଇଛି। ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା କାର୍ଯ୍ୟ ସମ୍ପାଦନ ହେଉଥିବା ବେଳେ ୬.୧୭୦ କି.ମି. ରାସ୍ତା ନିର୍ମାଣ ପାଇଁ ଅଟକଳ ମୂଲ୍ୟ ୫ କୋଟି ୫୮ ଲକ୍ଷ ୧୯ ହଜାର ରହିଛି।

# ୫-ଟି ସଚିବଙ୍କ ଚିଠି ପରେ ଲାଞ୍ଜିଗଡବାସୀଙ୍କ ବୈଠକ


ବୈଠକରେ ଆଲୋଚନା କରାଯାଉଛି।

ଲାଞ୍ଜିଗଡ଼,୨୦।୮(ରମେଶ ଚନ୍ଦ୍ର ନାୟକ)

**ସପ୍ତାହ ମଧ୍ୟରେ ଜିଲାପାଳଙ୍କୁ ଭେଟିବେ ଅଞ୍ଚଳବାସୀ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ସଦର ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ଆହ୍ୱାନକ୍ରମେ ଲାଞ୍ଜିଗଡ ହାଇସ୍କୁଲ ଖେଳ ପଡିଆରେ ରବିବାର ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ସଭାପତିତ୍ୱରେ ଲାଞ୍ଜିଗଡ଼ଠାରେ ହେବାକୁ ଥିବା ଜେଏମଏଫସି କୋର୍ଟ, ଲାଞ୍ଜିଗଡ ଅତିରିକ୍ତ ତହସିଲ କାର୍ଯ୍ୟାଳୟ, ଲାଞ୍ଜିଗଡ ସବଟ୍ରେଜିରୀ କାର୍ଯ୍ୟାଳୟ, ଲାଞ୍ଜିଗଡ ଆଇଟିଆଇ, ରାସ୍ତାଘାଟ, ଶିକ୍ଷା ତଥା ଅନ୍ୟାନ୍ୟ ଅନୁଷ୍ଠାନଗୁଡିକ ଅଭିଯୋଗ ନେଇ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ଦିଆଯାଇଥିଲା। ଜିଲାପାଳଙ୍କ ଜରିଆରେ ସରପଞ୍ଚଙ୍କ ନିକଟରେ ଏକ ଚିଠି ଆସିଥିଲା। ଏହି ଚିଠି ପାଇବା ପରେ ସରପଞ୍ଚ ଏହି ବୈଠକ ଡକାଇଥିଲେ। ବୈଠକରେ ୧୩ଟି ପଞ୍ଚାୟତ ପ୍ରତିନିଧି ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ବୈଠକରେ ଲାଞ୍ଜିଗଡକୁ ଅବହେଳିତ କରୁଥିବାରୁ ଜନସାଧାରଣ ଅସନ୍ତୋଷ ପ୍ରକାଶ କରୁଥିଲେ। ପୂର୍ବରୁ ଲାଞ୍ଜିଗଡରେ ଥିବା ଅବକାରୀ ବିଭାଗ ଓ ଏମ୍ପ୍ଲୟମେଣ୍ଟ କାର୍ଯ୍ୟାଳୟ ମଧ୍ୟ ଲାଞ୍ଜିଗଡରୁ ଉଠାଇ ନେଇଛନ୍ତି। ଏଭଳି ଅନେକ ସରକାରଙ୍କ କାର୍ଯ୍ୟାଳୟଗୁଡିକ ଲାଞ୍ଜିଗଡର ନାମରେ ଥିଲେ ମଧ୍ୟ ଏଠାରେ କୌଣସି କାର୍ଯ୍ୟାଳୟ ନାହିଁ। ଏହିପରି ଅନେକ ବିଷୟ ଉପରେ ଆଲୋଚନା ହେବା ପରେ ଆଗାମୀ ୭ ଦିନ ମଧ୍ୟରେ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ମାଧ୍ୟମରେ ଏକ କମିଟି ଜିଲାପାଳଙ୍କୁ ସାକ୍ଷାତ୍ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ସରିଆଁରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ରୁପ୍ରାରୋଡ୍,୨୦।୮(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ସରିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ମାସିକ କ୍ଲଷ୍ଟରସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସରିଆଁ ସିଆରସିସି ସୁଧୀର କୁମାର ଧଙ୍ଗଡ଼ାମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ (ଏଫଏଲଏନ), ମୌଳିକ ଶିକ୍ଷଣ ଅନୁଧ୍ୟାନ (ଏଫଏଲଏସ), ଶିକ୍ଷଣ ସାମଗ୍ରୀର ବହୁଳ ବ୍ୟବହାର, ୟୁନିଫର୍ମ, ଡାଏରି ଓ ନୋଟବୁକ ବଣ୍ଟନ, ଏକାଡେମିକ କେଲେଣ୍ଡର୍, ଖେଳପଡ଼ିଆ, ଭିତ୍ତିଭୂମି ବିକାଶ, ସ୍କୁଲକୁ ଆସିଥିବା ବିଭିନ୍ନ ଅନୁଦାନ ରାଶିର ଠିକ ବିନିଯୋଗ ଆଦି ବିଷୟରେ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଶିକ୍ଷକ କ୍ଷୀରସିନ୍ଧୁ ବାଗ, ଧର୍ମେନ୍ଦ୍ର ମାଝି ଓ ଦୟାନିଧି ପଧାନ ଏଫଏଲଏନ ଓ ବିଦ୍ୟା ପ୍ରବେଶ ସମ୍ପର୍କିତ ଡେମୋ କ୍ଲାସ ଦେଇଥିଲେ। ଏଥିରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ବେହେରା ଡେମୋ କ୍ଲାସ ପର୍ଯ୍ୟବେକ୍ଷଣ କରିବା ସହ ଏଫଏଲଏନ ସମ୍ପର୍କିତ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ବୈଠକରେ କ୍ଲଷ୍ଟର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସହକାରୀ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ।

# ୫-ଟି ସଚିବଙ୍କୁ କାଳିମାଡ଼ ଘଟଣାକୁ ନିନ୍ଦା

କୋକସରା,୨୦।୮
(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ପୁରୀ ଗସ୍ତ ସମୟରେ ତାଙ୍କ ଉପରେ ସତ୍ୟବାଦୀଠାରେ ହୋଇଥିବା କାଳିମାଡ ଘଟଣାକୁ କଳାହାଣ୍ଡି ଜିଲା କୋକସରା ବ୍ଲକ ବିଜେଡି ପକ୍ଷରୁ ନିନ୍ଦା ଓ ପ୍ରତିବାଦ କରାଯାଇଛି। ଧର୍ମଗଡ଼ ବିଧାୟକ ମୋଷଧି ବାଗ ଉପସ୍ଥିତରେ ବ୍ଲକ ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ କର୍ମୀ ସହ ଘଟଣାକୁ ପ୍ରତିବାଦ କରି ଦୃଢ଼ ଭାବେ ନିନ୍ଦା କରାଯାଇଛି। ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଓଡ଼ିଶାର ବିକାଶ ପାଇଁ ଚେଷ୍ଟିତ ଥିବା ଅଧିକାରୀଙ୍କୁ ଏହିଭଳି ରାଜନୈତିକ ଉଦ୍ଦେଶ୍ୟ ନେଇ ହୀନ ଉଦ୍ୟମ ରାଜ୍ୟର ବିକାଶ ପାଇଁ ଶୁଭଙ୍କର ନୁହେଁ ବୋଲି କହିଛନ୍ତି। ତାଙ୍କ ସହ ବିଜେଡିର ଧର୍ମଗଡ଼ ବିଧାନସଭା ମଣ୍ଡଳୀର ସଭାପତି ମାନସ ରଞ୍ଜନ ବାଗ, ବ୍ଲକ ସଭାପତି ସୁଶାନ୍ତ ବେହେରା, ଅନିଲ ପ୍ରଧାନୀ, ବିଶ୍ୱମ୍ଭର ଶବର, ପଙ୍କଜ ପୋଢ଼, ପ୍ରମୋଦ ପ୍ରଧାନୀ, ବିଶ୍ୱନାଥ ପଟ୍ଟନାୟକ, ମହେଶ ଗୁପ୍ତା, ଅଜିତ ପଟ୍ଟନାୟକ, ଶିବରାମ ପାତ୍ର, ବସନ୍ତ ପଟ୍ଟନାୟକ ଓ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।


ବିଜେଡି କର୍ମକର୍ତ୍ତାମାନେ ପ୍ରତିବାଦ କରୁଛନ୍ତି।

# କମାର ଜାତିକୁ ଆଦିବାସୀ ମାନ୍ୟତା ନ ମିଳିଲେ ଭୋଟ ବର୍ଜନ

ନୂଆପଡ଼ା,୨୦।୮(ମକାରୁ ବେମାଲ)

ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଭରୁଆମୁଣ୍ଡା ପଞ୍ଚାୟତ କଟିଙ୍ଗପାଣି ଗାଁଠାରେ କମାର ସମାଜର ମହାମେଳି ରବିବାର ଅନୁଷ୍ଠିତ ହୋଇଯାଇଛି। ଘଞ୍ଚ ଜଙ୍ଗଲ ଭିତରେ ବାସ କରି ବାଉଁଶରେ ବିଭିନ୍ନ ଘର କରଣୀ ସାମଗ୍ରୀ ତିଆରି କରି ପରିବାର ପ୍ରତିପୋଷଣ କରି ଚଳି ଆସୁଥିବା ବନବାସୀଙ୍କୁ ସରକାର ଉପେକ୍ଷା କରି ତାଙ୍କର ମୌଳିକ ଅଧିକାରରୁ ବଞ୍ଚିତ କରୁଛନ୍ତି। ହକ ଦାବି ପାଇଁ ସରକାରଙ୍କ ସହ ଲଢେଇ କରିବା ହେବ। ଆଗାମୀ ନିର୍ବାଚନ ମଧ୍ୟରେ କମାର ଜାତିକୁ ଆଦିବାସୀ ମାନ୍ୟତା ଦିଆ ନ ଗଲେ, ସମସ୍ତ କମାର ଜାତି ଭୋଟ ବର୍ଜନ କରିବୁ ବୋଲି କମାର ମହାମେଳିରେ ନିଷ୍ପତ୍ତି ନିଆଯାଇଛି। କମାର ସମାଜ ଜିଲା ସଭାପତି ଲାଲସିଂ କମାରଙ୍କ ଅଧ୍ୟକ୍ଷତାରେ ଛତିଶଗଡ ଗରିଆବନ୍ଧ ଜିଲା କମାର ସମାଜ ମହା ସଚିବ ରୁପସିଂ କମାର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଛତିଶଗଡର ଶିକ୍ଷାବିତ ଦେଶରାମ କମାର, ସର୍କଲ ସଚିବ ଝୁଙ୍କୁ କମାର, ଭରୁଆମୁଣ୍ଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ବନିତା ଧରୁଆ, ଚୂଳାଭାଟ ପୂର୍ବତନ ସରପଞ୍ଚ ତିରତ ମାଝି, ତାରାବତି ମାଝି, କମଳ ସିଂ କମାର, ତିଲୁ କମାର, ନେହେରୁ କମାର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଜିଲା ଆଦିବାସୀ ନେତା ଘାସିରାମ ମାଝି ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଦିବାସୀମାନଙ୍କ ଚାଲି ଚଳଣି ଓ ପରମ୍ପରା ଉପରେ ଆଲୋକପାତ କରିବା ସହ କମାରମାନଙ୍କୁ ଆଦିବାସୀ ମାନ୍ୟତା ଦାବିରେ ସରକାରଙ୍କଠାରେ ଉପସ୍ଥାପନ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। କମାର ସମ୍ପ୍ରଦାୟ ଲୋକେ ଗାଁ କିମ୍ବା ସହର ଭିତରେ ନ ରହି ଜଙ୍ଗଲିଆ ପାହାଡ ଅଞ୍ଚଳରେ ବସବାସ କରି କାଉଁଶରେ ଘର କରଣୀ ସମଗ୍ରୀ ତିଆରି କରିବା ସହ ବନଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣ କରିଥାନ୍ତି। ସେମାନେ ପ୍ରକୃତରେ ବନବାସୀ ବଣ ହିଁ ତାଙ୍କ ଘର ଓ ଗାଁ। ଖରା, ବର୍ଷା ହଉ ବା ଶୀତ ସବୁଦିନ ପାଇଁ ବଣରେ ବସବାସ କରିଥାନ୍ତି। ବଣରେ ରହି ମଧ୍ୟ କମାର ଜାତି ଆଜି ପର୍ଯ୍ୟନ୍ତ ଆଦିବାସୀ ମାନ୍ୟତା ପାଇ ନାହାନ୍ତି। ପଡୋଶୀ ଛତିଶଗଡରେ


ଉପସ୍ଥିତ ଅତିଥି ଓ କମାର ସମାଜ।

**କମାର ସମାଜର ମହାମେଳି**

କମାରମାନେ ଆଦିବାସୀ ସମ୍ପ୍ରଦାୟରେ ଅର୍ନ୍ତଭୂକ୍ତ ହୋଇଥିବାରୁ ସରକାରଙ୍କ ସବୁ ସୁବିଧା ପାଉଛନ୍ତି। କିନ୍ତୁ ଓଡିଶାରେ କମାରମାନଙ୍କୁ ରାଜ୍ୟ ସରକାର ଓବିସିରେ ରଖିଥିବାରୁ କୌଣସି ସୁବିଧା ପାଇ ପାରୁନାହାନ୍ତି। କମାର ଜାତି ଛତିଶଗଡରେ ଆଦିବାସୀ ସମ୍ପ୍ରଦାୟରେ ଥିବା ବେଳେ ଓଡିଶାକୁ ବାହା ହୋଇ ଆସିଲେ ଓବିସିରେ ଗଣନ୍ତି ହୁଆନ୍ତି ଓ ଓଡିଶାର ଝିଅ ଛତିଶଗଡକୁ ବାହା ହୋଇ ଗଲେ ଆଦିବାସୀ ମାନ୍ୟତା ପାଇ ଆଦିବାସୀଙ୍କ ସବୁ ସୁବିଧା ପାଇଥାନ୍ତି। ଭାରତ ବର୍ଷରେ ସମସ୍ତ କମାର ଗୋଟିଏ ଭାଇ ଛତିଶଗଡରେ କେମିତି ଆଦିବାସୀ ହେଲା ଓଡିଶାରେ କାହିଁକି ହୋଇ ପାରୁ ନାହିଁ। କମାର ଜାତିକୁ ଆଦିବାସୀ ମାନ୍ୟତା ପାଇଁ ଜିଲାସ୍ତରରୁ ରାଜଧାନୀ ପର୍ଯ୍ୟନ୍ତ ଯାଇ ଲଢେଇ କରିବୁ। ଜିଲା କାମାର ସମାଜ ସଚିବ ରତିରାମ କମାର ମଞ୍ଚ ପରିଚାଳନା କରିଥିଲେ। ମହାମେଳିରେ ନୂଆପଡା ଜିଲା ସମେତ ନବରଙ୍ଗପୁର ଓ ଛତିଶଗଡର କମାରମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### କେନ୍ଦ୍ରୀୟ ସଶସ୍ତ୍ର ବଳରେ ଯୋଗଦେବେ ୨ ଝିଅ

**ପଦ୍ମପୁର,୨୦।୮(ପ୍ରଦୀପ୍ତ ଦାଶ ):** ଆସାମ ରାଇଫଲ ରେଜିମେଣ୍ଟ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ଫୋର୍ସ ପରୀକ୍ଷା -୨୦୨୨ରେ କୃତକାର୍ଯ୍ୟ ହୋଇଛନ୍ତି ପଦ୍ମପୁର ସରେଇକେଲାର ୨ ଝିଅ ସୀମା ନାଏକ ଓ ଦୀପାଞ୍ଜଳି ବରିହା। ଉଭୟ ବରଗଡ଼ ଜିଲା ତଥା ଓଡିଶା ପାଇଁ ଗର୍ବ ଆଣିଛନ୍ତି। ଉଭୟଙ୍କ ସଫଳତା ନେଇ ଖବର ପ୍ରଚାରିତ ହେବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି। ସୀମା ଓ ଦୀପାଞ୍ଜଳି ଛୋଟ ବେଳୁ ଦେଶ ମାତୃକାର ସେବା କରିବାକୁ ମନସ୍ଥ କରିଥିଲେ। ଉଭୟଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମ ବଳରେ ଏହା ଆଜି ସମ୍ଭବ ହୋଇପାରିଛି।

### ଚାଷୀନେତାଙ୍କ ପରଲୋକ

**ବରଗଡ଼,୨୦।୮(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା କୃଷକ ସଙ୍ଗଠନ, ନାଗରିକ



କମିଟି ସଦସ୍ୟ ଆଡ୍‌ଭୋକେଟ୍ ଯଦୁମଣି ପଟେଲଙ୍କ ରବିବାର ପରଲୋକ ହୋଇଛି। ବିଜେପୁର ବ୍ଲକ ପହଣ୍ଡି ଗ୍ରାମର ସ୍ୱର୍ଗତ ପଟେଲ କ୍ଷମତା ରାଜନୀତିରୁ ଦୂରେଇ ରହି ସବୁବେଳେ ଅଞ୍ଚଳର ବିଭିନ୍ନ ସମସ୍ୟା ପାଇ ଲଢ଼ି ଆସୁଥିଲେ। ତାଙ୍କ ପରଲୋକରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ, ଜୟ କିଷାନ ଆନ୍ଦୋଳନ ଆଦି ଚାଷୀ ସଙ୍ଗଠନ ପକ୍ଷରୁ ଗଭୀର ଶୋକପ୍ରକାଶ ପାଇଛି ।

### ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ

**ପଦ୍ମପୁର,୨୦।୮(ପ୍ରଦୀପ୍ତ ଦାଶ):** ପଦ୍ମପୁର ବିଜେଡି କାର୍ଯ୍ୟାଳୟରେ ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ଜୋନ୍ ପ୍ରଭାରୀ ନବ କିଶୋର ସାହୁ, ସୂର୍ଯ୍ୟ ପ୍ରସାଦ ହୋତା ନେତୃତ୍ୱ ନେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା କିପରି ସମସ୍ତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ ତଥା ଆଗାମୀ ଦିନରେ ସଙ୍ଗଠନ କିପରି ମଜଭୁତ ହୋଇପାରିବ ତାହା ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଜୋନ୍ ୧ ଅନ୍ତର୍ଗତ ୭ ପଞ୍ଚାୟତର ସଭାପତି ରଞ୍ଜନ ତ୍ରିପାଠୀ, ଉମେଶ ପ୍ରସାଦ ସାହୁ, ଚୈତନ୍ୟ ମେହେର, ନାରାୟଣ ବେହେରା, ଜି. ଶଗରିଆ, ଡିଲେଶ ଦିଶରି, ତୁଳାରାମ ବରିହାଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ବୁଲାଗୋରୁଙ୍କ ସୁରକ୍ଷାକୁ ଅଣଦେଖା

- ସଚେତନ ନାଗରିକ ମହଲରେ ଉଦ୍‌ବେଗ
- ସୁରକ୍ଷା ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନ






ଗୋମାତା ସୁରକ୍ଷା ନେଇ ବୈଠକ । ବରଗଡ଼ ନୂଆ ଜିରା ବ୍ରିଜ୍ ଉପରେ ଗୋରୁଗାଈ ।

**ବରଗଡ଼,୨୦।୮(ପ୍ରେମାନନ୍ଦ ଖମାରୀ)** ବରଗଡ଼ ସହର ରାସ୍ତାଘାଟରେ ବୁଲାଗୋରୁ ଦିନରାତି ବିଚରଣ କରୁଛନ୍ତି। ଏଥିପାଇଁ ସହରରେ ନିତିଦିନ ଦୁର୍ଘଟଣା ଘଟୁଛି। କେତେବେଳେ ଗୋରୁ ତ ଆଉ କେବେ ରାସ୍ତାରେ ଯାଉଥିବା ଲୋକେ ମୃତାହତ ହେଉଛନ୍ତି। ଏହାସତ୍ତ୍ୱେ ଏଭଳି ସମସ୍ୟା ପ୍ରତି ପୌର ପ୍ରଶାସନ ଚୁପ୍ ରହିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷ ବଢ଼ି ଚାଲିଥିବାବେଳେ ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବଜରଙ୍ଗ ଦଳ ଆହ୍ୱାନରେ ବିଭିନ୍ନ ଅନୁଷ୍ଠାନକୁ ନେଇ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୁଲାଗୋରୁଙ୍କ ସୁରକ୍ଷାକୁ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏ ଦିଗରେ ପ୍ରଶାସନ ପକ୍ଷରୁ ଆସନ୍ତା ୫ଦିନ ମଧ୍ୟରେ କୌଣସି ବିହିତ ପଦକ୍ଷେପ ନ ନେଲେ ବଜରଙ୍ଗ ଦଳ ବିଭିନ୍ନ ଅନୁଷ୍ଠାନକୁ ନେଇ ଆନ୍ଦୋଳନକୁ ଓହ୍ଲାଇବ ଏବଂ ଆବଶ୍ୟକ ହେଲେ ପୌର କାର୍ଯ୍ୟାଳୟରେ ବୁଲାଗୋରୁଙ୍କୁ ପୂରାଇବ ବୋଲି ଚେତାବନୀ ଦେଇଛି।

ବଜରଙ୍ଗ ଦଳର ଜିଲା ସଂଯୋଜକ ସଞ୍ଜୀବ କୁମାର ମେହେର ବୈଠକ ସଂଯୋଜନା କରିଥିଲେ। ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ଆଶୁତୋଷ ରଥ, ସମଲେଶ୍ୱରୀ ସଂଘର ପ୍ରଶାନ୍ତ ମହାପାତ୍ର, ବରଗଡ଼ ସାମ୍ବାଦିକ ସଂଘର ବିରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୋଠାବାଡ଼ି ନିର୍ମାଣ ଯୋଗୁ ଗୋଚର ଜମି ହ୍ରାସ ପାଇବାରେ ଲାଗିଛି। ଚାରଣ ଭୂମି ଲୋପ ପାଇବାରୁ ଗାଈଗୋରୁ ସହରରେ ବିଚରଣ କରୁଥିବା ମତପ୍ରକାଶ ପାଇଥିଲା। ସେହିପରି କେତେକ ସହରବାସୀ ଗୋରୁଗାଈ ରଖୁଛନ୍ତି। ମାତ୍ର ଉପଯୁକ୍ତ ଯତ୍ନ ନେବା ସହିତ ସେମାନଙ୍କୁ ଗୋଖାଦ୍ୟ ଦେବା ବଦଳରେ ବିଚରଣ ପାଇଁ ରାସ୍ତାଘାଟକୁ ଛାଡ଼ି ଦେଉଛନ୍ତି। ଫଳରେ ରାସ୍ତାଘାଟରେ ଗୋରୁଗାଈଙ୍କ ସଂଖ୍ୟା ବଢ଼ି ଚାଲିଛି ଏବଂ ଦୁର୍ଘଟଣା ବୃଦ୍ଧି ପାଉଥିବା ବୈଠକରେ ଉପସ୍ଥିତ ଲୋକେ କହିଥିଲେ।

ଏଭଳି ସ୍ଥଳେ ସହରାଞ୍ଚଳରେ କାଞ୍ଜି ହାଉସ୍ ନିର୍ମାଣ କରି ଗୋରୁଙ୍କୁ ସୁରକ୍ଷିତ ରଖିବା ପୌର ପ୍ରଶାସନର କର୍ତ୍ତବ୍ୟ। ମାତ୍ର ସ୍ଥାନୀୟ ପୌର ପ୍ରଶାସନ ତାକୁ ଅଣଦେଖା କରୁଛି ବୋଲି ବୈଠକରେ ଅଭିଯୋଗ ହୋଇଥିଲା। ଏଭଳି ଦାୟିତ୍ୱହୀନତା ଯୋଗୁ ସହରରେ ଗୋରୁଗାଈ ଏବଂ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଲେ ଚିକିତ୍ସା ପାଇଁ ଡାକ୍ତରଖାନା ପହଞ୍ଚୁଛନ୍ତି, ହେଲେ ଗୋରୁଗାଈଙ୍କୁ କୌଣସି ଗାଡ଼ି ଧକ୍କା ଦେଲେ ଗୁରୁତର ଅବସ୍ଥାରେ ସମ୍ପୃକ୍ତ ଗୋରୁଗାଈ ଦୀର୍ଘ ସମୟ ଧରି ଘଟଣାସ୍ଥଳରେ ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ପଡ଼ି ରହୁଛନ୍ତି ଏବଂ ଶେଷରେ ଜୀବନ ହରାଉଛନ୍ତି ବୋଲି ଲୋକେ କହିଥିଲେ। ରାସ୍ତାଘାଟରେ ବିଚରଣ କରୁଥିବା ଗୋରୁଗାଈଙ୍କ ପ୍ରତି ଏଭଳି ଅଣଦେଖାକୁ ଆଉ ବରଦାସ୍ତ କରାଯିବ ନାହିଁ ଏବଂ ଗୋମାତାଙ୍କ ସୁରକ୍ଷା ପାଇଁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ବଜରଙ୍ଗ ଦଳ ଚେତାବନୀ ଦେଇଛି।

## ବିଶାଳ ରକ୍ତଦାନ ଶିବିର, ୨୪୧ ୟୁନିଟ୍ ସଂଗ୍ରହ

**ବରପାଲି,୨୦।୮(ଚିତ୍ତରଞ୍ଜନ ସାହୁ)** ବରପାଲି ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ କମିଟି ପକ୍ଷରୁ ରବିବାର ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାତ୍ରା କମିଟି ସଭାପତି ଆନନ୍ଦ ବାବୁଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ୨୨ ଯୋଡ଼ା ଦମ୍ପତିଙ୍କ ସମେତ ମୋଟ ୨୪୧ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ବୁର୍ଲା ରକ୍ତଭଣ୍ଡାର କର୍ମଚାରୀ ଆସି ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ରକ୍ତଦାନ ଏକ ମହତ ଦାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ଏମ୍‌ପି ଡ. ପ୍ରଭାସ ସିଂ, ଓଡିଶା ମୋ ପରିବାର ବରଗଡ଼ ଜିଲା ସଂଯୋଜକ ଗୌରହରି ମିଶ୍ର, ଓରମାସର ଜିଲା ମୁଖ୍ୟ ରାଜ ଗୋପାଳ ଦାଶଙ୍କ ସମେତ ନିଷ୍ଠା, ସଂକଳ୍ପ ପରିବାର, ଫ୍ରେଣ୍ଡ୍ସ ଏ ହୋପ, ଜନକଲ୍ୟାଣ, ପଶ୍ଚିମ ଓଡିଶା ଯୁବା ମଞ୍ଚ, ମାରୱାଡ଼ି ଯୁବା ମଞ୍ଚ, ମହିଳା ସଂଘ, ସରସ୍ୱତୀ ମହିଳା ସଂଘ, ତୁଳସୀ ଗ୍ରୁପ, ଶ୍ରୀରାମ ସେନା, ହେଲ୍‌ପିଂ ହାର୍ଟ ଆଦି ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଶୀତଳଷଷ୍ଠୀ ଯାତ୍ରା କମିଟି ସମ୍ପାଦକ ଜୟନ୍ତ ତ୍ରିପାଠୀ, ବିଭୂତି ସାହୁ, ଚନ୍ଦନ ସାହୁ, ପିଙ୍କୁ ସାହୁ, ସୁପ୍ରଭାତ ସାହୁ, ଫିରୋଜ ସାହୁ, ସୁବ୍ରତ ସାହୁ, ଲିପନ ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳନ



ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ।

**ବରଗଡ଼,୨୦।୮(ପ୍ରେମାନନ୍ଦ ଖମାରୀ)** ବରଗଡ଼ ଜିଲା କଂଗ୍ରେସ ପକ୍ଷରୁ ରବିବାର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ତଥା ଜାତୀୟ ସଦ୍‌ଭାବନା ଦିବସ ପାଳନ କରାଯାଇଛି। ଏହି ଅବସରରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଭାରେ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ହରଦୀପ ସିଂ, ନିପନ ଦାଶ, ପ୍ରତାପ ନାୟକ, ସରୋଜ ଷଡ଼ଙ୍ଗୀ, ପିକୁନ ନାୟକ, ଅଶୋକ ଦାଶ, ଶୁଭେନ୍ଦୁ ସାହୁ, କିଶୋର ସାହୁ, ଆଶିଷ ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ। ବହୁସଂଖ୍ୟକ ଦଳୀୟ କର୍ମୀ ଯୋଗଦାନ କରିଥିଲେ।

## ୫-ଟି ସଚିବଙ୍କୁ କାଳିମାଡ଼ ଘଟଣାକୁ ନିନ୍ଦା

**କୋକସରା,୨୦।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)** ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ପୁରୀ ଗସ୍ତ ସମୟରେ ତାଙ୍କ ଉପରେ ସତ୍ୟବାଦୀଠାରେ ହୋଇଥିବା କାଳିମାଡ ଘଟଣାକୁ କଳାହାଣ୍ଡି ଜିଲା କୋକସରା ବ୍ଲକ ବିଜେଡି ପକ୍ଷରୁ ନିନ୍ଦା ଓ ପ୍ରତିବାଦ କରାଯାଇଛି। ଧର୍ମଗଡ଼ ବିଧାୟକ ମୋଷଧ୍ ବାଗ ଉପସ୍ଥିତରେ ବ୍ଲକ ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ କର୍ମୀ ସହ ଘଟଣାକୁ ପ୍ରତିବାଦ କରି ଦୃଢ଼ ଭାବେ ନିନ୍ଦା କରାଯାଇଛି। ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଓଡ଼ିଶାର ବିକାଶ ପାଇଁ ଚେଷ୍ଟିତ ଥିବା ଅଧିକାରୀଙ୍କୁ ଏହିଭଳି ରାଜନୈତିକ ଉଦ୍ଦେଶ୍ୟ ନେଇ ହୀନ ଉଦ୍ୟମ ରାଜ୍ୟର ବିକାଶ ପାଇଁ ଶୁଭଙ୍କର ନୁହେଁ ବୋଲି କହିଛନ୍ତି। ତାଙ୍କ ସହ ବିଜେଡିର ଧର୍ମଗଡ଼ ବିଧାନସଭା ମଣ୍ଡଳୀର ସଭାପତି ମାନସ ରଞ୍ଜନ ବାଗ, ବ୍ଲକ ସଭାପତି ସୁଶାନ୍ତ ବେହେରା, ଅନିଲ ପ୍ରଧାନୀ, ବିଶ୍ୱମ୍ଭର ଶବର, ପଞ୍ଚକ ପୋଢ଼, ପ୍ରମୋଦ ପ୍ରଧାନୀ, ବିଶ୍ୱନାଥ ପଟ୍ଟନାୟକ, ମହେଶ ଗୁପ୍ତା, ଅଜିତ ପଟ୍ଟନାୟକ, ଶିବରାମ ପାତ୍ର, ବସନ୍ତ ପଟ୍ଟନାୟକ ଓ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

## ଯମୁନାଙ୍କୁ ମିଳିଲା ଆର୍ଥିକ ସହାୟତା

**ବରଗଡ଼/ପଦ୍ମପୁର,୨୦।୮ (ପ୍ରେମାନନ୍ଦ ଖମାରୀ/ପ୍ରଦୀପ୍ତ ଦାଶ)** ଅସହାୟମାନଙ୍କ ଦରଦୀ ବନ୍ଧୁ ସାଜିଥିବା ଟ୍ୱିଟର ଗାର୍ଲ ଦୀପା ବାରିକଙ୍କ ଦ୍ୱାରା ଅନେକ ଅସହାୟ ଲୋକ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଲାଭ ପାଇପାରୁଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅମ୍ବାମୁଣ୍ଡା ଗ୍ରାମରେ। ଗ୍ରାମର ଯମୁନା ପଟେଲ ଜଣେ ମେଧାବିନୀ ଛାତ୍ରୀ ଏବଂ ସେ ଗ୍ରେଡ୍ ବି-୧ରେ ଘନାପାଲିସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରିଥିଲେ। ତାଙ୍କ ବାପା ସୁଧୀର ଦିବ୍ୟାଙ୍ଗ ହୋଇଥିବାବେଳେ ଝିଅର ଉଚ୍ଚଶିକ୍ଷା ପାଇଁ ଅର୍ଥ ବାଧକ ସାଜିଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ଜରିଆରେ ଦୀପାଙ୍କ ପାଖକୁ ଏହି ଖବର ପହଞ୍ଚିଥିଲା। ଦୀପା ଯମୁନାଙ୍କ ଉଚ୍ଚଶିକ୍ଷା ପାଇଁ ସହାୟତା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଟ୍ୱିଟ୍ ମାଧ୍ୟମରେ ନିବେଦନ କରିଥିଲେ। ଏହାପରେ ଜିଲାପାଳ ମୋନିଷା ବାନାର୍ଜୀ ଏହାର ତଦନ୍ତ କରି ସତ୍ୟତା ଜାଣିବା ପରେ ଯମୁନାଙ୍କ ଉଚ୍ଚଶିକ୍ଷା ପାଇଁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଅଧିକାରୀ ଯମୁନାଙ୍କ ଘରକୁ ପହଞ୍ଚି ସହାୟତା ରାଶି ବାବଦ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ।



ଯମୁନା ପଟେଲଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

## ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ

**ବରଗଡ଼,୨୦।୮(ପ୍ରେମାନନ୍ଦ ଖମାରୀ)** ବରଗଡ଼ କେଶବ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ରେ ଜ୍ଞାନ ବିଜ୍ଞାନ ମେଳା ତଥା ସଂସ୍କୃତି ମହୋତ୍ସବ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ପଞ୍ଚାୟତ କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ରବିନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷା ବିକାଶ ସମିତି, ଓଡ଼ିଶାର ପ୍ରାନ୍ତ ଶୈକ୍ଷିକ ସଂଯୋଜକ ଖଗେଶ୍ୱର ଦାଶ, ବରଗଡ଼ ବିଭାଗ ନିରୀକ୍ଷକ ବିଜନ କୁମାର ଜେନା, ବରଗଡ଼ ବାଳକ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ ପଶାୟତ, ଭଟଲି ହାଇସ୍କୁଲର ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ପ୍ରଧାନ, ସ୍ଥାନୀୟ ବିଦ୍ୟାଳୟର ପରିଚାଳନା ସମିତି କୋଷାଧ୍ୟକ୍ଷ ଶିବଶଙ୍କର ମିଶ୍ର, ପରିଚାଳନା ସମିତିର ସଭ୍ୟା ତଥା ମାତୃ ଭାରତୀ ସଭାନେତ୍ରୀ ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ମେଳାରେ ଗଣିତ ବିଭାଗରେ ୭୪, ବିଜ୍ଞାନ ବିଭାଗରେ ୭୪, ସଂସ୍କୃତି ଜ୍ଞାନ ବିଭାଗରେ ୧୧୫ଜଣ ସମେତ ଲୋକନୃତ୍ୟ, ମୂର୍ତ୍ତିକଳା ବିଭାଗରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।



ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପନୀ ସମାରୋହରେ ଅତିଥିବୃନ୍ଦ ।

## ଏନ୍ଏଚ୍ ୨୬ରୁ ଡେଙ୍ଗାଗୁଡ଼ା ମହିମା ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**କୋକସରା,୨୦।୮(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)** କଳାହାଣ୍ଡି ଜିଲା କୋକସରା ବ୍ଲକ ଜାତୀୟ ରାଜପଥ ୨୬ ବୋବରିଆ ଛକରୁ ଡେଙ୍ଗାଗୁଡା ମହିମା ରାସ୍ତା ନିର୍ମାଣ ପାଇଁ ଶନିବାର ଧର୍ମଗଡ଼ ବିଧାୟକ ମୋଷଧ୍ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଜେଡି ବ୍ଲକ ସଭାପତି ମାନସ ରଞ୍ଜନ ବାଗ, ବିଜେଡି ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ସୁରେଶ ବାରିହା, ଶିବରାମ ପାତ୍ର ଯୋଗଦେଇ ଏହି ରାସ୍ତା ନିର୍ମାଣ ଯୋଗୁ ଏନ୍ଏଚ୍ ୨୬ରୁ ବିଜୁ ଏକ୍ସପ୍ରେସ ୱେକୁ ରାସ୍ତା ସଂଯୋଗ ହେବା ସହ ବୋବରିଆ, ଡେଙ୍ଗାଗୁଡା, ମାଲପଡା, ମହିମା ଗ୍ରାମର ଲୋକମାନେ ଯାତାୟାତରେ ସୁବିଧା ପାଇବେ ବୋଲି କହିଥିଲେ। ପୂର୍ବରୁ ଏହି ରାସ୍ତା ଅବସ୍ଥା ଶୋଚନୀୟ ଅବସ୍ଥାରେ ଦୀର୍ଘ ବର୍ଷ ପଡି ରହିଥିବା ବେଳେ ଅଞ୍ଚଳବାସୀ ଯାତାୟାତରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ତତ୍ପରତା ପ୍ରକାଶ ପାଇଥିଲା। ଶନିବାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଉଦଘାଟନ ବିଧାୟକଙ୍କ ଦ୍ୱାରା କରାଯାଇଛି। ଫଳରେ ଏହି ଅଞ୍ଚଳବାସୀଙ୍କ ମଧ୍ୟରେ ରାସ୍ତା ପାଇଁ ରହିଥିବା ସମସ୍ୟା ସମାଧାନ ହୋଇଛି। ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା କାର୍ଯ୍ୟ ସମ୍ପାଦନ ହେଉଥିବା ବେଳେ ୬.୧୭୦ କି.ମି. ରାସ୍ତା ନିର୍ମାଣ ପାଇଁ ଅଟକଳ ମୂଲ୍ୟ ୫ କୋଟି ୫୮ ଲକ୍ଷ ୧୯ ହଜାର ରହିଛି।

## ସଂକୀର୍ତ୍ତନ ସମାବେଶ ପ୍ରସ୍ତୁତି ବୈଠକ

**ବରଗଡ଼,୨୦।୮(ପ୍ରେମାନନ୍ଦ ଖମାରୀ)** ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ବିଜେପୁର ରାଧାମାଧବ ମଣ୍ଡପଠାରେ ଆସନ୍ତା ସେପ୍ଟେମ୍ବର ୩ତାରିଖରେ ବ୍ଲକସ୍ତରୀୟ ସଂକୀର୍ତ୍ତନ ସମାବେଶ ଅନୁଷ୍ଠିତ ହେବ। ଏହା ଆୟୋଜନ ପାଇଁ ରବିବାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, ବିଶିଷ୍ଟ ସଦସ୍ୟ ପଞ୍ଚାନନ ବାଗ, ସୁଶିଲ ଠାକୁର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ବ୍ଲକସ୍ତରୀୟ ସଂକୀର୍ତ୍ତନ ସମାବେଶର ରୂପରେଖ ଉପରେ ସେମାନେ ଆଲୋଚନା କରିଥିଲେ। ବୈଠକରେ କିଶୋର ଗଡ଼ତିଆ, କମଲେଶ ସାହୁ, ଦିବ୍ୟ ମେହେର, ସରୋଜ ସେଟ, ଦୀପକ ମଲ୍ଲିକ, ଭୈରବ ଥପା, ଶେଷଦେବ ପଟେଲ, ବିଜୁ ବନଛୋର, ପ୍ରଦୀପ ମାହାନା, ଜମାଦାର ବେହେରା ପ୍ରମୁଖ ଗାୟକ, ବାୟକ ଏବଂ ସଂକୀର୍ତ୍ତନପ୍ରେମୀ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଂକୀର୍ତ୍ତନପ୍ରେମୀ ।

## ପେନସନର୍ସଙ୍କ ବୈଠକ, କର୍ମକର୍ତ୍ତା ମନୋନୟନ




ଷ୍ଟେଟବ୍ୟାଙ୍କ ପେନସନର୍ସମାନଙ୍କ ବୈଠକ ।

**ବରଗଡ଼,୨୦।୮(ପ୍ରେମାନନ୍ଦ ଖମାରୀ)** ବରଗଡ଼ ଜିଲା ଷ୍ଟେଟବ୍ୟାଙ୍କ ପେନଶନର୍ସମାନଙ୍କ ଏକ ତ୍ରୈମାସିକ ବୈଠକ ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଛି। ବରିଷ୍ଠ ପେନଶନଭୋଗୀ ଦୁଃଖବନ୍ଧୁ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ଅନୁଷ୍ଠାନର ସଭାପତି ଟିକେଶ୍ୱର ବେହେରା ସଂଯୋଜନା କରିଥିଲେ। କିଶୋର ଷଡ଼ଙ୍ଗୀ, ବଶିଷ୍ଠ ପାଢ଼ୀ ପେନଶନରମାନଙ୍କ ସୁବିଧା, ଅସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ କୁଞ୍ଜବିହାରୀ ଭୋଇ ବର୍ଷେ ଭିତରେ ଉପୁଜିଥିବା ସମସ୍ୟା ଗୁଡ଼ିକର ପ୍ରଗତି ଉପରେ ଅବଗତ କରାଇଥିଲେ। କୀର୍ତ୍ତିଚନ୍ଦ୍ର ମିଶ୍ର ନିଜେ ହସ୍ପିଟାଲରେ ଭୋଗିଥିବା ଅନେକ ସମସ୍ୟା ଉପରେ ସୂଚନା ଦେଇ ମେଡ଼ିକାଲଜନିତ ସମସ୍ୟା ଏବଂ ଏହାର ସମାଧାନ ପାଇଁ ଏହି ସ୍କିମରେ ସଂସ୍କାର ଆବଶ୍ୟକ ବୋଲି ମତପୋଷଣ କରିଥିଲେ। ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟର ଶାସନ ମୁଖ୍ୟ ପେନଶନରମାନଙ୍କୁ ତାଙ୍କ ଅଫିସ ତରଫରୁ ସମସ୍ତ ସହାୟତା ଯୋଗାଇ ଦେବାକୁ ବଦ୍ଧପରିକର ବୋଲି କହିଥିଲେ। ରୋହିତ ଦାଶ ମଧ୍ୟ ବିଭିନ୍ନ ସମସ୍ୟା ଉପରେ ନିଜ ମତ ରଖିଥିଲେ। ବୈଠକରେ ଆଗାମୀ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଗୋପୀନାଥ ଦେବତା ସଭାପତି, ଗଙ୍ଗାଧର ବିଭାର ଉପସଭାପତି, କୁଞ୍ଜବିହାରୀ ଭୋଇ ସମ୍ପାଦକ, ବଶିଷ୍ଠ ପାଢ଼ୀ, ମନୋରଞ୍ଜନ ପୂଝାରୀ, ହରିବୋଲ ବେହେର ଉପସମ୍ପାଦକ, ଶଙ୍କର ପ୍ରସାଦ ଦାଶ, ଟିକେଶ୍ୱର ବେହେରା, କିଶୋର ଚନ୍ଦ୍ର ପଣ୍ଡା, ରୋହିତ କୁମାର ଦାଶ, ଚୈତନ୍ୟ ପ୍ରଧାନ, ଛାଲ ଜୁଆଡ଼ି ଉପଦେଷ୍ଟା ମନୋନିତ ହୋଇଥିଲେ। ଏହି ଅବସରରେ ଦିବଂଗତ ପେନଶନରଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଡା. ନିଶାନ୍ତ ଦେବତାଙ୍କ କ୍ଲିନିକରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ସଂକ୍ଷେପରେ

### ଟ୍ରକ ଧକ୍କାରେ ଚାଳକ ଗୁରୁତର

ଲହୁଣୀପଡ଼ା,୨୦।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ଗୋପନା ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକକୁ ଅନ୍ୟ ଏକ ଟ୍ରକ ଧକ୍କା ଦେବା ଯୋଗୁ ଜଣେ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଚାଳକ ହେଲେ ଅଜିତ ତିଗା (୩୫)। କେ.ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରଥମେ ତାଙ୍କୁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କୋଇଡ଼ା ଖଣି ଅଞ୍ଚଳରୁ ଲୁହାପଥର ଗୁଣ୍ଡ ବୋଝେଇ ଓଡି–୦୯ଭି – ୦୫୩୭ ଟ୍ରକଟି ଲହୁଣୀପଡ଼ା ପଟେ ଆସୁଥିଲା। ଗୋପନା ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଅନ୍ୟ ଏକ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ଧକ୍କା ଦେଇଥିବା ଟ୍ରକର ଚାଳକ ଅଜିତ ଗୁରୁତର ହୋଇଥିଲେ।

### ସାଇକେଲରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ

**କୁଆଁରମୁଣ୍ଡା,୨୦।୮(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୁଡଛାପଲ ନିକଟରେ ସାଇକେଲରୁ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁମେରଜୋର ପଞ୍ଚାୟତ ମଦାପଡ଼ାର ପିଟର କୁଜୁର(୬୦)। ଏନେଇ ବିରମିତ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଫାଣ୍ଡି ପୋଲିସ ମୃତଦେହ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ମୁତାବକ, ମୃତ ପିଟର ଶନିବାର ସ୍ଥାନୀୟ କାରଖାନାରେ କାମ ସାରି ନିଜ ଗ୍ରାମ ମଦାପଡ଼ାକୁ ସାଇକେଲରେ ସାଙ୍ଗମାନଙ୍କ ସହ ଯାଉଥିଲେ। ଏହି ସମୟରେ ସେ ଗୁଡଛାପଲ ନିକଟରେ ହଠାତ୍ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସଙ୍ଗେସଙ୍ଗେ ସାଥୀ ଶ୍ରମିକମାନେ ତାଙ୍କୁ ନିକଟସ୍ଥ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୨ ଦିନ ତଳେ ନିଖୋଜଙ୍କ ମୃତଦେହ ଉଦ୍ଧାର

ରାଉରକେଲା,୨୦।୮(ସଙ୍ଗୀତା ଜେନା)

ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀରୁ ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଲାଠିକଟା ନିକଟରୁ ଉଦ୍ଧାର କରାଯାଇଛି। ମୃତକ ହେଲେ ଅଶୋକ କୁମାର ପାଢ଼ୀ(୫୯)। ସୂଚନା ଅନୁସାରେ, ଅଶୋକ ଆଧୁନିକ ମେଟାଲିକରେ ଚାକିରୀ କରୁଥିଲେ। ମାନସିକ ଚାପ ଯୋଗୁ ସେ ଅବସାଦରେ ରହୁଥିଲେ। ଗତ ୧୮ତାରିଖରେ ରାଶନ ସାମଗ୍ରୀ ଘରକୁ ଆଣିବା ପରେ ସେ କେଉଁଆଡେ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ପରିବାରବର୍ଗ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୩୬/୨୩) ରୁଜୁ କରିଥିଲା। ତେବେ ଶନିବାର ସନ୍ଧ୍ୟାରେ ଲାଠିକଟା ନିକଟ ନଦୀରେ ଏକ ଅଜଣା ମୃତଦେହ ଭାସୁଥିଲା। ସୂଚନା ପାଇ ପରିବାର ଲୋକେ ସେଠାକୁ ଯାଇ ତାହା ଅଶୋକଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ। ରବିବାର ବ୍ୟବଚ୍ଛେଦ ପରେ ମୃତଦେହ ସତ୍କାର କରାଯାଇଥିଲା।

### ଅପରିଚିତ ଯୁବକଙ୍କ ମୃତଦେହ ଜବତ

ରାଉରକେଲା,୨୦।୮
(ସଙ୍ଗୀତା ଜେନା)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଲଡିହି ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ତାଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ୪୦ରୁ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ (ରାତି ୧୦ଟା) କୌଣସି ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ଶନିବାର ବେଲଡିହି ଅଞ୍ଚଳରେ ଉକ୍ତ ଯୁବକ ଏଣେତେଣେ ବୁଲାବୁଲି କରିଥିଲେ। ରବିବାର ସନ୍ଧ୍ୟାରେ ସେ ଟଳି ପଡ଼ିଥିବା ଦେଖି ଲୋକେ ପୋଲିସକୁ ସୂଚନା ଦେଇଥିଲେ। ତାଙ୍କୁ ତୁରନ୍ତ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ମର୍ଗହାଉସରେ ରଖାଯାଇଛି।

# କବି ବିନୋଦ ଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଅନୁମତିରେ ବିଳମ୍ବ

- ବଢୁଛି ଅସନ୍ତୋଷ
- ଅଗଷ୍ଟ ଶେଷ ପୂର୍ବରୁ ଅନୁମତି ପ୍ରଦାନ କରିବାକୁ ଦାବି

ସୁନ୍ଦରଗଡ,୨୦।୮
(ଜୟ ନାରାୟଣ ମେଣ୍ଢୁଲି)



କବିଙ୍କ ପ୍ରତିମୂର୍ତ୍ତି।

ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କାବ୍ୟ ସ୍ରଷ୍ଟା ତଥା କାଳଜୟୀ ଗ୍ରାମପଥ ଓ ସରୀସୃପ କବିତାର କବି ବିନୋଦ ଚନ୍ଦ୍ର ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ଶିକ୍ଷା ବିଭାଗର ଅନୁମତି ପ୍ରଦାନରେ ଅହେତୁକ ବିଳମ୍ବ ଯୋଗୁ ସାହିତ୍ୟ ଓ ସଂସ୍କୃତି ପ୍ରେମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କବି ବିନୋଦଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ସେ ପାଠ ପଢିଥିବା ସ୍ଥାନୀୟ ଭବାନୀ ଶଙ୍କର ହାଇସ୍କୁଲ ପରିସରରେ ସ୍ଥାପନ ପାଇଁ କବି ବିନୋଦ ଚନ୍ଦ୍ର ନାୟକ ସ୍ମୃତି କମିଟିର ପ୍ରସ୍ତାବ କ୍ରମେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରଥମେ ୨୦୨୧ ଅଗଷ୍ଟ ୩୦ରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଅନୁମତି ଲୋଡାଯାଇଥିଲା। ଏହାପରେ ୨୦୨୧ ସେପ୍ଟେମ୍ବର୨ରେ ଜିଲା ଶିକ୍ଷା ଅଧିକାରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଚିଠି ଲେଖି ଅନୁମତି ଲୋଡିଥିଲେ। ହେଲେ କୌଣସି ଉତ୍ତର ନ ମିଳିବା ପରେ ଜିଲା ଶିକ୍ଷା ଅଧିକାରୀ ପୁନର୍ବାର ୨୦୨୨ ଅଗଷ୍ଟ ୫ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଚିଠି ଲେଖି ଥିଲେ। ଏହା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଗଷ୍ଟ ୧୭ରେ ଆବଶ୍ୟକ କାଗଜପତ୍ର ମାଗିଥିଲେ। ଚିଠି ପାଇବାପରେ ବିଦ୍ୟାଳୟ ପରିଚାଳନା କମିଟି ୨୦୨୩ ଅଗଷ୍ଟ ୨୩ରେ କବିବିନୋଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପୁଣି ପ୍ରସ୍ତାବ ଗୃହୀତ କରି ପଠାଇଥିଲା। ଏହାମଧ୍ୟରେ ଜୁନ ୨୨ରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ପରିସରରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରିଥିଲେ। ହେଲେ ପରିତାପର ବିଷୟ ଏହା ସତ୍ତ୍ୱେ ମଧ୍ୟ କବି ବିନୋଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି ଅନୁମତି ପ୍ରଦାନ କରି ନ ଥିବାରୁ କେବଳ ସାହିତ୍ୟ ପ୍ରେମୀଙ୍କ ନୁହେଁ ସମଗ୍ର ସୁନ୍ଦରଗଡବାସୀଙ୍କୁ ବ୍ୟଥିତ କରିଛି। ଏନେଇ କିବି ନୋଦ ଚନ୍ଦ୍ର ନାୟକ ସ୍ମୃତି କମିଟି ପକ୍ଷରୁ ରାଜକିଶୋର ଷଡଙ୍ଗୀ ଗତ ୧୧ରେ ଜିଲାପାଳଙ୍କୁ ଲିଖିତଭାବେ ଅବଗତ କରି ଅଗଷ୍ଟ ଶେଷ ପୂର୍ବରୁ ରାଜ୍ୟ ସରକାରଙ୍କ ଅନୁମତି ପ୍ରଦାନ କରାଯିବାକୁ ଦାବି କରିଛନ୍ତି। ଯାହାକି ସେପ୍ଟେମ୍ବର ୨ରେ କବିଙ୍କ ଜନ୍ମଦିବସରେ ତାଙ୍କର ପ୍ରତିମୂର୍ତ୍ତି ଅନାବରଣ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ସୁନ୍ଦରଗଡ ଜିଲା ତେଲିପାଲି ଗ୍ରାମରେ ଜନ୍ମିତ ମାଟିର ବରପୁତ୍ର ତଥା ଖ୍ୟାତନାମା କବି ବିନୋଦ ସମଗ୍ର ଓଡିଶା ମାଟିର ଗର୍ବ ଓ ଗୌରବ। ସେ ଓଡ଼ିଆ ସାହିତ୍ୟର ଉପସଭାପତି, ସଭାପତି ଓ ସଚିବ ପଦ ସଫଳତାର ସହ ନିର୍ବାହ କରିଛନ୍ତି। ତାଙ୍କର ଏହି ଉଚ୍ଚାଙ୍ଗ ସାହିତ୍ୟ ସାଧନ ପାଇଁ ୧୯୭୦ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ଲାଭ କରିଛନ୍ତି। ତାଙ୍କ ରଚିତ ଲୋକପ୍ରିୟ କବିତା ଗ୍ରାମପଥ ଓ ସରୀସୃପ ଆମ ଶିକ୍ଷା ପାଠ୍ୟ କ୍ରମରେ ମଧ୍ୟ ପ୍ରଚଳିତ ହୋଇଅଛି।

# ଭାଜପାର ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତି ଭାଜପା କର୍ମୀ।

ଲହୁଣୀପଡ଼ା,୨୦।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡାସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ରବିବାର ବଣାଇଁ ସାଙ୍ଗଠନିକ ଜିଲା ପକ୍ଷରୁ ଦଳର ଆଗାମୀ କାର୍ଯ୍ୟକ୍ରମର ଅଗ୍ରଗତି ପାଇଁ ଏକ ପ୍ରସ୍ତୁତି ବୈଠକ ରାଜ୍ୟ ଉପ ସଭାପତି ସୁକେଶୀ ଓରାମଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୨ରୁ ବଣାଇଁ ଉପଖଣ୍ଡର ସମସ୍ତ ଗ୍ରାମ ପଞ୍ଚାୟତ ଗୁଡିକରେ ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାରକୁ ବିରୋଧ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ମୋ ପୋଖରୀ ଯୋଜନା, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଆଦି ଗୁଡିକରେ ହୋଇଥିବା ବ୍ୟାପକ ଦୁର୍ନୀତି ବିରୋଧରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ବଣାଇଁ ଭାଜପା ଜିଲା ସଭାପତି ଅନିଲ କୁମାର ବାର୍ଲା ଅଧକ୍ଷତା କରିଥିବାବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ଅଭିରାମ ମହାକୁଳ, ଜିଲା ଉପ ସଭାପତି ବାସୁଦେବ ସାହୁ, ପ୍ରଦୀପ ସ୍ୱାଇଁ, ଉପେନ୍ଦ୍ର ବେହେରା, ଦିବ୍ୟମଞ୍ଜରୀ ଶେଖର ଦେଓ, ବଣାଇଁ ମଣ୍ଡଳ ସଭାପତି ମୁକୁନ୍ଦ ନାଏକ, ଲହୁଣୀପଡା ମଣ୍ଡଳ ସଭାପତି ନମିତା ମାହାନ୍ତ, କେ.ବଲାଙ୍ଗ ମଣ୍ଡଳ ସଭାପତି ମାଦି ଓରାମ, ସରସରା ମଣ୍ଡଳ ସଭାପତି ଯୁଧିଷ୍ଠିର ବେହେରା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ, ଜିଲା ଓବିସି ମୋର୍ଚ୍ଚା ସଭାପତି ଆହ୍ଲାଦ ବଡେ଼, ଲହୁଣୀପଡା ମଣ୍ଡଳ ସାଧାରଣ ସମ୍ପାଦକ ନାରାୟଣ କୁମ୍ଭାର, ଖୁଣ୍ଟଗାଁ ମଣ୍ଡଳ ସାଧାରଣ ସମ୍ପାଦକ ନିରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାର ଭୋଟର ସଚେତନତା ମହାଅଭିଯାନ କାର୍ଯ୍ୟକ୍ରମ



ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

ସୁନ୍ଦରଗଡ,୨୦।୮
(ଜୟ ନାରାୟଣ ମେଣ୍ଢୁଲି)

ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ରାଜ୍ୟର ୩୭୬୦୬ ବୁଥ୍‌ରେ ସରକାରଙ୍କ ଦ୍ୱାରା ଭୋଟର ତାଲିକାରେ ନୂତନ ଭୋଟର ଯୋଗ, ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କ ନାମ ବାଦ ଦିଆଯିବା ଏବଂ ଅନ୍ୟାନ୍ୟ ସଂଶୋଧନ ପାଇଁ କାମ ଆରମ୍ଭ ହୋଇଯାଇଛି। ରାଜ୍ୟର ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟାଚାରୀ ସରକାରଙ୍କ ବିରୋଧରେ ଅଗଷ୍ଟ ୩୧ ଅଗଷ୍ଟ ପର୍ଯ୍ୟନ୍ତ ଜିଲାର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଭାଜପା ସାଙ୍ଗଠନିକ ଜିଲା ପକ୍ଷରୁ ଦଳୀୟ କାର୍ଯ୍ୟାଳୟ ଭୋଜପୁରଠାରେ ଭୋଟର ସଚେତନତା ମହାଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସ୍ତରରେ ହେବାକୁ ଥିବା ଆନ୍ଦୋଳନ କାର୍ଯ୍ୟକ୍ରମ ପାଇଁ ମୁଖ୍ୟ ଅତିଥିଭାବେ ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ତଳସରା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକା ସଂଶୋଧନ ପାଇଁ ମୁଖ୍ୟ ଅତିଥିଭାବେ ରାଜ୍ୟ ଉପସଭାନେତ୍ରୀ ତଥା ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର ଭୋଟର ତାଲିକା ସଂଶୋଧନ ପାଇଁ ମୁଖ୍ୟ ଅତିଥିଭାବେ ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ସମସ୍ତ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ବିସ୍ତୃତଭାବେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ, ନରସିଂହ ମିଞ୍ଜ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ସଦର ବ୍ଲକ ଅଧକ୍ଷ ସୁବ୍ରତ ନାଏକ, ଜିଲା ସାଧାରଣ ସଂପାଦକ ଅମୀର ନାଏକ, ତୁମୁଲିଆ ସରପଞ୍ଚ ଦେବଲଲ ଲାକ୍ରା, ନଗର ମଣ୍ଡଳ ସଭାପତି ମନୋଜ ପୁରୋହିତଙ୍କ ସମେତ ତଳସରା ଓ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର ଶତାଧିକ ଜିଲା ପଦାଧିକାରୀ, ମଣ୍ଡଳ ସଭାପତି, ମଣ୍ଡଳ କାର୍ଯ୍ୟକାରୀ ସଭାପତି, ବିଏଲଏ, ବୁଥ୍ ସଭାପତି ପ୍ରମୁଖ ଯୋଗଦେଇଥିଲେ।

### ଅବକାରୀ ଚଢାଉ, ୮ ଗିରଫ

ରାଉରକେଲା,୨୦।୮(ସଙ୍ଗୀତା ଜେନା)

ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ଚଢାଉ କରି ୭୮୦ ଲିଟର ମହୁଲି ମଦ, ୧୫୮ ଲିଟର ଦେଶୀମଦ ଓ ଏକ ଅଟୋ (ନଂ.ଓଆରଡ଼ବ୍ଲୁ/୬୬୩୧) ଜବତ ହୋଇଛି। ଏହି ଘଟଣାରେ ୮ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଚମ୍ପୁ ଖାଲଖୋ(୪୫), ଜ୍ୟୋତି କେର୍କେଟା(୪୨), ବାଇଜିତ ଗୁରିଆ(୩୨), ଠାକୁର ଦାସ ମୁଣ୍ଡାରୀ(୨୯), ଟିପୁ ଓରାମ(୪୫), ସରସ୍ୱତୀ ମୁଣ୍ଡାରୀ(୩୫), ଦୁର୍ଗାବତୀ ଲାକ୍ରା(୪୦) ଏବଂ ଅନ୍ୟ ଜଣେ। ଏ ନେଇ ଏକ ମାମଲା (ନଂ.୧୮୬।୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ଝୁଲନ୍ତା ମୃତଦେହ ଉଦ୍ଧାର

ରାଉରକେଲା,୨୦।୮(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନାର ସିସିଡ଼ି ବିଭାଗରେ ରବିବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରେ ଟାଙ୍ଗରପାଲି ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛି। ମୃତକ ହେଲେ ଆର୍‌ଏସ୍‌ପିରେ କାର୍ଯ୍ୟରତ ଠିକାଦାର ପ୍ରେମାନନ୍ଦ ଜେନା। ସେ ଆଇଡିଏଲ କଲୋନୀ କାଳୀ ମନ୍ଦିର ନିକଟରେ ରହୁଥିଲେ। ରବିବାର ସନ୍ଧ୍ୟାରେ ଠିକା ଶ୍ରମିକମାନେ ଡ୍ୟୁଟିରେ ପହଞ୍ଚିବା ପରେ ପ୍ରେମାନନ୍ଦଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ନିକଟରେ ତାଙ୍କ ବାଇକ୍ ମଧ୍ୟ ରଖାଯାଇଛି। ଏ ସମ୍ପର୍କରେ ଆର୍‌ଆଇକେଏସ୍‌ର ଶ୍ରମିକ ନେତା ରମେଶ ସାହୁ ସୂଚନା ଦେଇଛନ୍ତି।

### ଗଛ ପଡ଼ି ଯୁବକଙ୍କ ମୃତ୍ୟୁ

ରାଜଗାଙ୍ଗପୁର,୨୦।୮ (ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ ଝଗରପୁର ଗ୍ରାମରେ ରବିବାର ସକାଳେ ଗଛ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବନ୍ଦୀ କୁଜୁର(୫୦)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ବନ୍ଦୀ ବବୁଲ ଗଛ କାଟୁଥିବା ସମୟରେ ଗଛଟି ତାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

# ରାସ୍ତାରେ ଗର୍ତ୍ତ ଯୋଗୁ ଦୁର୍ଘଟଣା

ବେଦବ୍ୟାସ,୨୦।୮(ଆଲୋକ ସ୍ୱାଇଁ)

୧୦ ନମ୍ବର ରାଜ୍ୟ ରାଜପଥ ସ'ମିଲ ଛକରୁ ଶିଳ୍ପାଚଳ କଲୁଙ୍ଗା ଯିବା ପ୍ରବେଶ ପଥରେ ଇଡକୋ ପକ୍ଷରୁ ସ୍ୱାଗତ ଫଳକ ତଳେ ଏକ ବିରାଟ ଗର୍ତ୍ତ ରହିଛି। ବର୍ଷା ସମୟରେ ଏଥିରେ ପାଣି ଭର୍ତ୍ତି ହୋଇଯିବାରୁ ଲୋକେ ଜାଣି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଗୁଡ଼ିକ ଖାଲଖମା ଯୋଗୁ ଦୁର୍ଘଟଣା ହେଉଛି।

# ସାରନଗରୀ ଦୁର୍ଗା ପୂଜା କମିଟି ଗଠିତ

ଲାଠିକଟା,୨୦।୮(ରାମେଶ୍ୱର ଖାଡଙ୍ଗା)



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ସାରନଗରୀସ୍ଥିତ ଗୋପବନ୍ଧୁ ପ୍ରଗତି ପରିଷଦଠାରେ ଦୁର୍ଗା ପୂଜା ଉପଲକ୍ଷେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଗତ ବର୍ଷର ଖର୍ଚ୍ଚାବଳୀ ସର୍ବସମ୍ମତି କ୍ରମେ ଅନୁମୋଦିତ ହେବା ପରେ ପୁରୁଣା କମିଟି ଭଙ୍ଗ କରାଗଲା। ଏକ ନୂତନ କମିଟି ଗଠନ କରିବା ପାଇଁ ଶ୍ରୀଚରଣ ସାମଲ ଅନୁମୋଦନ ଅନୁସାରେ ସଭା ପରିଚାଳନା କରୁଥିବା ସଞ୍ଜୟ କୁମାର ପଣ୍ଡାଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଥିଲା। ଏଥିସହ ନୂତନ କମିଟି ଗଠନ ହେବା ସହ କିଛି ପ୍ରସ୍ତାବ ଉପରେ ଆଲୋଚନା ମଧ୍ୟ କରାଯାଇଥିଲା। ଚଳିତବର୍ଷ ସର୍ବ ସମ୍ମତି କ୍ରମେ ପ୍ରତ୍ୟେକ କ୍ୱାର୍ଟର ଗୁଡିକରୁ ୫ଶହ ଟଙ୍କା ଆଦାୟ କରାଯିବ। କିପରିଭାବେ ପୂଜା ଆଡମ୍ବର ସହିତ ପାଳନ କରାଯିବ ସେଥିପାଇଁ ନୂତନ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ପୂଜକ ଶ୍ରୀନିବାସ ପଣ୍ଡା ଏବଂ ତାଙ୍କ ସାଥିଙ୍କୁ ପୂଜା ଦାୟିତ୍ୱ ଦିଆଯାଇଛି। ଏଥିସହ କମିଟିର ନୂତନ କର୍ମକର୍ତ୍ତା ଘୋଷଣା ହୋଇଥିଲା। ସଭାପତିଭାବେ ଶ୍ରୀଚରଣ ସାମଲ, କାର୍ଯ୍ୟକାରୀ ସଭାପତି ଗୋକୁଳ ନନ୍ଦ ବେହେରା, ଦଲୀପ କୁମାର ମହାକୁଡ଼, ଅଜୟ କୁମାର ପରିଡ଼ା, ଦଲୀପ କୁମାର ମଲ୍ଲିକ, ଉପ ସଭାପତିଭାବେ ଅନିଲ୍ କୁମାର ମଲ୍ଲିକ, ସଞ୍ଜୟ କୁମାର ଦାସ, ସଞ୍ଜୟ କୁମାର ପଣ୍ଡା,ବିନୟ କୁମାର ବେହେରା, ଅଜୟ କୁମାର ମାହାନ୍ତ, ସାଧାରଣ ସଂପାଦକଭାବେ ବାଲକୃଷ୍ଣ ଦଣ୍ଡ ପାଟ,ଅନିଲ୍ କୁମାର ଦେହୁରୀ, ଚିନ୍ତାମଣି ବେହେରା, ଶଶୀ ପଶାୟତ, ବଳ ରାମସେଠି, ରୋମିୟ ବିଶୋଇ, ରାଧେଶ୍ୟାମ ଟିକା, ଦୁର୍ଗା ବଡାଇକ୍, ଅରୁଣ କୁମାର ନାୟକ, ପରମା ନନ୍ଦ ତନ୍ତି, ଅଜୟ କୁମାର ନାୟକ, ଯୁଧିଷ୍ଠିର ପଶାୟତ, ସୁସାନ୍ତ କୁମାର ବେହେରା। କୋଷାଧକ୍ଷ ଗଣପତି ଦାସ, ସହ କୋଷାଧକ୍ଷ ଦୁର୍ଯୋଧନ ସେନା ପତି, ହିସାବ ନିରିକ୍ଷକଭାବେ ବିଜୟ କୁମାର ମହାନ୍ତି ମନୋନୀତ ହୋଇଛନ୍ତି। ଶେଷରେ ସଞ୍ଜୟ କୁମାର ଦାସ ଧନ୍ୟବାଦ ଦେଇଥିଲେ।

### ପ୍ରଫେସରଙ୍କ ବିୟୋଗରେ ଶୋକସଭା

ରାଉରକେଲା,୨୦।୮(ସଙ୍ଗୀତା ଜେନା)

ରାଉରକେଲା ମ୍ୟୁନିସିପାଲ କଲେଜର ପ୍ରାକ୍ତନ ପ୍ରଫେସର ଜେ. କେ. ରାଓଙ୍କ ବିୟୋଗ ଶୁକ୍ରବର ବିଳମ୍ବିତ ରାତିରେ ହୋଇଥିଲା। ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଶନିବାର ପୁରୀରେ ହୋଇଥିବା ବେଳେ ବାସନ୍ତୀ କଲୋନୀ କନ୍ୟକା ମଣ୍ଡପରେ ଏକ ଶୋକସଭା ରବିବାର ଅନୁଷ୍ଠିତ ହୋଇଥିଲା। କଳିଙ୍ଗ ବୈଶ୍ୟ ପରିବାର ଓ ଅନ୍ୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଶୋକସଭାରେ ସେବାସଂଘ ଓ ମହିଳା ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ରାଓଙ୍କ ସ୍ମୃତିଚାରଣ କରିବା ସହ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସରୋଜ ପାତ୍ରଙ୍କ ସମେତ ଅନ୍ୟମାନେ ମଞ୍ଚାସୀନ ଥିଲେ।

# ବିଜେଡିର ବୃକ୍ଷରୋପଣ



ବିରବିର୍ସା ମୁଣ୍ଡା ପ୍ରତିମା ତଳେ ଠିଆ ହୋଇଥିବା ବିଜେଡି ନେତୃବୃନ୍ଦ ଓ କର୍ମୀବୃନ୍ଦ।

ରାଜଗାଙ୍ଗପୁର,୨୦।୮(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ଜାତୀୟ ରାଜପଥ ନଂ ୧୦ ନିକଟସ୍ଥ ରାଣିବନ୍ଧ ବିରବିର୍ସା ମୁଣ୍ଡା ପ୍ରତିମା ନିକଟରେ ଟାଉନ ବିଜେଡି ସଭାପତି ରାଜେନ୍ଦ୍ର ଲେଙ୍କାଙ୍କ ନେତୃତ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହିଳା, ଯୁବ ବିଜେଡିର ନେତୃବୃନ୍ଦ ଓ କର୍ମୀବୃନ୍ଦ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ। ବିଜେଡିର ମୁଖ୍ୟତଃ ବ୍ଲକ ସଭାପତି ରାମନାଥ କିସପୋଟା, ରାକେଶ ନନ୍ଦା, ସଞ୍ଜୀବ ବେହୁରା, ରଞ୍ଜିତା ଡଣ୍ଡସେନା, ପ୍ରିୟଦର୍ଶିନୀ ଭୋଇଙ୍କ ସହ ଅନ୍ୟ ଉପସ୍ଥିତ ଥିଲେ।

# ୨୭ରୁ ରାଜ୍ୟସ୍ତରୀୟ ବଡି ବିଲ୍ଡିଂ ପ୍ରତିଯୋଗିତା




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ରାଉରକେଲା,୨୦।୮
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସାମାଜିକ ଅନୁଷ୍ଠାନ ସମର୍ପଣ ଏବଂ ଓଡିଶା ବଡି ବିଲ୍ଡିଂ ଆଣ୍ଡ ଫିଟନେସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୭ତାରିଖଠାରୁ ରାଜ୍ୟସ୍ତରୀୟ ବଡି ବିଲ୍ଡିଂ ପ୍ରତିଯୋଗିତା ଭଞ୍ଜ ଭବନଠାରେ ଅନୁଷ୍ଠିତ ହେବ। ଏ ନେଇ ରବିବାର ରାଉରକେଲା କ୍ଲବରେ ଆୟୋଜିତ ଖବରଦାତା ସମ୍ମିଳନୀ ସଭାରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସମର୍ପଣର ପ୍ରତିଷ୍ଠାତା ଏମ୍‌ଡି ସାଜାଦ ଅଜିଜ, ସଭାପତି ଝୁନୁ ନାୟକ, ଉପଦେଷ୍ଟା ଅଧାପିକା ସସ୍ମିତା ଜେନା ଓ ବଡି ବିଲ୍ଡିଂ ଆସୋସିଏଶନ ସାଧାରଣ ସମ୍ପାଦକ ସତ୍ୟବ୍ରତ ଓଝା, ଉପସଭାପତି ବିଜୟ କୁମାର ଦାସ ଓ ଅରବିନ୍ଦ କୁମାର ପ୍ରଧାନ ଉପସ୍ଥିତ ଥିଲେ। ରାଉରକେଲା ତଥା ଆଖପାଖ ଅଞ୍ଚଳର ବଡି ବିଲ୍‌ଡରଙ୍କୁ ନେଇ ପ୍ରତିଯୋଗିତା ହେବ। ଏଥିରେ କୃତୀ ପ୍ରତିଯୋଗୀ ମୁମ୍ବାଇରେ ଅକ୍ଟୋବର ୧୭ରୁ ୨୧ତାରିଖ ଯାଏ ହେବାକୁ ଥିବା ଜୁନିୟର ମିଷ୍ଟର ଇଣ୍ଡିଆ, ମିସେସ ଇଣ୍ଡିଆ ଓ ମିଷ୍ଟର ମିସେସ ୟୁନିଭର୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

**ଗ୍ରାମୀଣ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ**

# ରାଉରକେଲା ନୟାଡେରା ବିଜୟୀ

ରାଜଗାଙ୍ଗପୁର,୨୦।୮(ଅଶୋକ ପାଣି)



ଉଦ୍‌ଯାପନୀରେ ଉତ୍ସବରେ ଖେଳାଳି, ଅତିଥି ଓ ଅନ୍ୟମନେ।

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ କାଂଶବାହାଲଠାରେ ୩ଦିନ ଧରି ଚାଲିଥିବା ଗ୍ରାମୀଣ ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ମ୍ୟାଚ କାଂଶବାହାଲ କ୍ଷେତ୍ରସନପଡା ଓ ରାଉରକେଲା ନୟାଡେରା ଫୁଟବଲ୍ କମିଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନୟାଡେରା ଦଳ ପେନାଲ୍ଟି ମାଧ୍ୟମରେ ୩ ଗୋଲରେ ବିଜୟୀ ହୋଇଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ପ୍ରିୟଦର୍ଶିନୀ ଭୋଇ ଯୋଗଦେଇ ଆୟୋଜକଙ୍କୁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜଗାଙ୍ଗପୁର ବିଜେଡି ଟାଉନ ସଭାପତି ରାଜେନ୍ଦ୍ର ଲେଙ୍କା, ଗୌତମ ମହାରଥି ପ୍ରମୁଖ ଯୋଗଦେଇ ଥିଲେ। ବିଜେତା ଦଳକୁ ମୁଖ୍ୟ ଅତିଥି ୧୭ ହଜାର ଟଙ୍କା ପୁରସ୍କାର ଏବଂ ରନର୍ସ ଦଳକୁ ସମ୍ମାନିତ ଅତିଥିମାନେ ୧୨ ହଜାର ଟଙ୍କା ପୁରସ୍କାର ଦେଇଥିଲେ। ଏଥିରେ ସୁନ୍ଦରଗଡ ଜିଲାର ୨୪ଟି ଦଳ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାକୁ କାଂଶବାହାଲର ସାମାଜିକ କର୍ମୀ ତଥା କାଂଶବାହାଲ ୟୁଥ୍ ବଏଜ କ୍ଲବର ସଭାପତି ଇରିଲ କୁଜୁର ଆୟୋଜିତ କରିଥିଲେ। ସଂଘ ଉପସଭାପତି ଅସିତ ଖାଖା, ସଂପାଦକ ରାକେଶ ବାର୍ଲା, ଅଜୟ ନାଥ, ଅଜୟ ତୁଙ୍ଗତୁଙ୍ଗ, ସନ୍ଦୀପ ବାର୍ଲା, ସଞ୍ଜୟ ଲାକ୍ରା, ବିନୟ ଟପ୍ପୋଙ୍କ ସହ ଅନ୍ୟମାନେ ଉପସ୍ଥିତ ହୋଇ ସହଯୋଗ କରିଥିଲେ।

# 'ଅଗ୍ରଗାମୀକୁ ନୁହଁ, ଅଘରିଆଙ୍କୁ ଜମି ଦିଅ'

ବଲାଙ୍ଗୀର, ୨୦।୮
(ବୀରେନ୍ଦ୍ର କୁମାର ଝାଙ୍କର)



ଅଖିଳ ଭାରତୀୟ ଅଘରିଆ ସମାଜ ଓଡିଶା ପ୍ରଦେଶ ପକ୍ଷରୁ ବଲାଙ୍ଗୀରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କେନ୍ଦ୍ର କମିଟି ସଦସ୍ୟ।

ଅଖିଳ ଭାରତୀୟ ଅଘରିଆ ସମାଜ ଓଡିଶା ପ୍ରଦେଶ କେନ୍ଦ୍ର କମିଟି ପକ୍ଷରୁ ରବିବାର ବଲାଙ୍ଗୀର ଅଘରିଆ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଡକାଯାଇ ରାଜ୍ୟ ସରକାରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିବେଦନ କରାଯାଇଛି। ଭୁବନେଶ୍ୱରଠାରେ ଅଘରିଆ ଭବନ ନିର୍ମାଣ ସକାଶେ ରାଜ୍ୟ ସରକାର ଯୋଗାଇ ଦେବାକୁ ଥିବା ଜମି କୌଣସି ନିର୍ଦ୍ଦିଷ୍ଟ ଅନୁଷ୍ଠାନକୁ ପ୍ରଦାନ ନକରି ଅଖିଳ ଭାରତୀୟ ଅଘରିଆ ସମାଜ ଓଡିଶାକୁ ପ୍ରଦାନ କରିବାକୁ ଦାବି କରାଯାଇଛି।

ଅଘରିଆ ସମାଜ ରାଜ୍ୟ ସଭାପତି ଦୀନବନ୍ଧୁ ନାଏକ, ବଲାଙ୍ଗୀର ଜିଲା ସଭାପତି ଶୁଭ୍ରାଂଶୁ ଶେଖର ପଟେଲ, କଳାହାଣ୍ଡି ଜିଲା ସଭାପତି ଚତୁର୍ଭୁଜ ଅଘରିଆ, ସୁନ୍ଦରଗଡ ଜିଲା ସଭାପତି ପ୍ୟାରୀମୋହନ ପଟେଲ, ଝାରସୁଗୁଡା ଜିଲା ସଭାପତି ପ୍ରଜ୍ୱଳ ପଟେଲ, ଟ୍ରଷ୍ଟ ସମ୍ପାଦକ ଦିଲୀପ ପଟେଲ, ଟ୍ରଷ୍ଟ କୋଅର୍ଡିନେଟର ଯଶୋବନ୍ତ ନାଏକଙ୍କ ଉପସ୍ଥିତିରେ ସୂଚନା ଦିଆଯାଇଥିଲା ଯେ, ଗତ ମେ ମାସ ୨ ତାରିଖରେ ଝାରସୁଗୁଡା ସ୍ଥିତ ଏକ ହୋଟେଲରେ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟକ ପ୍ରତାପ ଜେନା ଏବଂ ଅନ୍ୟ ବିଧାୟକଙ୍କ ସହ ଅଖିଳ ଭାରତୀୟ ଅଘରିଆ ସମାଜ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ନେତୃବର୍ଗଙ୍କ ସହ ଆଲୋଚନା ହୋଇଥିଲା। ଏହି ଆଲୋଚନା ପରେ ମେ ୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡିଶାରେ ତଥା ଓଡିଶାର ଅନ୍ୟାନ୍ୟ ଜିଲାରେ ବସବାସ କରୁଥିବା ଅଘରିଆ ଜାତି ଭାଇଭଉଣୀଙ୍କ କଲ୍ୟାଣକର କାର୍ଯ୍ୟକଳାପ ପାଇଁ ଭୁବନେଶ୍ୱରଠାରେ ଏକ ଅଘରିଆ ଭବନ ନିର୍ମାଣ ସକାଶେ ୦.୫ ଏକର ଜମି ପ୍ରଦାନ କରିବା ସହ ୩ କୋଟି ଟଙ୍କା ଅର୍ଥରାଶି ମଞ୍ଜୁର କରିବାକୁ ଘୋଷଣା କରିଥିଲେ। ମେ ୫ ତାରିଖରେ ବିଭିନ୍ନ ଜିଲାର ଅଘରିଆ ନେତୃବୃନ୍ଦ ଭୁବନେଶ୍ୱର ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେତେବେଳେ ପଶ୍ଚିମ ଓଡିଶାର ଜିଲା ପ୍ରତିନିଧିମାନଙ୍କୁ ଡକାଯାଇ ପ୍ରସ୍ତାବିତ ସ୍ଥାନ ଚିହ୍ନଟ କରାଯିବାକୁ ୫-ଟି ସଚିବ ଭି.କେ.ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଅଖିଳ ଭାରତୀୟ ଅଘରିଆ ସମାଜ ଓଡିଶା ରାଜ୍ୟ କମିଟି ତଥା ଜିଲା ପ୍ରତିନିଧିମାନଙ୍କୁ ଡକା ନ ଯାଇ ଏବଂ ପଶ୍ଚିମ ଓଡିଶାର ପ୍ରତିନିଧିତ୍ୱ କରୁଥିବା ଅଘରିଆ ଜାତି ସମାଜକୁ ଅନ୍ଧାରରେ ରଖି ଭୁବନେଶ୍ୱରଠାରେ ଅଗ୍ରଗାମୀ ନାମକ ଏକ ଅନୁଷ୍ଠାନକୁ ଉକ୍ତ ୦.୫ ଏକର ଜମି ଅଧିଗ୍ରହଣ ପାଇଁ ସ୍ଥିରୀକୃତ କରାଯାଇଥିବା ଜାଣିବାକୁ ପାଇଥିଲେ। ଏହାକୁ ଅଘରିଆ ସମାଜ

**ଅଘରିଆ ସମାଜ ଓଡିଶା ରାଜ୍ୟ କମିଟିର ଖବରଦାତା ସମ୍ମିଳନୀ**

ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନେଇ ଅଖିଳ ଭାରତୀୟ ଅଘରିଆ ସମାଜ ଓଡିଶା ପ୍ରଦେଶ ପକ୍ଷରୁ ତୀବ୍ର ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଭୁବନେଶ୍ୱର ସହରରେ ବସବାସ କରୁଥିବା ଅଳ୍ପ କେତେଜଣ ଅଘରିଆ ଭାଇ ଅଗ୍ରଗାମୀ ନାମକ ଆଞ୍ଚଳିକ କ୍ଲବ ଗଠନ କରିଛନ୍ତି। ଏଣୁ ଉକ୍ତ ଅନୁଷ୍ଠାନକୁ ମୁଖ୍ୟମନ୍ତ୍ରୀଙ୍କ ଘୋଷିତ ଜମି ପ୍ରଦାନ କରା ନ ଯାଇ ଅଖିଳ ଭାରତୀୟ ଅଘରିଆ ସମାଜ ଓଡିଶାକୁ ଉକ୍ତ ଜମି ପ୍ରଦାନ କରାଗଲେ ରାଜ୍ୟର ଅଘରିଆ ସମାଜର ସମସ୍ତ ସଦସ୍ୟ ଉପକୃତ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ପୂରଣ ହୋଇପାରିବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଜିଲା କେନ୍ଦ୍ର, ମଣ୍ଡଳ, ଗୁଡି କର୍ମକର୍ତ୍ତା, ମହିଳା ମଞ୍ଚ, କୃଷକ ମଞ୍ଚ, ଯୁବା ମଞ୍ଚ, ପୁସ୍ତକ କମିଟି, ନିର୍ମାଣ ଓ ଶିକ୍ଷା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ହୃଦାନନ୍ଦ



@ ସତ୍ୟବାନ



@ ସିଲୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମ୍ଭାଗସ୍ତରୀୟ ବିଜ୍ଞାନ ମେଳାରେ ୧୩୦ ପ୍ରକଳ୍ପ

ବଲାଙ୍ଗୀର,୨୦।୮
(ବୀରେନ୍ଦ୍ର କୁମାର ଝାଙ୍କର)

ଶିକ୍ଷା ବିକାଶ ସମିତି ଓଡିଶା, ଦକ୍ଷିଣ-ପଶ୍ଚିମ ସମ୍ଭାଗ ପକ୍ଷରୁ ବଲାଙ୍ଗୀର କଲେଜ ଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଭାଗ ଓ ସମ୍ଭାଗସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୋନପୁର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ତରୁଣ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ରାଜେଶ କୁମାର ମିଶ୍ର, ଜିଲା ପ୍ରମୁଖ ରାମ କୁମାର ମିଶ୍ର, ବିଦ୍ୟାଳୟ ସଭାପତି ସୁନୀଲ କୁମାର ପଣ୍ଡା, ସମ୍ପାଦକ ଅଶୋକ କୁମାର ମିଶ୍ର, ଉପସଭାପତି କାଳୀ ପ୍ରସାଦ ମିଶ୍ର, କୋଷାଧ୍ୟକ୍ଷ ନୀଳାଚଞ୍ଚ ଚିରଗୁନ୍, ଡୋଳାମଣି ଗଡତ୍ୟା, ମନୋରଞ୍ଜନ କର, ଶିବ ପ୍ରସାଦ ତ୍ରିପାଠୀ ଯୋଗଦାନ କରିଥିଲେ। ବିଭାଗ ନିରୀକ୍ଷକ ନରୋତ୍ତମ ମିଶ୍ର ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୧୩୦ ଜଣ ଛାତ୍ରୀଛାତ୍ର ବିଜ୍ଞାନ ପ୍ରକଳ୍ପ, ପତ୍ର ବାଚନ, ବିଜ୍ଞାନ ପ୍ରଶ୍ନମଞ୍ଚରେ ଭାଗ ନେଇଥିଲେ। ୨୦ ଜଣ ବିଜ୍ଞାନ ଆଚାର୍ଯ୍ୟ ପ୍ରକଳ୍ପ ମୂଲ୍ୟାୟନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ସଫଳତା ଦୃଷ୍ଟିରୁ ବିଦ୍ୟାଳୟର ଅଚାର୍ଯ୍ୟା,ଆଚାର୍ଯ୍ୟ ପରିଚାଳନା ସମିତି, ସେବକ ସେବିକା ଏବଂ ଅଭିଭାବକ ସହଯୋଗ କରିଥିଲେ।



ବଲାଙ୍ଗୀର କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ବିଭାଗ ଓ ସମ୍ଭାଗ ସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ ପ୍ରକଳ୍ପ।

# ଗ୍ରାମବାସୀଙ୍କ ଆର୍ଥିକ ସହାୟତାରେ ବୃକ୍ଷ ରୋପଣ



ସୁନାମୁଖୀ ଶାନ୍ତିବନରେ ବୃକ୍ଷ ରୋପଣ କରାଯାଉଛି।

କେସିଙ୍ଗା,୨୦।୮(ଡୁମେଶ୍ୱର ସାହୁ)

**ସବୁଜ ସୁନ୍ଦର ପାଇଁ ସୁନାମୁଖୀ ଶାନ୍ତିବନରେ ବୃକ୍ଷରୋପଣ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଦେଓଗାଁ ଗ୍ରାମପଞ୍ଚାୟତ ଅଧୀନ ମହଗାଁସ୍ଥିତ ସୁନାମୁଖୀ ଶାନ୍ତିବନରେ ରବିବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ବହୁଳ ଉକ୍ତ ଗାଁର ସମସ୍ତ ପରିବାର ଘର ପିଛା ଏକ ଶହ ଆର୍ଥିକ ସ୍ୱଇଚ୍ଛାରେ ସହାୟତା କରି ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ବିଭିନ୍ନ ଚାରା କ୍ରୟ କରି ଗ୍ରାମର ବିଶିଷ୍ଟ ବ୍ୟକ୍ତି ଅନିରୁଦ୍ଧ ହରିଜନଙ୍କ ନେତୃତ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ସଦର ବିଧାୟକ ଦୁଷ୍ମନ୍ତ ନାଏକ, ବିଶିଷ୍ଟ ଅତିଥି ବିଜେଡି ଜିଲା ସଭାନେତ୍ରୀ ଲଳିତା ନାଏକ, ବ୍ଲକ ଉପାଧ୍ୟକ୍ଷ୍ୟା ରାଜଲକ୍ଷ୍ମୀ ପଟ୍ଟନାୟକ, କେସିଙ୍ଗା ଜୋନ ୩ ଜିଲା ପରିଷଦ ସଭ୍ୟା ସୁନିତା ଶବର, ଦେଓଗାଁ ସରପଞ୍ଚ ଡମ୍ବରୁଧର ପଟ୍ଟନାୟକ, କୁଣ୍ଡାବନ୍ଧ ସମିତି ସଭ୍ୟ ମନୋଜ କୁମାର ପଟ୍ଟନାୟକ, ଗୋକୁଳେଶ୍ୱର ସରପଞ୍ଚ କେଶୁଲାଲ ତାଣ୍ଡି, ମୋହନ ଶବର, ଅସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ନାଟ୍ୟଗୁରୁ କେଶରୀ ଶବର, ୱାର୍ଡ ସଭ୍ୟ ଅରବିନ୍ଦ ଶବର, ମହାଲୟା ମହିଳା ସ୍ୱୟଂ ସହାୟିକା ଗ୍ରୁପ ସଭାନେତ୍ରୀ ଉର ଗୌଡ଼, ଆଶା କର୍ମୀ, ଅଙ୍ଗନୱାଡି ସହାୟିକା ମଞ୍ଜୁଳା ଶବର, ପୂର୍ବତନ ସମିତି ସଭ୍ୟଗଜିନ୍ଦ୍ର ଶବର, ମହଗା ଗ୍ରାମର ଗଣା ପଦ୍ମଲୋଚନ ହରିଜନ ପ୍ରମୁଖ ବ୍ୟକ୍ତିଙ୍କ ଉପସ୍ଥିତରେ ଶତାଧିକ ବୃକ୍ଷ ରୋପଣ କରିଥିଲେ। ମହଗାଁର ସମସ୍ତ ଆଦିବାସୀ ପରିବାର ଏକ ଶହ ଆର୍ଥିକ ସହାୟତା ଦେଇ ପରିବେଶକୁ ସବୁଜ ସୁନ୍ଦର କରିବାକୁ ବୃକ୍ଷ ରୋପଣ କରିଥିବାରୁ ସାଧାରଣରେ ପ୍ରଶଂସନୀୟ ହୋଇଛନ୍ତି।

# ନୀଳକଣ୍ଠେଶ୍ୱର ମନ୍ଦିର ରୂପାନ୍ତର ପାଇଁ ଭୂମି ପୂଜନ

କେସିଙ୍ଗା,୨୦।୮(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକସ୍ଥିତ ଗାଇଗାଁ ଓ ଗୋକୁଳେଶ୍ୱର ମଧ୍ୟସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ରୂପାନ୍ତର ଓ ଉନ୍ନତିକରଣ ପାଇଁ ରବିବାର ଭୂମି ପୂଜନ କରାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ଏବଂ ବିଜୁ ମହିଳା ଜନତା ଦଳ ଜିଲା ସଭାନେତ୍ରୀ ଲଳିତା ନାଏକ ଯୋଗଦେଇ ଭୂମି ପୂଜନ କରିବା ସହ ବୃକ୍ଷରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପଟ୍ଟନାୟକ, ଜୋନ ନଂ. ୩ ଜିଲା ପରିଷଦ ସୁନିତା ଶବର, କୁଣ୍ଡାବନ୍ଧ ସମିତି ସଭ୍ୟ ମନୋଜ କୁମାର ପଟ୍ଟନାୟକ, ଗାଇଗାଁ ସରପଞ୍ଚ ପ୍ରମୋଦ କୁମାର ସାହୁ, ସମିତି ସଭ୍ୟ ଭୁବନେଶ୍ୱର ଶବର, ପୂର୍ବତନ ସରପଞ୍ଚ କହ୍ନେଇ ଚରଣ ଭୋଇ, ଗୋକୁଳେଶ୍ୱର ସରପଞ୍ଚ କେସୁଲାଲ ତାଣ୍ଡି, ସମାଜିକ କର୍ମୀ ଅଶୋକ କୁମାର ସା, ପ୍ରଶାନ୍ତ କୁମାର ସା, ଭୁପେନ୍ଦ୍ର କୁମାର ନାଏକ, ନେପାଳ ରଣା, ମୋହନ ଶବର, ରବି ସଗରିଆ, ଦୟା ଶବର, ଉଦିତ ଶବର, ରତ୍ନାକର ଶବର, ଜୋନ ସଭାପତି ଗୋପାଳ ସାହୁ, ବିଜେଡି ଜିଲା ସମ୍ପାଦକ ବିଜୟ କୁମାର ସାହୁ, ସମବାୟ ସମିତି ସମ୍ପାଦକ ମକୁନ୍ଦ ଶବର ଉପସ୍ଥିତ ରହି ଶ୍ରୀ ଶ୍ରୀ ନିଲକଣ୍ଠେଶ୍ୱର ଶିବ ମନ୍ଦିରର ଭୂମି ପୂଜନରେ ସହଯୋଗ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଧନ୍ୟବାଦ ଅର୍ପଣ କରିଥିଲେ।



କେସିଙ୍ଗା ବ୍ଲକସ୍ଥିତ ଗାଇଗାଁ ଶ୍ରୀ ଶ୍ରୀ ନିଲକଣ୍ଠେଶ୍ୱର ଭୂମୀ ପୂଜନ କରାଯାଉଛି।

# ନାଗରିକ କମିଟି କାର୍ଯ୍ୟକାରୀ କମିଟି ବୈଠକ

ବଲାଙ୍ଗୀର,୨୦।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ନାଗରିକ କମିଟି କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ଟାଉନ ବାଳିକା ଉଚ୍ଚବିଦ୍ୟାଳୟଠାରେ ସଭାପତି ଇଂ.ବେଲାର ସିଂଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୫-ଟି ସଚିବଙ୍କ ବଲାଙ୍ଗୀର ଗସ୍ତ ସମୟରେ କମିଟି ପକ୍ଷରୁ ହସ୍ତାନ୍ତର କରାଯାଇଥିବା ଶିକ୍ଷା, ସ୍ୱାସ୍ଥ୍ୟ, ବଲାଙ୍ଗୀରରେ ଚିନି କାରଖାନା ଓ ସୂତା କଳ ପ୍ରତିଷ୍ଠା ସମ୍ପର୍କିତ ୧୪ ଦଫା ସମ୍ବଳିତ ଦାବି ଉପରେ ଆଲୋଚନା କରାଯାଇଥିଲା। ତାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ବୈଠକକୁ ପରିଚାଳନା କରିଥିଲେ। କମିଟି ଦାବିକୁ ନେଇ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଶବ୍ଦ ପ୍ରଦୂଷଣ କରୁଥିବା ବାଇକ ଆରୋହୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାରୁ ବୈଠକରେ ପ୍ରଶଂସା କରାଯାଇଥିଲା। ନାଗରିକ କମିଟି ପକ୍ଷରୁ ପ୍ରକାଶିତ ହେବାକୁ ଯାଉଥିବା ସ୍ମରଣିକା କମିଟି ସମ୍ପାଦନା ମଣ୍ଡଳୀ ସଭ୍ୟ ଅଖିଳ ଚନ୍ଦ୍ର ହୋତା, ରଘୁନନ୍ଦନ ସିଂ, ପୀତବାସ ପଣ୍ଡା, ବିମଳ ଚନ୍ଦ୍ର ଚୋପଦାର, ଜୟରାମ ମିଶ୍ର, ଗୋପଭୂଷଣ ନାଥ, ମନୋରଞ୍ଜନ ପୁରୋହିତ ସ୍ମରଣିକାର କଳେବର ବୃଦ୍ଧି ପାଇଁ ସ୍ୱତନ୍ତ୍ର ଆଲୋଚନା କରିଥିଲେ। କାର୍ଯ୍ୟକାରୀ କମିଟି ବୈଠକରେ ଗଜେନ୍ଦ୍ର ଭ୍ରମର, ପଙ୍କଜିନୀ ପଣ୍ଡା, ଧର୍ମବ୍ରତ ରଥ, ଗୋପବନ୍ଧୁ ପୁରୋହିତ, ପର୍ଶୁରାମ ନାୟକ ଓ ସଲିମ୍ ଖାନ୍ ଆଲୋଚନା କରିଥିଲେ। ଉପସଭାପତି ନିତ୍ୟାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ବଲାଙ୍ଗୀର ନାଗରିକ କମିଟି ସଦସ୍ୟମାନେ ଆଲୋଚନା କରୁଛନ୍ତି।

# ନୂଆପଡ଼ା କପ୍ ଫୁଟ୍‌ବଲ: ନୂଆପଡ଼ା ଚାମ୍ପିୟନ

ନୂଆପଡ଼ା,୨୦।୮(ମକାରୁ ବେମାଲ)

ସ୍ଥାନୀୟ ମିନି ଷ୍ଟାଡିୟରେ ୬ଷ୍ଠ ନୂଆପଡ଼ା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଜିଲାର ୫ଟି ବ୍ଲକ ଓ ୩ଟି ଏନଏସିର ମୋଟ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ନୂଆପଡା ଓ ବୋଡେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ୨-୨ ଗୋଲରେ ସିମିତ ରହିଥିଲେ। ପେନାଲଟି ସଟଆଉଟରେ ନୂଆପଡା ୩ ଗୋଲ ଦେଇଥିବା ବେଳେ ବୋଡେନ ୨ ଗୋଲ ଦେବାରେ ସମର୍ଥ ହୋଇଥିଲା। ଗୋଟିଏ ଗୋଲରେ ନୂଆପଡା ଚାମ୍ପିୟନ ହୋଇଛି। ଜିଲା କ୍ରିକେଟ ସଂଘ ସମ୍ପାଦକ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଫୁଟବଲ ଟୁର୍ନାମେଣ୍ଟ ଆସୋସିଏଶନ ନୂଆପଡା ଆୟୋଜନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି, ସଦର ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ନୁଆପଡା ଓ ରନର ଅପ୍ ବୋଡେନକୁ ମୁଖ୍ୟଅତିଥି ନଗଦ ରାଶି ଓ ଟ୍ରଫି ପ୍ରଦାନ କରିବା ସହ ମ୍ୟାନ ଅଫ ଦି ଟୁର୍ନାମଣ୍ଟ ନୂଆପଡା ଦଳର ପିନୁ ଓ ବେଷ୍ଟ ସ୍କୋରର ଭାବରେ ଘନକୁ ପୁରସ୍କୃତ କରାଯାଇଥିଲା। ବଳରାମ ସରାଫ, ହରିହର ସାହୁ, ସନ୍ଦିପ କୁମାର ପୋଡ, ସନ୍ତୋଷ ପ୍ରଧାନ ଖେଳ ପରିଚାଳନା କରିଥିଲେ। ମୁକେଶ ସହିସ ଓଡିଆ ଓ ହିନ୍ଦୀରେ ଧାରା ବିବରଣି ଶୁଣାଇଥିଲେ। ଅନୁଷ୍ଠାନ ସଭାପତି ମୋହନ ଚନ୍ଦନ, ସମ୍ପାଦକ ସୁରୁ ପୁଞ୍ଜି, ବୈକୁଣ୍ଠ ପୁଞ୍ଜି, କୁଞ୍ଜ ମାଝି, ରାଜୁ ହେର୍ଣ୍ଡା, ପ୍ରତାପ ରାଉତ, ଦୁର୍ଗା ଚରଣ ହଂସ, ଭୋଜନ ଶବର, ଦିଲୀପ ପୋଡ, ସୁରେଶ ନାଗ, ସତ୍ୟ ପଟେଲ, ରାକେଶ ପଟେଲ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି।

## ପିକ୍‌ନିକ୍ ହେଲା କାଳ

## ଜଳପ୍ରପାତରେ ବୁଡ଼ି ଏନ୍‌ଆଇଟି ଛାତ୍ର ମୃତ

ରାଉରକେଲା,୨୦।୮
(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲାର ବିଶ୍ରା ଥାନା ଅଧୀନ ଅକ୍ଷୟଶିଳା ଜଳପ୍ରପାତରେ ବୁଡ଼ିଯିବାରୁ ଜଣେ ଏନ୍‌ଆଇଟି ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ହାଇଦ୍ରାବାଦ ମନ୍ନାପୁର ଗ୍ରାମର ବେଗାରି ଆଦର୍ଶ(୧୯)। ପୋଲିସ ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସରେ ରଖି ପରିବାର ଲୋକଙ୍କୁ ସୂଚନା ଦେଇଛି। ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୩) ରୁଜୁ ହୋଇଛି। ଏନ୍‌ଆଇଟି ସୁରକ୍ଷା ଅଧିକାରୀ ଅନୀଲ ସିଂହଙ୍କ ସୂଚନା ଅନୁସାରେ, ଶନିବାର ଅପରାହ୍ନରେ ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ର ୧୧ଜଣ ଛାତ୍ର ଅକ୍ଷୟଶିଳା ଜଳପ୍ରପାତକୁ ପିକନିକ ପାଇଁ ଯାଇଥିଲେ। ସେମାନେ ସେଠାରେ ଗାଧୋଇବାକୁ ଯାଇଥିବା ବେଳେ ଆଦର୍ଶଙ୍କ ଗୋଡ଼ ଗଭୀର ଜଳରାଶିରେ ଖସିଯାଇଥିଲା। ସ୍ଥାନୀୟ ଲୋକ ଓ ପୋଲିସ ସହଯୋଗରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲେ ମଧ୍ୟ ଆଦର୍ଶଙ୍କ କୌଣସି ପତ୍ତା ମିଳି ନ ଥିଲା। ରବିବାର ଓଡ୍ରାଫ୍ ଟିମ୍ ଖୋଜାଖୋଜି କରି ମୃତଦେହ ଉଦ୍ଧାର କରିଥିଲେ। ମୃତ ଛାତ୍ର ଏନ୍‌ଆଇଟି ଇଣ୍ଟିଗ୍ରେଟେଡ ଏମ୍‌ଏସ୍‌ସି (ଗଣିତ) ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ।

# ସହରାଞ୍ଚଳ ବସ୍ତି ସମସ୍ୟାକୁ ଅଣଦେଖା

ରାଉରକେଲା,୨୦।୮(ଦିନେଶ ମିଶ୍ର)

## ବାସନ୍ତୀ କଲୋନୀ ଖଟାଲ ବସ୍ତି

## ମୁକୁଳା ପଡ଼ିଛି ନାଳ, ନାହିଁ ଶୌଚାଳୟ

ସ୍ମାର୍ଟସିଟି ରାଉରକେଲାରେ ଯେପରି ଦିନକୁ ଦିନ ବିକାଶମୂଳକ କାମ ଆଗେଇ ଚାଲିଛି ସେହି ପରିମାଣରେ ସହରାଞ୍ଚଳ ବସ୍ତି ଅଞ୍ଚଳରେ ହେଉନାହିଁ। ରାଉରକେଲା ସହର ଆଖାପାଖରେ ୧୮୦ରୁ ଉର୍ଦ୍ଧ୍ୱ ବସ୍ତି ଗଢ଼ି ଉଠିଥିବାବେଳେ ବାସନ୍ତୀ କଲୋନୀ ଖଟାଲ ବସ୍ତି ସମସ୍ୟାକୁ ସ୍ଥାନୀୟ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହେଉଛି।

ରାଉରକେଲା ମହାନଗର ନିଗମ ଅଧୀନ ୱାର୍ଡ ନଂ. ୧୦ରେ ଖଟାଲ ବସ୍ତି ରହିଛି। ଏହି ବସ୍ତିରେ ୫ଶହରୁ ଉର୍ଦ୍ଧ୍ୱ ଲୋକ ବାସ କରୁଥିବାବେଳେ ଅଧିକାଂଶ କ୍ଷୀର ବ୍ୟବସାୟ ଓ ଠିକା ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ସ୍ମାର୍ଟସିଟି ଭିତରେ ଥିବା ଏହି ବସ୍ତିରେ ନାନା ସମସ୍ୟା ଦେଖିବାକୁ ମିଳିଛି। ଖଟାଲ ବସ୍ତିର ପ୍ରବେଶ ପଥରେ ଥିବା ଡ୍ରେନ ଦୀର୍ଘଦିନ ଧରି ମୁକୁଳା ପଡିଛି। ବର୍ଷାଦିନେ ଏହି ଡ୍ରେନ ପାଣି ବସ୍ତି ଭିତରେ ପଶି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ବସ୍ତିର ଅଧିକାଂଶ ସ୍ଥାନରେ ଗାଈ ଓ ମଇଁଷି ଗୁହାଳ ରହିଛି। ଏହି ଗୁହାଳରୁ ବାହାରୁଥିବା ଗୋବର ଓ ମଳମୂତ୍ର ରାସ୍ତାକଡ଼ରେ ଦୀର୍ଘଦିନ ଧରି ପଡି ରହୁଛି। ଆର୍‌ଏମ୍‌ସି ପକ୍ଷରୁ ଉକ୍ତ ବସ୍ତିକୁ କୌଣସି ସଫେଇ କର୍ମଚାରୀ ଆସୁନାହାନ୍ତି। କୌଣସି ସ୍ଥାନରେ ସଫେଇ ପାଇଁ ଅଳିଆ କୁଣ୍ଡ ମଧ୍ୟ ନାହିଁ। ଫଳରେ ବସ୍ତି ଭିତରେ ଗୃହପାଳିତ ପ୍ରାଣୀଙ୍କ ମଳମୂତ୍ର ଜମା ହୋଇ ରହୁଥିବାରୁ ମଶା, ମାଛି ବଂଶ ବୃଦ୍ଧି ହେଉଛି। ଏହା ଡେଙ୍ଗୁ ଓ ମ୍ୟାଲେରିଆକୁ ନିମନ୍ତ୍ରଣ କରୁଛି। ବର୍ତ୍ତମାନ ବସ୍ତିର ଅଧିକାଂଶ ଲୋକ ଡେଙ୍ଗୁ ଓ ମ୍ୟାଲେରିଆରେ ପୀଡିତ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ବସ୍ତି ଭିତରେ ଗୋଷ୍ଠୀ ଶୌଚାଳୟ ନ ଥିବାରୁ ଲୋକେ ନିକଟସ୍ଥ ଏକ ଖୋଲା ପଡିଆ ନଚେତ ଦୁର୍ଗାପୁର ପାହାଡ ନିକଟରେ ଥିବା କୁଷ୍ଠ କଲୋନୀ ଗୋଷ୍ଠୀ ଶୌଚାଳୟ ଉପରେ ନିର୍ଭର କରୁଛନ୍ତି। ବସ୍ତିରେ ଶିକ୍ଷା ବ୍ୟବସ୍ଥା ପାଇଁ କୌଣସି ବିଦ୍ୟାଳୟ ନ ଥିବାବେଳେ ଗୋଟିଏ ମାତ୍ର ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହି ଅଙ୍ଗନୱାଡି କେନ୍ଦ୍ର ଏକ ଭଙ୍ଗା ଆଜବେଷ୍ଟସ ଘରେ ଚାଲିଛି। ଏଠାରେ ପିଲାମାନେ ପ୍ରାକ୍ ସ୍କୁଲ ଶିକ୍ଷା ନେବା ପରେ ମାଲଗୋଦାମ ରେଳ ଫାଟକ ନିକଟ କଲ୍ୟାଣୀ ଦେବୀ ହାଇସ୍କୁଲକୁ ଯାଇଥାନ୍ତି। ସେହିପରି ବସ୍ତିବାସୀ ସ୍ୱାସ୍ଥ୍ୟସେବା ପାଇଁ ଡିଏଲ ଛକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନଚେତ ଆରଜିଏଚ ଉପରେ ନିର୍ଭର କରୁଛନ୍ତି। ଆଲୋକ ବ୍ୟବସ୍ଥା ନ ଥିବାରୁ ସନ୍ଧ୍ୟାହେଲେ ବସ୍ତି ରାସ୍ତା ଅନ୍ଧାର ରହୁଛି। ଖଟାଲ ବସ୍ତିକୁ ଯାଇଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଖାଲଖମା ଯୋଗୁ ବର୍ଷାଦିନେ ପାଣି ଜମି ରହୁଛି। ରାସ୍ତା ଅଣଓସାରିଆ ହୋଇଥିବାରୁ କୌଣସି ଜରୁରୀକାଳୀନ ଗାଡି ବସ୍ତି ଭିତରକୁ ଯାଇପାରୁନାହିଁ। ଏ ସମ୍ପର୍କରେ ବସ୍ତିର ନିଖିଳେଶ ଯାଦବ କୁହନ୍ତି, ମୁକୁଳା ନାଳ ଯୋଗୁ ବିଭିନ୍ନ ସମୟରେ ବସ୍ତିରେ ଅପରିଷ୍କାର ପାଣି ପଶୁଛି। ଆରଏମ୍‌ସି ପକ୍ଷରୁ ଏହି ବସ୍ତିକୁ ଅଣଦେଖା କରାଯାଉଛି। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ଖଟାଲ ବସ୍ତିର ବିଭିନ୍ନ ସମସ୍ୟା ବିଷୟରେ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଆଗାମୀ ଦିନରେ ଉକ୍ତ ବସ୍ତିକୁ ଯାଇ ସର୍ଭେ କରିବା ପରେ ଉଚିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।



ବାସନ୍ତୀ କଲୋନୀ ଖଟାଲ ବସ୍ତି



ନଳକୂପ ପାଖରେ ଗୋବର ଗଦା ହୋଇଛି।



ବସ୍ତିରେ ଥିବା ଡ୍ରେନ ମୁକୁଳା ପଡ଼ିଛି।

# ଝଲସୁଛି ରାଖୀ, ଜମୁଛି ବଜାର

## ୯ ଦିନ ପରେ ରକ୍ଷାବନ୍ଧନ ପର୍ବ



ରାଉରକେଲା ଡିଏଭି ଛକ ରିଂରୋଡ୍‌ରେ ରାଖୀ ବଜାର ।

ରାଉରକେଲା,୨୦।୮
(ବିପ୍ଳବ ରଞ୍ଜନ ଦାଶ)

ପବିତ୍ର ରକ୍ଷାବନ୍ଧନ ପର୍ବକୁ ଆଉ ମାତ୍ର ୯ଦିନ ବାକି ରହିଲା। ଆସନ୍ତା ୩୦ତାରିଖରେ ଏହି ପର୍ବ ପାଳନ ହେବ। ଏଥିପାଇଁ ରାଉରକେଲା ସହରର ଉଦିତନଗର, ଛେଣ୍ଡ, ବାସନ୍ତୀ କଲୋନୀ, ପାନପୋଷ ଏବଂ ସେକ୍ଟର ଅଞ୍ଚଳରେ ବହୁ ରାଖୀ ଦୋକାନ ଖୋଲିଛି। ଧୀରେ ଧୀରେ ରାଖୀ ବଜାର ଜମିବାରେ ଲାଗିଛି। ସହରର ଯୁବତୀମାନେ ନିଜ ଭାଇଙ୍କ ପାଇଁ ମନଲାଖି ରାଖୀ କିଣାକିଣି କରୁଥିବା ଦେଖିବାକୁ ମିଳୁଛି। ଭଉଣୀମାନେ ଦୂରରେ ରହୁଥିବା ଭାଇଙ୍କ ପାଖକୁ ପୋଷ୍ଟ ଅଫିସ ମାଧ୍ୟମରେ ରାଖୀ ପଠାଉଛନ୍ତି। ଆଉ କେତେକ ରାଖୀ କିଣି ଦୂର ଦୂରାନ୍ତରେ କାମ କରୁଥିବା ଭାଇଙ୍କ ବାଟ ଚାହିଁ ବସିଛନ୍ତି।

ରାଉରକେଲା ସହରରେ ୨ହଜାରରୁ ଉର୍ଦ୍ଧ୍ୱ ରାଖୀ ଷ୍ଟଲ ଖୋଲାଯାଇଛି। ରାଖୀ ବଜାରରେ ଦୈନିକ ହଜାର ହଜାର ଟଙ୍କା କାରବାର ହେଉଛି। ବଜାରରେ ଶିବଲିଙ୍ଗ ସହିତ ତ୍ରିଶୂଳ ଚିହ୍ନ, ବେଷ୍ଟ ବ୍ରଦର୍ସ ଲିଖିତ, ବିଭିନ୍ନ ଦେବଦେବୀ, ରୁଦ୍ରାକ୍ଷ, ପର୍ଲ, ପଥର ଏବଂ ସୁବର୍ଣ୍ଣ ରଙ୍ଗ ଭରା ବିଭିନ୍ନ କାଠ ଓ କାଗଜ ତିଆରି ସ୍ୱତନ୍ତ୍ର ରାଖୀ ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରୁଛି। ଏଥିସହ କିଛି ଭଉଣୀ ନିଜେ ରାଖୀ ତିଆରି କରିଥିବା ଜଣାପଡ଼ିଛି। ରାଖୀର ଦାମ୍ ୧୦ଟଙ୍କାରୁ ଆରମ୍ଭ କରି ୩ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ଏ ନେଇ ଆର୍ମି ଏକ୍ସ ସର୍ଭିସମ୍ୟାନ ଲିଗ ଧନେଶ୍ୱର ଦାଶ କୁହନ୍ତି, ଭଦ୍ରକ ବାସୁଦେବପୁର ସ୍ଥିତ ଏଡତାଳ ଗାଁ ହେଉଛି ମୋର ଜନ୍ମସ୍ଥାନ। ମୋର ୫ ଭଉଣୀ ଅଛନ୍ତି। ରାଖୀ ପୂର୍ଣ୍ଣିମା ଆସିଲେ ଭଉଣୀମାନେ ମୋ ପାଖକୁ ରାଖୀ ପଠାନ୍ତି। ଚଳିତବର୍ଷ ସେମାନେ ବେଷ୍ଟ ବ୍ରଦର୍ସ ଲିଖିତ ରାଖୀ ପଠାଇଥିବା ଦାଶ କହିଛନ୍ତି। ସେକ୍ଟର-୪ର ଏୟାରଫୋର୍ସ ସର୍ଜେଣ୍ଟ ଜୟନ୍ତ କୁମାର ବେରିହା କୁହନ୍ତି, ମୁଁ ବରଗଡ଼ ବାସିନ୍ଦା। ଏଥର ରକ୍ଷାବନ୍ଧନରେ ଭାଉଣୀ ପାଖକୁ ଯିବା ମୁସ୍କିଲ। ଏଣୁ ଭଉଣୀ ମିଳି ପାଖକୁ ତା' ପସନ୍ଦର ଉପହାର ପଠାଇଛି ବୋଲି ବେରିହା କହିଛନ୍ତି। ସେହିପରି ଛେଣ୍ଡ କଲୋନୀର ପଦ୍ମଜା ନାୟକ କୁହନ୍ତି, ତାଙ୍କ ଭାଇ ଭୁବନେଶ୍ୱରରେ କାମ କରୁଛନ୍ତି। ବର୍ଷ ତମାମ ସେ ଦୂରରେ ରୁହନ୍ତି। ଏଣୁ ପ୍ରତିବର୍ଷ ରକ୍ଷାବନ୍ଧନରେ ଭାଇର ବାଟକୁ ଚାହିଁ ରହିଥାଏ ବୋଲି ନାୟକ କହିଛନ୍ତି।

## ସୀମାନ୍ତରେ ମାଓବାଦୀ ହିଂସା

## ଇନଫର୍ମର ସନ୍ଦେହରେ ଯୁବକଙ୍କୁ ହତ୍ୟା

ରାଉରକେଲା,୨୦।୮(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ପଶ୍ଚିମ ସିଂହଭୂମ ଗୋଇଲକେରାର ମୁଖ୍ୟ ସଡ଼କ କଦମଡିହି ପଞ୍ଚାୟତ ନିକଟ ଗିଁଲିପି ଛକରେ ମାଓବାଦୀ ହିଂସା ଦେଖିବାକୁ ମିଳିଛି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀମାନେ ଶନିବାର ରାତିରେ କଦମଡିହି ପଞ୍ଚାୟତର ଉପମୁଖିଆ ଡରସେନା ସୁରୀନଙ୍କ ବଡଭାଇ ରାଦୋ ସୁରୀନ(୪୩)ଙ୍କୁ ଗଳାକାଟି ହତ୍ୟା କରିଛନ୍ତି। ଏହାସହ ଘଟଣାସ୍ଥଳରେ ସେମାନେ ଧମକପୂର୍ଣ୍ଣ ପୋଷ୍ଟର ଛାଡ଼ିଯାଇଛନ୍ତି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ଓଡ଼ିଶା ସୀମାରେ ହାଇଆଲର୍ଟ ଜାରି କରାଯାଇଥିବା ସ୍ଥାନୀୟ ପୋଲିସ ସୂଚନା ଦେଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଶନିବାର ରାତି ୮ଟା ସମୟରେ ବହୁ ସଂଖ୍ୟାରେ ମାଓବାଦୀ ଅସ୍ତ୍ରଶସ୍ତ୍ର ଧରି ଉକ୍ତ ଅଞ୍ଚଳରେ ପଶିଥିଲେ। ସେମାନେ ରାଦୋଙ୍କୁ ପୋଲିସ ଇନଫର୍ମର ସନ୍ଦେହ କରି ହତ୍ୟା କରିବା ପରେ ସେଠାରେ ମାଓବାଦୀ ପୋଷ୍ଟର ଲଗାଇ ଫେରାର ହୋଇଯାଇଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ କରୁଛି। ଗିଁଲିପି ଛକ ଚତୁଃପାର୍ଶ୍ୱରେ ସିଆରପିଏଫ୍ ୬୦ ବାଟାଲିୟନ କ୍ୟାମ୍ପ ରହିଛି। ଏହାସତ୍ତ୍ୱେ ମାଓବାଦୀମାନେ କିପରି ନରସଂହାର କଲେ ସେ ନେଇ ଆଲୋଚନା ହେଉଛି।

# ରାଜସ୍ଥାନୀ ମହିଳା ପାଳିଲେ ତିଜ ବ୍ରତ



ମେଳାରେ ଉପସ୍ଥିତ ମହିଳାପୁରୁଷ।

ରାଉରକେଲା,୨୦।୮
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ରାଜସ୍ଥାନୀ ମହିଳାମାନଙ୍କ ପକ୍ଷରୁ ତିଜ ବ୍ରତ ପାଳନ କରାଯାଇଛି। ଏହି ଉପଲକ୍ଷେ ଅମର ଭବନରେ ରାଉରକେଲା ରାଜସ୍ଥାନ ପରିଷଦ ପକ୍ଷରୁ ତିଜ ମେଳା ଆୟୋଜନ ହୋଇଥିଲା। ମେଳାରେ ୨୦ରୁ ଅଧିକ ଷ୍ଟଲ ଲାଗିଥିଲା। ଷ୍ଟଲଗୁଡ଼ିକରେ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ସହିତ ଶିଶୁ ଖେଳ, ରାଖୀ, ପୁସ୍ତକ ଓ ଚିତ୍ର ଆଦି ପ୍ରଦର୍ଶିତ ହୋଇଥିଲା। ଏଥିସହିତ ରାଜସ୍ଥାନ ସେବା ସଦନ ମେଡିକାଲ ଟିମ୍ ଦ୍ୱାରା ମଧୁମେହ, ରକ୍ତଚାପ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ମେଳାରେ ରାଜସ୍ଥାନୀ ଝୁଲା ବିଶେଷ ଆକର୍ଷଣ ସାଜିଥିଲା। ବ୍ରତ ଓ ମେଳା ଆୟୋଜନରେ ରାଜସ୍ଥାନ ପରିଷଦ ସଭାପତି ସନ୍ତୋଷ ଅଗ୍ରୱାଲ, ଉପସଭାପତି କୁଶାଲ ମାରୋଥିଆ ଓ ମହିଳା ସମିତିର ଅଞ୍ଜୁ କେଡିଆ, ସୋମା ନରେଡି, ରୁତୁ ପ୍ୟାରୀ, ନୀଟୁ କୋଥାରୀ, ସାରିକା ମୋଦି ଓ ପଲ୍ଲବୀ ଅଗ୍ରୱାଲ ସହଯୋଗ କରିଥିଲେ।

ସୂଚନାଯୋଗ୍ୟ, ଅହି ସୁଲକ୍ଷଣୀ କାମନାଭିଳାଷୀ ମହିଳା ଓ ଅବିବାହିତା ଯୁବତୀମାନେ ନିଜ ପସନ୍ଦର ପତି କାମନା କରି ତିଜ ବ୍ରତ କରନ୍ତି। ଏହି ବ୍ରତ ମହିଳାଙ୍କ ସାଂସାରିକ ଜୀବନକୁ ସୁଖମୟ କରିଥାଏ ବୋଲି ବିଶ୍ୱାସ ରହିଛି। ଶ୍ରାବଣ ମାସର ଶୁକ୍ଳପକ୍ଷ ତୃତୀୟା ତିଥିରେ ତିଜ ବ୍ରତ ପାଳନ ହୁଏ। ଏହି ପୂଜା ଭଗବାନ ଶିବ ଓ ମାତା ପାର୍ବତୀଙ୍କ ଆଶୀର୍ବାଦ ପ୍ରାପ୍ତି ପାଇଁ କରାଯାଉଥିବା ବେଳେ ବିଶେଷ କରି ରାଜସ୍ଥାନ, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ମଧ୍ୟପ୍ରଦେଶରେ ପାଳନ ହୋଇଥାଏ। ବ୍ରତରେ ପାର୍ବତୀଙ୍କ ବ୍ରତ ଧାରଣ ଓ ଶିବଙ୍କୁ ପ୍ରାପ୍ତି ବିଷୟ କଥାମୃତ ଶ୍ରବଣ ଓ ପଠନ କରାଯାଏ।

# ରାଜୀବଙ୍କ ନୀତି ଆଦର୍ଶ ଅନୁକରଣୀୟ

ରାଉରକେଲା,୨୦।୮(ବିପ୍ଳବ ରଞ୍ଜନ ଦାଶ)

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ କଂଗ୍ରେସ କର୍ମୀ ନିଷ୍ଠାର ସହିତ କାମ କଲେ ସଫଳତା ନିଶ୍ଚିତ ମିଳିବ ବୋଲି ରାଉରକେଲା ସାଙ୍ଗଠନିକ ଜିଲା କଂଗ୍ରେସ ପକ୍ଷରୁ ପାଳିତ ରାଜୀବ ଗାନ୍ଧୀଙ୍କ ୭୯ତମ ଜୟନ୍ତୀ ଅବସରରେ ମତପ୍ରକାଶ ପାଇଛି। ଏହି ଅବସରରେ ଜିଲା କଂଗ୍ରେସ ନେତୃବୃନ୍ଦ ଟ୍ରାଫିକ୍ ଗେଟ୍ ଛକରେ ରାଜୀବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପୂର୍ବାହ୍ନ ୧୦ଟା ବେଳେ ସ୍ଥାନୀୟ କଂଗ୍ରେସ ଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ରାଜୀବ ଗାନ୍ଧୀଙ୍କ ସ୍ମୃତିଚାରଣ କରି ରାଜୀବଙ୍କ ଚିନ୍ତାଧାରା ଓ ବିଚାର ଆଜି ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କ ପାଇଁ ପ୍ରଣିଧାନଯୋଗ୍ୟ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି, ପିସିସି ସଭ୍ୟ ରବି ରାୟ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ସନ୍ତୋଷ ବିଶ୍ୱାଳ ଓ ରଶ୍ମିରଞ୍ଜନ ପାଢୀ, ଓବିସି ସେଲ୍ ରାଷ୍ଟ୍ରୀୟ ସହସଂଯୋଜକ କୈଳାସ ସାହୁ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା ଓ ଏମ୍‌ଡି ନଜମୁଦ୍ଦିନ, ସମ୍ପାଦିକା ଅମ୍ରିତ କୌର, ରଘୁନାଥପାଲି ଯୁବ କଂଗ୍ରେସ ସଭାପତି ସୁମିତ କଂସାରୀ, ଜ୍ଞାନେନ୍ଦ୍ର ଦାସ, ସେବା ଦଳର ବୁଲୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



କଂଗ୍ରେସ ନେତା ଓ କର୍ମୀ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି।

# ହକ୍ ପାଇଁ ଲଢ଼େଇ ପ୍ରତିଶ୍ରୁତି



ସମ୍ମିଳନୀରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

## ରାଉରକେଲାରେ ସିବିଟି ଶିକ୍ଷୟିତ୍ରୀ ଶିକ୍ଷକ ସମ୍ମିଳନୀ

ରାଉରକେଲା,୨୦।୮
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୭ କମ୍ୟୁନିଟି ହଲ୍‌ରେ ରବିବାର ଓଡ଼ିଶା ସରକାରୀ ହାଇସ୍କୁଲ ସିବିଟି ଶିକ୍ଷକ ସଂଘ ଭୁବନେଶ୍ୱର ଅନ୍ତର୍ଗତ ସୁନ୍ଦରଗଡ଼ ଶାଖା ପକ୍ଷରୁ ହାଇସ୍କୁଲ ସ୍ତରୀୟ ଶିକ୍ଷକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ୪୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ସମ୍ମିଳନୀରେ ବରିଷ୍ଠ ଶିକ୍ଷାବିତ୍ ପ୍ରଭାତ ମହାନ୍ତି ମୁଖ୍ୟଅତିଥି, ମନୋଜ ଜେନା ମୁଖ୍ୟବକ୍ତା, ବିଜୟ ମାଲିଆ ସ୍ୱତନ୍ତ୍ର ଅତିଥି ଭାବେ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ରାଜେନ୍ଦ୍ର ମାଲିଆ, ଶୁଭ୍ରଜିତ ପ୍ରତିହାରୀ, ଦେବାଶିଷ ଜେନା ଓ ଦେବରାଜ ସାହୁ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ମାନସ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିମାନେ ଆଗକୁ ସିବିଟି ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ଲଢ଼େଇ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମିଳନୀରେ ପ୍ରଳୟ କୁମାର ଦାସ ଓ ଅନା ପ୍ରଜାପତି ସଭା ପରିଚାଳନା, ଚନ୍ଦନ କୁମାର ରାଉତ ଅତିଥି ପରିଚୟ ପ୍ରଦାନ ଓ ରୋନିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଅଘୋଷିତ ବିଦ୍ୟୁତ୍ କାଟ, ବଢୁଛି ଅସନ୍ତୋଷ
**ଆନ୍ଦୋଳନ ପାଇଁ ସଜବାଜ**

**ଜମନକିରା, ୨୦।୮(ରବୀନ୍ଦ୍ର ପ୍ରସାଦ ଦାନୀ)** ସମ୍ବଲପୁର ଜିଲା ଜମନକିରା ବିଦ୍ୟୁତ୍ ସେକ୍ସନ ଅଞ୍ଚଳରେ ଗତ ୪ ଦିନ ହେବ ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି। ଯଦ୍ୱାରା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆସନ୍ତା ସୋମବାରଠାରୁ ଯଦି ଏଭଳି ସମସ୍ୟା ଦେଖାଦିଏ ତାହେଲେ ଗ୍ରୀଡ଼ ଘେରାଉ କରାଯିବା ସହ ଆନ୍ଦୋଳନ କରାଯିବ। ବ୍ଲକ ଆଞ୍ଚଳିକ ସମସ୍ୟା ସମାଧାନ ମଞ୍ଚ ଏବଂ ଗ୍ରାମ ଉନ୍ନୟନ କମିଟି ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ସୂଚନା ଅନୁସାରେ ଜମନକିରା ଗ୍ରୀଡରେ ବିଭିନ୍ନ ସମୟରେ ରକ୍ଷଣାବେକ୍ଷଣା ନାଁରେ ବାରମ୍ବାର ବିଦ୍ୟୁତ୍ କାଟ କରାଯାଉଛି। ନିୟମ ଅନୁସାରେ ବିଦ୍ୟୁତ୍ ସରବରାହ ବନ୍ଦ କରିବାର ଯଥେଷ୍ଟ ପୂର୍ବରୁ ଲୋକଙ୍କୁ ଅବଗତ କରାଯାଉନାହିଁ। ଲୋକେ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରି ଆସୁଥିଲେ ସୁଦ୍ଧା କର୍ଣ୍ଣପାତ କରାଯାଉନାହିଁ। ବର୍ତ୍ତମାନ ଚାଷ ସମୟ। ବିଭିନ୍ନ କାମ ପାଇଁ ବିଦ୍ୟୁତ୍‌ର ଆବଶ୍ୟକତା ରହୁଛି। ପିଇବା ପାଣି ପାଇଁ ଉର୍ଦ୍ଧ୍ୱଷ୍ଟ ମୋଟର ବନ୍ଦ ହେଇପଡୁଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କଲେ ସନ୍ତୋଷଜନକ ଉତ୍ତର ମିଳୁନାହିଁ। ସୂଚନାଥାଉ କି ଶୁକ୍ରବାର ସକାଳ ୮ ଟାରୁ ଅପରାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ଥିଲା। ଗୁରୁବାର ସକାଳ ୭ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଜମନକିରାରେ ବିଦ୍ୟୁତ୍ ସରାବରାହ ବନ୍ଦ ଥିଲା। ରବିବାର ସନ୍ଧ୍ୟା ଭିତରେ ୭-୮ ଥର ବିଦ୍ୟୁତ୍ ଗଲାଣି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ନ ଦେଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଉଛି।

### ରାଧିକା ମିଶ୍ରଙ୍କ ୧୦୪ ତମ ଜୟନ୍ତୀ ନିଆରା ଢଙ୍ଗରେ ପାଳିତ

**ସମ୍ବଲପୁର,୨୦।୮(ବି. ଶଙ୍କର):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମହାନ୍ତିପଡ଼ା ବାସିନ୍ଦା ରାଧିକା ମିଶ୍ରଙ୍କ ୧୦୪ ତମ ଜୟନ୍ତୀ ରବିବାର ନିଆରା ଢଙ୍ଗରେ ପାଳିତ ହୋଇଯାଇଛି । ସମ୍ପୂର୍ଣ୍ଣ ଆଧାତ୍ମିକ ବାତାବରଣ ମଧ୍ୟରେ ଗେଟି ଟକିଜ ନିକଟସ୍ଥ ଠାକୁରବାଡ଼ି ମଠରେ କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ମଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ୧୦୮ ଗୋପାଳ ସହସ୍ର ନାମ ପାଠ, ଭଜନ କୀର୍ତ୍ତନ, ସାଧୁସେବା କରାଯାଇଥିଲା । ପ୍ରଫେସର ଶଙ୍କର ପ୍ରସାଦ ପତି, ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ର, ଅବସରପ୍ରାପ୍ତ ଜିଲାଜଜ ଶ୍ୟାମସୁନ୍ଦର ମିଶ୍ର, ଗଙ୍ଗାଧର ମେହେର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶ୍ରୀବନ୍ତ ଦାଶ, ବରିଷ୍ଠ ଖବରଦତା ହେମନ୍ତ କୁମାର ମହାପାତ୍ର ଓ ରାଜେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ମିଶ୍ରଙ୍କ ଦୀର୍ଘ, ସୁସ୍ଥ ତଥା ନିରାମୟ ଜୀବନ କାମନା କରିଥିଲେ । କଣ୍ଟାବାଞ୍ଜିର ମହନ୍ତ ଶ୍ରୀଅଦ୍ୱୈତ ଚରଣ ଦାସ, ଗୋପାଳଜୀ ମଠର ମହନ୍ତ ହୃଷୀକେଶ ଦାସ, ଭତରାର ବାସୁଦେବ ବାବା, ଠାକୁରବାଡ଼ି ମଠର ଶ୍ରୀନିବାସ ଦାସ ଓ ନିତାଇଗୌର ମଠର ମାତାମାନେ ଏଥିରେ ଯୋଗ ଦେଇଥିଲେ। ପ୍ରଫେସର ରବି ନାରାୟଣ ମିଶ୍ର, ଲଳିତା ମିଶ୍ର ଅତିଥିମାନଙ୍କ ସ୍ୱାଗତ କରିଥିଲେ ।

# ଭଙ୍ଗାଘରେ ୭ ପ୍ରାଣୀ କୁଟୁମ୍ବ


ବର୍ଷାରେ ଭାଙ୍ଗିଯାଇଥିବା ଘର।


ବିପନ୍ନ ପରିବାରକୁ ଭେଟିବା ଅବସରରେ ବଡବଜାର ସାହେବ ବଙ୍ଗଳାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀଶକ୍ତି ସଦସ୍ୟାମାନେ।

**ସମ୍ବଲପୁର,୨୦।୮(ବି.ଶଙ୍କର)**

**■ବିପନ୍ନ ପରିବାରକୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀଶକ୍ତିର ସହଯୋଗ**

ଲଗାତାର ବର୍ଷା ଯୋଗୁ ସମ୍ବଲପୁର ମହନଗର ନିଗମ ଅନ୍ତର୍ଗତ ବଡବଜାର ସାହେବ ବଙ୍ଗଲାର ଏକ ଘର ଶନିବାର ପୂର୍ବାହ୍ନ ୯ ଟା ସମୟରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଉକ୍ତ ଘରେ ଫକୀର ମୋହନ ମିଶ୍ର, ପୁଅ, ସ୍ତ୍ରୀ, ବିଧବା ଝିଅ ଉମା ରଥ ଏବଂ ଝିଅର ତିନି ଛୋଟ ପିଲା ରହୁଥିଲେ। ଖବରପାଇ ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀଶକ୍ତିର ସଦସ୍ୟାମାନେ ବିପନ୍ନ ପରିବାରବର୍ଗଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିଥିଲେ। ତତ୍କାଳ ପରିବାର ପୋଷଣ ପାଇଁ ରାଶନ ସାମଗ୍ରୀ ଓ ଆର୍ଥିକ ସହାୟତା ଦେଇଥିଲେ। ମହିଳା ସଂଗଠନ ପକ୍ଷରୁ ଫକୀରଙ୍କ ପରିବାରକୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସମ୍ବଲପୁର ମହାନଗର ନିଗମକୁ ଅନୁରୋଧ କରାଯିବା ନେଇ ଆଲୋଚନା କରାଯାଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀଶକ୍ତିର ପଙ୍କଜିନୀ ମେହେର, କାନ୍ତି ମେହେର, ଝୁନୁ ତ୍ରିପାଠୀ, ସ୍ୱସ୍ତିକା ନାୟକ, ପଙ୍କଜିନୀ ବୈଠାରୁ ଏବଂ ସାହେବ ବଙ୍ଗଳା ମହିଳା ସଂଗଠନ ସଭାପତି ରେବତୀ ପଟେଲ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ କିଛି ବର୍ଷ ପୂର୍ବରୁ ଫକିର ମୋହନଙ୍କ ଦୁର୍ଘଟଣା ହୋଇଥିଲା। ତେଣୁ ସେ ଦୀର୍ଘଦିନ ଧରି ଘରେ ବିଶ୍ରାମ ନେଇଥିଲେ। ଏହାପରେ ତାଙ୍କର ବେସରକାରୀ ଚାକିରି ଚାଲି ଯାଇଥିଲା। ପରେ ୭ପ୍ରାଣୀଙ୍କୁ ନେଇ ଅଭାବ ଅନଟନ ଭିତରେ ପରିବାର ଚଳୁଥିଲେ। ଝିଅକୁ ବାହା ଦେଇଥିଲେ। ମାତ୍ର କରୋନା ସମୟରେ ଜ୍ୱାଇଁଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ଝିଅ ଏବଂ ତାଙ୍କର ତିନି ଛୁଆ ତାଙ୍କ ଉପରେ ନିର୍ଭରଶୀଳ। ଏବେ ତାଙ୍କ ପାଖରେ କୌଣସି କାମ ନ ଥିବା ବେଳେ ପରିବାର ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି । ୪୦ ବର୍ଷ ପୂର୍ବରୁ ମାଟିରେ ତିଆରି ଘର ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲା। ଘର ଛାତ ପଡିଯିବାରୁ ଦରକାରୀ କାଗଜପତ୍ର, ଭତ୍ତା କାର୍ଡ, ଛୁଆଙ୍କର ଜନ୍ମ ପ୍ରମାଣପତ୍ର, ଟିକାକରଣ କାର୍ଡ ମାଟି ତଳେ ଦବିଯାଇଛି।

## ନାରାୟଣ ଗୁରୁଙ୍କ ଜୟନ୍ତୀ ପାଳିତ

**ସମ୍ବଲପୁର,୨୦।୮(ବି.ଶଙ୍କର)** ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସମାଜ ସୁଧାକର ନାରାୟଣ ଗୁରୁଙ୍କ ୧୬୭ ତମ ଜୟନ୍ତୀ ରବିବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଅଧ୍ୟକ୍ଷ ନିହାଲ ସିଂଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ମୁରଲିଧର ନାୟକ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏସଟି ଏସସି କର୍ମଚାରୀ ସଂଘର ଉପସଭାପତି ଶିବଶଙ୍କର ପଧାନ, ମୁଖ୍ୟବକ୍ତା ଆଇନଜୀବୀ ଜୟକୃଷ୍ଣ ବେହେରା ଯୋଗଦେଇ ସମାଜ ସଂସ୍କାର କାର୍ଯ୍ୟରେ ସୁଧାରକ ନାରାୟଣ ଗୁରୁଙ୍କ ଭୂମିକା ଓ ନୀତି ଆଦର୍ଶ ଉପରେ ଆଲୋନା କରିଥିଲେ। ଶେଷରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ମହାସଚିବ ମୋମିନା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଜିଲା ଆବାହକ ଆଶିଷ ମହାନନ୍ଦ, ବଳରାମ ଭୋଇ, ରିଜୱି ଅହମ୍ମଦ, ପିଙ୍କି ଲୁହା, ଅମୁଲ୍ୟ ବିଶିଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ସହଯୋଗ କରିଥିଲେ।


ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସମାଜ ସୁଧାକର ନାରାୟଣ ଗୁରୁଙ୍କ ଜୟନ୍ତୀ ପାଳନ କରାଯାଉଛି।

## ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘର ସାମୂହିକ କାର୍ଯ୍ୟବନ୍ଦ ଚେତାବନୀ


ରେଙ୍ଗାଲି ତହସିଲଦାର ବେରିସିୟସ ଡୁଙ୍ଗଡୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକ।

**ରେଙ୍ଗାଲି/ସମ୍ବଲପୁର,୨୦।୮ (ଦେବଦତ୍ତ ପଣ୍ଡା/ଶୁଭାଶିଷ ପାଢ଼ୀ)** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨- ୩ କୋଇଲା ଖଣିରେ ଏନଏଲସି କମ୍ପାନୀ କାର୍ଯ୍ୟ କରୁଛି। କମ୍ପାନୀର ଶ୍ରମିକ ଶୋଷଣ ନୀତି ଓ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ପୂରଣରେ ବିଳମ୍ବ ସମେତ ୫ଦଫା ଦାବି ନେଇ ଭିଏସ୍ଏସ ଶ୍ରମିକ ସଂଘ ପକ୍ଷରୁ ସୋମବାରଠାରୁ ସାମୂହିକ ଛୁଟି ଓ ମୁଖ୍ୟ ଗେଟ ସମ୍ମୁଖରେ ଆନ୍ଦୋଳନ କରାଯିବା ପାଇଁ ଚେତାବନୀ ଦିଆଯାଇଛି। ରବିବାର ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଓ ଭିଏସଏସ ଶ୍ରମିକ ସଂଘ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ତହସିଲଦାର ବେରିସିୟସ ଡୁଙ୍ଗଡୁଙ୍ଗଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏନଏଲସି କମ୍ପାନୀ କର୍ତ୍ତୃପକ୍ଷ, ଭିଏସଏସ ଶ୍ରମିକ ସଂଘର କାର୍ଯ୍ୟକାରୀ ସଭାପତି ବାବୁଲୁ ରାଉତଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଖଣିରେ କାର୍ଯ୍ୟରତ ସମସ୍ତ ଶ୍ରମିକଙ୍କ ପାଇଁ ମେଡିକାଲ ଇନ୍ସ୍ୟୁରାନ୍ସ, ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘ ପାଇଁ ଖଣି ପରିସରରେ ଏକ କାର୍ଯ୍ୟାଳୟ ନିର୍ମାଣ, ବାହ୍ୟ ନିଯୁକ୍ତିକୁ ବନ୍ଦ କରି ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବା ପାଇଁ ଦାବି କରାଯାଇଥିଲା।

## ଗୋଣ୍ଡ ସମାଜ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

**କୁଚିଣ୍ଡା,୨୦।୮(ବିରଞ୍ଚି ଦର୍ଶୀ)** ଗୋଣ୍ଡୱାନା ଗୋଣ୍ଡ ସମାଜ କେଶାଇବାହାଲ ଗ୍ରାମ୍ୟ କମିଟି ପକ୍ଷରୁ ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଗୋଣ୍ଡ ସମାଜର ଇଷ୍ଟଦେବତା ଜଙ୍ଘା ବଡଦେଓଙ୍କ ପୂଜାର୍ଚ୍ଚନା ପରେ ତାଙ୍କର ପୂଜାପୀଠ ଓ ସମାଧିପୀଠରେ ଚାରା ରୋପଣ କରାଯାଇଥିଲା । ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ସମାଜ ରାଜ୍ୟ ମହିଳା ଉପସଭାନେତ୍ରୀ ବୀଣାପାଣି ନାଏକଙ୍କ ନେତୃତ୍ୱରେ ଏହି ବୃକ୍ଷରୋପଣ କରାଯାଇଥିଲା । ଏଥିରେ ରାଜ୍ୟ ଯୁବ ସଭାପତି ସୌମ୍ୟରଞ୍ଜନ ନାଏକ, ପାନମତୀ ମାଝି, ପ୍ରକୃତି ବନ୍ଧୁ ରବୀନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଉପକାରିତା ଉପରେ ଆଲୋଚନା କରିଥିଲେ। ଗ୍ରାମ୍ୟ କମିଟିର ସୁବାସ ମାଝି,ଉଦୟ ନାଏକ , ଜୟରାମ ମାଝି, ବଳରାମ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗନି ମାଝି, ନରେଶ ମାଝି, ଫୁଲମତୀ ମାଝି, ନାରାୟଣ ନାଏକ, ଲିପି ମାଝି, ପୁନି ସାଏ, ସୁନିତା ସାଏ, ଅନୁଭବ ନାଏକ, ଗୁଡୁ ମାଝି, ରୁନି ମାଝି, ସଞ୍ଜୁ ସାଏ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶେଷରେ ଧରଣୀଧର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ ଧକ୍କାରେ ଅବସରପ୍ରାପ୍ତ ଯବାନ ମୃତ


ଟ୍ରକ ତଳେ ଚାପି ହୋଇ ରହିଥିବା ସ୍କୁଟି।
ମୃତ ଯବାନ ବୀରେନ୍ଦ୍ରନାଥ କାରୱାରଙ୍କ ଫାଇଲ ଫଟୋ।

**ଜମନକିରା,୨୦।୮ (ରବୀନ୍ଦ୍ର ପ୍ରସାଦ ଦାନୀ)** ସମ୍ବଲପୁର ଜିଲା ଜମନକିରା ରାଧାକୃଷ୍ଣପଡ଼ାର ଅବସରପ୍ରାପ୍ତ ସୈନିକ ବୀରେନ୍ଦ୍ର ନାଥ କାରୱାର(୮୨)ଙ୍କ ରବିବାର ଏକ ଟ୍ରକ ଧକ୍କାରେ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ପ୍ରକାଶ ଯେ, ସକାଳ ପ୍ରାୟ ୯ଟାରେ ଏକ ସ୍କୁଟି (ନଂ ଓଡ଼ି ୧୫ଏମ ୭୧୦୯)ରେ ଯାଉଥିବା ଅବସରପ୍ରାପ୍ତ ଯବାନ ବୀରେନ୍ଦ୍ରନାଥଙ୍କୁ ଦେବଗଡ ପଟକୁ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ(ନଂ ଏନଏଲ ୦୧ ଏଡି ୨୪୨୪) ଜମନକିରା ଥାନା ୫୩ ନମ୍ବର ଜାତୀୟ ରାଜପଥ ଦଶଘରିଆ ବାଇପସ୍ ଛକଠାରେ ଧକ୍କା ଦେଇଥିଲା। ଏଥିରେ ତାଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଜମନିକରା ପୋଲିସ ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତରିତ କରାଯିବ ବୋଲି ପୋଲିସ କହିଛି। ଏନେଇ ଜମନକିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଥାଉକି, ଦେଶ ପାଇଁ ନିଜ ଜୀବନକୁ ବାଜି ଲଗାଇ ଭାରତୀୟ ସେନାରେ ଦୀର୍ଘ ୩୦ ବର୍ଷ କାଳ ସେବା ଦେଇ ସୁନାମ ଅର୍ଜନ କରିଥିଲେ। ରାଷ୍ଟ୍ରପତିଙ୍କଠାରୁ ସମ୍ମାନିତ ମଧ୍ୟ ହୋଇଥିଲେ। ଅବସର ନେବା ପରେ ଅନେକ ଅନୁଷ୍ଠାନରେ କାର୍ଯ୍ୟ କରିଥିଲେ। ଗତ ସ୍ୱାଧୀନତା ଦିବସ ଅବସରରେ କୁଚିଣ୍ଡା ବିଧାୟକ କିଶୋର ନାଏକ ତାଙ୍କୁ ସମ୍ମାନିତ କରିଥିଲେ। ତାଙ୍କ ସାନ ପୁଅ ମଧ୍ୟ ଭାରତୀୟ ସେନାରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ସ୍ତ୍ରୀ କିଛି ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିଲେ। ତାଙ୍କର ଦୁଇ ଝିଅ ଓ ଦୁଇ ପୁଅ ଅଛନ୍ତି।

## ଆନ୍ତଃସ୍କୁଲ କବାଡ଼ି ପ୍ରତିଯୋଗିତା

**ସମ୍ବଲପୁର,୨୦।୮(ବି.ଶଙ୍କର)** ଆନ୍ତଃ ସ୍କୁଲ କବାଡି ପ୍ରତିଯୋଗିତା ରବିବାର ସମ୍ବଲପୁର ସ୍ଥିତ ମୁଙ୍ଗାଲାଲ ଶିଶୁମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ତୃତୀୟ ପର୍ଯ୍ୟାୟ ମ୍ୟାଚ ନୃସିଂହଗୁରୁ ଟାଉନ ହାଇସ୍କୁଲ ଓ ମୁଙ୍ଗାଲାଲ ଶିଶୁ ମନ୍ଦିର ମଧ୍ୟରେ ହେଇଥିଲା। ଏଥିରେ ନୃସିଂହ ଗୁରୁ ଟାଉନ ହାଇସ୍କୁଲ ଦଳ ବିଜୟୀ ହୋଇଥିଲା। ସ୍କୁଲ ପ୍ରଧାନ ଆଚାର୍ଯ୍ୟ ବିମଲେଶ କୁମାର ପୁରୋହିତଙ୍କ ପରିଚାଳନାରେ ପ୍ରତିଯୋଗିତା ହୋଇଥିଲା। ସମ୍ବଲପୁର ଜିଲା କ୍ରୀଡା ସଂଘ ଖେଳ ସଂପାଦକ ରାଜେଶ ସେଠ, ଜିଲା ହାବିଲଦାର ଓ କନଷ୍ଟେବଳ ସଂଘ ସଭାପତି ରାମଦାସ ପଣ୍ଡା , ଏବିସିଡି ସଭାପତି ରାଜେନ୍ଦ୍ର ସତାନାମୀ, ସୁନୀଲ ସାଗର ,ଡ. ବିଶ୍ୱମୋହନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରୋହନ ଦେଓ ଓ ସମୀର ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଗଙ୍ଗାଧର ସଙ୍ଗୀତ ଗାନ ପ୍ରତିଯୋଗିତା

**ସମ୍ବଲପୁର,୨୦।୮(ବି.ଶଙ୍କର)** ରବିବାର ଓଡିଶା ସାଂସ୍କୃତିକ ସମାଜ ପରିସରସ୍ଥ ସଂଗ୍ରାମୀ ସ୍ମୃତି ଭବନଠାରେ ଗଙ୍ଗାଧର ସଙ୍ଗୀତ ଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟସ୍ତରୀୟ ଏହି ପ୍ରତିଯୋଗିତାରେ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ଦୁଇଟି ବର୍ଗରେ ୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କନିଷ୍ଠ ବର୍ଗରେ ସେଣ୍ଟ ଜୋସ୍ଫର ପ୍ରକିତି ପଣ୍ଡା, ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ରର ମନମୋହନ ବେହେରା, ବୀର ସୁରେନ୍ଦ୍ର ସାଏ ଇଂରାଜୀ ବିଦ୍ୟାଳୟର ଶ୍ରୀସୋମ ପାଢୀ, ଶ୍ରୀଅରବିନ୍ଦ ସ୍କୁଲର ଚିନ୍ମୟୀ ସାହୁ ଓ ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ମନ୍ଦିରର ନୟନୀ ପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଅନୁରୂପ ଭାବେ ବରିଷ୍ଠ ବର୍ଗରେ ଦୟାନନ୍ଦ ପବ୍ଲିକ ସ୍କୁଲର ପ୍ରିୟଲ ବେହେରା ପ୍ରଥମ, ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ରର ସୁଶ୍ରୀ ଶ୍ରଦ୍ଧା ମିଶ୍ର ଦ୍ୱିତୀୟ, ବିକାଶ ଦି କନସେପ୍ଟ ସ୍କୁଲର ସୌମ୍ୟା ମିଶ୍ର ତୃତୀୟ, ଲେଡିଲୁଇଜ ବାଳିକା ବିଦ୍ୟାଳୟର ଶ୍ରୀୟା ମହାରଣା ଚତୁର୍ଥ ଓ ବିକାଶ ଦି କନସେପ୍ଟ ସ୍କୁଲର ଆରିୟାନା ଜିନ୍ଦଲ ପଞ୍ଚମ ସ୍ଥାନ ହାସଲ କରିଛନ୍ତି। ବିଭୂତି ପଟ୍ଟନାୟକ, ବ୍ରଜେନ୍ଦ୍ର ନାୟକ ଓ ତ୍ରିଲୋଚନ ତ୍ରିପାଠୀ ବିଚାରକ ଭାବରେ ଦାୟିତ୍ୱ ତୁଲାଇଥିଲେ। ଶ୍ରୀକାନ୍ତ ବାରିକ ଓ ସୁରେନ୍ଦ୍ର ବାଗ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଅନୁଷ୍ଠାନର ଉପସଭାପତି ଶିବନାରାୟଣ ପାଣିଗ୍ରାହୀ ପ୍ରତିଯୋଗୀ ଓ ବିଚାରକମାନଙ୍କୁ ସ୍ୱାଗତ କରଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ପ୍ରଫୁଲ୍ଲ କୁମାର ହୋତା, ପୂର୍ବତନ ସମ୍ପାଦକ ରାମାନୁଜ ପଣ୍ଡା ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଉପସଭାପତି ସୂର୍ଯ୍ୟ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ଦୀନବନ୍ଧୁ ପଣ୍ଡା ମୂଲ୍ୟାଙ୍କନ କାର୍ଯ୍ୟରେ ବିଚାରକମାନଙ୍କୁ ସହଯୋଗ କରିଥିଲେ। ଦିଲୀପ କୁମାର ବଘାର, ଲଳିତ ମୋହନ ବେବର୍ତ୍ତା, କୃଷ୍ଣଚନ୍ଦ୍ର ବାଗ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ସମ୍ବଲପୁରରେ ଅନୁଷ୍ଠିତ ସଙ୍ଗୀତ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଓ ଅତିଥି।

# ପଞ୍ଚାୟତ ଅଫିସ ଘେରିଲା ଭାଜପା

**ରାଜ୍ୟପାଳଙ୍କୁ ସ୍ମାରକପତ୍ର**



ବାବୁନିକ୍ତିମାଲ ପଞ୍ଚାୟତର ଜିଆରଏସଙ୍କୁ ଦାବିପତ୍ର ଦିଆଯାଉଛି।

**କୁଚିଣ୍ଡା, ୨୦।୮(ବିରଞ୍ଚି ଦର୍ଶୀ)** ସମ୍ବଲପୁର ଜିଲା କୁଚିଣ୍ଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେଶାଇବାହାଲ ମଣ୍ଡଳ ଭାଜପା ପକ୍ଷରୁ ବିଭିନ୍ନ ଦାବି ନେଇ ବାମରା ବ୍ଲକର ବାବୁନିକ୍ତିମାଲ ଓ ତୁରେଇ ପଞ୍ଚାୟତ ଅଫିସ ଘେରାଉ କରାଯାଇଛି। ପୂର୍ବତନ ବିଧାୟକ ରବିନାରାୟଣ ନାୟକଙ୍କ ନେତୃତ୍ୱରେ ଶନିବାର ଏହି ଦୁଇ ପଞ୍ଚାୟତ ଅଫିସ ଘେରାଉ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବିଜେଡି ସରକାର ଅମଳରେ ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ଉପଖଣ୍ଡର ସେଭଳି କୌଣସି ଆଖିଦୃଶିଆ ବିକାଶ ହୋଇନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାରେ ଚଞ୍ଚକତା କରାଯାଉଛି। ଅଞ୍ଚଳରେ ଯୋଗ୍ୟ ହିତାଧିକାରୀଙ୍କୁ ଘର ଦିଆ ନ ଯାଇ ଅଯୋଗ୍ୟଙ୍କୁ ଘର ଦିଆଯାଇଛି। ଏଣୁ ଯୋଗ୍ୟ ହିତାଧିକାରୀଙ୍କୁ ଯଥାଶୀଘ୍ର ଘର, ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାର୍ଯ୍ୟରତ ଶ୍ରମିକଙ୍କୁ ତୁରନ୍ତ ପାଉଣା ପ୍ରଦାନ, ବିଦ୍ୟୁତ୍ ଦର କମାଇବା ସହ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଣ, ଜଙ୍ଗଲଜାତ ଦ୍ରବ୍ୟର ଉଚିତ ମୂଲ୍ୟ, କୁଚିଣ୍ଡାକୁ ଆଦିବାସୀ ଜିଲା କରିବା ଆଦି ଦାବିରେ ଭାଜପା ଏହି ଉଭୟ ପଞ୍ଚାୟତରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ପରେ ଉଭୟ ପଞ୍ଚାୟତର ଜିଆରଏସଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନରେ ପୂର୍ବତନ ବିଧାୟକ ନାଏକଙ୍କ ସହ ମଣ୍ଡଳ ସଭାପତି ସୁନୀଲ ଦାସ, ପୂର୍ବତନ ସରପଞ୍ଚ ଗିରିଶ ଚନ୍ଦ୍ର ସା, ସୁଶୀଲ ପୃଷ୍ଠେଠ, ଦାଶରଥି ଧୁରୁଆ, ସୁକାନ୍ତ ପଟେଲ, ସୁଶୀଲ ନାଏକଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

# ବଜାରରେ ଲର୍ଡସ୍ ଅଟୋମେଟିଭ୍‌ର ଇଭି ରେଞ୍ଜ

ଭୁବନେଶ୍ୱର,୨୦।୮ (ଅଭୟ ଦାଶ)



ଦେଶର ପ୍ରମୁଖ ଇଲେକ୍ଟ୍ରିକ୍ ଭେହିକିଲ (ଇଭି) ନିର୍ମାତା ତଥା ଲର୍ଡସ୍ ମାର୍କ ଇଣ୍ଡଷ୍ଟ୍ରିଜ୍‌ର ସହାୟକ କମ୍ପାନୀ ଲର୍ଡସ୍ ଅଟୋମେଟିଭ୍ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ଇଭି ରେଞ୍ଜକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏପରିକି କମ୍ପାନୀ ଏକା ସାଙ୍ଗରେ ୮ଟି ଇଭି ମଡେଲକୁ ବଜାର ପ୍ରବେଶ କରାଇଛି। ବିଶେଷକରି ଲର୍ଡସ୍ ଅଟୋମେଟିଭ୍‌ର ୬ଟି ତିନିଚକିଆ ଇଭି ମଡେଲ ଯଥା ଲର୍ଡସ୍ କିଙ୍ଗ୍ ଇ-ରିକ୍ସା, ଲର୍ଡସ୍ ସମ୍ରାଟ ଇ-ଲୋଡର, ଲର୍ଡସ୍ ସବାରି ବଟର ଫ୍ଲାଏ ଇ-ରିକ୍ସା, ଲର୍ଡସ୍ ଗତି ବଟର ଫ୍ଲାଇ ଇ-ଲୋଡର, ଭିନ୍ନକ୍ଷମଙ୍କ ପାଇଁ ବିଶେଷ ଭାବେ ଡିଜାଇନ କରାଯାଇଥିବା ଲର୍ଡସ୍ ଗ୍ରେସ୍ ଇ-ରିକ୍ସା ଏବଂ ଲର୍ଡସ ସ୍ୱଚ୍ଛ ଯାନ ଇ-ଗାର୍ବେଜ୍ ହୋଇଥିବାବେଳେ ୨ଟି ହାଇସ୍ପିଡ୍ ଦୁଇ ଚକିଆ ବିଦ୍ୟୁତ୍‌ଚାଳିତ ସ୍କୁଟର ମଡେଲ ଲର୍ଡସ୍ ହାଇସ୍ପିଡ୍ ଇ-ସ୍କୁଟର ଏବଂ ଲର୍ଡସ୍ ପ୍ରାଇମ୍ ହାଇସ୍ପିଡ୍ ଇ-କାର୍ଗୋ ସ୍କୁଟର ମଧ୍ୟ କମ୍ପାନୀ ବଜାରକୁ ଛାଡ଼ିଛି। ଏପରିକି ଉପରୋକ୍ତ ଗାଡ଼ିଗୁଡ଼ିକର ମୂଲ୍ୟ ୪୯,୯୯୯ ରୁ ୧,୭୫,୦୦୦ ଟଙ୍କା ମଧ୍ୟରେ ରହିଛି।

ଏ ସମ୍ପର୍କରେ ଲର୍ଡସ୍ ମାର୍କ ଇଣ୍ଡଷ୍ଟ୍ରିଜ୍ ପ୍ରା.ଲି.ର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ସଚ୍ଚିଦାନନ୍ଦ ଉପାଧ୍ୟାୟ କହିଛନ୍ତି, ଦେଶରେ ବିଦ୍ୟୁତ୍‌ଚାଳିତ ଯାନ କ୍ଷେତ୍ରରେ ବିପ୍ଳବ ଆଣିବା ଆମର ଲକ୍ଷ୍ୟ ହୋଇଥିବାବେଳେ ଯାତ୍ରୀ ଏବଂ ମାଲ ପରିବହନ କ୍ଷେତ୍ରରେ ମଧ୍ୟ ଭାରତରେ ଇଭି ବିକାଶ ପୁନଃ ପରିଭାଷିତ ହେବ। ଏକ ନିରାପଦ,ଭରସାଯୋଗ୍ୟ ଏବଂ ଦୀର୍ଘସ୍ଥାୟୀ ପରିବହନ ସମାଧାନ ଯୋଗାଇଦେବା ପାଇଁ ଆମେ ସବୁ ପ୍ରକାର ସରକାରୀ ସୁବିଧା ଓ ବିକାଶ ଉପରେ ଧ୍ୟାନଦେବା ସହ ଗ୍ରାହକଙ୍କ ଚାହିଦା ଏବଂ ଇଭି ପ୍ରଯୁକ୍ତି କ୍ଷେତ୍ରରେ ମଧ୍ୟ ପ୍ରଗତି ଜାରି ରଖିଛୁ। ବିଶେଷକରି ୮ଟି ଅତ୍ୟାଧୁନିକ ଇଭି ବଜାରକୁ ଆଣିବା ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ଲର୍ଡସ୍ ଅଟୋମେଟିଭ୍ ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ଡ. ବୀର ସିଂ କହିଛନ୍ତି, ଉତ୍ପାଦନ କ୍ଷମତା ଏବଂ ପ୍ରତ୍ୟେକ ଗ୍ରାହକଙ୍କୁ ଶ୍ରେଷ୍ଠ ପରିବହନ ସମାଧାନ ସୁନିଶ୍ଚିତ କରୁଥିବାବେଳେ ୨୪ ଘଣ୍ଟିଆ ଗ୍ରାହକ ସେବା କାରଣରୁ ବଜାର ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଲର୍ଡସ୍ ଅଟୋମେଟିଭ୍ ଆଗରେ ରହିଛି। ଏପରିକି ୮ଟି ଆଧୁନିକ ଇଭି ବଜାରକୁ ଅଣାଯିବା ଆମର ପରିବର୍ଦ୍ଧିତ କ୍ଷମତାକୁ ଦର୍ଶାଉଛି। ଅପରପକ୍ଷରେ ଉପରୋକ୍ତ ଇଭିର ସହାୟକ ସରଞ୍ଜାମ କମ୍ପାନୀର ଡିଲର ଓ ବିତରକ ନେଟ୍‌ୱର୍କରେ ଉପଲବ୍ଧ ହୋଇପାରିଛି। ଲର୍ଡସ୍ ଅଟୋମେଟିଭ୍ ପ୍ରାଇଭେଟ୍ ଲିମିଟେଡ୍ ୨୦୨୦ ଅକ୍ଟୋବରରେ ଲର୍ଡସ୍ ଜୁମ୍ ନାମରେ ନିଜର ପ୍ରଥମ ଇଲେକ୍ଟ୍ରିକ୍ ସ୍କୁଟର ଆରମ୍ଭ କରିଥିଲା ଏବଂ ଇଭି କ୍ଷେତ୍ରରେ ନିଜକୁ ଏକ ଅଗ୍ରଣୀ ସଂସ୍ଥା ଭାବେ ପ୍ରତିଷ୍ଠିତ କରିଥିଲା।

## ଏମ୍‌ଆଇ ଷ୍ଟୋର୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୦।୮

ସାଓମି ଇଣ୍ଡିଆର ଆଉ ଏକ ଏକ୍ସକ୍ଲୁସିଭ ଏମ୍‌ଆଇ ଷ୍ଟୋର ନିକଟରେ ବାଲେଶ୍ୱରଠାରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଚଳିତବର୍ଷର ପାର୍ବଣ କାରବାରକୁ ଆଖି ଆଗରେ ରଖି କମ୍ପାନୀ ବାଲେଶ୍ୱରରେ ଉକ୍ତ ଷ୍ଟୋରର ଆନୁଷ୍ଠାନିକ ଶୁଭାରମ୍ଭ କରିଥିବାବେଳେ ପାର୍ବଣ ପୂର୍ବରୁ ବ୍ରାଣ୍ଡର ରିଟେଲ୍ ନେଟ୍‌ୱର୍କକୁ ସୁଦୃଢ଼ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରି କି ବ୍ରାଣ୍ଡର ଏହି ଅଫ୍‌ଲାଇନ୍ ସମ୍ପ୍ରସାରଣ ଉପଭୋକ୍ତାଙ୍କୁ ବ୍ୟାପକ ସମ୍ଭାରର ଅନୁଭୂତି ଏବଂ ସାଓମି ଇଣ୍ଡିଆର ପ୍ରିମିୟମ ସ୍ମାର୍ଟଫୋନ୍, ସୁଲଭ ସ୍ମାର୍ଟଫୋନ୍ ଓ ଲାଇଫ ଷ୍ଟାଇଲ ପ୍ରଡକ୍ଟ ପୋର୍ଟଫୋଲିଓ ସହିତ ଗଭୀର ନିୟୋଜନ ପ୍ରଦାନ କରୁଛି। ଇଣ୍ଟରାକ୍ଟିଭ୍ ଡେମୋ ଓ ବିଶେଷଜ୍ଞଙ୍କ ମାର୍ଗଦର୍ଶନ ସହିତ ଗ୍ରାହକମାନେ ସାଓମିର ନୂତନ ଟେକ୍ନୋଲୋଜିଗୁଡ଼ିକୁ ବୁଝିପାରିବେ ଓ ଅନୁଭବ କରିପାରିବେ ଏବଂ ଏହି ଷ୍ଟୋରଗୁଡ଼ିକରେ ଏକ ସନ୍ତୋଷଜନକ ଶପିଂ ଅନୁଭୂତି ଉପଭୋଗ କରିପାରିବେ।

## ରାମ୍‌କୋ ମାସନ କ୍ଲବ୍‌ର ପୁରସ୍କାର ଉତ୍ସବ



ଭୁବନେଶ୍ୱର,୨୦।୮

ଦେଶର ପ୍ରମୁଖ ସିମେଣ୍ଟ କମ୍ପାନୀ ରାମ୍‌କୋ ସିମେଣ୍ଟ ଲିମିଟେଡ୍‌ର ସାମାଜିକ ପ୍ରତିଷ୍ଠାନ ରାମ୍‌କୋ ମାସନ କ୍ଲବର ବାର୍ଷିକ ପୁରସ୍କାର ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀର ଡିଜିଏମ୍ (ମାର୍କେଟିଂ) ରଞ୍ଜନ ସାହୁ, ଚଣ୍ଡିପ୍ରସାଦ ମହାନ୍ତିଙ୍କ ସମେତ ସୁରେଶ କୁମାର ପଣ୍ଡା, ସିଦ୍ଧାର୍ଥ ଶଙ୍କର ସାହୁ, ସୌମ୍ୟରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏ ସମ୍ପର୍କରେ କମ୍ପାନୀର ଓଡ଼ିଶା ହେଡ୍ ପ୍ରତୀକ ରାୟ କହିଥିଲେ, କମ୍ପାନୀ ମାସନମାନଙ୍କର ବିକାଶ ଓ ଭିତ୍ତିଭୂମି ଓ ଦକ୍ଷତା ବିକାଶ ଦିଗରେ ଅନେକ ପ୍ରକାର କାର୍ଯ୍ୟ କରୁଛି। ଏପରିକି ମାସନମାନେ ରାଜ୍ୟ ଓ ଶିଳ୍ପର ବିକାଶ ପାଇଁ ଅନେକ କାର୍ଯ୍ୟ କରୁଛନ୍ତି। ସେହିଭଳି ଉକ୍ତ କାର୍ଯ୍ୟକ୍ରମରେ ଉଭୟ ପୁରୀ, ନୟାଗଡ଼ ଓ ଖୋର୍ଦ୍ଧା ଜିଲାର ମାସନମାନଙ୍କୁ ବିଭିନ୍ନ ପ୍ରକାର ଉପହାର ଦିଆଯାଇଥିଲା। ବିଶେଷକରି ଓଡ଼ିଶାର ୨୫ ଜିଲାରେ ୭୦୦୦ରୁ ଅଧିକ ରାଜମିସ୍ତ୍ରି (ମାସନ) କ୍ଲବରେ ସାମିଲ ଅଛନ୍ତି।

## ଜେ.କେ.ମହାନ୍ତିଙ୍କୁ ସମ୍ମାନଜନକ ଡକ୍ଟରେଟ୍

ଭୁବନେଶ୍ୱର,୨୦।୮




ରାଜ୍ୟର ଜଣାଶୁଣା ଶିଳ୍ପପତି ତଥା ସ୍ୱସ୍ତି ଗ୍ରୁପ୍‌ର ସିଏମ୍‌ଡି ଜେ.କେ.ମହାନ୍ତିଙ୍କୁ ଶନିବାର ସମ୍ମାନଜନକ ଡକ୍ଟରେଟ୍ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କିଟ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟର ୧୯ ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମହାନ୍ତିଙ୍କୁ ଡିଗ୍ରୀ ଅଫ୍ ଡକ୍ଟରେଟ୍ ଲେଟର(ଅନରିସି କାଜା) ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ମହାନ୍ତି ଉକ୍ତ ଉପାଧି ଗ୍ରହଣ କରିଥିଲେ। ବିଶେଷକରି ଓଡ଼ିଶା ହୋଟେଲ ଏବଂ ଟ୍ରାଭେଲ ଶିଳ୍ପରେ ଦୀର୍ଘ ୪୨ ବର୍ଷର ଅଭିଜ୍ଞତା ଓ ଅବଦାନ ପାଇଁ ମହାନ୍ତିଙ୍କୁ ଏହି ସମ୍ମାନଜନକ ଉପାଧି ଦିଆଯାଇଥିବା କିଟ୍ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ସ୍ୱସ୍ତି ଗ୍ରୁପ୍‌ର ସିଏମ୍‌ଡି ମହାନ୍ତି କହିଥିଲେ, ଏହି ସମ୍ମାନ ଓ ଉପାଧି ଆଗାମୀ ଦିନରେ ଏକ ନୂଆ ଉତ୍ସାହ ଓ ଶକ୍ତି ଯୋଗାଇବ। ଏପରିକି ଦୀର୍ଘ ବର୍ଷର କର୍ମଫଳ ଓ କଠିନ ପରିଶ୍ରମର ଏହା ଫଳ ବୋଲି ମହାନ୍ତି ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମହାନ୍ତି ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶାର ଅଧ୍ୟକ୍ଷ ଥିବାବେଳେ ସ୍ୱସ୍ତି ଗ୍ରୁପ୍‌ର ସିଏମ୍‌ଡି ଭାବେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରୁଛନ୍ତି।

## ଅକ୍ଷୟ ଶକ୍ତି ଉତ୍ସ ବ୍ୟବହାରକୁ ଗୁରୁତ୍ୱ

ଭୁବନେଶ୍ୱର,୨୦।୮



ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅକ୍ଷୟ ଉର୍ଜ୍ଜା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପୁନଃନବୀକରଣ ଯୋଗ୍ୟ ଶକ୍ତି ଏବଂ ଜୈବ ଇନ୍ଧନ ଭଳି ସ୍ଥାୟୀ ବିକଳ୍ପ ସହିତ ଶକ୍ତି ପୋର୍ଟଫୋଲିଓକୁ ବିବିଧ କରିବା ଲାଗି ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାକୁ ଦର୍ଶାଇଛି। ବିଶେଷ କରି ଏହି ଲକ୍ଷ୍ୟ ଦିଗରେ କମ୍ପାନି ୧୩୩୫ ମେଗାୱାଟରୁ ଅଧିକ ଅକ୍ଷୟ ଶକ୍ତି ଉତ୍ସ ବ୍ୟବହାର କରିବାକୁ ଦୀର୍ଘ କାଳୀନ ଶକ୍ତି ବିତରଣ ଚୁକ୍ତି ସ୍ୱାକ୍ଷର କରିଛି। ଫଳରେ ଏହା ଉଭୟ ସ୍ତର ଓ ପବନ ଶକ୍ତିର ମିଶ୍ରଣକୁ ନେଇ ଗଠିତ ହେବ। ଯାହା ଓଡ଼ିଶା ଓ ଛତିଶଗଡ଼ ଭଳି ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ବେଦାନ୍ତ ଆଲୁମିନିୟମର କାର୍ଯ୍ୟପରିସରକୁ ଶକ୍ତି ଯୋଗାଇବାରେ ସହଯୋଗ କରିବ। ସେହିଭଳି ଏହା ମଧ୍ୟ ଗ୍ରୀନ ହାଉସ ଗ୍ୟାସ ନିର୍ଗମନକୁ ୩.୨ଟନ ସିଓ୨ର ହ୍ରାସ କରିବ। ଯାହା ବେଦାନ୍ତର ଡିକାର୍ବନାଇଜେସନ ଲକ୍ଷ୍ୟରେ ଏକ ବଡ଼ ଯୋଗଦାନ ଦେବ। ସେହିପରି ଉକ୍ତ ଦିବସର ଏକ ନୂଆ ପଦକ୍ଷେପ ଯାହାକି ୨୦୦୪ ରେ ଭାରତ ସରକାରଙ୍କ ପଦକ୍ଷେପ ନୂତନ ତଥା ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ ହୋଇଥିଲା। ବିଶେଷ କରି ବେଦାନ୍ତର ବାଲକୋ (ଛତିଶଗଡ଼) ୟୁନିଟ ଏବଂ ଝାରସୁଗୁଡ଼ା (ଓଡିଶା)ର ଏକ ସହାୟକ କମ୍ପାନି ସମେତ କୃଷି ଅବଶେଷାଂଶରୁ ଉତ୍ପାଦିତ ବାୟୋମାସ ପେଲେଟ ଏବଂ ବ୍ରିକେଟ ବ୍ୟବହାରକୁ କମ୍ପାନି ଗ୍ରହଣ କରୁଛି। ବିଗତ ୨ବର୍ଷ ମଧ୍ୟରେ କମ୍ପାନି ବିଭିନ୍ନ କାର୍ଯ୍ୟରେ ଇନ୍ଧନ ବ୍ୟବହାରକୁ ସଫଳତାର ସହ ପାଇଲଟ କରିଛି। ବେଦାନ୍ତ ଆଲୁମିନିୟମ ୧୧.୨୯ କୋଟି ଜୈବ ଇନ୍ଧନ ବ୍ୟବହାର କରିଛି,ଯାହା ଦ୍ୱାରା ଇନ୍ଧନ ବ୍ୟବହାରରୁ ୧୬.୦୭ଟନ ସିଓ୨ ନିର୍ଗମନ ହ୍ରାସ ପାଇଛି।

## ସେନ୍ଥିଲି କୁମାର ଆଇଓସିଏଲ୍ ବୋର୍ଡର ଡାଇରେକ୍ଟର

ଭୁବନେଶ୍ୱର,୨୦।୮


ସେନ୍ଥିଲି କୁମାର ଏନ୍

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ତଥା ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍)ବୋର୍ଡର ନିର୍ଦ୍ଦେଶକ (ପାଇପଲାଇନ) ଭାବେ ସେନ୍ଥିଲି କୁମାର ଏନ୍ ନିକଟରେ ଯୋଗଦେଇଛନ୍ତି। ଏ ନେଇ ବୋର୍ଡ ପକ୍ଷରୁ ମଧ୍ୟ ଏକ ପ୍ରେସ୍ ବିଜ୍ଞପ୍ତିରେ ବିସ୍ତୃତ ସୂଚନା ଦିଆଯାଇଛି। ଏହା ପୂର୍ବରୁ ସେନ୍ଥିଲି ଆଇଓସିଏଲ୍‌ର ପାଇପଲାଇନ ଡିଭିଜନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅପରେଶନ) ଭାବେ କାର୍ଯ୍ୟ କରୁଥିଲେ। ଦୀର୍ଘ ୩୩ ବର୍ଷର ଅଭିଜ୍ଞତା ସାଙ୍ଗକୁ ଦକ୍ଷ ଓ ନିର୍ଭୀକ ଅଧିକାରୀ ଭାବେ ସେ ବେଶ୍ ପରିଚିତ। ସେହିଭଳି ସେନ୍ଥିଲି କମ୍ପାନୀର ପାଇପଲାଇନ ଡିଭିଜନର ଭିତ୍ତିଭୂମି ସାଙ୍ଗକୁ ବିକାଶ ଦିଗରେ ମଧ୍ୟ କାର୍ଯ୍ୟ କରିବେ। ଏପରିକି ୧୮,୫୦୦ କି.ମି. ଲମ୍ବର ନେଟ୍‌ୱର୍କର ସମସ୍ତ ଦାୟିତ୍ୱ ବର୍ତ୍ତମାନ ସେନ୍ଥିଲିଙ୍କ ଉପରେ ନିର୍ଭର କରୁଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

## ଫୁର୍‌ସତ୍

# ତରଳୁଥିବା ହିମବାହ ପାଇଁ ନୂଆ ପରିବେଶ

ନୂଆଦିଲ୍ଲୀ



ନିକଟରେ ଗବେଷକମାନେ କହିଛନ୍ତି, ତରଳୁଥିବା ହିମବାହ (ଗ୍ଲାସିୟର) ୨୧୦୦ ସୁଦ୍ଧା ନେପାଳ ଏବଂ ଫିନ୍‌ଲାଣ୍ଡର ଆକାର ମଧ୍ୟରେ ଏକ ନୂଆ ଇକୋସିଷ୍ଟମ (ଜୀବ ସମୁଦାୟ ଓ ଏହାର ପରିବେଶ) ସୃଷ୍ଟି କରିପାରେ। ପ୍ରକୃତି ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରୁ ସେମାନେ କହିଛନ୍ତି, ଆଣ୍ଟାର୍କଟିକା ଏବଂ ଗ୍ରୀନ୍‌ଲ୍ୟାଣ୍ଡ ବରଫ ସିଟ୍ ବାହାରେ ଥିବା ମାନବୀୟ ଜଳବାୟୁ ପରିବର୍ତ୍ତନ ହେତୁ ଅଧା ହୋଇପାରେ। ଏହି ଗ୍ଲାସିୟର ତରଳିବା ଏକ ଦ୍ରୁତ ପରିବେଶଗତ ପରିବର୍ତ୍ତନ ଆଣିପାରେ। କାରଣ ପରିବେଶଗୁଡ଼ିକ ଉଦୀୟମାନ ନୂତନ ବାସସ୍ଥାନ ପୂରଣ କରିବାକୁ ବିକଶିତ ହୁଏ। ତେବେ ବିଶ୍ୱସ୍ତରରେ ଏହି ପରିବର୍ତ୍ତନ ବିଶ୍ଳେଷଣର ଅଭାବ ରହିଛି ବୋଲି ସେମାନେ କହିଛନ୍ତି। ଫ୍ରାନ୍ସ ହାଉଟ୍ ସାଭୋଇର ଜାନ୍ ବାପିଷ୍ଟ ବୋଶନ ଏବଂ ତାଙ୍କ ସହଯୋଗୀ ଗ୍ରୀନ୍‌ଲ୍ୟାଣ୍ଡ ବାହାରେ ଥିବା ୬୫୦ ହଜାର ବର୍ଗ କିଲୋମିଟରର ପୂର୍ବାନୁମାନ କରାଯାଇଥିବା ଏକ ବିଂଶ ଶତାବ୍ଦୀର ଟ୍ରାଜେକ୍ଟୋରିକୁ ଯାଞ୍ଚ କରିବା ପାଇଁ ଏକ ବିଶ୍ୱସ୍ତରୀୟ ହିମବାହ ବିବର୍ତ୍ତନ ମଡେଲ ବ୍ୟବହାର କରିଥିଲେ। ୨୦୪୦ ପର୍ଯ୍ୟନ୍ତ ଜଳବାୟୁ ପରିବର୍ତ୍ତନ ପରିସ୍ଥିତିକୁ ଖାତିର ନ କରି ଡିଗ୍ଲେସିଏଶନ ଏବଂ ହିମବାହ ରିଟ୍ରେଟ୍ ସମାନ ହାରରେ ଘଟିବ, ମଡେଲିଂ ହିମବାହ ବାହ୍ୟରେଖା, ସବ୍‌ଗ୍ଲାସିଆଲ୍ ଭୂଖଣ୍ଡ ଡିଜିଟାଲ ଉଚ୍ଚତା ମଡେଲ ଏବଂ ଜଳବାୟୁ ତଥ୍ୟ ବ୍ୟବହାର କରି ପୂର୍ବାନୁମାନ କରିଥିଲେ। ଅନୁସନ୍ଧାନକାରୀମାନେ କହିଛନ୍ତି, ଏକ ଉଚ୍ଚ ନିର୍ଗମନ ପରିପ୍ରେକ୍ଷୀରେ ୨୦୭୫ ସୁଦ୍ଧା ବିଶ୍ୱ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ୩ ଗୁଣ ହେବା ସହ ୨୦୨୦ ହିମବାହ ଅଞ୍ଚଳ ପ୍ରାୟ ୨୦୧୧ ସୁଦ୍ଧା ଅଧା ନଷ୍ଟ ହୋଇପାରେ। ଶତାବ୍ଦୀର ଶେଷସୁଦ୍ଧା ନେପାଳ ଓ ଫିନ୍‌ଲାଣ୍ଡର ଆକାର ମଧ୍ୟରେ ଥିବା ଏକ ଅଞ୍ଚଳର ଗ୍ଲାସିଆଲ୍ ତରଳିବାର ଏହା ପୂର୍ବାନୁମାନ କରିଛି।

# ସେପ୍ଟେମ୍ବର ୨୫ରେ ବିବାହ କରିବେ ପରିଣୀତି

ମୁମ୍ବାଇ



ଅଭିନେତ୍ରୀ ପରିଣୀତି ଚୋପ୍ରା ଏବଂ ଆପ୍ ଲିଡର ରାଘବ ଚଢାଙ୍କ ନିକଟରେ ନିର୍ବନ୍ଧ ସରିଥିବାବେଳେ ସେମାନଙ୍କ ବିବାହକୁ ନେଇ କଳ୍ପନାଜଳ୍ପନା ଚାଲିଥିଲା। ଏହା ମଧ୍ୟରେ ଦୁହିଁଙ୍କ ବିବାହ ତାରିଖ ସାମ୍ନାକୁ ଆସିଛି। ମିଡିଆ ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ସେପ୍ଟେମ୍ବର ୨୫ ତାରିଖରେ ଦୁହେଁ ବିବାହ ବନ୍ଧନରେ ବାନ୍ଧିହେବେ। ହେଲେ ଏନେଇ ଉଭୟଙ୍କ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ। ବିବାହର ରୀତିନୀତି ସପ୍ତାହେ ପୂର୍ବରୁ ଆରମ୍ଭ ହେବ। ଉଭୟ ପୂର୍ଣ୍ଣ ରୀତିନୀତି ସହିତ ଏକ ବିରାଟ ଢଙ୍ଗରେ ରାଜସ୍ଥାନରେ ବିବାହ କରିବେ। ଦୁହିଁଙ୍କ ପରିବାର ସଦସ୍ୟଙ୍କ ସହ ବିଶେଷ ବନ୍ଧୁ, ଚଳଚ୍ଚିତ୍ର ଶିଳ୍ପୀ ଏବଂ କିଛି ରାଜନୈତିକ ବ୍ୟକ୍ତି ଏହି ବିବାହରେ ଯୋଗଦେବେ। ଏନେଇ ଉଭୟ ରାଘବ-ପରିଣୀତି ରାଜସ୍ଥାନର ଉଦୟପୁର ପର୍ଯ୍ୟଟନ ବିଭାଗର ଡେପୁଟି ଡାଇରେକ୍ଟରଙ୍କୁ ଭେଟିଛନ୍ତି। ବିବାହ ପରେ ରିସେପ୍ଶନ ପାର୍ଟି ଗୁରୁଗ୍ରାମରେ କରିବେ ବୋଲି ଜଣାପଡ଼ିଛି। ପରିଣୀତି ୨୦୧୧ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଦମ୍‌ଦାର ଫିଲ୍ମ ମାଧ୍ୟମରେ ଦର୍ଶକଙ୍କ ପ୍ରିୟ ହୋଇପାରିଛନ୍ତି। ଏବେ ତାଙ୍କ ପାଖରେ ଏକ ସିନେମା ରହିଛି, ଯାହା ନିକଟରେ ରିଲିଜ୍ ହେବାକୁ ଯାଉଛି। ଏଥିସହ ସେ ଅନେକ ଟେଲିଭିଜନ ଶୋ', ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ରରେ ମଧ୍ୟ ନଜରକୁ ଆସିଛନ୍ତି।

## ବିବାହ ବାର୍ଷିକୀରେ ଦମ୍ପତିଙ୍କ ମାଉଣ୍ଟ ୱାଶିଂଟନ୍ ଚଢ଼ା



ୱାଶିଂଟନ

ବିବାହ ପରେ ବିବାହ ବାର୍ଷିକକୁ ସମସ୍ତେ ଭଲରେ କାଟିବାକୁ ଚାହାଁନ୍ତି। ଯେପରି ତାହା ସବୁଦିନ ପାଇଁ ମନେରହିବ। ଏଥିପାଇଁ ଦମ୍ପତି ବିଭିନ୍ନ ପ୍ରକାର ଯୋଜନା ମଧ୍ୟ କରିଥାନ୍ତି। ତେବେ ନିକଟରେ ଏକ ଦମ୍ପତି ତାଙ୍କର ୬୬ତମ ବିବାହ ବାର୍ଷିକୀକୁ କିଛି ନୂଆ ଢଙ୍ଗରେ ପାଳନ କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭିଡିଓକୁ ଇନ୍‌ଷ୍ଟାଗ୍ରାମ୍‌ର ଗୁଡ୍‌ନ୍ୟୁଜ୍-ମୋମେଣ୍ଟରୁ ପୋଷ୍ଟ କରାଯାଇଛି। କ୍ୟାପ୍ସନରେ ଲେଖାଯାଇଛି, ୮୮ ବର୍ଷୀୟ ଏବଂ ୮୫ ବର୍ଷୀୟାଙ୍କୁ ୬୬ତମ ବିବାହ ବାର୍ଷିକୀର ଶୁଭକାମନା। ଭିଡିଓ ଦମ୍ପତିଙ୍କୁ ନ୍ୟୁ ହମ୍‌ସିରିର ମାଉଣ୍ଟ ୱାଶିଂଟନ୍‌ରେ ଚଢୁଥିବା ଦେଖିବାକୁ ମିଳିଛି। ବିବାହ ବାର୍ଷିକୀରେ ଉତ୍ତର-ପୂର୍ବ ସଂଯୁକ୍ତ ରାଷ୍ଟ୍ର ଆମେରିକାର ସବୁଠୁ ଉଚ୍ଚତମ ଶୃଙ୍ଗରେ ଚଢି ଖୁସିବ୍ୟକ୍ତ କରିଛନ୍ତି। ଏହି ପର୍ବତ ନ୍ୟୁ ହମ୍‌ସିରିର ଧଳା ମାଉଣ୍ଟେନର ପ୍ରେସିଡେନ୍ସିଆଲ ଅଞ୍ଚଳରେ ଅବସ୍ଥିତ। ପର୍ବତ ଉପରେ ଅନେକ ଟାଉନଶିପ୍ ମଧ୍ୟ ରହିଛି। ତେବେ ପାହାଡ଼ ଉପରେ ବେଶ୍ ଜୋରରେ ପବନ ବୋହୁଥାଏ। ଏକ ସମୟରେ ଏଠାରେ ଘଣ୍ଟା ପ୍ରତି ୨୩୧ ମାଇଲ ପବନ ବୋହୁଥିବା ରେକର୍ଡ କରାଯାଇଛି। ଏହାସତ୍ତ୍ୱେ ପ୍ରତିବର୍ଷ ୨୫୦ ହଜାରରୁ ଅଧିକ ଲୋକ ଏହି ପର୍ବତ ଚଢିବାକୁ ଆସିଥାନ୍ତି। ଏହା ସ୍ଥଳ ଭାଗରୁ ୧ହଜାର ୯୧୬. ୬ ମିଟର ପର୍ଯ୍ୟନ୍ତ ବ୍ୟାପିଛି।

## ସକାଳେ ପୂଜାରୀ, ଅପରାହ୍ନରେ ବାଇକର

ଥିରୁଭାନନ୍ତପୁରମ୍

ସାଧାରଣତଃ ମନ୍ଦିରର ପୂଜାରୀଙ୍କ କଥା ଆସିଲେ ମନରେ ତାଙ୍କ ଧୋତିପିନ୍ଧା ଦୃଶ୍ୟ ସହ ସେ ବୃଦ୍ଧ ହୋଇଥିବା ନଜରକୁ ଆସିଥାଏ। ହେଲେ କେରଳର



ଜଣେ ୩୪ ବର୍ଷୀୟ ପୂଜାରୀ ଏହି ଛବିକୁ ବଦଳାଇ ଦେଇଛନ୍ତି। କେରଳ କୋଟ୍ଟାୟମ୍‌ର ବାସିନ୍ଦା ଉନ୍ନିକୃଷ୍ଣନ ଭିଏଲ୍ ପୁଦୁକୁଲମଗାରା ଦେବୀ ମନ୍ଦିରରେ ପୂଜାରୀ ଅଛନ୍ତି। ସକାଳର ପୂଜାବିଧି ପରେ ସେ ସନ୍ଧ୍ୟାକୁ ଜଣେ ବାଇକର ଭାବେ ଜଣାଶୁଣା। ପୂଜା ପରେ ସେ ତାଙ୍କ ହେଲମେଟ୍, ଜୋତା ଏବଂ ବାଇକ୍ ବାହାର କରି ମନ୍ଦିର ପାଖରେ ଷ୍ଟଣ୍ଟ କରିଥାନ୍ତି। ପ୍ରଥମେ ପ୍ରଥମେ ଭକ୍ତମାନେ ପୂଜାରୀଙ୍କ ଏପରି ରୂପ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ, ହେଲେ ଏବେ ତାହା ତାଙ୍କ ଅଭ୍ୟାସରେ ପଡ଼ିଗଲାଣି। ଉନ୍ନିକୃଷ୍ଣନ ୨୦୦୬-୦୭ ମଧ୍ୟରେ ଷ୍ଟଣ୍ଟ କରିବା ଆରମ୍ଭ କରିଥିଲେ। ୨୦୧୦ରେ ସେ ଯୁକ୍ତ ୩ରେ କମ୍ପ୍ୟୁଟର ସାଇନ୍ସ ସରିବା ପରେ କ୍ୟାମ୍ପସ୍‌ରେ ଚାକିରି ପାଇଥିଲେ। ଏହାର ୩ ବର୍ଷ ପରେ ସେ ଚାକିରି ଛାଡ଼ିଦେଇଥିଲେ। କାରଣ ତାହା ତାଙ୍କର ପସନ୍ଦ ନ ଥିଲା। ପରେ ଉତ୍ତରାଖଣ୍ଡ ଯାତ୍ରାରେ ବାହାରିପଡ଼ିଲେ। ସେଠାରେ ୩୦ ଦିନ ବିତାଇବା ପରେ ତାଙ୍କ ଜୀବନରେ ପରିବର୍ତ୍ତନ ଆସିଥିଲା। ପରେ ସେ ଜଣେ ପୂଜାରୀ ହେବା ସହ ବାଇକ୍ ରେସିଂ, ଷ୍ଟଣ୍ଟର ଇଚ୍ଛାକୁ ପୂରଣ କଲେ। ଭାରତର ସମସ୍ତ ବାଇକ୍ ରେସିଂରେ ଭାଗନେବାକୁ ସେ ଇଚ୍ଛା ରଖିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଶୁଭି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



ଫିଫା ମହିଳା ବିଶ୍ୱକପ ଚାମ୍ପିୟନ ସ୍ପେନ୍ ଦଳ ପଦକ ସହ ଖୁସି ମୁହୂର୍ତ୍ତରେ।

# ଗାଏକ୍ୱାଡଙ୍କ ଦ୍ୱିତୀୟ ଅର୍ଦ୍ଧଶତକ

## ଭାରତ-ଆୟର୍ଲାଣ୍ଡ ଦ୍ୱିତୀୟ ଟି୨୦

ଡବଲିନ୍,୨୦।୮

ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚରେ କ୍ୟାରିୟରର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଛନ୍ତି ଋତୁରାଜ ଗାଏକ୍ୱାଡ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୫ ରନ୍ ସଂଗ୍ରହ କରିଛି। ଉଭୟ ଭାରତ ଓ ଆୟର୍ଲାଣ୍ଡ ଅପରିବର୍ତ୍ତିତ ଏକାଦଶ ସହିତ ପଡିଆକୁ ଓହ୍ଲାଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ଧୂଆଁଧାର ଆରମ୍ଭ କରିଥିଲେ। ଜୟସ୍ୱାଲ ୧୧ ବଲ୍ ଖେଳି ୧୮ ରନ୍ କରିଥିଲେ। ଦଳୀୟ ସ୍କୋର ୨୯ରେ ସେ ପ୍ୟାଭିଲିୟନ ଫେରିଥିବା ବେଳେ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ତିଳକ ବର୍ମା(୧) ବିଫଳ ହୋଇଥିଲେ। ୩୪ ରନ୍‌ରେ ଦୁଇ ଉଇକେଟର ପତନ ପରେ ତୃତୀୟ ଉଇକେଟରେ ୭୧ ରନ୍ ଯୋଡିଥିଲେ ସଞ୍ଜୁ ସାମସନ୍(୪୦) ଋତୁରାଜ ଗାଏକ୍ୱାଡ(୫୮)। ସାମସନ୍ ୨୬ ବଲ୍ ଖେଳି ୫ ଚୌକା ଓ ୧ ଛକା ସହିତ ୪୦ ରନ୍ କରିଥିଲେ। ଟି୨୦ କ୍ୟାରିୟରର ଦ୍ୱିତୀୟ ଅର୍ଦ୍ଧଶତକ ତଥା ସର୍ବୋଚ୍ଚ ସ୍କୋର ହାସଲ କରିଥିବା ଗାଏକ୍ୱାଡ ୪୩ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଥିଲେ। ଦଳୀୟ ସ୍କୋର ୧୨୯ ରନ୍‌ରେ ଋତୁରାଜ ଗାଏକ୍ୱାଡ ଆଉଟ ହେବା ସହିତ ଭାରତର ସ୍କୋରିଂ ହାର ଧୀମେଇ ଯାଇଥିଲା। ତେବେ କ୍ୟାରିୟର ଦ୍ୱିତୀୟ ଟି୨୦ ଖେଳୁଥିବା ରିଙ୍କୁ ସିଂ ପ୍ରଥମ ଥର ବ୍ୟାଟିଂ ପାଇଥିବା ବେଳେ ଧୂଆଁଧାର ୩୮ ରନ୍ କରିବାରୁ ଭାରତ ୧୮୫ ରନ୍‌ରେ ପହଞ୍ଚିଥିଲେ। ୨୧ ବଲ୍‌ର ଇନିଂସରେ ରିଙ୍କୁ ୨ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିବମ ଦୁବେ ୧୬ ବଲ୍‌ରୁ ୨୨ ରନ୍ କରି ଅପରାଜିତ ରହିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ବ୍ୟାରି ମ୍ୟାକାର୍ଥୀ ଦୁଇ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୮୫/୫(ଋତୁରାଜ ଗାଏକ୍ୱାଡ-୫୮, ସଞ୍ଜୁ ସାମସନ୍-୪୦, ରିଙ୍କୁ ସିଂ-୩୮, ବ୍ୟାରୀ ମ୍ୟାକାର୍ଥୀ-୨/୩୬, କ୍ରେଗ୍ ୟଙ୍ଗ-୧/୨୯, ବେଞ୍ଜାମିନ୍ ହ୍ୱାଇଟ୍-୧/୩୩)।

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**





**ଶୁଭବି ମଲ୍ଲିକ (ଶୁଭି)**
ହାଲ୍, ସୁନାବେଢ଼ା

ଆଜି ତୋର ଚତୁର୍ଥ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ଭବିଷ୍ୟତ ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ ଏତିକି କାମନା।
**ଶୁଭେଚ୍ଛା ସହ:** ଜେଜେବାପା, ଜେଜେମା, ଅଜା, ଆଈ, ବାପା, ମା, ବଡ଼ବାପା, ବଡ଼ମା, ଦାଦା, ଖୁଡ଼ୀ, ଭଉଣୀ, ମାମୁ, ମାଇଁ, ମଉସା, ମାଉସୀ ଏବଂ ବନ୍ଧୁ ପ୍ରିୟଜନବର୍ଗ।
ଧ-୧୧୦୧

**CLASSIFIED DISPLAY**
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**SOCIAL SERVICE for JOB ASPIRANTS**
Through Pre-Recruitment Training
**GOVT., PUBLIC & PRIVATE SECTORS**
OUR ASSISTENCE, TILL APPOINTMENT,
**NO TRAINING FEE**
For Details, Contact
**MAJOR DEFENCE ACADEMY**
Dhauli Chhak, Bhubaneswar
Id : majorcdr@rediffmail.com
rautcdr@gmail.com
9938238840, 9938650175

**ଜଗନ୍ନାଥ ଫାଇନାନ୍ସ କମ୍ପାନୀ**
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ,ବ୍ୟବସାୟ ଋଣ, ସମ୍ପତ୍ତି ଋଣ, ଶିକ୍ଷା ଋଣ



କୌଣସି ଫାଇଲ୍ ଚାର୍ଜ ନାହିଁ,
୨% ସୁଧହାର, ୫୦% ସବ୍‌ସିଡି,
ଏଜେଣ୍ଟ ଆମନ୍ତ୍ରିତ, ଠକାମିରୁ ସାବଧାନ।
9667440436

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫିଫା ମହିଳା ବିଶ୍ୱକପ୍: ପ୍ରଥମ ଥର ସ୍ପେନ୍ ଚାମ୍ପିୟନ୍

ସିଡ୍‌ନୀ,୨୦।୮(ପି.ଟି.)

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ମହିଳା ବିଶ୍ୱକପ ଶେଷ ହୋଇଛି। ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ସ୍ପେନ୍ ୟୁରୋ ଚାମ୍ପିୟନ ଇଂଲଣ୍ଡକୁ ୧-୦ରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଉଭୟ ଦଳ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିବା ବେଳେ ଅଧିନାୟିକା ଓଲଗା କାରମୋନାଙ୍କ ଏକମାତ୍ର ଗୋଲ ବଳରେ ଇଂଲଣ୍ଡକୁ ୧-୦ରେ ପରାସ୍ତ କରିଛି ସ୍ପେନ୍। ଏହା ସହିତ ୟୁରୋ ୨୦୨୨ କ୍ୱାର୍ଟର ଫାଇନାଲ ପରାଜୟ ପ୍ରତିଶୋଧ ନେଇଛି ସ୍ପେନ୍। ୧୯୬୬ ପରଠାରୁ ଇଂଲଣ୍ଡ ପୁରୁଷ ଓ ମହିଳା ଦଳ ଟ୍ରଫି ହାସଲରେ ବିଫଳ ହୋଇଥିଲେ। ଚଳିତବର୍ଷ ଅପରାଜେୟ ଭାବରେ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ସ୍ପେନ୍‌ର ରଣନୀତି ଆଗରେ ଦଳ ହାର୍ ମାନିଛି। କ୍ରମାଗତ ଦ୍ୱିତୀୟ ଥର ପାଇଁ ସରିନା ୱିଗ୍‌ମ୍ୟାନଙ୍କ ଦଳ ରନର ଅପ୍ ରହିଛି। ୨୦୧୯ରେ ସରିନାଙ୍କ ଅଧୀନରେ ଖେଳି ନେଦରଲାଣ୍ଡ୍ସ ମଧ୍ୟ ରନର ଅପ୍ ହୋଇଥିଲା। ବିଶ୍ୱର ସପ୍ତମ ଖେଳାଳି ଭାବରେ ବିଶ୍ୱକପ୍‌ର ଉଭୟ ସେମିଫାଇନାଲ ଓ ଫାଇନାଲରେ ସ୍କୋର କରିବାର ରେକର୍ଡ କରିଛନ୍ତି ସ୍ପାନିଶ ଅଧିନାୟିକା ଓଲଗା କାରମୋନା। ୨୩ ବର୍ଷ ୬୯ ଦିନରେ ଗୋଲ ସ୍କୋର କରିବା ସହିତ ଫାଇନାଲରେ ଚତୁର୍ଥ ସର୍ବକନିଷ୍ଠ ଖେଳାଳି ଭାବରେ ଏକ ଫାଇନାଲରେ ସ୍କୋର କରିବାର ରେକର୍ଡ କରିଛନ୍ତି।

ସ୍ପେନ୍ ଦଳ ଆରମ୍ଭରୁ ଛୋଟ ପାସ୍‌ରେ ଖେଳି ଇଂଲଣ୍ଡକୁ ଚାପରେ ରଖିଥିଲା। ମ୍ୟାଚ୍‌ର ପଞ୍ଚମ ମିନିଟରେ ଲରେନ୍ ହେମ୍ପଙ୍କ ଶଟ୍‌କୁ ସ୍ପେନ୍ ଗୋଲ କିପର ଅଟକାଇବାରେ ସମର୍ଥ ହୋଇଥିଲେ। ୧୮ ତମ ମିନିଟରେ ପାରାଉଲେଓ ଏକ ଗୋଲ ସ୍କୋର କରିବାର ନିକଟତର ହୋଇଥିବା ବେଳେ ଇଂଲଣ୍ଡ ଗୋଲି ମେରୀ ଅର୍ପସ୍ ଏହାକୁ ରୋକି ଦେଇଥିଲେ। ୨୯ତମ ମିନିଟରେ ଅଧିନାୟିକା ତଥା ଡିଫେଣ୍ଡର ଓଲଗା କାରମୋନା ସ୍କୋର କରିଥିଲେ। ମାରିଓନା କାଲଡାଣ୍ଟେଙ୍କ ପାସ୍‌କୁ ସେ ଗୋଲରେ ପରିଣତ କରିଥିଲେ। ୧-୦ରେ ଆଗୁଆ ରହିବା ପରେ ସ୍ପେନ୍ ପୁନର୍ବାର ରକ୍ଷଣାତ୍ମକ ଢଙ୍ଗରେ ଖେଳିବା ଆରମ୍ଭ କରିଥିଲା। ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧର ୫୫ତମ ମିନିଟରେ ଲରେନ୍ ହେମ୍ପଙ୍କୁ ୟେଲୋକାର୍ଡ ମିଳିଥିଲା। ୬୬ ତମ ମିନିଟରେ ସ୍ପେନ୍ ନିକଟରେ ୨-୦ରେ ଆଗୁଆ ହେବାର ସୁଯୋଗ ରହିଥିଲେ ମଧ୍ୟ ମେରୀ ଅର୍ପସ ଏହାକୁ ରୋକି ଦେଇଥିଲେ। ରବିବାର ଫାଇନାଲରେ ସ୍ପେନ୍ ନିଜର ଚିରାଚରିତ ଟିକିଟାକା(ଶର୍ଟ ପାସ୍)ରେ ଖେଳି ଇଂଲଣ୍ଡକୁ ଚାପରେ ରଖିଥିଲା। ଦଳ ୫୮ ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲା। ଦଳ ୧୩ ଶଟ୍ ମାରିଥିବା ବେଳେ ଏଥି ମଧ୍ୟରୁ ୫ଟି ଟାର୍ଗେଟରେ ରହିଥିଲା। ଅନ୍ୟପକ୍ଷରେ ରବିବାରର ଫାଇନାଲରେ ଇଂଲଣ୍ଡ ଉପରେ ଭାଗ୍ୟଦେବୀ ପ୍ରସନ୍ନ ନ ଥିଲେ। ଇଂଲଣ୍ଡ ଦଳ ୪ ଥର ସ୍କୋରିଂ ସୁଯୋଗ ପାଇଥିଲେ ମଧ୍ୟ ଏହା ଅଫ୍‌ସାଇଡ୍ ରହିଥିଲା। ଅନ୍ୟପକ୍ଷରେ ସ୍ପେନକୁ ୭ଟି କର୍ନର ମିଳିଥିବା ବେଳେ ଇଂଲଣ୍ଡକୁ ୩ କର୍ନର ମିଳିଥିଲା। ସ୍ପେନ୍ ଖେଳାଳି ବଲ୍‌କୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହୋଇଥିବା ବେଳେ ଇଂଲଣ୍ଡ ଖେଳାଳି ଫାଉଲ୍ ମାରିଥିଲେ। ଇଂଲଣ୍ଡ ଦଳ ପକ୍ଷରୁ ୧୬ ଫାଉଲ୍ ମରାଯାଇଥିବା ବେଳେ ଲରେନ୍ ହେମ୍ପ ୟେଲୋ କାର୍ଡ ପାଇଥିଲେ।

**ସର୍ବାଧିକ ଆସିଷ୍ଟ**
କାଡିଡିଆଟୋଉ ଡିଆନି-୩ (ଫ୍ରାନ୍ସ)
ଲରେନ୍ ଜେମ୍ସ-୩(ଇଂଲଣ୍ଡ)
ମୀନା ଟନାକା-୨(ଜାପାନ)
ଆଇଟାନା ବୋନମାଟି-୨(ସ୍ପେନ୍)
ଆଓବା ଫୁଜିନୋ-୨(ଜାପାନ)।







ଗୋଲଡେନ୍ ବଲ୍ ପୁରସ୍କାର ସହ ଆଇଟାନା ବୋନମାଟି। ଗୋଲଡେନ୍ ଗ୍ଲୋଭ୍ ବିଜୟିନୀ ମେରୀ ଅର୍ପସ୍। ଶ୍ରେଷ୍ଠ ଯୁବ ଖେଳାଳି ସଲ୍‌ମା ପାରାଉଲେଓ।

# ଜର୍ମାନୀଠାରୁ ହାରିଲା ଭାରତ

## ଜୁନିୟର ପୁରୁଷ ହକି

**ଡସେଲଡର୍ଫ, ୨୦।୮ (ପି.ଟି.):** ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟରେ ଭାରତ ୨-୩ ଗୋଲ୍‌ରେ ଜର୍ମାନୀଠାରୁ ହାରିଯାଇଛି। ଭାରତ ପକ୍ଷରୁ ଚିର୍ମାକୋ (୭ମ ଓ ୬୦ତମ ମିନିଟ୍) ୨ଟି ଗୋଲ ସ୍କୋର କରିଥିବା ବେଳେ ଜର୍ମାନୀ ପକ୍ଷରୁ ମାଇକେଲ ଷ୍ଟୁଥଫ୍ (୪୧ତମ), ବେନ୍ ହାସ୍‌ବ୍ୟାଚ୍ (୫୩ତମ) ଓ ଫ୍ଲୋରିଆନ ସ୍ପରଲିଂ (୫୫ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ମ୍ୟାଚର ୭ମ ମିନିଟରେ ଚିର୍ମାକୋଙ୍କ ଗୋଲ ବଳରେ ଭାରତ ପ୍ରଥମାର୍ଦ୍ଧ ଖେଳ ସୁଦ୍ଧା ୧-୦ରେ ଅଗ୍ରଣୀ ରହିଥିଲା। ସୂଚନାଯୋଗ୍ୟ, ଭାରତ ଏହାର ପୂର୍ବ ମ୍ୟାଚରେ ସ୍ପେନକୁ ୬-୨ ଗୋଲ୍‌ରେ ପରାସ୍ତ କରିଥିଲା। ଭାରତ ସୋମବାର ଏହାର ପରବର୍ତ୍ତୀ ମ୍ୟାଚ ଇଂଲଣ୍ଡ ବିପକ୍ଷରେ ଖେଳିବ।

# ସର୍ବେଶ ହାଇଜମ୍ପ, ସନ୍ତୋଷ ୪୦୦ମିଟର ହର୍ଡଲ୍ସରୁ ବାହାର

ବୁଦାପେଷ୍ଟ, ୨୦।୮ (ପି.ଟି.)

ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ଆଥଲେଟଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ରବିବାର ଦ୍ୱିତୀୟ ଦିବସରେ ସନ୍ତୋଷ କୁମାର ତାମିଲାରସନ ଓ ସର୍ବେଶ ଅନୀଲ କୁଶାରେ ଯଥାକ୍ରମେ ୪୦୦ମିଟର ହର୍ଡଲ୍ସ ହିଟ୍ ରେସ୍ ଓ ହାଇଜମ୍ପ କ୍ୱାଲିଫିକେଶନ ରାଉଣ୍ଡରୁ ବିଦାୟ ନେଇଛନ୍ତି। ହିଟ୍ ନମ୍ବର ୩ରେ ତାମିଲାରାସନ ୫୦.୪୬ ସେକେଣ୍ଡ ଟାଇମିଂ ସହ ୭ମ ସ୍ଥାନ ଅଧିକାର କରିବାକରୁ ସେମିଫାଇନାଲ ରାଉଣ୍ଡରେ ପ୍ରବେଶ କରିପାରି ନ ଥିଲେ। ୫ଟି ହିଟ୍‌ରେ ପ୍ରତ୍ୟେକରୁ ଶ୍ରେଷ୍ଠ ୪ ଫିନିଶର ଏବଂ ଅନ୍ୟ ୪ ଦ୍ରୁତତମ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥାନ୍ତି। କୁଶାରେ ତାଙ୍କର ୩ଟି ପ୍ରୟାସରେ ୨.୨୫ ମିଟର କ୍ଲିୟର କରିବାରେ ବିଫଳ ହୋଇଥିଲେ। ଗ୍ରୁପ୍ 'ବି' କ୍ୱାଲିଫିକେଶନ ରାଉଣ୍ଡରେ ସେ ଏକାଦଶ ସ୍ଥାନ ଏବଂ ଓଭର ଅଲ୍ ୨୦ତମ ସ୍ଥାନରେ ରହିଥିଲେ।

# ଶୁଟିଂରେ ଶେଓରାନଙ୍କୁ ୫ମ ଅଲିମ୍ପିକ କୋଟା

**ବାକୁ (ଆଜରବୈଜାନ), ୨୦।୮ (ପି.ଟି.):** ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ପୁରୁଷ ରାଇଫଲ ୩-ପୋଜିଶନ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିବା ଦ୍ୱାରା ଭାରତର ଅଖିଳ ଶେଓରାନ ଦେଶ ପାଇଁ ୫ମ ଅଲିମ୍ପିକ କୋଟା ହାସଲ କରିଛନ୍ତି। ୮ଜଣ ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ଶେଓରାନ ଏଗ୍ରିଗେଟ୍ ୪୫୦.୦ ସ୍କୋର କରି ତୃତୀୟ ସ୍ଥାନ ଅଧିକାର କରିବା ସହ ଆସନ୍ତାବର୍ଷ ଅଲିମ୍ପିକ ଗେମ୍ସ ପାଇଁ ଏକ କୋଟା ହାସଲ କରିଛନ୍ତି। କ୍ୱାଲିଫିକେଶନରେ ସେ ଏଗ୍ରିଗେଟ ସ୍କୋର ୫୮୫ ସହ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ଅଷ୍ଟ୍ରିଆର ଆଲେକ୍‌ଜାଣ୍ଡର ସ୍କିମିରଲ ୪୬୨.୬ ପଏଣ୍ଟ ସହ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଚେକ୍‌ରିପବ୍ଲିକ୍‌ର ପିଟର ନାଇମ୍‌ବର୍ସ୍କି ରୌପ୍ୟ ପଦକ ପାଇଛନ୍ତି। ଶେଓରାନଙ୍କ ପୂର୍ବରୁ ବୋନିଶ ମେଣ୍ଡିରାଟା (ପୁରୁଷ ଟ୍ରାପ୍), ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ରୁଦ୍ରାଂଶ ବାଲାସାହେବ ପାଟିଲ (ପୁରୁଷ ୧୦ମିଟର ଏୟାର ରାଇଫଲ), ସ୍ୱପ୍ନିଲ କୁସାଲେ (ପୁରୁଷ ୫୦ ମିଟର ରାଇଫଲ ୩ ପୋଜିଶନ) ଏବଂ ମେହୁଲି ଘୋଷ (ମହିଳା ୧୦ ମିଟର ଏୟାର ରାଇଫଲ) ଅଲିମ୍ପିକ କୋଟା ହାସଲ କରିସାରିଛନ୍ତି।

**Classified Everyday**
0674-2580101, 2549949




**SALE**

A plot for commercial (gharabari corner East & North facing to Nakhara Niali NH Road at a very cheapest Price. 7809525452. D-75026

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723. D-74882

2BHK/ 3BHK flat available at Jatani Gate with affordable price, near to handover position, all Banks, BDA, RERA approved. Booking Contact: 9776776644, 9776406644, 9337244895. D-74565

Apartment, Duplex, plot for sale. Mob-9556521654, Puri Bypass,Jagamara, Kalinga Vihar. D-1100

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




3BHK flat Mainroad Soubhagya nagar, Unit-8 for Office/ Residence. 9000004523. D-1096

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly opened (one 8 SPA) / (Salon Service) with expert therapist. 9938843929. D-75143

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Newly healthcare benefited SPA experience therapist Bhubaneswar. Please visit this SPA. 7749034655. D-75139

Full body massage in homely atmosphere in all therapy. Mob: 8114881641. D-73440

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74562

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75025

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱରେଣୁବାଳା ମିଶ୍ର**
ଆବିର୍ଭାବ: ୧୪।୦୯।୧୯୫୦
ତିରୋଧାନ: ୦୨।୦୮।୨୦୨୨
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ ପରିବାରବର୍ଗ।**
ଧ-୧୧୦୨

**ତୋରି ସ୍ମୃତିରେ**



**ସ୍ୱ ଅଧ୍ୟାପକ ଜୟପ୍ରକାଶ ମିଶ୍ର (ନୁନୁ)**
(୧୨.୪.୬୨ - ୨୧.୮.୯୫)
ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା।
**ଶୋକସନ୍ତପ୍ତ - ବୋଉ ଓ ଆତ୍ମୀୟ ସ୍ୱଜନ**
ଧ-୭୪୪୬୬

# କ୍ରାନ୍ତିପାତ ଓ ଅୟନାନ୍ତ



ଇଂ. ମାୟାଧର ସ୍ୱାଇଁ

''ଜୁନ୍ ମାସ ୨୧ ତାରିଖ ଦିନ କର୍କଟ କ୍ରାନ୍ତି ଆଖପାଖ ଅଞ୍ଚଳରେ ଦିନ ୧୩ ଘଣ୍ଟା ଓ ରାତି ୧୧ ଘଣ୍ଟା ହୁଏ। ଏଠାରୁ ଉତ୍ତର ଦିଗକୁ ଗଲେ ଦିନ କ୍ରମଶଃ ବଢ଼ିଥାଏ ଓ ରାତି ଛୋଟ ହୋଇଥାଏ। ଜୁନ୍ ମାସ ୨୧ ତାରିଖ ଦିନ ୬୬.୫ ଡିଗ୍ରୀ ଉତ୍ତର ଅକ୍ଷାଂଶରେ ଦିନ ୨୪ ଘଣ୍ଟା ହୁଏ ଓ ରାତି ଆଦୌ ହୁଏ ନାହିଁ । ସେଠାରୁ ଆହୁରି ଉତ୍ତରକୁ ଗଲେ ଉତ୍ତର ମେରୁଠାରେ ଛଅ ମାସ ଦିନ ହୁଏ। ଥରେ ସୂର୍ଯ୍ୟ ଉଦୟ ହେଲେ ଏହା ଅସ୍ତ ନ ହୋଇ ଦିଗ୍‌ବଳୟ ଆକାଶରେ ପୂର୍ବରୁ ପଶ୍ଚିମକୁ ପ୍ରତି ୨୪ ଘଣ୍ଟାରେ ଘୂରି ବୁଲୁଥାଏ।''

କ୍ରାନ୍ତିପାତ (Eguinox) ହେଉଛି ବର୍ଷର ଗୋଟିଏ ସମୟ ଯେତେବେଳେ ଦିନ ଓ ରାତି ସମାନ ହୋଇଥାଏ ; ଅର୍ଥାତ୍, ଦିନ ବାର ଘଣ୍ଟା ଓ ରାତି ବାର ଘଣ୍ଟା ହୋଇଥାଏ। ବର୍ଷକରେ ଦୁଇ ଦିନ ଏହା ଆସିଥାଏ। ଗୋଟିଏ ଦିନ ହେଉଛି ମାର୍ଚ୍ଚ ମାସ ୨୧ ତାରିଖ ଓ ଅନ୍ୟ ଦିନଟି ହେଉଛି ସେପ୍ଟେମ୍ବର ମାସ ୨୩ ତାରିଖ। ମାର୍ଚ୍ଚ ମାସ ୨୧ ତାରିଖ ପରେ ଉତ୍ତର ଗୋଲାର୍ଦ୍ଧରେ ବସନ୍ତ ଋତୁ ଏବଂ ଦକ୍ଷିଣ ଗୋଲାର୍ଦ୍ଧରେ ଶରତ ଋତୁ ଆରମ୍ଭ ହୋଇଥାଏ।

ଅୟନାନ୍ତ (Solstice) ହେଉଛି ବର୍ଷର ଗୋଟିଏ ସମୟ ଯେତେବେଳେ ଦିନ କିମ୍ବା ରାତିର ଅବଧି ସର୍ବାଧିକ ହୋଇଥାଏ। ଏହା ଜୁନ୍ ମାସ ୨୧ ତାରିଖ ଏବଂ ଡିସେମ୍ବର ମାସ ୨୨ ତାରିଖରେ ଦେଖାଯାଏ। ଜୁନ୍ ୨୧ ତାରିଖରେ ଉତ୍ତର ଗୋଲାର୍ଦ୍ଧରେ ଦିନ ସବୁଠାରୁ ବଡ଼ ଓ ରାତି ସବୁଠାରୁ ଛୋଟ ଥାଏ ଏବଂ ଦକ୍ଷିଣ ଗୋଲାର୍ଦ୍ଧରେ ଏହାର ବିପରୀତ ହୋଇଥାଏ। ଅର୍ଥାତ୍ ରାତି ସବୁଠାରୁ ବଡ଼ ଓ ଦିନ ସବୁଠାରୁ ଛୋଟ ଥାଏ। ଅନ୍ୟପକ୍ଷରେ ଡିସେମ୍ବର ୨୨ ତାରିଖରେ ଦକ୍ଷିଣ ଗୋଲାର୍ଦ୍ଧରେ ଦିନ ସବୁଠାରୁ ବଡ଼ ଓ ରାତି ସବୁଠାରୁ ଛୋଟ ହୋଇଥାଏ ଏବଂ ଉତ୍ତର ଗୋଲାର୍ଦ୍ଧରେ ଏହାର ବିପରୀତ ହୋଇଥାଏ। ଜୁନ୍ ୨୧ ତାରିଖରୁ ଉତ୍ତର ଗୋଲାର୍ଦ୍ଧରେ ଗ୍ରୀଷ୍ମଋତୁ ଓ ଦକ୍ଷିଣ ଗୋଲାର୍ଦ୍ଧରେ ଶୀତଋତୁ ଆରମ୍ଭ ହୁଏ। ସେହିପରି ଡିସେମ୍ବର ୨୨ ତାରିଖରେ ଉତ୍ତର ଗୋଲାର୍ଦ୍ଧରେ ଶୀତ ଏବଂ ଦକ୍ଷିଣ ଗୋଲାର୍ଦ୍ଧରେ ଗ୍ରୀଷ୍ମଋତୁ ଆରମ୍ଭ ହୁଏ।




ଦେଖିବା ଦିନ ଓ ରାତି ଛୋଟ ବଡ଼ କାହିଁକି ହେଉଛି? ପୃଥିବୀର ନିଜ ଅକ୍ଷ ଚାରିପଟେ ୩୬୫ ଦିନରେ ଥରେ ପରିକ୍ରମଣ ହେଉଛି ଏହାର କାରଣ। ପୃଥିବୀ ନିଜ ଅକ୍ଷ ଚାରିପଟେ ବୁଲୁଥିବାରୁ ଦିନ, ରାତି, ସକାଳ, ସନ୍ଧ୍ୟା ଆଦି ହୁଏ। ପୃଥିବୀର ଆକାର ହେଉଛି କମଳା ପରି ଗୋଲ। ପୃଥିବୀର ଯେଉଁ ଅର୍ଦ୍ଧେକ ସୂର୍ଯ୍ୟ ଆଡକୁ ଥାଏ, ସେଠାରେ ଦିନ ଏବଂ ଅନ୍ୟ ଅର୍ଦ୍ଧେକରେ ରାତି ହୋଇଥାଏ। ସର୍ବଦା ପୃଥିବୀ ଅର୍ଦ୍ଧେକ ଅଂଶ ଦିନ ଓ ଅର୍ଦ୍ଧେକ ଅଂଶ ରାତି ହୋଇଥାଏ।

ପୃଥିବୀ ଅକ୍ଷ ଏହାର କକ୍ଷ ସମତଳ ସହିତ ୬୬.୫ ଡିଗ୍ରୀ କୋଣ କରି ରହିଛି। ଏଣୁ ଏହା ନିଜ କକ୍ଷରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୀତିରେ ଅବସ୍ଥାନ କରିଥାଏ। ଏହା ନିଜ କକ୍ଷରେ ଯେତେବେଳେ ସୂର୍ଯ୍ୟଆଡ଼କୁ ସମାନ ଭାବରେ ଢଳି କରି ଥାଏ, ପୃଥିବୀରେ ଦିନ ଓ ରାତି ସମାନ ହୋଇଥାଏ ; ଅର୍ଥାତ୍ କ୍ରାନ୍ତିପାତ ହୋଇଥାଏ। ଏହା ମାର୍ଚ୍ଚ ମାସ ୨୧ ତାରିଖ ଓ ସେପ୍ଟେମ୍ବର ମାସ ୨୩ ତାରିଖରେ ହୋଇଥାଏ ଏବଂ ଏହି ଦୁଇ ଦିନ ସୂର୍ଯ୍ୟ ବିଷୁବରେଖା ଉପରେ ରହିଥାଏ।

ଜୁନ୍ ମାସ ୨୧ ତାରିଖ ଦିନ ସୂର୍ଯ୍ୟ କର୍କଟକ୍ରାନ୍ତି ଉପରେ ଅବସ୍ଥାନ କରିଥାଏ ଏବଂ ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟ ଆଡ଼କୁ ସର୍ବାଧିକ ଢଳିକରି ଥାଏ। ବାସ୍ତବରେ ମାର୍ଚ୍ଚ ୨୨ ତାରିଖରୁ ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟ ଆଡ଼କୁ ଢଳିବା ଆରମ୍ଭ କରେ ଓ ଜୁନ୍ ମାସ ୨୧ ତାରିଖରେ ଏହା ସବୁଠାରୁ ଅଧିକ ଢଳିଥାଏ। ଏଣୁ ମାର୍ଚ୍ଚ ମାସ ୨୩ ତାରିଖରୁ ଉତ୍ତର ଗୋଲାର୍ଦ୍ଧରେ ଦିନ କ୍ରମଶଃ ବଢ଼ିଥାଏ ଓ ରାତି ଛୋଟ ହେଉଥାଏ ଏବଂ ଜୁନ୍ ମାସ ୨୧ତାରିଖରେ ଦିନ ସବୁଠାରୁ ବଡ଼ ଓ ରାତି ସବୁଠାରୁ ଛୋଟ ହୋଇଥାଏ। ଦକ୍ଷିଣ ଗୋଲାର୍ଦ୍ଧରେ ଏହାର ବିପରୀତ ହୁଏ।

ଜୁନ୍ ମାସ ୨୧ ତାରିଖ ଦିନ କର୍କଟ କ୍ରାନ୍ତି ଆଖପାଖ ଅଞ୍ଚଳରେ ଦିନ ୧୩ ଘଣ୍ଟା ଓ ରାତି ୧୧ ଘଣ୍ଟା ହୁଏ। ଏଠାରୁ ଉତ୍ତର ଦିଗକୁ ଗଲେ ଦିନ କ୍ରମଶଃ ବଢ଼ିଥାଏ ଓ ରାତି ଛୋଟ ହୋଇଥାଏ। ଜୁନ୍ ମାସ ୨୧ ତାରିଖ ଦିନ ୬୬.୫ ଡିଗ୍ରୀ ଉତ୍ତର ଅକ୍ଷାଂଶରେ ଦିନ ୨୪ ଘଣ୍ଟା ହୁଏ ଓ ରାତି ଆଦୌ ହୁଏ ନାହିଁ। ସେଠାରୁ ଆହୁରି ଉତ୍ତରକୁ ଗଲେ ଉତ୍ତର ମେରୁଠାରେ ଛଅ ମାସ ଦିନ ହୁଏ। ଥରେ ସୂର୍ଯ୍ୟ ଉଦୟ ହେଲେ ଏହା ଅସ୍ତ ନ ହୋଇ ଦିଗ୍‌ବଳୟ ଆକାଶରେ ପୂର୍ବରୁ ପଶ୍ଚିମକୁ ପ୍ରତି ୨୪ ଘଣ୍ଟାରେ ଘୂରି ବୁଲୁଥାଏ।

ଡିସେମ୍ବର ୨୨ ତାରିଖ ଦିନ ଠିକ୍ ଏହାର ଓଲଟା ହୁଏ। ସେହିଦିନ ୬୬.୫ ଡିଗ୍ରୀ ଉତ୍ତର ଅକ୍ଷାଂଶରେ ୨୪ ଘଣ୍ଟା ରାତି ହୁଏ। ସେଠାରୁ ମେରୁ ପର୍ଯ୍ୟନ୍ତ ସ୍ଥାନ ଛଅ ମାସ ପର୍ଯ୍ୟନ୍ତ ଅନ୍ଧାରରେ ରହେ। ଦକ୍ଷିଣ ଗୋଲାର୍ଦ୍ଧରେ ଏହାର ବିପରୀତ ହୁଏ। ସେଠାରେ ଡିସେମ୍ବର ମାସ ୨୨ ତାରିଖରେ ସୂର୍ଯ୍ୟ ମକର କ୍ରାନ୍ତି ଉପରେ ଅବସ୍ଥାନ କରେ ଏବଂ ଏହି ଦିନ ଦକ୍ଷିଣ ଗୋଲାର୍ଦ୍ଧରେ ସବୁଠାରୁ ବଡ଼ ଦିନ ଓ ଛୋଟ ରାତି ହୋଇଥାଏ।

ବାସ୍ତବରେ ସୂର୍ଯ୍ୟ ଗତି କରୁ ନ ଥିଲେ ସୁଦ୍ଧା ଆମକୁ ସୂର୍ଯ୍ୟ ଗତି କରୁଥିବା ଭଳି ପ୍ରତୀତ ହୁଏ। ସୂର୍ଯ୍ୟର ବିଷୁବରେଖାର ଏହିପରି ଚଳନକୁ ଉତ୍ତରାୟନ ଓ ବିଷୁବରେଖାର ଦକ୍ଷିଣକୁ ଏହିପରି ଚଳନକୁ ଦକ୍ଷିଣାୟନ କୁହାଯାଏ। ଭାରତର ବେଦ ଓ ଉପନିଷଦରେ ସୂର୍ଯ୍ୟର ୨୩.୫ ଡିଗ୍ରୀ ଉତ୍ତର ଓ ଦକ୍ଷିଣ ଚଳନକୁ ନେଇ ଉତ୍ତରାୟନ ଓ ଦକ୍ଷିଣାୟନ କଥା ବର୍ଣ୍ଣନା କରାଯାଇଛି।

ମୋଟ ଉପରେ କହିଲେ ପୃଥିବୀର ନିଜ ଅକ୍ଷରେ ଘୂର୍ଣ୍ଣନ, ସୂର୍ଯ୍ୟ ଚାରିପଟେ ପରିକ୍ରମଣ ଏବଂ ଏହାର ଅକ୍ଷ ଏହାର କକ୍ଷପଥ ସହ ଲମ୍ବ ଭାବରେ ନ ରହି ୬୬.୫ ଡିଗ୍ରୀ କୋଣ କରି ରହିଥିବାରୁ ପୃଥିବୀରେ ଦିନ ଓ ରାତିର ଅବଧି ସର୍ବଦା ପରିବର୍ତ୍ତନ ହେଉଥାଏ। ଏହି ସମାନ କାରଣରୁ ପୃଥିବୀରେ ଋତୁ ପରିବର୍ତ୍ତନ ମଧ୍ୟ ହୋଇଥାଏ।

-୭୦, ଲକ୍ଷ୍ମୀବିହାର,
ଫେଜ୍-୧, ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ଅଧିକ ଚା' ପିଉଥିଲେ



ଭାରାକ୍ରାନ୍ତ ମନକୁ ହାଲୁକା କରିବାକୁ କପେ ଚା' କିମ୍ବା କଫି ଲୋଡ଼ା ପଡ଼େ। ହେଲେ ଏଗୁଡିକର ପରିମାଣ ଯଦି ଅଧିକ ହୋଇଯାଏ ତେବେ ତାହାର ପ୍ରଭାବ ଶରୀର ଉପରେ ପଡିଥାଏ। ଏକ ସଦ୍ୟ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକ ଥର ଚା' ପିଅନ୍ତି ତେବେ ତାହା ଦାନ୍ତ କ୍ଷୟ କରିବାର ଆଶଙ୍କା ରହିଛି। 'ଅତ୍ୟଧିକ ଥର ଚା' ପିଇବା ଏବଂ ଦାନ୍ତ କ୍ଷୟ' ବିଷୟକୁ ନେଇ ସିଓଲ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ପ୍ରତିଦିନ ଅତ୍ୟଧିକ ଚା' ପିଉଥିବା କେତେକ ବ୍ୟକ୍ତିଙ୍କର ଦାନ୍ତ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଚା'ରେ ଏଭଳି ତତ୍ତ୍ୱ ରହିଛି, ଯାହା ଦାନ୍ତ କ୍ଷୟ କରିବାର ଆଶଙ୍କା ରହିଛି। ତେଣୁ ଏହାର ପରିମାଣ ସୀମିତ ରହିବା ନିହାତି ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ଉପକାରୀ ବାସି ରୁଟି



ରୁଟି ଏପରି ଏକ ଖାଦ୍ୟ ଯେଉଁଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଗରମ ଗରମ ରୁଟି ଖାଇବାକୁ ଭାରି ମଜା ଲାଗେ। କେବଳ ସେତିକି ନୁହେଁ, ବାସି ରୁଟିରେ ମଧ୍ୟ ଅନେକ ପ୍ରକାର ଉପକାରୀ ଗୁଣ ରହିଛି। ଏଭଳି ରୁଟି ଏସିଡ୍‌ଜନିତ ସମସ୍ୟା କେତେକାଂଶରେ ଦୂର କରିଥାଏ। ପାଚନ କ୍ରିୟାକୁ ମଧ୍ୟ ସକ୍ରିୟ ରଖେ। ବିଶେଷଭାବରେ ପେଟଜନିତ ସମସ୍ୟା ସହ ଜଡ଼ିତ ବ୍ୟକ୍ତିମାନଙ୍କ ପାଇଁ ଏଭଳି ରୁଟି ବେଶ୍ ଉପକାରୀ। ନିୟମିତ ବାସି ରୁଟି ଖାଇଲେ ତାହା ରକ୍ତଚାପକୁ ସନ୍ତୁଳିତ ରଖିଥାଏ। ଗହମରୁ ପ୍ରସ୍ତୁତ ରୁଟିରେ ଫାଇବର ଭରି ରହିଛି। ଏହି ରୁଟି ଶରୀର ପାଇଁ ବେଶ୍ ଉପକାରୀ।

## ଜାଣି ରଖନ୍ତୁ...



- ଯଦି ଆପଣଙ୍କ ଚର୍ମ ଶୁଖିଯାଉଛି, ତେବେ ପ୍ରତିଦିନ ସକାଳୁ କିଛି କିଛି ସମୟ ବାହାରେ ସୂର୍ଯ୍ୟାଲୋକରେ ଛିଡ଼ା ହୁଅନ୍ତୁ।
- ଖାଉଥିବା ଖାଦ୍ୟରେ ସବୁବେଳେ ଶାଗ ଜାତୀୟ ଖାଦ୍ୟ ଏବଂ ଫଳ ସାମିଲ୍ କରନ୍ତୁ, ଯାହା ଶରୀରକୁ ସତେଜ ରଖିବା ସହ ଶକ୍ତି ଯୋଗାଇବ।
- ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ହେଲେ, ସାଙ୍ଗମାନଙ୍କ ସହ କିମ୍ବା ପରିବାର ସଦସ୍ୟଙ୍କ ସହ କିଛି ସମୟ ବିତାନ୍ତୁ। ଏହା ମାନସିକ ଶାନ୍ତି ପ୍ରଦାନ କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ।
- ଉଚ୍ଚ ରକ୍ତଚାପ କମାଇବାକୁ ଚାହୁଁଥିଲେ, ନିୟମିତ ବ୍ୟାୟାମ, ଯୋଗ, ପ୍ରାଣାୟମ ଆଦି ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ଡାକ୍ତରଙ୍କ ସହ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ପରାମର୍ଶ କରନ୍ତୁ।
- କୌଣସି କାର୍ଯ୍ୟକୁ ବହୁ ସମୟ ଧରି ଆଦୌ କରନ୍ତୁ ନାହିଁ। କାମ କଲା ବେଳେ ମଝିରେ ମଝିରେ ବିରତି ନିଅନ୍ତୁ। ଫଳରେ ଏଥିଯୋଗୁ ମାନସିକ ଶାନ୍ତି ମିଳିବା ସହ ଅଧିକ କାମ କରିବାକୁ ଆଗ୍ରହ ସୃଷ୍ଟି ହେବ।
- ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ଏହା ଶରୀରରେ ଗ୍ୟାଷ୍ଟ୍ରିକଜନିତ ସମସ୍ୟା ସୃଷ୍ଟି କରିଥାଏ।

## ଅତ୍ୟଧିକ ଖାଦ୍ୟ ଓ ସ୍ମରଣ ଶକ୍ତି



ମନ ପସନ୍ଦର ଖାଦ୍ୟ ଦେଖିଲେ ପ୍ରାୟ ଅନେକଙ୍କ ପାଟିରୁ ଲାଳ ଗଡ଼ିଥାଏ। ହେଲେ ଆମେ ଆବଶ୍ୟକ ମୁତାବକ ଖାଇବା ଦରକାର। ନ ହେଲେ ତାହାର ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିଥାଏ। ନିକଟରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତି ତେବେ ତାହାର ପ୍ରଭାବ ସମ୍ପୃକ୍ତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ଉପରେ ପଡ଼ିଥାଏ। 'ଅତ୍ୟଧିକ ପରିମାଣର ଖାଦ୍ୟ ଓ ସ୍ମରଣ ଶକ୍ତି' ବିଷୟକୁ ନେଇ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ଆବଶ୍ୟକ ମୁତାବକ ଖାଦ୍ୟ ଖାଇବାକୁ ଏବଂ ଅନ୍ୟ ଗ୍ରୁପ୍‌ର ବ୍ୟକ୍ତିମାନଙ୍କୁ ସେମାନଙ୍କ ମନମୁତାବକ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ତନ୍ନତନ୍ନ କରି ଅନୁଧ୍ୟାନ ମଧ୍ୟ କରିଥିଲେ। ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ପରିମାଣର ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ସ୍ମରଣଶକ୍ତିରେ ତାରତମ୍ୟତା ଦେଖିବାକୁ ମିଳିଥିଲା।

## ପାକସ୍ଥଳୀ ସଂକ୍ରମଣରୁ ରକ୍ଷା କରେ ଆଖୁରସ



ଆଖୁ ରସରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଏହା ପାକସ୍ଥଳୀ ସଂକ୍ରମଣରୁ ରକ୍ଷା କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ, ଏହି ରସରେ ଭିଟାମିନ୍ ଏବଂ ନ୍ୟୁଟ୍ରିସନ୍ ଯଥା ପଟାସିୟମ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍, ମାଙ୍ଗାନିଜ୍, ରିବୋଫ୍ଲାବିନ୍ ଓ ଆମିନୋ ଏସିଡ୍ ଭରି ରହିଛି। ଏହା ଦାନ୍ତ ଓ ଦାନ୍ତର ମାଢ଼ିକୁ ନଷ୍ଟ ହେବାରୁ ରକ୍ଷା କରିଥାଏ। ଆଖୁ ରସରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଅଛି। ଏହାକୁ ପିଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଅସ୍ଥି ଏବଂ ମାଂସପେଶୀକୁ ମଜ୍‌ଭୁତ କରିବାରେ ମଧ୍ୟ ଏହା ସାହାଯ୍ୟ କରେ। ଏଥିରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ। ଏହା ଶରୀରରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିଥାଏ। ଶରୀରରେ ଯଦି କୋଲେଷ୍ଟରଲ୍ କିମ୍ବା ସୋଡ଼ିୟମ୍‌ର ପରିମାଣ କମିଯାଏ, ତେବେ ଆଖୁରସ ପିଇବା ଦ୍ୱାରା ଏହା କେତେକାଂଶରେ ସନ୍ତୁଳିତ ଅବସ୍ଥାକୁ ଆସିଥାଏ।

## ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣଙ୍କର ନିଦ୍ରାଜନିତ ସମସ୍ୟା ରହିଛି ତେବେ ତାହାକୁ ଆଦୌ ଅବହେଳା କରନ୍ତୁ ନାହିଁ। ଏ ସମ୍ପର୍କରେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ରାତିରେ ଯେତେ ସମ୍ଭବ ହାଲୁକା ଖାଦ୍ୟ ଖାଆନ୍ତୁ। ଏଭଳି ଖାଦ୍ୟ ଖାଇବା ଦରକାର ଯାହା ସହଜରେ ହଜମ ହେଉଥିବ। ରାତ୍ରଭୋଜନ ଖାଦ୍ୟ ତାଲିକାରେ ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ଆପଣଙ୍କ ବୟସ ଯଦି ୪୦ ଟପିଲାଣି ତେବେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ରୁହନ୍ତୁ। ବିଶେଷଭାବରେ ନିୟମିତ ସମୟ ଅନ୍ତରାଳରେ ବ୍ଲଡପ୍ରେସର, ଡାଇବେଟିସ୍, କୋଲେଷ୍ଟରଲ ଆଦିର ପରିମାଣ କେତେ ରହୁଛି ତାହା ମାପି ନିଅନ୍ତୁ।
- ବୟସ ବଢ଼ିବା ସହ ଯଦି ଆପଣ କିଛି ଶାରୀରିକ ସମସ୍ୟା ଅନୁଭବ କରୁଛନ୍ତି, ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଅଯଥାରେ ଟେନସନରେ ରୁହନ୍ତୁ ନାହିଁ।
- ପରିଶ୍ରମ ଅନୁସାରେ ନିଜର ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ।




# ଇତିହାସ ରଚିବ ଚନ୍ଦ୍ରଯାନ-୩

(ଶେଷ ଭାଗ)

ପରବର୍ତ୍ତୀ ଚନ୍ଦ୍ରୟାନ-୨ ଅଭିଯାନରେ ଏକ ଅତ୍ୟାଧୁନିକ ଉପକରଣ ବିଶିଷ୍ଟ ଯାନକୁ ଚନ୍ଦ୍ରପୃଷ୍ଠରେ ଏକ ନିରାପଦ ଧୀର ଅବତରଣ ଜରିଆରେ ଖସାଇ ଚନ୍ଦ୍ରମାଟିକୁ ଛୁଇଁବାର ଆଶା ରଖାଯାଇଥିଲା। ମାତ୍ର ଏହି ଅଭିଯାନ କ୍ଷେତ୍ରରେ ଭାରତକୁ ସମ୍ପୂର୍ଣ୍ଣ ସଫଳତା ମିଳି ନ ଥିଲା। ଏଥିରେ ଥିବା 'ଅର୍ବିଟର୍' ଯାନଟି ଯୋଜନା ମତେ ଚନ୍ଦ୍ରକୁ ସଫଳତାର ସହିତ ପରିକ୍ରମା କରି ଚନ୍ଦ୍ରପୃଷ୍ଠର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲାବେଳେ ଏଥିରୁ ବିଚ୍ଛିନ୍ନ ହୋଇ ଏକ ଅବତରକ ଯାନ 'ବିକ୍ରମ' ଚନ୍ଦ୍ର ପୃଷ୍ଠରେ ଅବତରଣ କରିବା ପାଇଁ ଉଦ୍ୟମ କରିଥିଲା। ବିକ୍ରମ ଅବତରକ ଯାନଟିରେ ଏକ ଚକଲଗା ଗାଡି ବା ରୋଭର୍ (ନାମ: ପ୍ରଜ୍ଞାନ) ମଧ୍ୟ ସ୍ଥାନିତ ଥିଲା ଯାହା ଚନ୍ଦ୍ରପୃଷ୍ଠରେ ପହଞ୍ଚିବା ମାତ୍ରେ ଅବତରକ ଯାନରୁ ବାହାରି ଚନ୍ଦ୍ରପୃଷ୍ଠ ଉପରେ ଗଡ଼ିଗଡ଼ି ବୈଜ୍ଞାନିକ ତଥ୍ୟାବଳୀ ସଂଗ୍ରହ କରିବା କଥା। ଦୁର୍ଭାଗ୍ୟକ୍ରମେ, ବିକ୍ରମ ଅବତରକ ଯାନଟି ସୁଚାରୁ ରୂପେ ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ କରି ନ ପାରି ୨୦୧୯ ମସିହା ସେପ୍ଟେମ୍ବର ୬ ତାରିଖ ଦିନ ଚନ୍ଦ୍ରମାଟିରେ ପିଟି ହୋଇ ନଷ୍ଟ ହୋଇଯିବା ସହିତ ଭୂପୃଷ୍ଠ ସହିତ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଯାଇଥିଲା। ଏହା ସହିତ ଭାରତର ଚନ୍ଦ୍ରମାଟିକୁ ଛୁଇଁବାର ସ୍ୱପ୍ନ ଅଧୁରା ରହି ଯାଇଥିଲା।

**ଚନ୍ଦ୍ରକୁ ଛୁଇଁବାର ଆଶା:** ପୂର୍ବର ସଫଳତା ଓ ବିଫଳତାର ମିଶ୍ର ଅନୁଭୂତି ପରେ ଭାରତ ଏବେ ଚନ୍ଦ୍ରୟାନ-୩ ଅଭିଯାନ ଜରିଆରେ ପୂର୍ବର ତ୍ରୁଟିକୁ ସୁଧାରି ଚନ୍ଦ୍ରପୃଷ୍ଠରେ ସଫଳ ଅବତରଣ କରି ଇତିହାସ ରଚନା କରିବାକୁ ଯାଉଛି। ଚନ୍ଦ୍ରଯାନ-୩ ର ସମୁଦାୟ ତିନୋଟି ଏକକ ବା ମଡ୍ୟୁଲ୍ ରହିଛି, ଯଥା: ପ୍ରପଲସନ୍ ମଡ୍ୟୁଲ ଯାହା ଯାନକୁ ଗତିଶୀଳତା ପ୍ରଦାନ କରିବ। ଦ୍ୱିତୀୟଟି ହେଲା ଅବତରକ ମଡ୍ୟୁଲ ଯାହା ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ କରି ଚନ୍ଦ୍ରମାଟିକୁ ଛୁଇଁବ। ତୃତୀୟଟି ହେଲା ରୋଭର୍ ମଡ୍ୟୁଲ ଯାହା ଏକ ଚକଲଗା ଗାଡ଼ି ସଦୃଶ ଚନ୍ଦ୍ରପୃଷ୍ଠରେ ଗଡ଼ିଗଡ଼ି ବିଭିନ୍ନ ବୈଜ୍ଞାନିକ ତଥ୍ୟ ସଂଗ୍ରହ କରିବ। ଚନ୍ଦ୍ରୟାନ-୨ ଅଭିଯାନରେ ଥିବା ଅର୍ବିଟର ମଡ୍ୟୁଲକୁ ଚଳିତ ଚନ୍ଦ୍ରୟାନ-୩ ଅଭିଯାନରେ ସ୍ଥାନିତ କରାଯାଇ ନାହିଁ। ଯେହେତୁ ଚନ୍ଦ୍ରୟାନ-୨ ଅଭିଯାନର ଅର୍ବିଟର୍ ମଡ୍ୟୁଲଟି ଏବେବି ଚନ୍ଦ୍ରକକ୍ଷରେ ସକ୍ରିୟ ଅଛି, ଚନ୍ଦ୍ରଯାନ-୩ ପୂର୍ବର ଏହି ବ୍ୟବସ୍ଥାକୁ ବ୍ୟବହାର କରି ଭୂପୃଷ୍ଠ ସହିତ ଯୋଗାଯୋଗ ଭଳି ନିଜର ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରି ପାରିବ। ସୁତରାଂ ଚନ୍ଦ୍ରୟାନ-୩ ଅଭିଯାନରେ ଜାଣିଶୁଣି ଅର୍ବିଟର୍ ମଡ୍ୟୁଲ୍‌କୁ ସ୍ଥାନିତ କରାଯାଇ ନାହିଁ।

ଚନ୍ଦ୍ରୟାନ-୩ ଅଭିଯାନର ପ୍ରମୁଖ ଲକ୍ଷ୍ୟ ହେବ ଚନ୍ଦ୍ରପୃଷ୍ଠରେ ନିରାପଦ ଭାବେ 'ଧୀର ଅବତରଣ' କରିବା। ଏହା ବାସ୍ତବ ପକ୍ଷରେ ଅତ୍ୟନ୍ତ କଠିନ ଓ ଜଟିଳ ପ୍ରକ୍ରିୟା ଏବଂ ଏଥିନିମନ୍ତେ ଅତି ଉଚ୍ଚକୋଟୀର ପ୍ରଯୁକ୍ତି ବିଦ୍ୟା ଓ ଜ୍ଞାନକୌଶଳର ପ୍ରୟୋଗ ଆବଶ୍ୟକ। ଅବତରକ ଯାନଟି ଚନ୍ଦ୍ରର ମାଧ୍ୟାକର୍ଷଣ ବଳ ଦ୍ୱାରା ଆକର୍ଷିତ ହୋଇ ଦ୍ରୁତଗତିରେ ଚନ୍ଦ୍ରପୃଷ୍ଠ ଆଡ଼କୁ ଛୁଟି ଯାଉଥିଲାବେଳେ ତୁରନ୍ତ ଏହାର ପ୍ରଚଣ୍ଡ ବେଗକୁ ଯଥେଷ୍ଟ ମାତ୍ରାରେ ହ୍ରାସକରି ଚନ୍ଦ୍ରମାଟିରେ ସୁରକ୍ଷିତ ଧୀର ଅବତରଣ କରାଇବାକୁ ପଡ଼େ। ନହେଲେ ଯାନଟି ଦ୍ରୁତଗତିରେ ଯାଇ ଚନ୍ଦ୍ରପୃଷ୍ଠରେ ପିଟି ହୋଇ ନଷ୍ଟ ହୋଇଯାଏ। ମାତ୍ର ଏ କ୍ଷେତ୍ରରେ ଏକ ପ୍ରମୁଖ ସମସ୍ୟା ହେଉଛି, ଚନ୍ଦ୍ରର ପୃଥିବୀ ଭଳି ବାୟୁମଣ୍ଡଳ ନ ଥିବାରୁ ଏଠାରେ ଯାନର ଦୂରନ୍ତ ଅଗ୍ରଗାମୀ ଗତିକୁ ପ୍ରତିହତ କରିବା ପାଇଁ ପାରମ୍ପରିକ ଆକାଶଛତା ବା ପାରାସ୍ୟୁଟ୍ ବ୍ୟବସ୍ଥା କାର୍ଯ୍ୟ କରେ ନାହିଁ। ତେଣୁ ଯାନର ବେଗକୁ ଯଥେଷ୍ଟ ହ୍ରାସ କରିବା ପାଇଁ ଯାନ ସହିତ କିଛି 'ରେଟ୍ରୋ ରକେଟ୍' ଖଞ୍ଜା ଯାଇଥାଏ, ଯାହାର ଇଞ୍ଜିନକୁ ଯାନର ଅଗ୍ରଗାମୀ ଗତିର ବିପରୀତ ଦିଗରେ କ୍ରମାନ୍ୱୟରେ ଚାଳନା କରି ଯାନର ବେଗକୁ ଏକ ସୁରକ୍ଷିତ ଅବତରଣ ନିମନ୍ତେ ମନ୍ଦିତ କରାଯାଏ। ଠିକ୍ ସମୟରେ ଠିକ୍ ଇଞ୍ଜିନକୁ କାର୍ଯ୍ୟକ୍ଷମ କରି ଯାନର ବେଗକୁ ନିୟନ୍ତ୍ରିତ କରିପାରିଲେ ଯାଇ ଏହି ଦୁର୍ବାର ଲକ୍ଷ୍ୟ ହାସଲ କରାଯାଇ ଯାନକୁ ଚନ୍ଦ୍ରମାଟିରେ ଧୀର ଅବତରଣ କରାଯାଇ ପାରିବ; ନଚେତ ଯାନଟି ଦ୍ରୁତଗତିରେ ଚନ୍ଦ୍ର ପୃଷ୍ଠରେ ପିଟି ହୋଇ ନଷ୍ଟ ହୋଇଯିବ। ଧୀର ଅବତରଣର ଏହି ପ୍ରଯୁକ୍ତିଗତ ଜଟିଳତା ପାଇଁ ହିଁ ବିଶ୍ୱର ମାତ୍ର ତିନୋଟି ରାଷ୍ଟ୍ର ଏପର୍ଯ୍ୟନ୍ତ ଚନ୍ଦ୍ରପୃଷ୍ଠରେ ନିଜ ଯାନକୁ ସଫଳତାର ସହ ନିରାପଦ ରୂପେ ଅବତରଣ କରାଇବାରେ ସକ୍ଷମ ହୋଇଛନ୍ତି ଏବଂ ଏ କ୍ଷେତ୍ରରେ ମାତ୍ର ଏକ-ତୃତୀୟାଂଶ ପ୍ରୟାସକୁ ସଫଳତା ମିଳିଛି। ଏହି ପ୍ରଯୁକ୍ତିଗତ ବିଫଳତା ପାଇଁ ହିଁ ପୂର୍ବର ଚନ୍ଦ୍ରୟାନ -୨ ଅଭିଯାନ ବିଫଳ ହୋଇଗଲା।



ଚନ୍ଦ୍ରୟାନ-୩ ଅଭିଯାନର ପ୍ରକଳ୍ପ ଖର୍ଚ୍ଚ ହେବ ସମୁଦାୟ ୬୧୫ କୋଟି ଟଙ୍କା। ପୂର୍ବରୁ ଚନ୍ଦ୍ରକୁ ସଫଳ ଅଭିଯାନ ପ୍ରେରଣ କରିଥିବା ବିଭିନ୍ନ ଦେଶ ନିଜ ଯାନକୁ ଚନ୍ଦ୍ରର ବିଷୁବରେଖା ନିକଟରେ ଅବତରଣ କରାଇଥିଲାବେଳେ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ରୂପେ ନିଜର ଯାନକୁ ଏହାର ଦକ୍ଷିଣ ମେରୁ ନିକଟରେ ଅବତରଣ କରାଇବାକୁ ଯାଉଛି। ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଏପରି କିଛି ଗଭୀର ଗହ୍ୱର ଅଛି, ଯାହାର ତଳ ସ୍ଥାୟୀ ରୂପେ ଅନ୍ଧକାରରେ ରହେ, ଅର୍ଥାତ ସୂର୍ଯ୍ୟାଲୋକ ସେଠାରେ ଏବେ ସୁଦ୍ଧା ପହଞ୍ଚି ପାରିନାହିଁ। ସୁତରାଂ ଅତ୍ୟଧିକ ଶୀତଳତା ହେତୁ ସେଠାରେ ଜଳ ସମେତ କିଛି ଦୁର୍ଲଭ ରାସାୟନିକ ଉପାଦାନ ଜମାଟ ବାନ୍ଧି କଠିନ ଅବସ୍ଥାରେ ବିଦ୍ୟମାନ ଥିଲାବେଳେ ପରମାଣବିକ ସ୍ତରରେ ପରିବର୍ତ୍ତିତ ନହୋଇ ସୃଷ୍ଟି ସମୟର ଆଦିମ ଅବସ୍ଥାରେ ଅଟକି ରହିଥିବାର ଅନୁମାନ କରାଯାଏ। ଭାରତର ଚନ୍ଦ୍ରଯାନ-୩ ଅଭିଯାନ ଏହି ସ୍ଥାନରେ ପହଞ୍ଚି ଏଭଳି ବିରଳ ଓ ବିଚିତ୍ର ପଦାର୍ଥର ଅନୁଧ୍ୟାନ ପୂର୍ବକ ସୌରଜଗତ ତଥା ଆମ ବିଶ୍ୱ ସୃଷ୍ଟି ସମ୍ପର୍କରେ ବହୁ ଅଜଣା ଓ ଅସମାହିତ ରହସ୍ୟକୁ ଉନ୍ମୋଚନ କରିବ ବୋଲି ଅଶା କରାଯାଏ। ଚନ୍ଦ୍ରଯାନ-୩ ଅଭିଯାନ ଜରିଆରେ ଆମ ଦେଶ ଚନ୍ଦ୍ରମାଟିକୁ ଛୁଇଁବାରେ ସଫଳ ହୋଇ ପାରିଲେ ଯେ ଏହା ସମଗ୍ର ଦେଶ ତଥା ଆମ ବୈଜ୍ଞାନିକମାନଙ୍କ ପାଇଁ ଏକ ବିରାଟ ଉପଲବ୍ଧି ହେବ, ଏଥିରେ ସନ୍ଦେହ ନାହିଁ।

-ନିକୁଞ୍ଜ ବିହାରୀ ସାହୁ
ମୋ: ୮୯୧୭୬୩୭୯୭୪

# ମହାରାଷ୍ଟ୍ର ପାଇଁ ଗୌରବ ଆଣିଲେ ଓଡ଼ିଆ ପୁଅ

ଭୁବନେଶ୍ୱର, ୨୦।୮ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ରବିବାର ଶେଷ ହୋଇଛି ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍। ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଗା ପ୍ରତିଯୋଗିତାରେ ୨୫ ରାଜ୍ୟ ଓ ଅନୁଷ୍ଠାନରୁ ୯୦୦ରୁ ଊର୍ଦ୍ଧ୍ୱ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାରୁ ୩୨ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୧୫ ମହିଳା ଓ ୧୭ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ପ୍ରତିଯୋଗୀ ପଦକ ଜିତିବାରେ ସକ୍ଷମ ହୋଇନାହାନ୍ତି। ତେବେ ମହାରାଷ୍ଟ୍ର ପାଇଁ ଗୌରବ ଆଣିଛନ୍ତି ଜଣେ ଓଡ଼ିଆ ଖେଳାଳି। ସେ ହେଉଛନ୍ତି ରିଷଭ ଦାସ। ରିଷଭ କେବଳ ଯେ ପଦକ ହାସଲ କରିଛନ୍ତି ତା' ନୁହେଁ ଭାଗ ନେଇଥିବା ୮ ଇଭେଣ୍ଟରୁ ୭ଟି ପଦକ ଜିତି ଏକପ୍ରକାର ସୁଇପ୍ କରିଛନ୍ତି କହିଲେ ଭୁଲ ହେବନି।


କଳିଙ୍ଗ ଷ୍ଟାଡିୟମରେ ପଦକ ସହ ରିଷଭ ଦାସ।

ରିଷଭଙ୍କ ଘର କଟକରେ। ତାଙ୍କ ମା'ଙ୍କ ନାମ ପ୍ରଜ୍ଞା ଓ ବାପା ଅନୁପମ ଦାସ। ପରିବାର ସହ ପିଲାଟି ଦିନରୁ ନଭି ମୁମ୍ବାଇରେ ରହୁଥିବା ମହାରାଷ୍ଟ୍ର ରାଜ୍ୟ ପକ୍ଷରୁ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆସୁଛନ୍ତି। ୧୬ ବର୍ଷୀୟ ରିଷଭ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ୫ଟି ସ୍ୱର୍ଣ୍ଣ ଏବଂ ୨ଟି ରୌପ୍ୟ ପଦକ ହାସଲ କରିଛନ୍ତି। ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ୧୦୦ ମିଟର ଫ୍ରିଷ୍ଟାଇଲ, ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ୧୦୦ ମିଟର ଫ୍ରିଷ୍ଟାଇଲ ରିଲେ ଏବଂ ୨୦୦ ମିଟର ଫ୍ରିଷ୍ଟାଇଲ୍ ରିଲେରେ ସେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏହା ବ୍ୟତୀତ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଏବଂ ୧୦୦ ମିଟର ମିଡ୍‌ଲେ ରିଲେରେ ସେ ରୌପ୍ୟ ପଦକ ହାସଲ କରିଛନ୍ତି। କେବଳ ୫୦ ମିଟର ମିଡ୍‌ଲେ ଇଭେଣ୍ଟରେ ସେ ପଦକ ମିସ୍ କରିଥିଲେ। ରିଷଭ ସମ୍ପ୍ରତି ମହାରାଷ୍ଟ୍ରର ଭାଶିସ୍ଥିତ ଅଗ୍‌ନେଲ ମଲ୍ଟିପର୍ପୋସ ସ୍କୁଲ୍‌ର ୧୦ମ ଷ୍ଟାଣ୍ଡାର୍ଡର ଛାତ୍ର। ଶିବ ଛତ୍ରପତି ପୁରସ୍କାରପ୍ରାପ୍ତ କୋଚ୍ ଗୋକୁଳ କାମାଥ ଓ ରୁତୁଜା ଉଦେଶିଙ୍କଠାରୁ ସେ ପ୍ରଶିକ୍ଷଣପ୍ରାପ୍ତ।

୧୪ ବର୍ଷର ହୋଇଥିବାବେଳେ ରିଷଭ ୨୦୨୧ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ପାଇଁ ମନୋନୀତ ହୋଇଥିଲେ। ସେଥିରେ ସେ ୧୮ ବର୍ଷରୁ କମ୍ ବର୍ଗରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ସେଠାରେ ସେ ଭାରତର ସର୍ବକନିଷ୍ଠ ଖେଲୋ ଇଣ୍ଡିଆ ପଦକ ବିଜେତା ହୋଇଥିଲେ। ୨୦୨୨ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସେ ୨ ସ୍ୱର୍ଣ୍ଣ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲେ। କଳିଙ୍ଗ ଷ୍ଟାଡିୟମର ନବନିର୍ମିତ ଆକ୍ୱାଟିକ୍ ସେଣ୍ଟରରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ରିଷଭ। ଏଠାକାର ଭିତ୍ତିଭୂମି ଏବଂ ସୁବିଧା ସୁଯୋଗରେ ସେ ଅଭିଭୂତ। ଏଥିପାଇଁ ସେ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଛନ୍ତି। ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୨:୦୬. ୧୩ ସେକେଣ୍ଡ ସମୟ ନେଇଥିବା ରିଷଭ ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି।

# କର୍ଣ୍ଣାଟକ ଦଳଗତ ଚାମ୍ପିୟନ

ଭୁବନେଶ୍ୱର, ୨୦।୮ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମର ନବନିର୍ମିତ ଆକ୍ୱାଟିକ୍ ସେଣ୍ଟରରେ ଜାତୀୟ ଜୁନିୟର ଏବଂ ସବ୍‌ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ମୋଟ ୧୧୯ଟି ପଦକ ଜିତି କର୍ଣ୍ଣାଟକ ଓଭରଅଲ୍ ଚାମ୍ପିୟନ ହୋଇଛି। ଏହା ମଧ୍ୟରେ ୫୦ ସ୍ୱର୍ଣ୍ଣ, ୪୭ ରୌପ୍ୟ ଓ ୨୭ ବ୍ରୋଞ୍ଜ ପଦକ ସାମିଲ। ମହାରାଷ୍ଟ୍ର ୫୪ଟି ପଦକ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ରାଜ୍ୟର ପ୍ରତିଯୋଗୀମାନେ ୧୧ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୧୯ ବ୍ରୋଞ୍ଜ ପଦକ ପାଇଛନ୍ତି। ତାମିଲନାଡୁ ୧୦ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୮ ବ୍ରୋଞ୍ଜ ସହ ମୋଟ ୩୭ଟି ପଦକ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ବାଳିକା ବର୍ଗରେ ଭ୍ରିତ୍ତି ଅଗ୍ରୱାଲ, ତନିଶି ଗୁପ୍ତା ଓ ସନିଧି ମୁଖାର୍ଜୀ ଏବଂ ବାଳକରେ ୟୁଗ୍ ଚେଲାନି, ଇଶାନ ମେହେରା ଓ ଅବଦୁଲ ହାଫିଜ ନିଜ ନିଜ ଏଜ୍ ଗ୍ରୁପ୍‌ରେ ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି।



ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଓଭରଅଲ୍ ଚାମ୍ପିୟନ ହୋଇଥିବା କର୍ଣ୍ଣାଟକ ଦଳ।

ପ୍ରତିଯୋଗିତାର ଶେଷ ଦିବସରେ ୪ଟି ଜାତୀୟ ରେକର୍ଡ ସୃଷ୍ଟି ହୋଇଛି। ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଗ୍ରୁପ୍-୧ ବାଳିକାରେ ମହାରାଷ୍ଟ୍ରର ପଲକ ଜୋଶି ୨:୨୧.୩୮ ସେକେଣ୍ଡ ସମୟ ନେଇ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ତାଙ୍କୁ ଚ୍ୟାଲେଞ୍ଜ ଦେଇଥିବା କର୍ଣ୍ଣାଟକର ରିଧିମା ବୀରେନ୍ଦ୍ର କୁମାର ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ଏଠାରେ ସ୍ୱର୍ଣ୍ଣ ଜିତିବା ପଥରେ ପଲକ ୨୦୧୫ରେ ମାନ୍ନା ପଟେଲ (୨:୨୧.୪୮) ରେକର୍ଡକୁ ଭାଙ୍ଗିଛନ୍ତି। ସେହିପରି ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଗ୍ରୁପ-୨ ବାଳକରେ କର୍ଣ୍ଣାଟକର ବେଦାନ୍ତ ଭି. ମଧୁର ୨:୧୧.୭୪ ସେକେଣ୍ଡ ସମୟ ନେଇ ପୂର୍ବରୁ

## ଜାତୀୟ ଜୁନିୟର ସନ୍ତରଣ ଉଦ୍‌ଯାପିତ

ଆର୍ଯ୍ୟନ ଭୋସାଲେଙ୍କ ନାମରେ ଥିବା ରେକର୍ଡକୁ ଭଙ୍ଗ କରିଛନ୍ତି। କର୍ଣ୍ଣାଟକର ତନିଶି ଗୁପ୍ତା ଓ ଧିନିଧି ଦେସିଙ୍ଗୁଙ୍କ ମଧ୍ୟରେ ଅନ୍ତିମ ଦିବସରେ ମଧ୍ୟ କଡ଼ା ଟକ୍କର ହୋଇଥିଲା। ୫୦ ମିଟର ବଟରଫ୍ଲାଏ ଗ୍ରୁପ୍-୨ ବାଳିକାରେ ତନିଶି ୨୮.୫୨ ସେକେଣ୍ଡ ନେଇ ସ୍ୱର୍ଣ୍ଣ ଓ ଧିନିଧି ୨୮.୭୧ ସେକେଣ୍ଡ ସମୟ ସହ ରୌପ୍ୟ ପଦକ ପାଇଥିଲେ। ଚଳିତ ଦିବସର ପ୍ରାରମ୍ଭରେ ହିଟ୍‌ରେ ତନିଶି ୨୮.୮୬ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରୀ ହୋଇଥିବାବେଳେ ଫାଇନାଲ୍ସରେ ଉଭୟ ଖେଳାଳି ସେହି ଟାଇମିଂରେ ଉନ୍ନତି ଆଣିଥିଲେ। ଗତବର୍ଷଠାରୁ କିନ୍ତୁ ଧିନିଧି ଏହି ଇଭେଣ୍ଟରେ ରେକର୍ଡର ଅଧିକାରୀ ଥିଲେ। ୨୦୦ ମିଟର ଫ୍ରିଷ୍ଟାଇଲ ଗ୍ରୁପ୍-୨ ବାଳିକାରେ କିନ୍ତୁ ଧିନିଧି ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ସେ ୨:୦୫.୬୨ ସେକେଣ୍ଡ ସମୟ ନେଇଛନ୍ତି। ୨୦୧୯ରେ ବଭ୍ୟା ସଚଦେବା ୨:୧୦.୮୧ ସେକେଣ୍ଡ ସମୟ ନେଇ ରେକର୍ଡର ଅଧିକାରୀ ଥିଲେ। କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୋଟ ୧୯ଟି ଜାତୀୟ ରେକର୍ଡ ସୃଷ୍ଟି ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥିଭାବେ ଯୋଗ ଦେଇଥିଲେ। ''ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀରେ ଯୋଗଦେଇ ମୁଁ ପ୍ରକୃତରେ ସମ୍ମାନିତ। ଆଥଲେଟ୍ ଓ ସନ୍ତରଣକାରଙ୍କ ପରିବାରବର୍ଗ ନୂଆ ଆକ୍ୱାଟିକ୍ ସେଣ୍ଟର ସୁବିଧା ସୁଯୋଗ ଏବଂ ଓଡ଼ିଶାର ଆତିଥେୟତାକୁ ନିଶ୍ଚିତ ଉପଭୋଗ କରିଥିବେ ବୋଲି ଆଶା। ପ୍ରତିଯୋଗିତାରେ ୧୯ଟି ଜାତୀୟ ରେକର୍ଡ ସୃଷ୍ଟି ହୋଇଥିବା ଜାଣି ମୁଁ ବହୁତ ଖୁସି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ଏହି ସେଣ୍ଟର ପ୍ରସ୍ତୁତ ହୋଇଛି ଏବଂ ସନ୍ତରଣକାରୀଙ୍କ ପାଇଁ ଉତ୍ସର୍ଗ ହୋଇଛି। ସନ୍ତରଣର ବିକାଶ ଏବଂ ଭବିଷ୍ୟତର ଚାମ୍ପିୟନ ଗଢ଼ିବା ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ'' ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ଶତପଥୀ